# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ସେପ୍ଟେମ୍ବର ୧୪/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Balasore, Saturday, September 14/2019 | ★★★★

୪୫ଶ ଭାଗ ୨୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଆମେଚର ଅଲିମ୍ପିଆ ବଡିବିଲ୍ଡିଂରେ ଜନ୍ମେଜୟ

ମୁମ୍ବାଇରେ ହେବାକୁ ଯାଉଥିବା ସମ୍ମାନଜନକ ଆମେଚର ଅଲିମ୍ପିଆ ଇଣ୍ଡିଆ ବଡିବିଲ୍ଡିଂ ପ୍ରତିଯୋଗିତାରେ ଓଡ଼ିଶାର ଜନ୍ମେଜୟ ମହାନ୍ତି ଭାଗନେବେ।

୧୪

୦୮

## ସ୍ୱାମୀଙ୍କୁ ପରିଚୟ କରାଇବେ ରାକ୍ଷୀ

ହିନ୍ଦୀ ଫିଲ୍ମ ଓ ଟେଲିଭିଜନରେ ଜଣେ ସୁନାମଧନ୍ୟ ଅଭିନେତ୍ରୀ ଭାବେ ପରିଚିତ ରାକ୍ଷୀ ସାୱନ୍ତ 'ବିଗ୍ ବସ୍-୧୩'ରେ ସ୍ୱାମୀ ରିତେଶ୍‌ଙ୍କୁ ପରିଚୟ କରାଇବେ ବୋଲି କହିଛନ୍ତି।



ଦୁର୍ନୀତି ବିରୋଧରେ ସରକାରଙ୍କ କଡ଼ା ଆଭିମୁଖ୍ୟ: ୧୬ ଜଣଙ୍କୁ ଚାକିରିରୁ ବିଦା କଲେ ମୁଖ୍ୟମନ୍ତ୍ରୀ

........ ୩ ........

ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ଅଳିଆ ସଫା

### ଆଜିର ମନ୍ତବ୍ୟ

ବ୍ରେକ୍‌ଜିଟ୍ ଡିଲ୍‌କୁ ନେଇ ବ୍ରିଟେନ ସତର୍କତା ସହ ଆଶାବାଦୀ।
**-ବୋରିସ୍ ଜନ୍‌ସନ, ବ୍ରିଟେନ ପ୍ରଧାନମନ୍ତ୍ରୀ**

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ପ୍ରଥମ ଚାରି ମାସରେ ଦେଶରୁ ଫାର୍ମା ପ୍ରଡକ୍ଟ ରପ୍ତାନି ୧୩% ବଢି ୬.୭୨ ବିଲିୟନ ଡଲାର ଟପିଛି।
– ଫାର୍ମାସିଟିକାଲ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍


NECC NATIONAL EGG CO-ORDINATION COMMITTEE | 13.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 64 | 111 | 121 |
| DKL | 64 | 111 | 121 |
| BDK | 66 | 114 | 124 |
| BLS | 67 | 115 | 125 |
| ANG | 64 | 111 | 121 |
| BHM | 60 | 106 | 116 |

*Conditions Apply

**Eggs Retail Price- 46/-Dozen**
Issued in the Interest of Consumers


■ ଚିନ୍ତାବ୍ୟକ୍ତ କଲା ଆଇଏମ୍ଏଫ୍

# ଭାରତର ବିକାଶ ଆଶାଠାରୁ କମ୍

ୱାଶିଂଟନ,୧୩।୯

ଭାରତର ଆର୍ଥିକ ବିକାଶର ଅସ୍ୱଷ୍ଟ ଚିତ୍ରକୁ ନେଇ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଚିନ୍ତାବ୍ୟକ୍ତ କରିଛି। କର୍ପୋରେଟ ଓ ପରିବେଶ ସହ ଜଡ଼ିତ ନିୟାମକ ସଂସ୍ଥାଗୁଡ଼ିକରେ ଦେଖାଦେଇଥିବା ଅନିଶ୍ଚିତତା ଏବଂ କେତେକ ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥା ଦୁର୍ବଳ ହେବା କାରଣରୁ ଭାରତର ଆର୍ଥିକ ବୃଦ୍ଧି ହାର ଅନେକାଂଶରେ କମିଛି। ଏହା ଆଶାଠାରୁ ଅନେକ କମ୍ ରହିଛି ବୋଲି ଆଇଏମ୍ଏଫ୍ କହିଛି।

ଭାରତରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଥିଲେ ମଧ୍ୟ ଚାଇନାର ବିକାଶ ହାର ଠାରୁ ଏହା ବହୁ ଆଗରେ ରହିବ ବୋଲି ଆଇଏମ୍ଏଫ୍ କହିଛି। ବିଶ୍ୱରେ ଏହା ସର୍ବାଧିକ ଦ୍ରୁତ ବିକାଶ କରୁଥିବା ଦେଶ ଭାବେ ଆଗେଇ ଚାଲିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଅନୁମାନ କରିଛି। ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ଅବସରରେ ଆଇଏମ୍ଏଫ୍ ମୁଖପାତ୍ର ଗ୍ୟାରୀ ରାଇସ୍ କହିଛନ୍ତି ଯେ, ନିକଟରେ




ପ୍ରକାଶ ପାଇଥିବା ଭାରତର ଜିଡିପି ହାର ଧିମା ଆର୍ଥିକ ବିକାଶର ସଙ୍କେତ ଦେଉଛି। ଖୁବଶୀଘ୍ର ନୂଆ ତଥ୍ୟ ସାମ୍ନାକୁ ଆସିବ। ତେବେ ଏହା ସ୍ପଷ୍ଟ ଯେ, ଭାରତର ଆର୍ଥିକ ବିକାଶ ହାର ଆଶାଠାରୁ କମ୍ ରହିଛି। ସେ କହିଛନ୍ତି ଯେ, ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥାଗୁଡ଼ିକ ପକ୍ଷରୁ ସୃଷ୍ଟି ହୋଇଥିବା ବିପଦ କାରଣରୁ ଭାରତର ଅର୍ଥନୀତି ମନ୍ଥର ହୋଇଛି ବୋଲି କୁହାଯାଇପାରେ। ଉଲ୍ଲେଖଥାଉ କି, ଆଇଏମ୍ଏଫ୍ ପକ୍ଷରୁ ଜୁଲାଇରେ ୨୦୧୯ ଓ ୨୦୨୦ ପାଇଁ ଭାରତ ଆର୍ଥିକ ବିକାଶ ହାର ଅନୁମାନ ଦର୍ଶାଯାଇସାରିଛି। ସେତେବେଳେ ଆଇଏମ୍ଏଫ୍ ପକ୍ଷରୁ ଭାରତର ଆର୍ଥିକ ବିକାଶ ହାର ୨ ବର୍ଷରେ ୦.୩% ହ୍ରାସ ପାଇବ ବୋଲି ଅନୁମାନ କରାଯାଇଥିଲା। ଭାରତର ଜିଡିପି ଅଭିବୃଦ୍ଧି ୨୦୧୯ରେ ୭% ଏବଂ ୨୦୨୦ରେ ୭.୨% ରହିବ ବୋଲି ଅନୁମାନ କରାଯାଇଥିଲା। ଚାଇନା ଓ ଭାରତର ଆର୍ଥିକ ଅଭିବୃଦ୍ଧି ସମ୍ପର୍କରେ ରାଇସ୍ କହିଛନ୍ତି ଯେ, ଏ କ୍ଷେତ୍ରରେ ଭାରତ ଏହାର ପଡୋଶୀ ଦେଶ ଠାରୁ ବହୁ ଆଗରେ ରହିବ। ରାଇସ୍ କହିଛନ୍ତି ଯେ, ଭାରତର ଆର୍ଥିକ ଅଭିବୃଦ୍ଧି ହାର ଉପରେ ଆଇଏମ୍ଏଫ୍ କ୍ରମାଗତ ଦୃଷ୍ଟି ରଖିବ। ଉଲ୍ଲେଖଥାଉ କି, ଅଗଷ୍ଟ ୩୦ରେ ଜାରି ବର୍ତ୍ତମାନର ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସର ଜିଡିପି ହାର ଜାରି କରାଯାଇଥିଲା। ଏହି ସମୟରେ ଭାରତର ଜିଡିପି ବୃଦ୍ଧି ହାର ମାତ୍ର ୫% ରହିଥିବା ସରକାର ଘୋଷଣା କରିଥିଲେ, ଯାହା କି ୬ ବର୍ଷର ସର୍ବନିମ୍ନ ସ୍ତର ଥିଲା। ଏହା ଅର୍ଥନୀତିଜ୍ଞମାନଙ୍କୁ ଚକିତ କରିଥିଲା। ଗତବର୍ଷ ପ୍ରଥମ ତ୍ରୈମାସରେ ଦେଶର ଆର୍ଥିକ ବିକାଶ ହାର ୮% ରହିଥିଲା। ଦୁର୍ବଳ ଘରୋଇ ଚାହିଦା ଏବଂ ନିବେଶ ବୃଦ୍ଧି ଧିମା ହେବା ଯୋଗୁ ଆର୍ଥିକ ବିକାଶ ହାର ହ୍ରାସ ପାଇଛି ବୋଲି ଅର୍ଥନୀତିଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

# ଟ୍ରାଫିକ୍ ପରେ ବିଦ୍ୟୁତ୍ ଚୋରି ଧରପଗଡ଼ ଆରମ୍ଭ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ନୂଆ ଟ୍ରାଫିକ ନିୟମ ଅନୁଯାୟୀ ଆରମ୍ଭ ହୋଇଥିବା ଟ୍ରାଫିକ୍ ଧରପଗଡ଼ ଦେଖି ଲୋକେ ଏକ ପ୍ରକାର ଭୟଭୀତ ହୋଇ ନିଜର ସମସ୍ତ କାଗଜପତ୍ର ସଜାଡ଼ିବାରେ ଲାଗିଛନ୍ତି। ଏହାକୁ ନେଇ ରାଜ୍ୟର ସବୁ ଆର୍‌ଟିଓ ଅଫିସ୍‌ଠାରୁ ଆରମ୍ଭ କରି ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରରେ ଭିଡ଼ ଦେଖିବାକୁ ମିଳୁଛି। ଠିକ୍ ଏତିକିବେଳେ ବିଦ୍ୟୁତ୍ ଚୋରି ରୋକିବା ପାଇଁ ତନାଘନା ଆରମ୍ଭ ହୋଇଯାଇଛି। ବେଆଇନଭାବେ ବିଦ୍ୟୁତ୍ ନେଉଥିବା ଲୋକଙ୍କୁ ଶୁକ୍ରବାର ମୋଟା ଅଙ୍କର ଦଣ୍ଡ ଗଣିବାକୁ ପଡ଼ିଛି।

ସହରାଞ୍ଚଳରେ ବିଦ୍ୟୁତ୍ ଚୋରି ରୋକିବା ସକାଶେ ସେସୁ ନିଜର ଉଦ୍ୟମ ଆରମ୍ଭ କରିଛି। ସେସୁ ସିଇଓ ଅରୁଣ ବୋଥ୍ରାଙ୍କ ନିର୍ଦ୍ଦେଶ ପରେ ବର୍ତ୍ତମାନ ସପ୍ତାହକୁ ୩ ଦିନ ବିଭିନ୍ନ ଅଞ୍ଚଳରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଅଚାନକ ପରିଦର୍ଶନ କରିବ। ଗୁରୁବାର ବିଭିନ୍ନ ଅଞ୍ଚଳର ମୋବାଇଲ୍ ଫୋନ



■ ସପ୍ତାହରେ ୩ଦିନ ହେବ ଅଚାନକ ଚଢ଼ାଉ

■ ବେଆଇନ ଭାବେ ବିଦ୍ୟୁତ୍ ନେଇ ଲୋକେ ଦେଲେଣି ମୋଟା ଅଙ୍କର ଜରିମାନା

ଟାୱାର ଉପରେ ସେସୁ ଅଧିକାରୀମାନେ ଚଢାଉ କରିଥିଲେ। ସେହିପରି ଶୁକ୍ରବାର ୩ ଡିଭିଜନର ସ୍ପେଶାଲ ସ୍କ୍ୱାଡ୍ ଡମଣାଛକଠାରୁ କଳିଙ୍ଗ ହସ୍ପିଟାଲ ଛକ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଯାଞ୍ଚ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଟେଲିକମ୍ ଟାୱାର, କମର୍ସିଆଲ କମ୍ପ୍ଲେକ୍ସଠାରୁ ଆରମ୍ଭ କରି ବଡ଼ବଡ଼ ଦୋକାନଗୁଡ଼ିକରେ ଯାଞ୍ଚ କରାଯାଇଛି। ୩୦ ଜଣ ସେସୁ ଅଧିକାରୀ ୪ ଗ୍ରୁପ୍‌ରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରିଛନ୍ତି। ଘରୋଇ ବ୍ୟବହାର କଥା କହି ବିଦ୍ୟୁତ୍ ନେବାପରେ ବଡ଼ ବ୍ୟବସାୟ ପାଇଁ ବ୍ୟବହାର କରୁଥିଲେ। ଏହାସହ ହୁକ୍ ପକାଇ ମଧ୍ୟ ବହୁ ଲୋକ ବିଦ୍ୟୁତ୍ ଚୋରି କରୁଥିଲେ। ଏମାନଙ୍କୁ ଧରାଯାଇ ଜରିମାନା ଆଦାୟ କରାଯାଇଛି। ଏପରି କି ଜଣେ ଜଣେ ବ୍ୟବସାୟୀଙ୍କଠାରୁ ଅଧିକାରୀମାନେ ୬୦ରୁ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରିଛନ୍ତି। ପ୍ରଥମେ ଏହା ଏକ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମଭାବେ କରାଯାଉଛି। ଆଗକୁ ଏହାକୁ ଆହୁରି ଜୋର୍‌ଦାର କରାଯିବ ବୋଲି ସେସୁ ଅଧିକାରୀ ବାଣୀ ମହାନ୍ତି କହିଛନ୍ତି। ସେ କହିଛନ୍ତି ଯେ, ବିଦ୍ୟୁତ୍ ଚୋରି ରୋକିବା ଲାଗି ଏଭଳି ପଦକ୍ଷେପ ନିଆଯାଉଛି।

# ଲର୍ନିଂ ଲାଇସେନ୍ସ: ଖୋଲିବ ୫ ଅତିରିକ୍ତ କେନ୍ଦ୍ର

ଭୁବନେଶ୍ୱର,୧୩।୯(ବ୍ୟୁରୋ)

■ ଭୁବନେଶ୍ୱରରେ ୪, ଖୋର୍ଦ୍ଧାରେ ୧

■ ଭିଡ଼କୁ ଦେଖି ଅନ୍ୟ ସହରରେ ବି ଖୋଲାଯିବ

ଡ୍ରାଇଭିଂ ଲାଇସେନ୍ସ, ଲର୍ନିଂ ଲାଇସେନ୍ସ ପାଇଁ ଆର୍‌ଟିଓ କାର୍ଯ୍ୟାଳୟଗୁଡିକରେ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ଏହାର ପ୍ରତିକାର ସ୍ୱରୂପ ଛୁଟିଦିନରେ ଆର୍‌ଟିଓ କାର୍ଯ୍ୟାଳୟ ଖୋଲା ରଖିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଲର୍ନିଂ ଲାଇସେନ୍ସ ପାଇଁ ଅଧିକ ୫ଟି ଅତିରିକ୍ତ କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ହୋଇଛି। ସେଥିମଧ୍ୟରୁ ୪ଟି ଭୁବନେଶ୍ୱରରେ

☞ ପୃଷ୍ଠା–୪






# ୨୦ ହଜାର ଟଙ୍କାରେ ୭ ଦିନର ପୁଅ ବିକ୍ରି

ବାଲେଶ୍ୱର ଅଫିସ,୧୩।୯

ଦାରିଦ୍ର୍ୟର ତାଡନା ସହି ନ ପାରି ଏକ ଦମ୍ପତି ତାଙ୍କ ୭ଦିନର ପୁଅକୁ ୨୦ହଜାର ଟଙ୍କାରେ ବିକ୍ରି କରିଦେବା ଘଟଣା ବାଲେଶ୍ୱର ଜିଲା ଦରଘାପଡିଆ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୂଲମଜୁରି ଲାଗୁଥିବା ଅସହାୟ ପିତା ଓ ପର ଘରେ ବାସନ ମାଜୁଥିବା ମା' ପିଲାକୁ ଲାଳନପାଳନ କରିବାରେ ଅସମର୍ଥ ହୋଇ ଏପରି କରିଥିବା କହିଛନ୍ତି।

ଦରଘାପଡ଼ିଆ ଅଞ୍ଚଳର ଉକ୍ତ ଦମ୍ପତି ( ସେକ୍ ପିରୁ ଖାଁ ଓ ହୁସେନ ବିବି)ଙ୍କର ମୋଟ ୭ଟି ସନ୍ତାନ। ପୂର୍ବରୁ ଥିବା ୬ ସନ୍ତାନଙ୍କୁ ଚଳାଇବା ଉଭୟଙ୍କ ପକ୍ଷେ କଷ୍ଟକର ଥିଲା। ସେଥିମଧ୍ୟରୁ ୨ ପୁତ୍ର ସନ୍ତାନଙ୍କୁ ସେମାନେ ତାଙ୍କ ସମ୍ପର୍କୀୟଙ୍କୁ ଦେଇ ସାରିଛନ୍ତି। ଏବେ ପୁଣି ଏକ ସନ୍ତାନ ଜନ୍ମ ହେବାରୁ ଉଭୟେ ମାନସିକ ଚିନ୍ତାରେ ଥିଲେ। ସେମାନେ ଏହି ସପ୍ତମ ସନ୍ତାନକୁ ବିକ୍ରି କରିଦେବାକୁ ମନସ୍ଥ କରିଥିଲେ। ଶୁକ୍ରବାର ଅପରାହ୍ନରେ ଏହି ଦମ୍ପତି ତାଙ୍କର ୭ ଦିନର ପୁଅକୁ ଫୁଲବଜାର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବିକି ଦେଇଥିଲେ। ଉକ୍ତ ବ୍ୟକ୍ତି ୨୦ହଜାର ଟଙ୍କା ଦେଇ ପିଲାକୁ ନେବା ସହ କାଗଜପତ୍ରରେ ଦସ୍ତଖତ ମଧ୍ୟ କରାଇ ନେଇଥିବା ସମ୍ପୃକ୍ତା ମହିଳା କହିଛନ୍ତି। ସରକାରୀ ସହାୟତା ମିଳିଲେ ସେ ପୁଅକୁ ଫେରାଇ ଆଣିବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ କହିଛନ୍ତି। ଏ ସମ୍ପର୍କରେ ଟାଉନ ଥାନାଧିକାରିଣୀ ସରୋଜିନୀ ନାୟକ କହିଛନ୍ତି ଯେ, ଥାନାରେ ଏଭଳି କୌଣସି ଅଭିଯୋଗ ହୋଇନାହିଁ। ଜିଲା ଶିଶୁ ମଙ୍ଗଳ ସୁରକ୍ଷା ଅଧିକାରୀ ଯୁବକ ମାଝିଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ମୋ ପାଖରେ ଏ ସମ୍ପର୍କିତ କିଛି ତଥ୍ୟ ନାହିଁ। ତଦନ୍ତ ପରେ ଯାହା ପଦକ୍ଷେପ ନିଆଯିବ। ଉପଜିଲାପାଳ ନୀଲୁ ମହାପାତ୍ର କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ନ ଥିଲେ। ସଙ୍ଗେ ସଙ୍ଗେ ଏହାର ତଦନ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ।



ପିଲା ବିକ୍ରି କରିଥିବା ଦମ୍ପତି






ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ୧୦୦ ଦିନର ଟ୍ରେଲର ଦେଖିସାରିଛୁ। ଫିଲ୍ମର ଅବଶିଷ୍ଟାଂଶ ଦେଖିବାକୁ ଚାହୁଁନାହୁଁ।
- କପିଲ ସିବଲ, ବରିଷ୍ଠ କଂଗ୍ରେସ ନେତା



# ପିଓକେରେ ବିଷ ଓକାଳିଲେ ଇମ୍ରାନ୍

ମୁଜାଫରାବାଦ,୧୩।୯



## ମୋଦିଙ୍କୁ 'ଭୀରୁ' କହିଲେ

- ଭାରତୀୟ ହିଟ୍‌ଲରଙ୍କୁ ଅନ୍ତର୍ଜାତୀୟ ସମୁଦାୟ ରୋକନ୍ତୁ
- କଶ୍ମୀରବାସୀଙ୍କୁ ୯ ଲକ୍ଷ ଭାରତୀୟ ଯବାନ ନିର୍ଯାତନା ଦେଉଛନ୍ତି
- ଆର୍‌ଏସ୍‌ଏସ୍ ସଂଖ୍ୟାଲଘୁଙ୍କୁ ଘୃଣା କରୁଥିବା କଠୋରପନ୍ଥୀ ହିନ୍ଦୁ ସଙ୍ଗଠନ

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶୁକ୍ରବାର ପାକ୍-ଅଧିକୃତ କଶ୍ମୀର (ପିଓକେ) ରାଜଧାନୀ ମୁଜାଫରାବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭୀରୁ ବୋଲି ଅଭିହିତ କରିଛନ୍ତି। କଶ୍ମୀରବାସୀଙ୍କ ପ୍ରତି ପାକିସ୍ତାନର ସମର୍ଥନ ଦେଖାଇବାକୁ ଯାଇ ଇମ୍ରାନ୍ ସେଠାରେ ଏକ ସଭାକୁ ସମ୍ବୋଧିତ କରିଛନ୍ତି।

ଇମ୍ରାନ୍ କହିଛନ୍ତି, ୪୦ ଦିନରୁ ଅଧିକ ଦିନ ଧରି ଭାରତ ଜମ୍ମୁ-କଶ୍ମୀରରେ କଟକଣା ଜାରି କରିବା ସହ ସେଠାକାର ଲୋକଙ୍କ ଉପରେ ଦମନଲୀଳା ଚଳାଇଛି। କଶ୍ମୀର ସଙ୍କଟ ଏବେ ଏକ ମାନବିକ ସମସ୍ୟାର ରୂପ ନେଇସାରିଛି। ତେଣୁ ସେ ଜଣେ ପାକିସ୍ତାନୀ, ମୁସ୍‌ଲିମ ଓ ମଣିଷ ଭାବେ କଶ୍ମୀରୀଙ୍କ ଦୂତ ସାଜିଥିବା ଇମ୍ରାନ କହିଛନ୍ତି। ସେହିପରି ଭାରତୀୟ ପ୍ରତିପକ୍ଷ ମୋଦିଙ୍କୁ ନେଇ ସେ କହିଛନ୍ତି, ମାନବ ଜାତି ବିରୋଧରେ କେବଳ ଜଣେ ଭୀରୁ ଏପରି ନିଷ୍ଠୁର ହୋଇପାରନ୍ତି। ଆଜି କଶ୍ମୀରବାସୀଙ୍କୁ ୯ ଲକ୍ଷ ଭାରତୀୟ ଯବାନ ନିର୍ଯାତନା ଦେଉଛନ୍ତି। ଜଣେ ସାହସୀ ମଣିଷ କେବେହେଲେ ଏପରି କରିପାରିବେ ନାହିଁ। ସେ ଯେତେ ଅନ୍ୟାୟ କଲେ ବି ସଫଳ ହେବେ ନାହିଁ। କାରଣ କଶ୍ମୀରର ଲୋକେ ମୃତ୍ୟୁକୁ ଆଉ ଭୟ କରୁନାହାନ୍ତି। ମୋଦି ପିଲାବେଳୁ ଜଣେ ଆର୍‌ଏସ୍‌ଏସ୍ ସ୍ୱୟଂସେବକ। ଏହା ମୁସ୍‌ଲମାନ ଓ ଖ୍ରୀଷ୍ଟିୟାନଙ୍କ ସମେତ ସମସ୍ତ ସଂଖ୍ୟାଲଘୁଙ୍କୁ ଘୃଣା କରୁଥିବା ଏକ କଠୋରପନ୍ଥୀ ହିନ୍ଦୁ ସଙ୍ଗଠନ। ସେମାନେ ହିଟ୍‌ଲରଙ୍କ ନାଜି ପାର୍ଟି ଭଳି ସଂଖ୍ୟାଲଘୁଙ୍କୁ ନିର୍ଯାତନା ଦେଉଛନ୍ତି ବୋଲି ଇମ୍ରାନ୍ ସମାଲୋଚନା କରିଛନ୍ତି।

ସେ ଆହୁରି କହିଛନ୍ତି, ଆଜି କଶ୍ମୀର ପ୍ରସଙ୍ଗର ଆନ୍ତର୍ଜାତିକୀକରଣ ହୋଇସାରିଛି। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ୫୦ ବର୍ଷରେ ପ୍ରଥମଥର ପାଇଁ କଶ୍ମୀରକୁ ନେଇ ଏକ ବୈଠକ କରିଥିଲା। ୟୁରୋପୀୟ ସଂଘ (ଇୟୁ) ଜାତିସଂଘର ସଂକଳ୍ପନାମା ଅନୁସାରେ ଏହି ପ୍ରସଙ୍ଗର ସମାଧାନ ପାଇଁ ପ୍ରଥମଥର କହିଛି। କଶ୍ମୀରରୁ ଭାରତ କଟକଣା ହଟାଇବା ଉଚିତ ବୋଲି ଇସ୍‌ଲାମିକ୍ ସହଯୋଗ ସଙ୍ଗଠନ (ଓଆଇସି) ମଧ୍ୟ କହିଛି। ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସିନେଟରମାନେ ଏକ ପତ୍ର ଲେଖିଛନ୍ତି। ନ୍ୟୁୟର୍କରେ ହେବାକୁ ଥିବା ଜାତିସଂଘ ସାଧାରଣ ସଭାରେ ଯୋଗଦେଇ କଶ୍ମୀର ପ୍ରସଙ୍ଗ ଉଠାଇବେ। ସମସ୍ତ ଅନ୍ତର୍ଜାତୀୟ ମଞ୍ଚରେ ଏହି ପ୍ରସଙ୍ଗ ଉଠାଯିବ। କେବଳ କଶ୍ମୀରୀ ନୁହନ୍ତି, ଭାରତରେ ଥିବା ସମସ୍ତ ମୁସ୍‌ଲିମ୍‌ଙ୍କୁ ତୁମେ କେଉଁ ବାର୍ତ୍ତା ଦେଉଛ। ତୁମେ ଭାରତରେ ଦ୍ୱିତୀୟ ଶ୍ରେଣୀର ନାଗରିକ ହୋଇ ପଶୁଙ୍କ ଭଳି ବଞ୍ଚିବ ବୋଲି ଇମ୍ରାନ୍ ପ୍ରଶ୍ନ କରିଛନ୍ତି। ପ୍ରତ୍ୟେକ ଇଟାର ଜବାବ ପଥରରେ ଦିଆଯିବ। ଅନ୍ତର୍ଜାତୀୟ ସମୁଦାୟ ଏହି ଭାରତୀୟ ହିଟ୍‌ଲରଙ୍କୁ ରୋକନ୍ତୁ। ପିଓକେର ଯୁବଗୋଷ୍ଠୀ ନିୟନ୍ତ୍ରଣରେଖା (ଏଲ୍‌ଓସି) ଆଡ଼କୁ ଅଗ୍ରସର ହେବା ପାଇଁ ଚାହୁଁଛନ୍ତି। ଜାତିସଂଘରେ କଶ୍ମୀରକୁ ନେଇ ଲଢ଼େଇ ଶେଷହେବା ପରେ ସେ ଏଥିପାଇଁ ଅନୁମତି ଦେବେ ବୋଲି ଇମ୍ରାନ୍ କହିଛନ୍ତି। ସେହିପରି ଇମ୍ରାନ୍‌ଙ୍କ ଭଳି ଏଭଳି ଏକ ସଭା ଶ୍ରୀନଗରରେ ଆୟୋଜନ କରି ଲୋକଙ୍କୁ ଭାଷଣ ଦେଇପାରିବେ କି ବୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଚ୍ୟାଲେଞ୍ଜ କରିଛନ୍ତି। ଇମ୍ରାନ୍‌ଙ୍କ ଏହି ଭାରତ ବିରୋଧୀ କାର୍ଯ୍ୟକ୍ରମରେ ଅନେକ କ୍ରିକେଟର, ଗାୟକ ଓ ସେଲିବ୍ରିଟି ଯୋଗଦେଇଥିଲେ। ଅଗଷ୍ଟ ୫ରେ କଶ୍ମୀରର ସ୍ୱାୟତ୍ତତା ପ୍ରତ୍ୟାହାର ପରଠୁ ପିଓକେରେ ଏହା ହେଉଛି ଇମ୍ରାନ୍‌ଙ୍କ ତୃତୀୟ ଗସ୍ତ। ଇମ୍ରାନ୍ କଶ୍ମୀରକୁ ନେଇ 'ନୀତି ବିବୃତି' ଦେବାକୁ ଯାଉଥିବାବେଳେ ବେଲୁଚିସ୍ତାନର ରାଜନେତା ଓ ମାନବାଧିକାର ରକ୍ଷକମାନେ ତାଙ୍କ ଉପରେ ବର୍ଷିଥିଲେ। ପାକିସ୍ତାନ ବେଲୁଚିସ୍ତାନବାସୀଙ୍କ ମାନବାଧିକାର ହନନ କରି ସେମାନଙ୍କ ଉପରେ ଦମନଲୀଳା ଚଳାଇଥିବା ସେମାନେ ଅଭିଯୋଗ କରିଛନ୍ତି।

## ଆତଙ୍କବାଦୀଙ୍କୁ ତାଲିମ ଦେଇଛୁ

### ସତ ମାନିଲେ ପାକ୍ ପ୍ରଧାନମନ୍ତ୍ରୀ

ଇସ୍‌ଲାମାବାଦ,୧୩।୯

ଆମେରିକାଠାରୁ ଅର୍ଥ ନେଇ ଆତଙ୍କବାଦୀମାନଙ୍କୁ ପାକିସ୍ତାନ ତାଲିମ ଦେଇଥିବା ସେଠାକାର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶୁକ୍ରବାର ସ୍ୱୀକାର କରିଛନ୍ତି। ଏହାସହ ପାକିସ୍ତାନକୁ ବ୍ୟବହାର କରାଯାଇଥିବାରୁ ସେ ଆମେରିକା ଉପରେ ବର୍ଷିଛନ୍ତି।

'ରୁଷିଆ ଟୁଡେ'କୁ ସାକ୍ଷାତ୍କାର ଦେଇ ଇମ୍ରାନ୍ କହିଛନ୍ତି, ୧୯୮୦ ଦଶକରେ ମୁଜାହିଦ୍ଦିନମାନଙ୍କୁ ଆଫଗାନିସ୍ତାନ ଦଖଲ ବେଳେ ପାକିସ୍ତାନ ତାଲିମ ଦେଇଥିଲା। ଏଥିପାଇଁ ଆମେରିକାର କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା (ସିଆଇଏ) ପାଣ୍ଠିକୁ ଖର୍ଚ୍ଚ କରାଯାଉଥିଲା। ସେତେବେଳେ ପାକିସ୍ତାନ ନିରପେକ୍ଷ ରହିବା ଉଚିତ ଥିଲା। କାରଣ ଏବେ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ପାକିସ୍ତାନ ବିରୋଧୀ ହୋଇଯାଇଛନ୍ତି। ଆଫଗାନିସ୍ତାନରେ ଆତଙ୍କବାଦ ନିରୋଧୀ ଯୁଦ୍ଧରେ ସାମିଲ ହୋଇ ପାକିସ୍ତାନ ୭୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଓ ୧୦୦ ବିଲିୟନ ଡଲାର ହରାଇସାରିଲାଣି। ପାକିସ୍ତାନ ଏତେ କ୍ଷତି ସହିବା ସତ୍ତ୍ୱେ ଆଫଗାନିସ୍ତାନରେ ନିଜ ବିଫଳତା ପାଇଁ ୱାଶିଂଟନ ଇସ୍‌ଲାମାବାଦ ଉପରେ ଦୋଷ ଲଦୁଛି। ପାକିସ୍ତାନ ପାଇଁ ଏହା ଅନ୍ୟାୟ ବୋଲି ଇମ୍ରାନ୍ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଲିବାନ ସହ ଶାନ୍ତି ଆଲୋଚନା ବାତିଲ କରିବା ପରେ ସେ ଏପରି ମନ୍ତବ୍ୟ ଦେଇଛନ୍ତି। ପ୍ରକାଶ ଯେ, ପାକିସ୍ତାନ ମାଟିରୁ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଇସ୍‌ଲାମାବାଦକୁ ଟ୍ରମ୍ପ୍ ପ୍ରଶାସନ ବାରମ୍ବାର ତାଗିଦ୍ କରିଆସୁଛି। ଏଭଳି ସମୟରେ ଇମ୍ରାନ୍‌ଙ୍କ ଏହି ସ୍ୱୀକାରୋକ୍ତି ଆତଙ୍କବାଦୀଙ୍କୁ ପାକିସ୍ତାନର ପ୍ରୋତ୍ସାହନ ନେଇ ମୁଖା ଖୋଲିଦେଇଛି।

# ତେଜସ୍ ଯୁଦ୍ଧବିମାନ ନାଭାଲ ଭର୍ସନର ସଫଳ ପରୀକ୍ଷା



ନୂଆଦିଲ୍ଲୀ,୧୩।୯

ସମୁଦ୍ର ଗର୍ଭରେ ଯୁଦ୍ଧବିମାନବାହୀ ଜାହାଜରେ ଅବତରଣ କରିବା ପୂର୍ବରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲୁକା ଲଢୁଆ ବିମାନ ତେଜସ୍ ନାଭାଲ ଭର୍ସନର ଆରେଷ୍ଟେଡ୍ ଲ୍ୟାଣ୍ଡିଂ ଶୁକ୍ରବାର ସଫଳ ହୋଇଛି। ଗୋଆ ଉପକୂଳରେ ଥିବା ଆଇଏନ୍‌ଏସ୍ ହଂସ ନାଭାଲ ବେସ୍ ସୀମିତ ରନ୍‌ୱେରେ ତେଜସ୍ ସଫଳତାର ସହ ଅବତରଣ କରିଥିବାରୁ ଏହା ଏକ ବଡ଼ ସଫଳତା ବୋଲି ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି। ଭାରତ ନିର୍ମିତ ଲଢୁଆ ବିମାନ ଆରେଷ୍ଟେଡ୍ ଲ୍ୟାଣ୍ଡିଂ କରିବା ଏହା ପ୍ରଥମ ଘଟଣା। କେବଳ ଆମେରିକା, ରୁଷିଆ, ଫ୍ରାନ୍ସ, ଚାଇନା ଭଳି କେତେକ ଦେଶ ଏଭଳି ଲ୍ୟାଣ୍ଡିଂ କ୍ଷମତା ହାସଲ କରିଛନ୍ତି। ତେବେ ଆଇଏନ୍‌ଏସ୍ ବିକ୍ରମାଦିତ୍ୟ ଏବଂ ନିର୍ମାଣାଧୀନ ଆଇଏନ୍‌ଏସ୍ ବିକ୍ରାନ୍ତରେ ଅବତରଣ ଏବଂ ନୌସେନାରେ ସାମିଲ ହେବା ପାଇଁ ଆହୁରି ଅନେକ କିଛି କରିବାକୁ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ବର୍ତ୍ତମାନ ନୌସେନା ରୁଷିଆ ନିର୍ମିତ ୪୫ଟି ମିଗ୍ ୨୯କେ ଯୁଦ୍ଧବିମାନକୁ ବ୍ୟବହାର କରୁଛି, ଯାହା ଆଇଏନ୍‌ଏସ୍ ବିକ୍ରମାଦିତ୍ୟରୁ ଉଡ଼ାଣ କରିପାରିବ। ଏକକ ଇଞ୍ଜିନ ବିଶିଷ୍ଟ ତେଜସ୍‌ର ଓଜନ ଅଧିକ ଥିବାରୁ ଏହାକୁ ପୂର୍ବରୁ ନୌସେନା ପ୍ରତ୍ୟାଖ୍ୟାନ କରିଥିଲା। ପରେ ଡିଆର୍‌ଡିଓ ତେଜସ୍‌ର ମାର୍କ-୨ ଭର୍ସନ ନିର୍ମାଣ କରିଥିଲା ଯାହାର ଇଞ୍ଜିନ କ୍ଷମତା ଅଧିକ ହେବା ସହ ଓଜନ କମ୍ ରହିଛି। ବାୟୁସେନାରେ ୧୨୩ଟି ତେଜସ ସାମିଲ ହେବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୪ଟି ମିଳିଛି। ନୌସେନାକୁ ୫୦ଟି ନାଭାଲ ଭାରିଆଣ୍ଟ ତେଜସ୍ ମିଳିବ ବୋଲି ଜଣାପଡିଛି।

■ ଏସ୍‌ସି/ଏସ୍‌ଟି ଆଇନ ଉପରେ ସୁପ୍ରିମକୋର୍ଟଙ୍କ ରାୟ

# ସମୀକ୍ଷା କରିବ ୩ ଜଣିଆ ଖଣ୍ଡପୀଠ

ନୂଆଦିଲ୍ଲୀ,୧୩।୯(ପି.ଟି.)

ଅନୁସୂଚିତ ଜାତି/ଜନଜାତି (ଏସ୍‌ସି/ଏସ୍‌ଟି) ଆଇନ ଉପରେ ସୁପ୍ରିମକୋର୍ଟଙ୍କ ୨୦୧୮ ମାର୍ଚ୍ଚ ୨୦ ତାରିଖ ରାୟକୁ ୩ ଜଣିଆ ଖଣ୍ଡପୀଠ ସମୀକ୍ଷା କରିବେ। ରାୟର ପୁନର୍ବିଚାର ପାଇଁ କେନ୍ଦ୍ର ସରକାର ରିଭ୍ୟୁ ପିଟିଶନ ଦାଏର କରିଥିବାବେଳେ ଶୁକ୍ରବାର ଅଦାଲତ ଏହାକୁ ୩ ଜଣିଆ ଖଣ୍ଡପୀଠକୁ ପଠାଇଛନ୍ତି। ଆସନ୍ତା ସପ୍ତାହରେ ଉକ୍ତ ଖଣ୍ଡପୀଠରେ ମାମଲା ଉପସ୍ଥାପନ କରିବା ପାଇଁ ଜଷ୍ଟିସ୍ ଅରୁଣ ମିଶ୍ର ଏବଂ ୟୁ.ୟୁ. ଲଳିତଙ୍କ ଖଣ୍ଡପୀଠ କହିଛନ୍ତି। ଗତ ମେ ୧ରେ ସୁପ୍ରିମକୋର୍ଟ କେନ୍ଦ୍ରର ଆବେଦନ ଉପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

ଏସ୍‌ସି/ଏସ୍‌ଟି ଆଇନର ଅପବ୍ୟବହାର ହେଉଥିବା ଅନୁଭବ କରି ଏହି ଆଇନରେ ଅଭିଯୋଗ ଆସିଲେ ତୁରନ୍ତ ଗିରଫ କରାଯାଇପାରିବ ନାହିଁ ବୋଲି ୨୦୧୮ ମାର୍ଚ୍ଚରେ ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଥିଲେ। ଅନେକ କ୍ଷେତ୍ରରେ ନିରୀହ ନାଗରିକଙ୍କୁ ଅଭିଯୁକ୍ତ କରାଯାଉଛି ଓ ସରକାରୀ କର୍ମଚାରୀଙ୍କୁ ଚାକିରି ହରାଇବାକୁ ପଡୁଛି। ତେଣୁ ଯଥେଷ୍ଟ ପ୍ରମାଣ ନ ଥିଲେ ଆଗୁଆ ଜାମିନ ପ୍ରଦାନରେ ପ୍ରତିବନ୍ଧକ ରହିବା ଉଚିତ ନୁହେଁ ବୋଲି ଅଦାଲତ ମତ ଦେଇଥିଲେ। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ନେଇ ଅନୁସୂଚିତ ଜାତି ଓ ଜନଜାତିଙ୍କ ମଧ୍ୟରେ ଉତ୍ତେଜନା ଓ ହିଂସାକାଣ୍ଡ ଘଟିବାରୁ କେନ୍ଦ୍ର ସରକାର ରାୟର ସମୀକ୍ଷା ପାଇଁ ରିଭ୍ୟୁ ପିଟିଶନ ଦାଏର କରିଥିଲେ।

# ରାଜୀବ କୁମାରଙ୍କ ଘରେ ସିବିଆଇ

କୋଲକାତା,୧୩।୯(ଆଇଏଏନ୍‌ଏସ୍)

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ସମ୍ପୃକ୍ତ କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କ ଗିରଫଦାରିରୁ ମିଳିଥିବା ଅନ୍ତରୀଣ ସୁରକ୍ଷାକୁ କଲିକତା ହାଇକୋର୍ଟ ଶୁକ୍ରବାର ପ୍ରତ୍ୟାହାର କରିନେବା ପରେ ସିବିଆଇ ତାଙ୍କ ବାସଭବନରେ ପହଞ୍ଚିଛି। ସେ ଯେକୌଣସି ସମୟରେ ଗିରଫ ହୋଇପାରନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଉପସ୍ଥାନ ନେବା ଲାଗି ସିବିଆଇର ଆର୍ଥିକ ଅପରାଧ ଶାଖାର ଅଧିକାରୀମାନେ ତାଙ୍କ ଘରେ ପହଞ୍ଚିଥିଲେ। ରାଜୀବ କୁମାରଙ୍କୁ କୌଣସି ନୋଟିସ ଜାରି କରାଯାଇ ନ ଥିବା ତଦନ୍ତକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି।



ବାଂଲାଦେଶର ଉଖିଆରେ ବର୍ଷାବେଳେ ଛତା ଧରି ଟିଫିନ୍ ବକ୍ସରେ ଖାଦ୍ୟ ନେଇ ଶରଣାର୍ଥୀ ଶିବିରକୁ ଯାଉଛନ୍ତି ଜଣେ ରୋହିଙ୍ଗ୍ୟା ବାଳକ।

# ଚିଦାମ୍ବରମଙ୍କ ଆତ୍ମସମର୍ପଣ ଆବେଦନ ଖାରଜ

ନୂଆଦିଲ୍ଲୀ,୧୩।୯(ଆଇଏଏନ୍‌ଏସ୍)

ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ଆତ୍ମସମର୍ପଣ କରିବା ପାଇଁ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ କରିଥିବା ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ଖାରଜ କରିଦେଇଛନ୍ତି। ଫଳରେ ସେ ତିହାର ଜେଲ୍‌ରେ ରହିବେ। ଚିଦାମ୍ବରମ କେନ୍ଦ୍ରରେ ଅର୍ଥମନ୍ତ୍ରୀ ଥିବାବେଳେ ୨୦୦୭ରେ ଆଇଏନ୍‌ଏକ୍ସ ମିଡିଆରେ ୩୦୫ କୋଟି ଟଙ୍କାର ବିଦେଶୀ ପୁଞ୍ଜିନିବେଶ ଲାଗି ଏଫଆଇପିବି ମଞ୍ଜୁରି ପ୍ରଦାନରେ ଅନିୟମିତତା ହୋଇଥିଲା। ଏହି ମାମଲାର ତଦନ୍ତ ସିବିଆଇ ଏବଂ ଇଡି କରୁଛନ୍ତି।

■ ଆଇନ ଛାତ୍ରୀ ବଳାତ୍କାର ମାମଲା

# ଚିନ୍ମୟାନନ୍ଦଙ୍କୁ ଏସ୍‌ଆଇଟି ଜେରା

ଶାହଜାହାନପୁର,୧୩।୯(ପି.ଟି.)



ଆଇନ ଛାତ୍ରୀ ବଳାତ୍କାର ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଭାଜପା ନେତା ଚିନ୍ମୟାନନ୍ଦଙ୍କୁ ଶୁକ୍ରବାର ୭ ଘଣ୍ଟା ଜେରା କରିଛି। ଏଥିସହିତ ଏହି ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ବାସଭବନର ବେଡ୍‌ରୁମ୍‌କୁ ସିଲ୍ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରାଯାଇଥିଲା। ଏସ୍‌ଆଇଟି ଶୁକ୍ରବାର ସକାଳେ ପୀଡିତା ଛାତ୍ରୀଙ୍କୁ ଧରି ଚିନ୍ମୟାନନ୍ଦଙ୍କ ବାସଭବନରେ ପହଞ୍ଚି ତାଙ୍କ ସମ୍ମୁଖରେ ଜେରା କରିଥିଲା। ଜେରା ବେଳେ ଫୋରେନସିକ୍ ବିଶେଷଜ୍ଞ ଟିମ୍ ସେଠାରେ ଉପସ୍ଥିତ ଥିଲେ। ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଚିନ୍ମୟାନନ୍ଦଙ୍କୁ ଶାହଜାହାନପୁର ଛାଡ଼ି ନ ଯିବା ପାଇଁ ଏସ୍‌ଆଇଟି କହିଛି।

ସ୍ନାତକୋତ୍ତର ଆଇନ ଛାତ୍ରୀଙ୍କୁ ଭାଜପା ନେତା ବର୍ଷେ ଧରି ବଳାତ୍କାର ଓ ଶାରୀରିକ ନିର୍ଯାତନା ଦେଇଥିବା ସେ ଅଭିଯୋଗ କରିଥିଲେ। ଉକ୍ତ ଆଇନ କଲେଜକୁ ଚିନ୍ମୟାନନ୍ଦଙ୍କ ଅନୁଷ୍ଠାନ ପରିଚାଳନା କରୁଛି। କଲେଜର ଦୁଇଜଣ ପ୍ରିନ୍ସିପାଲଙ୍କୁ ମଧ୍ୟ ଗୁରୁବାର ଏସ୍‌ଆଇଟି ଜେରା କରିଛି। ପୋଲିସ ସିଲ୍ କରିବା ପୂର୍ବରୁ ଚିନ୍ମୟାନନ୍ଦଙ୍କ ସମର୍ଥକମାନେ ହଷ୍ଟେଲ ରୁମ୍‌ରୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ନଷ୍ଟ କରିଦେଇଥିବା ଛାତ୍ରୀ ଜଣକ ଏସ୍‌ଆଇଟିକୁ ପତ୍ର ଲେଖି ଜଣାଇଥିଲେ।

# ଫାରୁକ୍, ଓମାରଙ୍କୁ ଭେଟିପାରିବେ ୨ ଏନ୍‌ସି ଏମ୍‌ପି

ନୂଆଦିଲ୍ଲୀ,୧୩।୯

ଗୃହବନ୍ଦୀ ଥିବା ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଓ ତାଙ୍କ ପୁଅ ତଥା ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲାଙ୍କୁ ଦଳର ଦୁଇଜଣ ଏମ୍‌ପି ସାକ୍ଷାତ୍ କରିପାରିବେ। ଏନେଇ ଜମ୍ମୁ-କଶ୍ମୀର ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। କିନ୍ତୁ ସାକ୍ଷାତ୍ ପରେ ସେମାନେ ଗଣମାଧ୍ୟମକୁ ଫାରୁକ୍ ଓ ଓମାରଙ୍କ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି।

ଅନୁଚ୍ଛେଦ ୩୭୦କୁ ହଟାଯିବା ପରେ ସେମାନଙ୍କୁ ଗୃହବନ୍ଦୀ ରଖାଯାଇଥିବାରୁ ପାର୍ଲାମେଣ୍ଟକୁ ଯାଇପାରୁ ନ ଥିବା ଶ୍ରୀନଗର ଏମ୍‌ପି ଫାରୁକ୍ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଅଗଷ୍ଟ ୬ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଲୋକ ସଭାରେ କହିଥିଲେ, ଫାରୁକ ନିଜ ଇଚ୍ଛାରେ ପାର୍ଲାମେଣ୍ଟକୁ ଆସୁନାହାନ୍ତି। ଶାହ ମିଛ କହୁଥିବା ଫାରୁକ୍ ଅଭିଯୋଗ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍‌ଙ୍କୁ ଗୃହବନ୍ଦୀ କରାଯାଇଛି ବୋଲି ହାଇକୋର୍ଟଙ୍କ ଗୁରୁବାର ରାୟରୁ ସ୍ପଷ୍ଟ ହୋଇଛି। ଏମ୍‌ପି ହାସନୈନ୍ ମାସୁଦି ଓ ଆକ୍‌ବର ଲୋନ୍ ବାପପୁଅଙ୍କୁ କେବେ ଭେଟିବେ ତାହା ଶ୍ରୀନଗର ଡିସିପି ସେମାନଙ୍କୁ ଅବଗତ କରନ୍ତୁ ବୋଲି ଜଷ୍ଟିସ୍ ସଞ୍ଜୀବ କୁମାର ନିର୍ଦ୍ଦେଶ ଦେଇଛନ୍ତି।

# ଶିବକୁମାରଙ୍କ ଇଡି ରିମାଣ୍ଡ ବଢ଼ିଲା

ନୂଆଦିଲ୍ଲୀ,୧୩।୯(ପି.ଟି.)

- ୩୧୭ ବ୍ୟାଙ୍କ ଆକାଉଣ୍ଟରେ ୨୦୦ କୋଟି ଟଙ୍କା
- ୮୦୦ କୋଟିର ବେନାମୀ ସମ୍ପତ୍ତି



କର୍ନାଟକ କଂଗ୍ରେସର ବରିଷ୍ଠ ନେତା ଡି.କେ. ଶିବକୁମାରଙ୍କ ଇଡି ରିମାଣ୍ଡ ଅବଧିକୁ ଦିଲ୍ଲୀର ଏକ ଅଦାଲତ ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ହାଜତରେ ଅଧିକ ଜେରାର ଆବଶ୍ୟକତା ଥିବା ଦର୍ଶାଇ ରିମାଣ୍ଡ ଅବଧି ୫ ଦିନ ବଢ଼ାଇବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଆବେଦନ କରାଯାଇଥିଲା। ୩ ତାରିଖରେ ଗିରଫ ହୋଇଥିବା ଶିବକୁମାରଙ୍କୁ ଇଡି ପ୍ରଥମେ ୯ ଦିନ ରିମାଣ୍ଡରେ ନେଇଥିଲା। ଅବଧି ପୂରଣ ହେବା ପରେ ତାଙ୍କୁ ଆଜି ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହରଙ୍କ କୋର୍ଟରେ ହାଜର କରାଯାଇଥିଲା।

୨୦୧୭ରେ ଆୟକର ବିଭାଗ ଶିବକୁମାରଙ୍କ ୪୨୯ କୋଟି ଟଙ୍କାର ଅଘୋଷିତ ସମ୍ପତ୍ତି ଠାବ କରିଥିଲେ। ତେବେ ଇଡି ତଦନ୍ତରୁ ତାଙ୍କ ସମ୍ପତ୍ତି ପରିମାଣ ୧୦୦୦ କୋଟି ଟଙ୍କା ବୋଲି ଜଣାପଡିଛି। ୩୧୭ ବ୍ୟାଙ୍କ ଆକାଉଣ୍ଟରେ ଶିବକୁମାରଙ୍କର ୨୦୦ କୋଟି ଟଙ୍କା ରହିଥିବା ବେଳେ ୮୦୦ କୋଟି ଟଙ୍କାର ବେନାମୀ ସମ୍ପତ୍ତି ରହିଥିବା ଇଡି ଜାଣିବାକୁ ପାଇଛି। ଗୁରୁବାର ତାଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କୁ ମଧ୍ୟ ଇଡି ଅଧିକାରୀମାନେ ୭ ଘଣ୍ଟା ଜେରା କରିଥିଲେ।

# ମୋଦିଙ୍କ ଉପସ୍ଥିତି ଚନ୍ଦ୍ରୟାନ-୨ ପାଇଁ ଦୁର୍ଭାଗ୍ୟ ଆଣିଲା

ବେଙ୍ଗାଲୁରୁ,୧୩।୯

## କୁମାରସ୍ୱାମୀଙ୍କ ଅଭିଯୋଗ



ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଦଦେବା ଚନ୍ଦ୍ରୟାନ-୨ ପାଇଁ ଦୁର୍ଭାଗ୍ୟ ଆଣିଲା ବୋଲି କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଗୁରୁତର ଅଭିଯୋଗ କରିଛନ୍ତି। ଲ୍ୟାଣ୍ଡର ବିକ୍ରମ ସହ ଇସ୍ରୋର ସମ୍ପର୍କ ଛିନ୍ନ ହେବାର କାରଣ ମୋଦିଙ୍କ ଉପସ୍ଥିତି ବୋଲି କୁମାରସ୍ୱାମୀ କହିଛନ୍ତି।

୨୦୦୮-୦୯ରେ ଚନ୍ଦ୍ରୟାନ-୨ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଥିଲା। ଚନ୍ଦ୍ରପୃଷ୍ଠରେ ଯାନ ଅବତରଣ କରାଇବା ପାଇଁ ବୈଜ୍ଞାନିକମାନେ ଦୀର୍ଘ ୧୦-୧୨ ବର୍ଷ ଧରି ଅକ୍ଲାନ୍ତ ପରିଶ୍ରମ କରିଥିଲେ। ଅଥଚ ୬ ତାରିଖ ରାତିରେ ପ୍ରଧାନମନ୍ତ୍ରୀ ଇସ୍ରୋରେ ପହଞ୍ଚି ସେ ନିଜେ ଯେପରି ଚନ୍ଦ୍ରୟାନ-୨କୁ ଅବତରଣ କରାଉଛନ୍ତି ଚିତ୍ରଣ କରାଇବାକୁ ଉଦ୍ୟମ କଲେ। ତାଙ୍କ ଯୋଗୁ ଚନ୍ଦ୍ର ଅଭିଯାନ ଆରମ୍ଭ ହୋଇଥିବା ଦର୍ଶାଇବା ଥିଲା ମୋଦିଙ୍କ ଉଦ୍ଦେଶ୍ୟ ବୋଲି କୁମାରସ୍ୱାମୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ଲ୍ୟାଣ୍ଡର ବିକ୍ରମର ସୂକ୍ଷ୍ମ ଅବତରଣ ଦେଖିବା ପାଇଁ ପ୍ରଧାନମନ୍ତ୍ରୀ ୬ ତାରିଖ ରାତିରେ ବେଙ୍ଗାଲୁରୁସ୍ଥିତ ଇସ୍ରୋ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତେବେ ଶେଷ ମୁହୂର୍ତ୍ତରେ ଚନ୍ଦ୍ରପୃଷ୍ଠରୁ ମାତ୍ର ୨.୧ କିଲୋମିଟର ଦୂରତାରେ ଥିବାବେଳେ ଲ୍ୟାଣ୍ଡର ସହ ଅର୍ବିଟରର ସମ୍ପର୍କ ଛିନ୍ନ ହୋଇଥିଲା। ବିକ୍ରମ ସୂକ୍ଷ୍ମ ଅବତରଣ କରିବାରେ ବିଫଳ ହେବାରୁ ଏହା ଚନ୍ଦ୍ରପୃଷ୍ଠରେ ଧକ୍କା ଖାଇ ଢଳି ରହିଛି। ଫଳରେ ବୈଜ୍ଞାନିକମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଏହା ସହିତ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

# ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ୩୩ ମୃତ

ମୁମ୍ବାଇ/ଭୋପାଳ/ନୂଆଦିଲ୍ଲୀ,୧୩।୯(ପି.ଟି.)



ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଦିଲ୍ଲୀରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ୩୩ ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୨୦ ବର୍ଷ ମଧ୍ୟରେ। ଭୋପାଳର ଖଟଲାପୁରା ଘାଟରୁ ଶୁକ୍ରବାର ଗଣେଶ ମୂର୍ତ୍ତି ନେଇ ଯାଉଥିବା ବୋଟ ଲୋୟର ଲେକ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯାଇଥିଲା। ସେଥିରେ ଥିବା ୧୮ ଜଣଙ୍କ ମଧ୍ୟରୁ ୫ ଜଣ ଉଦ୍ଧାର ହୋଇଥିବାବେଳେ ୧୩ ଜଣ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି ଓ ଅନ୍ୟ ଦୁଇଜଣ ନିଖୋଜ ଅଛନ୍ତି। ଏସ୍‌ଡିଆର୍‌ଏଫ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ମୃତକମାନଙ୍କ ଘର ପିପ୍‌ଲାନି ଅଞ୍ଚଳରେ। ସେମାନଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ପ୍ରଶାସନକୁ ଦାୟୀ କରିଛନ୍ତି। ଦୁଇ ନାଉରିଆଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କମଳନାଥ ଦୁର୍ଘଟଣାକୁ ଦୁର୍ଭାଗ୍ୟଜନକ କହିବା ସହିତ ଏହାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୃତକଙ୍କ ପରିବାରକୁ ୧୧ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି।

ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ଗଣେଶ ମୂର୍ତ୍ତି ଭସାଣି ବେଳେ ୧୮ ଜଣଙ୍କ ମୃତ୍ୟୁ ହୋଇଥିବା ପୋଲିସ କହିଛି। ଅମରାବତୀ ଜିଲାରେ ସର୍ବାଧିକ ୪ ଜଣ, ରତ୍ନଗିରିରେ ୩, ନାଶିକ, ସିନ୍ଧୁଦୁର୍ଗ ଓ ସତାରାରେ ୨ ଜଣ ଲେଖାଏ ଏବଂ ଠାଣେ, ଧୁଲେ, ବୁଲଧନା, ଆକୋଲା ଓ ଭଣ୍ଡାରାରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ନାଶିକ୍‌ରେ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଜଣେ ନିଖୋଜ ଅଛନ୍ତି।

ଦିଲ୍ଲୀର ଯମୁନା ନଦୀରେ ଗଣେଶ ଭସାଣି ବେଳେ ୨ ଜଣ ଯୁବକ ଓ ୨ ଯୁବତୀ ବୁଡ଼ିଯାଇଛନ୍ତି। ସମସ୍ତଙ୍କ ବୟସ ୨୦ ବର୍ଷ ମଧ୍ୟରେ। ଅଗ୍ନିଶମ କର୍ମଚାରୀମାନେ ମୃତଦେହ ଉଦ୍ଧାର କରିଛନ୍ତି।




# ୧୬ ଯାଏ ବର୍ଷା ନାହିଁ

**ଭୁବନେଶ୍ୱର, ୧୩।୯(ବ୍ୟୁରୋ):** ଝାଡ଼ଖଣ୍ଡ ଏବଂ ଓଡ଼ିଶା ଉପରେ ଥିବା ଘୂର୍ଣ୍ଣିବଳୟ ଅପସରି ଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୧୬ ତାରିଖ ଯାଏ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଇତିମଧ୍ୟରେ ବାଲେଶ୍ୱରରେ ୮.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ରେ ୮.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।




## ପୁରୀ ବିଶ୍ୱ ଐତିହ୍ୟ ନଗରୀ ପ୍ରକଳ୍ପ କାର୍ଯ୍ୟକ୍ରମ

# ତଦାରଖ କରିବେ ୫ ଶିକ୍ଷାନବିସ ଆଇଏଏସ୍



୫ ଶିକ୍ଷାନବିସଙ୍କୁ ଦାୟିତ୍ୱ ସମ୍ପର୍କରେ ବୁଝାଉଛନ୍ତି ବରିଷ୍ଠ ପ୍ରଶାସନିକ ଅଧିକାରୀ।

**ଭୁବନେଶ୍ୱର, ୧୩।୯(ବ୍ୟୁରୋ)**

ପୁରୀକୁ ବିଶ୍ୱର ଅନ୍ୟତମ ପ୍ରମୁଖ ଐତିହ୍ୟ ନଗରୀରେ ପରିଣତ କରାଯିବ। ଏଥିପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନତୀକରଣ ସହ ସମଗ୍ର ପୁରୀ ଜିଲାରେ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନକୁ ଗୁରୁତ୍ୱ ଦିଆଯାଉଛି। ପୁରୀ ଭିତ୍ତିଭୂମିର ବିକାଶ, କୀର୍ତ୍ତିରାଜିର ସଂରକ୍ଷଣ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟଗୁଡ଼ିକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ପାଇଁ ୨୦୧୮ ବ୍ୟାଚ୍‌ର ୫ ଶିକ୍ଷାନବିସ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କୁ ଶୁକ୍ରବାର ନିଯୁକ୍ତି ଦିଆଯାଇଛି। ସେମାନେ ପୁରୀରେ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକ ଦାୟିତ୍ୱରେ ରହିବେ। ଏହି ଅଧିକାରୀମାନେ ହେଉଛନ୍ତି ସୂର୍ଯ୍ୟବଂଶୀ ମୟୂର ବିକାଶ, କୀର୍ତ୍ତିଭାସନ ଭି, ଡ. ଶୁଭଙ୍କର ମହାପାତ୍ର, ଜେ. ସୋନାଲ ଏବଂ ଭୁବନେଶ ଦେବଦାସ ପାଟିଲ।

### ଦାୟିତ୍ୱ ବୁଝାଇଲେ ଆର.ବାଲକ୍ରିଷ୍ଣନ, ଭି.କେ. ପାଣ୍ଡିଆନ

ଅଧିକାରୀମାନଙ୍କ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସେମାନେ ପୁରୀରେ ଯୋଗଦାନ କରିଥିବା ଜଣାପଡ଼ିଛି। ପୁରୀ ଯିବା ପୂର୍ବରୁ ଅଧିକାରୀମାନେ ଲୋକସେବା ଭବନରେ ସିଏମ୍‌ଓର ମୁଖ୍ୟ ପରାମର୍ଶଦାତା ଆର୍.ବାଲକ୍ରିଷ୍ଣନ ଏବଂ ମୁଖ୍ୟମନ୍ତ୍ରୀଙ୍କ ୫'ଟି ବିଭାଗ ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କଠାରୁ ନିଜ ଦାୟିତ୍ୱ ସମ୍ପର୍କରେ ଅବଗତ ହୋଇଥିଲେ। ରାଜ୍ୟ ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରତିବଦ୍ଧତା ସହ କାମ କରିବାକୁ ୨ ଶୀର୍ଷ ପ୍ରଶାସନିକ ଅଧିକାରୀ ପରାମର୍ଶ ଦେଇଥିଲେ।

# ଦୁର୍ନୀତି ବିରୋଧରେ ସରକାରଙ୍କ କଡ଼ା ଆଭିମୁଖ୍ୟ

- ୧୬ ଜଣଙ୍କୁ ଚାକିରିରୁ ବିଦା କଲେ ମୁଖ୍ୟମନ୍ତ୍ରୀ
- ୧ ମାସରେ ୩୭ ଅଧିକାରୀ ବରଖାସ୍ତ

**ଭୁବନେଶ୍ୱର, ୧୩।୯ (ବ୍ୟୁରୋ):** ଦୁର୍ନୀତି ବିକାଶର ସବୁଠାରୁ ବଡ଼ ପ୍ରତିବନ୍ଧକ। ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ସର୍ବଦା ଶୂନ ସହିଷ୍ଣୁତା(ଜିରୋ ଟଲେରାନ୍ସ) ନୀତିକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ଦୁର୍ନୀତିରେ ଜଡ଼ିତ ଥିବା ୧୬ ଜଣ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଚାକିରିରୁ ବରଖାସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୧୬ଜଣ ଅଧିକାରୀଙ୍କ ମଧ୍ୟରୁ ୫ ଜଣ ପ୍ରଧାନ ଶିକ୍ଷକ, ୪ ଜଣ ଇଞ୍ଜିନିୟର, ୨ ଜଣ ରାଜସ୍ୱ ନିରୀକ୍ଷକ, ଜଣେ ଫାର୍ମାସିଷ୍ଟ, ଜଣେ ଅମିନ, ଜଣେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ୨ ଜଣ କିରାଣି ଅନ୍ତର୍ଭୁକ୍ତ। ଏହିସବୁ ଅଧିକାରୀମାନେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ଚାକିରିରୁ ବରଖାସ୍ତ ହୋଇଥିବା ଅଧିକାରୀମାନେ ହେଲେ ଭୁବନେଶ୍ୱର ଆର ଆଣ୍ଡ ବି ଡିଭିଜନ-୧ର ଡେପୁଟି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଜିବେଶ ଚନ୍ଦ୍ର ରଥ, ଦଶପଲ୍ଲା ରୁରାଲ ୱାର୍କସର ସହକାରୀ ଯନ୍ତ୍ରୀ ତିରୁପତି ଭେଙ୍କେଟେଶ୍ୱର ପାଣି, କାମାକ୍ଷାନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ପାତ୍ର, ଯାଜପୁର କ୍ଷୁଦ୍ର ଜଳସେଚନ ଡିଭିଜନର କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ସିଂ, ବଳରାମପୁର ଜଗତସିଂହପୁରର ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ କୁମାର ବିଶ୍ୱାଳ, ମାଥିଲି ବ୍ଲକର ସରଙ୍ଗପାଲି ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ କପିଳ ଚନ୍ଦ୍ର ନାୟକ, ନବରଙ୍ଗପୁର ପାପଡାହାଣ୍ଡିର ଉଚ୍ଚପ୍ରାଥମିକ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପାତ୍ର, ପାପଡାହାଣ୍ଡିର ଟିଓଏମଇ ସ୍କୁଲର ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧର ହରିଜନ, କନ୍ଧମାଳର କୋଟଗଡ ବ୍ଲକ ଏସଇସି ଅଡାରି ନିୟୁ ପ୍ରାଇମେରୀ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ଡିଗଲ,କୋଦଳା ତହସିଲ ଅଫିସର ରାଜସ୍ୱ ନିରୀକ୍ଷକ ମଞ୍ଜୁଳ ନାଏକ, ଶାଳପଡା ସ୍ପେଶାଲ ଜମି ଅଧିଗ୍ରହଣ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ନରହରି ଓଝା, କେନ୍ଦୁଝର ବାସୁଦେବପୁରର ପିଡି(ଆର ଆଣ୍ଡ ଆର)ର ଅମିନ ଶରତ ଚନ୍ଦ୍ର ସେଠୀ, ବୌଦ୍ଧ ପୁରୁଣା କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଫାର୍ମାସିଷ୍ଟ ସନ୍ତୋଷ ପଣ୍ଡା, ଇଚ୍ଛାପୁର ହାଇସ୍କୁଲର କନିଷ୍ଠ କିରାଣି ନକୁଳ କୁମାର ଖମାରୀ, ବୌଦ୍ଧ ହରଭଙ୍ଗାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ବୀରେନ୍ଦ୍ର କୁମାର ପଣ୍ଡା ଏବଂ କୋରାପୁଟ ନନ୍ଦପୁର ବ୍ଲକର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ଚନ୍ଦ୍ର ନାୟକ।

ଗତ ୧ ମାସ ମଧ୍ୟରେ ରାଜ୍ୟ ସରକାର ଦୁର୍ନୀତି ଅଭିଯୋଗରେ ୩୭ ଜଣ ଅଧିକାରୀଙ୍କୁ ବରଖାସ୍ତ କରିବା ସହିତ ୬ ଜଣଙ୍କର ପେନସନ ବନ୍ଦ କରିଛନ୍ତି।

# ୨୭ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

**ଭୁବନେଶ୍ୱର, ୧୩।୯ (ବ୍ୟୁରୋ)**

ଆସନ୍ତା ୨୭ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏ ନେଇ ଶୁକ୍ରବାର ପୋଲିସ ଡିଜି ବିଜୟ କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଡିଜି କ୍ୟାମ୍ପ ଅଫିସରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଜି ଅପରେଶନ୍, ଏଡିଜି ତଟସୁରକ୍ଷା, ଆଇଜି ଗୋଇନ୍ଦା, ସିଆଇଏସ୍‌ଏଫ୍, ବିମାନବନ୍ଦର କର୍ତ୍ତୃପକ୍ଷ ଏବଂ ଗଞ୍ଜାମ ଏସ୍‌ପି ଯୋଗଦେଇଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଏବଂ ସୁରକ୍ଷା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ରାଷ୍ଟ୍ରପତିଙ୍କୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି।

ଏ ସମ୍ପର୍କରେ ଡିଜିପି ଶର୍ମା ସୂଚନା ଦେଇ କହିଛନ୍ତି ଯେ, ରାଷ୍ଟ୍ରପତି ୨୭ତାରିଖ ସନ୍ଧ୍ୟା ୬ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଭୁବନେଶ୍ୱରରେ ପହଞ୍ଚିବେ।

### ସୁରକ୍ଷା ବ୍ୟବସ୍ଥା ନେଇ ଡିଜିପିଙ୍କ ବୈଠକ

ସେଠାରୁ କଡ଼ା ସୁରକ୍ଷା ବଳୟରେ ତାଙ୍କୁ ରାଜଭବନକୁ ନିଆଯିବ। ସେଠାରେ ସେ ରାତ୍ରୀଯାପନ କରିବେ। ତାଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯିବ। ୨୮ ତାରିଖ ସକାଳ ୬ଟା ୧୦ ମିନିଟରେ ରାଷ୍ଟ୍ରପତି ବ୍ରହ୍ମପୁରର ଗୋପାଳପୁରକୁ ଯାଇ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ସେହି ଦିନ ୧୧ଟାରେ ସେ ଦିଲ୍ଲୀ ଫେରିଯିବେ। ବ୍ଲୁ-ବୁକ୍ ଅନୁଯାୟୀ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ତେଣୁ ଏହି ସମୟରେ ତାଙ୍କୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ। ବିଶେଷ କରି କେଉଁ ସ୍ଥାନରେ ସବୁଠୁ ଅଧିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ସେନେଇ ଗଞ୍ଜାମ ଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତର ଗୋଟିଏ ଦିନ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ନେଇ ପୋଲିସ ପକ୍ଷରୁ ମଧ୍ୟ ରିହରସାଲ୍ କରାଯିବ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ବି.ସାଇ ସଙ୍ଗୀତା
ପରିବାରବର୍ଗ


ପିଙ୍କୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବରିଷ୍ଠ ସାମ୍ବାଦିକାଙ୍କ ସ୍ୱାମୀ ବିୟୋଗ

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି)ର ଅବସରପ୍ରାପ୍ତ ଆକାଉଣ୍ଟସ ଅଫିସର ତଥା 'ଧରିତ୍ରୀ'ର ବରିଷ୍ଠ ସାମ୍ବାଦିକା ସଙ୍ଘମିତ୍ରା ମହାନ୍ତିଙ୍କ ସ୍ୱାମୀ ବିଭୁପ୍ରସାଦ ମହାପାତ୍ରଙ୍କ ଶୁକ୍ରବାର ଅପରାହ୍ଣରେ ପରଲୋକ ଘଟିଛି। ତାଙ୍କୁ ୬୨ବର୍ଷ ହୋଇଥିଲା। ବିଭୁପ୍ରସାଦ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଗତ ସୋମବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୧୯୫୭ ଅଗଷ୍ଟ ୧୮ରେ ପୁରୀରେ ଜନ୍ମଗ୍ରହଣ କରିଥିବା ବିଭୁପ୍ରସାଦଙ୍କର ନିଜ ଘର ପାରଳାଖେମୁଣ୍ଡି ଅଙ୍କସାହିରେ। ତାଙ୍କର ଗୋଟିଏ ଝିଅ ଓ ପୁଅ ଅଛନ୍ତି। ମୃତ୍ୟୁବେଳକୁ ତାଙ୍କ ପାଖରେ ସ୍ତ୍ରୀଙ୍କ ସମେତ ଝିଅ, ଜ୍ୱାଇଁ, ପୁଅ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ସ୍ମୃତିମାନ ମହାପାତ୍ର ମୁଖାଗ୍ନି ଦେଇଥିଲେ।


ବିଭୁପ୍ରସାଦ ମହାପାତ୍ର

## ପ୍ରଥମ ପୃଷ୍ଠାରୁ....

### ଲର୍ନିଂ ଲାଇସେନ୍ସ: ଖୋଲିବ ...

ଏବଂ ଗୋଟିଏ ଖୋର୍ଦ୍ଧାରେ ଖୋଲିବ। ପରବର୍ତ୍ତୀ ସମୟରେ ଅନ୍ୟ ସହରଗୁଡ଼ିକରେ ଲୋକମାନଙ୍କ ଭିଡ଼କୁ ଦେଖି ଅତିରିକ୍ତ କେନ୍ଦ୍ର ଖୋଲାଯିବ। ଏନେଇ ପରିବହନ ବିଭାଗ ସଚିବ ଜି. ଶ୍ରୀନିବାସ ଶୁକ୍ରବାର ସୂଚନା ଦେଇଛନ୍ତି।

ଭୁବନେଶ୍ୱରରେ ଆର୍‌ଟିଓ-୧ ଏବଂ ଆର୍‌ଟିଓ-୨କୁ ବାଦ୍ ଦିଆଯାଇ ଉକ୍ତ ଅତିରିକ୍ତ କେନ୍ଦ୍ର ଖୋଲାଯିବ। ସେହି ଅତିରିକ୍ତ କେନ୍ଦ୍ରଗୁଡ଼ିକରେ ଲୋକମାନେ କେବଳ ଲର୍ନିଂ ଲାଇସେନ୍ସ ପାଇଁ ଆବେଦନ କରିପାରିବେ। ସେହିପରି ଛୁଟିଦିନରେ ମଧ୍ୟ ଆର୍‌ଟିଓ ଖୋଲା ରଖିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଦ୍ୱିତୀୟ ଶନିବାର ଏବଂ ରବିବାରକୁ ମିଶାଇ ଦୁଇଦିନ ସରକାରୀ ଛୁଟି ପଡୁଛି। ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ପ୍ରାୟତଃ ବନ୍ଦ ରହୁଥିବା ବେଳେ ଏହି ଦୁଇଦିନ କିନ୍ତୁ ସବୁ ଆର୍‌ଟିଓ କାର୍ଯ୍ୟାଳୟ ଖୋଲା ରହିବ ସଚିବ କହିଛନ୍ତି। ଏହାସହିତ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଚିଠି ଲେଖି ସଚିବ ନିର୍ଦ୍ଦେଶ ଦେଇଛନ୍ତି ଯେ, ଲର୍ନିଂ ଲାଇସେନ୍ସ, ଟେଷ୍ଟ ଲାଗି ଅଧିକ କମ୍ପ୍ୟୁଟର ବ୍ୟବସ୍ଥା କରାଯାଉ। ଭୁବନେଶ୍ୱରରେ ଖୋଲାହେବାକୁ ଥିବା ୪ ଅତିରିକ୍ତ କେନ୍ଦ୍ର ଲାଗି ସ୍ଥାନ ଚିହ୍ନଟ କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେଗୁଡ଼ିକ ହେଲା ଶହୀଦନଗର, ଶିରିପୁର, ପୁରୁଣା ଭୁବନେଶ୍ୱର ଏବଂ ଚନ୍ଦ୍ରଶେଖରପୁର। ଖୋର୍ଦ୍ଧାର କେଉଁଠାରେ ଖୋଲିବ ସେନେଇ ସ୍ପଷ୍ଟ ହୋଇନାହିଁ।

### ଗାନ୍ଧୀ ଜୟନ୍ତୀରୁ 'ମୋ ସରକାର' କାର୍ଯ୍ୟକ୍ରମର ଶୁଭାରମ୍ଭ

# ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଉଥିବା 'ମୋ ସରକାର' କାର୍ଯ୍ୟକ୍ରମକୁ ଓଡ଼ିଶା ପୋଲିସ ସଫଳ କରିବା ପାଇଁ ଜୋରଦାର ପ୍ରୟାସ ଚଳାଇଛି। ଏହି କାର୍ଯ୍ୟକ୍ରମକୁ ଆସନ୍ତା ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିବେ। ଏହାକୁ ଦୃଷ୍ଟିରେ ରଖି ପୋଲିସ ଡିଜି ବିଜୟ କୁମାର ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ କମିଶନରେଟ ପୋଲିସ କାର୍ଯ୍ୟାଳୟରେ ଗତ ମାସ ୩୧ତାରିଖରେ ବିଭିନ୍ନ ଜିଲାର ୩୫୦ରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସ୍ୱତନ୍ତ୍ର ପ୍ରଶିକ୍ଷକମାନେ କମ୍ପ୍ୟୁଟର ଜ୍ଞାନ କୌଶଳ, ପୋଲିସର ଆଚାର ବ୍ୟବହାର ପରିବର୍ତ୍ତନ, କଲ ସେଣ୍ଟରଗଡ଼ିକର କାର୍ଯ୍ୟକାରିତା ଉପରେ ପ୍ରଶିକ୍ଷଣ ଦେଇଥିଲେ। 'ମୋ ସରକାର' କାର୍ଯ୍ୟକ୍ରମର ରୂପରେଖ କ'ଣ ହେବ ଏବଂ ଏଥିପାଇଁ କି ବ୍ୟବସ୍ଥା କରାଯାଇଛି ସେନେଇ ଡିଜିପି ଶର୍ମା ଶୁକ୍ରବାର କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପୋଲିସ କମିଶନର, ରାଜ୍ୟର ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଏବଂ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଏହି କାର୍ଯ୍ୟକ୍ରମର ସମୀକ୍ଷା ମଧ୍ୟ କରିଛନ୍ତି।

ରେଞ୍ଜ ଆଇଜି, ଡିଆଇଜି ଏବଂ ଏସ୍‌ପିମାନେ କଲ୍‌ସେଣ୍ଟରଗୁଡ଼ିକରେ ପ୍ରାପ୍ତ ନାଗରିକଙ୍କ ମତାମତଗୁଡ଼ିକୁ ପ୍ରତିଦିନ ବିଶ୍ଳେଷଣ କରି ଆବଶ୍ୟକ ସୁଧାରମୂଳକ ବ୍ୟବସ୍ଥା କିମ୍ବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ମୋ ସରକାର କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପୁରସ୍କାର ବ୍ୟବସ୍ଥା କରାଯିବ। ଏଥିସହ ନାଗରିକମାନଙ୍କୁ ଉଚିତ ବ୍ୟବହାର, ଆଚରଣ ଓ ଶିଷ୍ଟାଚାର ପ୍ରଦର୍ଶନ କରୁଥିବା ପୋଲିସ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଏପରି କି ଅଭିଯୋଗକାରୀଙ୍କୁ ଯେଉଁ ପୋଲିସ ଅଫିସର ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ କରୁ ନ ଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଜିପି ଶର୍ମା କହିଛନ୍ତି।

ଥାନାକୁ ଅଭିଯୋଗ କରିବା ପାଇଁ ଆସୁଥିବା ବ୍ୟକ୍ତିଙ୍କ ମତାମତକୁ ଲେଖି ରଖାଯିବାର ବ୍ୟବସ୍ଥା ରାଜ୍ୟ ପୋଲିସ ପକ୍ଷରୁ କରାଯାଇଛି। ରାଜ୍ୟ ଅପରାଧ ନଥି ସଂସ୍ଥାରେ ରାଜ୍ୟସ୍ତରୀୟ କଲ୍ ସେଣ୍ଟର ସ୍ଥାପନ ହୋଇଛି। ଏହି ସଂସ୍ଥା ଓଡ଼ିଶା ପୋଲିସରେ ମୋ ସରକାର କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ବିଭିନ୍ନ ଜିଲାରେ ଏସ୍‌ପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲ୍‌ସେଣ୍ଟର ଖୋଲାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। ଗତ ୪ତାରିଖଠାରୁ ରାଜ୍ୟ ଏବଂ ଜିଲାସ୍ତରରେ କଲ୍‌ସେଣ୍ଟରଗୁଡ଼ିକ କାର୍ଯ୍ୟକ୍ଷମ ହୋଇଛି। ଥାନାରେ ହେଉଥିବା ଅଭିଯୋଗ ଓ ଅନ୍ୟ ସେବାମୂଳକ କାର୍ଯ୍ୟ ସମ୍ପର୍କିତ ତଥ୍ୟ କଲସେଣ୍ଟରଗୁଡ଼ିକରେ ଅବସ୍ଥାପିତ ଡ୍ୟାସ୍‌ବୋର୍ଡରେ ପ୍ରତିଫଳିତ ହୋଇଥାଏ। ଅଭିଯୋଗକାରୀଙ୍କଠାରୁ ସେମାନେ ପାଇଥିବା ସେବା ବାବଦରେ ମତାମତ ସଂଗ୍ରହ କରାଯାଇଥାଏ। ଏହାକୁ ରେକର୍ଡିଂ କରି ରଖାଯାଇଥାଏ। ଥାନାରେ ସୁଧାର ଆଣିବା ସହ ନାଗରିକଙ୍କୁ ଉତ୍ତମ ସେବା ଦିଆଯିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଡିଜିପି ଶର୍ମା କହିଛନ୍ତି।

ଏହି ବୈଠକରେ ଅତିରିକ୍ତ ପୋଲିସ ଡିଜି ପ୍ରଣବିନ୍ଦୁ ଆଚାର୍ଯ୍ୟ, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଏସ୍.ସି.ଆର୍.ବି ନିର୍ଦ୍ଦେଶକ ରାଜେଶ କୁମାରଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

### ଇସ୍ପାତ ଶିଳ୍ପ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ବୈଠକ

# ଇସ୍ପାତ ଶିଳ୍ପକୁ ସବୁ ପ୍ରକାର ସହଯୋଗ ମିଳିବ: ଧର୍ମେନ୍ଦ୍ର



ଶିଳ୍ପ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ଇସ୍ପାତ ଶିଳ୍ପକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସମର୍ଥନ ଓ ସହଯୋଗ ଦିଆଯିବ ବୋଲି ପାଞ୍ଚ ଦିନିଆ ତ୍ରିରାଷ୍ଟ୍ରୀୟ ବିଦେଶ ଗସ୍ତ ସାରି ଫେରିବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶୁକ୍ରବାର ନୂଆଦିଲ୍ଲୀଠାରେ ଇସ୍ପାତ ଶିଳ୍ପର ବରିଷ୍ଠ ଅଧିକାରୀମାନଙ୍କ ସହ ବୈଠକ କରିବାପରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଇସ୍ପାତ ଶିଳ୍ପର ସମ୍ଭାବନା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବିଭିନ୍ନ ଦେଶ ସହ ଆଲୋଚନା କରାଯାଇଛି। ଅନ୍ୟପଟେ ବୈଠକରେ ଉପସ୍ଥିତ ଶିଳ୍ପର ଅଧିକାରୀମାନେ ୨୦୩୦ ସୁଦ୍ଧା ୩ ଶହ ମିଲିୟନ ମେଟ୍ରିକ ଟନ୍ ଷ୍ଟିଲ୍ ଉତ୍ପାଦନ ଲକ୍ଷ୍ୟକୁ ପୂରଣ କରାଯିବା ନେଇ ଆଶାବ୍ୟକ୍ତ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଇସ୍ପାତ ଶିଳ୍ପ କିଛିବର୍ଷରେ ପୂର୍ଣ୍ଣ ବିକଶିତ ହୋଇଛି । ଏକ ଦୀର୍ଘମିଆଦି ଯୋଜନାରେ କ୍ଷମତା ନିର୍ମାଣ, ଉତ୍ତମ ବିଶ୍ୱାସ ଓ ଟେକ୍ନୋଲୋଜି ଆଧାରରେ ଏହା ସମ୍ଭବ ହୋଇପାରିଛି। ପ୍ରତିଯୋଗୀତାମୂଳକ, ଉତ୍ତମମାନ ସହ ସର୍ବାଧିକ ରପ୍ତାନୀ ଭାରତର ଇସ୍ପାତକୁ ବିଶ୍ୱରେ ପ୍ରତିଷ୍ଠିତ କରିପାରିବ । ଇସ୍ପାତ୍ ଶିଳ୍ପକୁ ଗୁରୁତ୍ୱ ଦେବାସହ ଏହି ଶିଳ୍ପର ଆବଶ୍ୟକତା ପୂରଣ କରିବା ପାଇଁ ସେ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ତରାଷ୍ଟ୍ରୀୟ ବଜାରରେ ଭାରତୀୟ ଉତ୍ପାଦର ବହୁତ ଚାହିଦା ରହିଛି । ଇସ୍ପାତ୍ ଶିଳ୍ପର ବିଭିନ୍ନ ଦାବିକୁ ଉଚିତ୍ ବିଚାର କରାଯିବା ସହିତ ଏ ସମ୍ପର୍କିତ ସମସ୍ୟାର ସମାଧାନ ଶୀଘ୍ର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପଟେ ବୈଠକରେ ଶିଳ୍ପ ଅଧିକାରୀମାନେ ବିଭିନ୍ନ ପ୍ରସଙ୍ଗ ଉପରେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ବିଶେଷଭାବେ ଶିଳ୍ପ ସହ ଜଡିତ ଆର୍ଥିକ, କଞ୍ଚାମାଲର ସହଜ ଉପଲବ୍ଧ, ମୁକ୍ତ ବ୍ୟାପାର ବୁଝାମଣା ଓ ଖଣିଜ ଅନୁବନ୍ଧ ବିଷୟରେ ଆଲୋଚନା କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଲାଭଭାବସ୍ଥ ଚନ୍ଦ୍ର ବାଧକାଧିପତି ଶନି ଯୁକ୍ତ କାରଣରୁ ପାରିବାରିକ ଦିଗରୁ କିଛିଟା ଚିନ୍ତା ମନକୁ ଚିନ୍ତାଶୀଳ କରାଇପାରେ। ଅବଶ୍ୟ ପ୍ରତ୍ୟୁଷଯାତ୍ରା, ବିବାଦୀୟ ଘଟଣା, ପ୍ରତିଯୋଗିତାମୂଳକ କାର୍ଯ୍ୟରେ ସଫଳତା ମିଳିବାର ଆଶା କରାଯାଇପାରେ। ଦୀର୍ଘ ଦିନର ସୁପରିକଳ୍ପିତ ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗି ପାରନ୍ତି।

**ବୃଷ** ସ୍ୱଗୃହରେ ବୁଧ ରାଶ୍ୟାଧିପତିଙ୍କ ସହ କୋଣଭାବ ମଣ୍ଡନ କରିଥିବାରୁ ଆପଣ ଠିକ୍ ନିଷ୍ପତ୍ତି ନେଇ ପ୍ରଶଂସିତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ ହାସଲ କରିବେ। ନିକଟସ୍ଥ ପାଖ ପଡ଼ୋଶୀମାନେ ସହାୟତା ଆଶା କରି ପାରନ୍ତି। ସଙ୍ଗୀତ କଳା, ସାହିତ୍ୟ, କ୍ରୀଡ଼ା କ୍ଷେତ୍ରରେ ସାମାନ୍ୟ ସମସ୍ୟା ଦେଖାଦେଇପାରେ।

**ମିଥୁନ** ନୀଚସ୍ଥ ଶୁକ୍ର ଚତୁର୍ଥାଧିପତିଙ୍କ ସହ ଅବସ୍ଥାନ କରିଥିବାରୁ ବିଭିନ୍ନ କାରଣକୁ ନେଇ ମାନସିକ ସ୍ଥିରତା ରହିବ ନାହିଁ। ପୂର୍ବ ଯୋଜନା ଅନୁଯାୟୀ କର୍ମ କରନ୍ତୁ ଅବଶ୍ୟ କେତେକାଂଶରେ ସଫଳତା ପାଇବେ। ପୁରାତନ ରୋଗର ପୀଡ଼ା କାମ କରିବାକୁ ନିରୁତ୍ସାହିତ କରିପାରେ। ପରିବହନ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ।

**କର୍କଟ** ଚନ୍ଦ୍ର ନିଜ ଭାବରୁ ଶନି କ୍ଷେତ୍ରରେ ଅଷ୍ଟମସ୍ଥ ଯୋଗୁ ବିଭିନ୍ନ ସମସ୍ୟା ସମାଧାନର କୂଳକିନାରା ପାଇବେ ନାହିଁ । ବିଭିନ୍ନ ପାରିବାରିକ ସମସ୍ୟାକୁ ନେଇ ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବେ। ବ୍ୟବସାୟ ଓ ପରିବହନ, ସଭାସମିତି, ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ସିଂହ** ମଙ୍ଗଳ ରାଶ୍ୟାଧିପତିଙ୍କ ସହ ରହିଥିବାରୁ ସାମାନ୍ୟ କଥାରେ ଉତ୍ତେଜିତ କରାଇ ସମସ୍ୟା ସୃଷ୍ଟି କରିପାରନ୍ତି। ଜମିଜମା କଥା, ସରକାରୀ କାମ, ଆନୁଷ୍ଠାନିକ ଦାୟିତ୍ୱ, ବନ୍ଧୁମିଳନ କ୍ଷେତ୍ରରେ ଆଜି ସତର୍କତାର ସହ କାମ କରିବା ଭଲ। ସକାଳୁ ସକାଳୁ ବନ୍ଧୁଙ୍କ ସାକ୍ଷାତରୁ କିଛି ପରିମାଣରେ ଉପକୃତ ହୋଇପାରନ୍ତି।

**କନ୍ୟା** ବୃହସ୍ପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଅଟକି ରହିଥିବା କାମଗୁଡ଼ିକ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପାରିବାରିକ ଅଶାନ୍ତିକୁ ଦୂରେଇବାରେ ସମର୍ଥ ହେବେ ଏବଂ ସାମାଜିକ ସ୍ତରରେ ଦକ୍ଷତାଭିତ୍ତିକ ପ୍ରଶଂସିତ ହୋଇପାରନ୍ତି। ଆଜିର ଯାତ୍ରାରେ ଲକ୍ଷ୍ୟସ୍ଥଳରେ କିଛିଟା ହଇରାଣ ହରକତ ହେବାକୁ ପଡ଼ିପାରେ।

**ତୁଳା** ଶନିଙ୍କ ସ୍ୱଗୃହକୁ ଶୁଭଦୃଷ୍ଟି ଆଇନ ଅଦାଲତ,ସାମୂହିକ କାର୍ଯ୍ୟ,ସଂଗଠନ, ଟେକ୍‌ନିକାଲ ସମ୍ପର୍କିତ କାର୍ଯ୍ୟ, ଲୌହସମ୍ବନ୍ଧିତ ବ୍ୟବସାୟରେ ସୁଫଳ ପାଇବେ। କିନ୍ତୁ କେତେକ ଦୀର୍ଘମିଆଦି ଯାଜନା ଫସର ଫାଟିଯିବା କାରଣରୁ ସାମୟିକ ମନ ଭଲ ରହି ନ ପାରେ। ଆଜି ହଠାତ୍ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବାର ସମ୍ଭାବନା ରହିଛି।

**ବିଛା** ଆପଣଙ୍କର ସୁଚିନ୍ତିତ ଯୋଜନା ଓ ସିଦ୍ଧାନ୍ତ ଦିନଚର୍ଯ୍ୟାକୁ ବଦଳାଇ ଦେଇପାରେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଂଗୀତ ,କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ଆଶା ଓ ବିଶ୍ୱାସର ସହ କାମ କରି ଚାଲନ୍ତୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** ମଙ୍ଗଳ ଶୁଭଭାବରେ ରହି ମଙ୍ଗଳଜନକ କାମ,ଗୃହୋପଯାଗୀ ପ୍ଲଟ,ବିଦ୍ୟୁତ ବ୍ୟବସାୟ,ମୃତ୍ତିକା ସମ୍ବନ୍ଧିତ କାର୍ଯ୍ୟ ପାଇଁ ସୁଫଳ ପ୍ରଦାନ କରିବେ। ସଭାସମିତି କିମ୍ବା ଅଫିସିଆଲି ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବ୍ୟବସାୟ,ପରିବହନ, ଶିଳ୍ପରେ କ୍ଷତିର ଭରଣା କରିବା ସକାଶେ ଚେଷ୍ଟା କରିବେ।

**ମକର** ନୀଚାଂଶଗତ ଶୁକ୍ର ଓ ମଙ୍ଗଳ ପ୍ରଭାବରେ ବହୁତ ଦିନର ସୁସମ୍ପର୍କ ବାଧାପ୍ରାପ୍ତ ହେବ। କିନ୍ତୁ ଆପଣ ପରିସ୍ଥିତି ଯାହା ହେଉ ନା କାହିଁକି, ଆଜି ଯେ କୌଣସି ପ୍ରକାରେ ସମସ୍ତ କାମ ଶେଷ କରିବାକୁ ବାଧ ହେବେ। କଳା,ସାହିତ୍ୟ,କ୍ରୀଡ଼ା, ଚଳଚ୍ଚିତ୍ରାଦିରେ ସମସ୍ୟା ସମାଧାନ ହୋଇଯିବ । ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିରେ ଆଣି ଦୋଷାରୋପ କରିପାରନ୍ତି।

**କୁମ୍ଭ** ଷଷ୍ଠାଧିପତି ଚନ୍ଦ୍ର ରାଶିରେ ରହୁ ଥିବାରୁ ଋଣ ପରିଶୋଧ କରିବା ସକାଶେ ଦୁଶ୍ଚିନ୍ତା ଲାଗିରହିବ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଧୈର୍ଯ୍ୟହରା ପରିସ୍ଥିତିକୁ ହୃଦୟଙ୍ଗମ କରି କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ଜଣେ ଅଜଣା ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ** ଗୁରୁଦୃଷ୍ଟିରୁ ଯଦିଓ ଆପଣ ଲକ୍ଷ୍ୟହାସଲରେ କୃତକାର୍ଯ୍ୟ ହେବେ, ତଥାପି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ସମସ୍ୟା ସୃଷ୍ଟି କରିବ। ପଦାଧିକାରୀଙ୍କ ଚାପ କିମ୍ବା ଗୁରୁଦାୟିତ୍ୱ ବହନ କରି ଅଫିସ୍ କାମର ଜଞ୍ଜାଳ ବୃଦ୍ଧି ପାଇପାରେ। ଜଣେ ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିବେ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇପାରେ।

ଆଜି ଦିବା ଘ୯ ।୫୧ମି.ପର୍ଯ୍ୟନ୍ତ ପୂର୍ଣ୍ଣିମା, ଭାଗବତ ଜନ୍ମ, ଶ୍ରୀମନ୍ଦିରେ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଇନ୍ଦ୍ରହାତୀ ପ୍ରସ୍ତାବ, ଇନ୍ଦ୍ରମାଧବ ବନ୍ଦାପନା, ସପ୍ତମେଘ ବିସର୍ଜନ, ତତ୍ପରେ ଆଶ୍ୱିନ କୃଷ୍ଣ ପ୍ରତିପଦା, ଅପରପକ୍ଷ ଆରମ୍ଭ, ସେପ୍ଟେମ୍ବର ୧୪ ତାରିଖ,ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ(ସେପ୍ଟେମ୍ବର ୨ୟ ଶନିବାର,) ଅଦ୍ୟ ହିନ୍ଦୀ ଦିବସ,ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ୍/କୁମ୍ଭ, ଧନୁରାଶିର ଘାତଚନ୍ଦ୍ର,ପ୍ରତିପଦାର ଶ୍ରାଦ୍ଧ(ମହାଳୟାବିଧିରେ କରାଯିବ), ଦିବା ଘ୧୧ ।୫୦ମି. ଗତେ ଘ୧ ।୩୦ମି. ମଧ୍ୟେ, ଘ୩।୦୩ମି. ଗତେ ଘ୪ ।୪୦ମି. ମଧ୍ୟେ ଅମୃତବେଳା ।

classifieds Everyday
0674-2580101, 2549302

real estate

SALE

4000 sqft plot sale at Patia (near Big Bazar), Bhubaneswar. Directly buyer Contact Deepak-9937329999. D-66298

Gharabari boundary plot Infocity-2 near 200ft. road side. Direct owner-8144391451. D-66768

କଟକ-ଗୋପାଳପୁର ଧାଙ୍କୁଲେଇପିଠରୁ 3k.m sqft.250/-, ବାଲକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440. D-66769

4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999. D-66292

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

Simplex 2BHK, Tankapani road, Saitemple, 1500sqft land 27,40,000/, BJEM-(2) simplex 1200sqft 15,80,000/- (Finance available). 7735738102. D-14292

For sale at Cantonment road, Cuttack, 3BHK, Luxury apartment (as per Vastu) with covered parking. Contact: 9658950455 / 9437003055. D-14256

ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। Contact: 8249292535. D-66780

1500sqft gharabari plot 30ft wideroad 2km. before Xavier University, Bhubaneswar for sale. 9937162220. D-66188

Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619. D-66781

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-14331

212 decml gharabari sthitiban plot, yellowzone on 60ft road adjacent to 200ft road at a distance of 100mtrs @ 1.1 crore for sale. Contact: Owner -9338342502. D-67390

Flats for sale at DHPL Crystal Raghunathpur. Contact: 9937059891, 8908292617. D-14330

BDA approval ଯୋଗ୍ୟ ପ୍ଲଟ୍ Symphony Mall ପାଖରେ 50,40,000/- ରେ ବିକ୍ରିହେବ। Contact buyer only - 9040059669. D-67063

to-let

Single room attached bath, kitchen for bachelors, Udayagiri Vihar, Patrapada, Bhubaneswar. 9861061549. D-67703

Cold store size 15x12x10 near Rasulgarh Chhaka, Bhubaneswar. 8917525377, 9777509408. D-14333

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Refresh your mind and soul with best therapy at Orchid Salon/Spa. 9937287222. D-66958

Kajal ayurvedic massage club fully relaxed by smart lady, home service available. 9937637219. D-66960

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

business

Stitching long term project contract for tailoring, professionals. Gujarat Textile, Bhubaneswar. 7978852917. D-14329

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of affidavit before Notary Public, Bhubaneswar my name is Gajanfar Ali Khan instead of Gajanfat Ali Khan. Therefore, my name is Gajanfar Ali Khan for all purposes. D-67705

Before Notary Public, G. Udayagiri, Kandhamal, I Dasaratha Digal changed my surname from Digal to Pradhan. Henceforth, I shall be known as Dasaratha Pradhan for all purposes. (Official and non official matters). D-66617

କୃତୀ ଛାତ୍ରୀ


ନାମ: ଲିପ୍‌ସା ପ୍ରିୟଦର୍ଶିନୀ ସାହୁ

ଧର୍ମବିହାର ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀ ଲିପ୍‌ସା ପ୍ରିୟଦର୍ଶିନୀ ସାହୁ ତୃତୀୟ ଶ୍ରେଣୀରେ ସରକାରୀ ବୃତ୍ତି ପାଇଛନ୍ତି। ତାଙ୍କର ମାତା ସସ୍ମିତା ସାହୁ ଓ ପିତା ସଞ୍ଜୟ ସାହୁ ବିଦ୍ୟାଳୟ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଧ-୧୪୩୩୨



## ଜିଲ୍ଲା ଚିଠି
### କଟକ

# ଦଶହରା ବନାମ ନୂଆ ଆଇଆଇସି

ଐତିହ୍ୟ ସହର କଟକ ବର୍ଷର ଗୋଟିଏ ସମୟରେ ସବୁଠାରୁ ଅଧିକ ଚଳଚଞ୍ଚଳ ହୋଇଯାଏ। ମାତ୍ରାଧିକ ଲୋକଙ୍କ ପାଦ ଏହି ସହରରେ ପଡ଼େ। ରାଜ୍ୟର ବିଭିନ୍ନ ପ୍ରାନ୍ତ ସମେତ ରାଜ୍ୟ ବାହାରର ଲୋକ ଏଠାକୁ ଆସନ୍ତି। ଏହି ବ୍ୟସ୍ତବହୁଳ ସମୟଟି ହେଉଛି ଦଶହରା। ପାର୍ବଣର ଭିଡ଼ ଭିତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତ କରିବା ପୋଲିସ ପାଇଁ କଷ୍ଟକର ହୋଇଥାଏ। ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଗୋଷ୍ଠୀ ବିବାଦ ମଧ୍ୟ ଦେଖାଦିଏ। ଫଳରେ ପୋଲିସ ଦଶହରା ପୂର୍ବରୁ ଅପରାଧୀ ସାବାଡ଼ ଅଭିଯାନ କରିଥାଏ। ସ୍ଲମରରେ ରୁହନ୍ତି ଅନେକ ପେସାଦାର ଅପରାଧୀ। ବିଗତ ବର୍ଷଗୁଡ଼ିକରେ ପୋଲିସ ଦଶହରାକୁ ଶାନ୍ତିଶୃଙ୍ଖଳାରେ ଶେଷକରିବା ପାଇଁ ଅନେକ ଚେଷ୍ଟା କରିଛି। ତଥାପି କେଉଁଠି ନା କେଉଁଠି ଅପରାଧୀମାନେ ନିଜର ସ୍ଥିତି ଜାହିର କରିବାର ଉଦାହରଣ ରହିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ଦୁର୍ଗାପୂଜା ଓ ପୋଲିସର କାର୍ଯ୍ୟକଳାପକୁ ଦେଖିଲେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ଭାଳିବା କଷ୍ଟକର ହେବ ବୋଲି ମନେହେଉଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ସହରର ୧୮ଟି ଯାକ ଥାନାର ଆଇଆଇସି ବଦଳି ହୋଇ ଯାଇଥିଲେ, ଯେଉଁମାନେ ବେଶ କିଛିବର୍ଷ ଧରି କଟକ ଓ ଏହାର ଭାଇଚାରା ସହ ଜଡ଼ିତ ଥିଲେ। ଏବେ ପ୍ରାୟ ସବୁ ଥାନାରେ ନୂଆ ଆଇଆଇସି, ଯେଉଁମାନେ କଟକ ସହରର ପାର୍ବଣ ସହ ଆଗରୁ ପରିଚିତ ନାହାନ୍ତି। ଏପରିକି କଟକର ପ୍ରତ୍ୟେକ ଗଳିକନ୍ଦି ବି ଜାଣି ନାହାନ୍ତି। ତେଣୁ ପୂଜାକୁ ସୁଚାରୁରୂପେ ପରିଚାଳନା କରିବା କଷ୍ଟସାଧ୍ୟ ହେବ। ନଚେତ୍ ଅନ୍ୟର ସହାୟତା ନେଇ ସେମାନେ ପୂଜା ପ୍ରସ୍ତୁତିକୁ ଓହ୍ଲାଇବେ। ନୂଆ ଆଇଆଇସିମାନଙ୍କର ମଙ୍ଗ ଧରିବେ ଏଠାରେ ଚାକିରି ଜୀବନର୨ବର୍ଷ କାଟି ସାରିଥିବା ଡିସିପି ଅଖିଳେଶ୍ୱର ସିଂ। ଚର୍ଚ୍ଚା ହେଉଛି କଟକରୁ ବଦଳି ହୋଇଥିବା ୩ଜଣ ପୁରୁଣା ଥାନା ଆଇଆଇସିଙ୍କୁ ଖାସ ପୂଜା ପାଇଁ କଟକକୁ ଫେରାଇ ଅଣାଯିବାକୁ ଉଦ୍ୟମ ହେଉଛି।

– କୁମାରଶ୍ରୀ ସାହୁ

# 'ଗଣତନ୍ତ୍ରରେ ଶିଷ୍ଟାଚାର ଆବଶ୍ୟକ'

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ଗଣତାନ୍ତ୍ରିକ ଶିଷ୍ଟାଚାର ଏକ ଅଧିକାର। ସଂସଦୀୟ କାର୍ଯ୍ୟ କରୁଥିବା ଜଣେ ଜନପ୍ରତିନିଧି ଏହାକୁ ଭୁଲିଯିବା ଉଚିତ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଧାନସଭା ସମ୍ମିଳନୀ କକ୍ଷରେ ନବନିର୍ବାଚିତ ବିଧାୟିକାବିଧାୟକଙ୍କ ପାଇଁ ଆରମ୍ଭ ହୋଇଥିବା ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନବୀନ ଏହି କଥା କହିଛନ୍ତି। ଲୋକ ସଭା ସଚିବାଳୟ ଏବଂ ବିଧାନସଭାର ମିଳିତ ଆନୁକୂଲ୍ୟରେ ଏହି କର୍ମଶାଳା ହେଉଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଣତାନ୍ତ୍ରିକ ଶିଷ୍ଟାଚାର ପରି ସରଳତାର ମଧ୍ୟ ଆବଶ୍ୟକତା ରହିଛି। ଜନପ୍ରତିନିଧି ଯିଏ ହୁଅନ୍ତୁ ନା କାହିଁକି, ସେ ପ୍ରଥମେ ସରଳ ହେବା ଆବଶ୍ୟକ। ସରଳ ହେବା ଦ୍ୱାରା ହିଁ ଜନପ୍ରତିନିଧିମାନେ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇ ପାରିବେ। ସରଳ ଜୀବନଯାପନ ଲୋକମାନଙ୍କ ସହ ପ୍ରତ୍ୟକ୍ଷ ଭାବେ ଯୋଡି ହେବାରେ ସହାୟକ ହୋଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଭାରତବର୍ଷରେ ବହୁ ବିବିଧତା ରହିଛି। ହେଲେ ଏହା ସତ୍ତ୍ୱେ ବି ବର୍ଷକୁ ବର୍ଷ ଗଣତନ୍ତ୍ର ସମୃଦ୍ଧ ହୋଇ ଚାଲିଛି। ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସଂସ୍ଥାନଗୁଡିକ ଉପରେ ଜନସାଧାରଣଙ୍କ ବିଶ୍ୱାସ ଜନ୍ମାଇ ପାରିବାରେ ହିଁ ଏହାର ମୂଳ ଉଦ୍ଦେଶ୍ୟ। ଜନସାଧାରଣ ହିଁ ଗଣତନ୍ତ୍ରରେ ପ୍ରକୃତ ପ୍ରଭୁ, ନିର୍ବାଚିତ ସମସ୍ତ ଜନପ୍ରତିନିଧି ଏହା ବୁଝିପାରୁଥିବେ। ଯେ କୌଣସି ପଦରେ ନିର୍ବାଚିତ ପ୍ରତିନିଧି ରୁହନ୍ତୁ ନା କାହିଁକି, ଗଣତନ୍ତ୍ରରେ ଲୋକ ହିଁ ସର୍ବୋଚ୍ଚ। ତେଣୁ ଜନ ପ୍ରତିନିଧି ପ୍ରତିଟି କାର୍ଯ୍ୟକ୍ରମ ଲୋକକୈନ୍ଦ୍ରିକ ହେବା ଉଚିତ ବୋଲି ନବୀନ କହିଥିଲେ। ସେହିପରି ଆଇନ ପ୍ରଣୟନ ବିଧାୟକମାନଙ୍କ ପ୍ରାଥମିକ ଦାୟିତ୍ୱ। ତେଣୁ ଏଥିପାଇଁ ଆବଶ୍ୟକ ସାଧାରଣଜ୍ଞାନ, ସଂସଦୀୟ ବିଷୟ ସମ୍ପର୍କିତ ଧାରଣା ସହ ସାମାଜିକ-ଅର୍ଥନୈତିକ ଦିଗକୁ ବୁଝିବା ଆବଶ୍ୟକତା ଅପରିହାର୍ଯ୍ୟ। ଉପରୋକ୍ତ ସମସ୍ତ ବିଷୟରେ ଧାରଣା ହିଁ ନୀତି ନିର୍ଦ୍ଧାରଣରେ ସହାୟକ ହୋଇଥାଏ। ପ୍ରତିଟି ଆଇନ ଓ ନୀତି ନିର୍ଦ୍ଧାରଣ ସାଧାରଣ ଜନତାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କରାଯାଇଥାଏ। ତେଣୁ ନୀତି ନିର୍ଦ୍ଧାରଣରେ ଲୋକମାନଙ୍କୁ ସାମିଲ କରାଇବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନୁରୂପ ଭାବେ ଗଣତନ୍ତ୍ରରେ ସାଧାରଣ ଲୋକଙ୍କ ସମସ୍ୟା ଉପସ୍ଥାପନ କରିବା ମଧ୍ୟ ଏକ ପ୍ରମୁଖ କାର୍ଯ୍ୟ ବୋଲି ସେ ଉଲ୍ଲେଖ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିଲେ। ବିଧାନସଭା ସଚିବ ଦାସରଥୀ ଶତପଥୀ ସ୍ୱାଗତ ଭାଷଣ ଦେଉଥିବାବେଳେ ଲୋକ ସଭା ସଚିବାଳୟର ପି.ଆର୍.ଆଇ.ଡି.ଇ. ନିର୍ଦ୍ଦେଶକ ପୁଲିନ୍ ଭୂଟିଆ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଉପବାଚସ୍ପତି ରଜନୀ ସିଂ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଏହା ପରେ ବିଧାନସଭାରେ ଥିବା କମିଟି ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ହୋଇଥିଲା। ଲୋକ ସଭା ସଚିବାଳୟ ନିର୍ଦ୍ଦେଶକ ଏମ୍.କେ. ମଧୁସୁଦନ ଏବଂ ବରିଷ୍ଠ ବିଧାୟକ ଅମର ଶତପଥୀ ଏହାକୁ ପରିଚାଳନା କରିଥିଲେ। ପ୍ରତିନିଧିମାନେ ମଧ୍ୟ ବିଭିନ୍ନ ପ୍ରଶ୍ନ ପଚାରି ସଂସଦୀୟ ଜ୍ଞାନ ଅର୍ଜନ କରୁଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ବୈଧାନିକ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଓ ଲୋକ ସଭା ସଚିବାଳୟ ଯୁଗ୍ମ ସଚିବ ରବୀନ୍ଦ୍ର ଗାରିମେଲ୍ଲା ଏହାକୁ ପରିଚାଳନା କରିଥିଲେ। ଏହା ପରେ ସଂସଦୀୟ ବିଶେଷ ପରମ୍ପରା, ବିଶେଷ ଅଧିକାର ଓ ଶିଷ୍ଟାଚାର ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଧାୟକ ସନ୍ତୋଷ ସିଂ ସାଲୁଜା, ବିରୋଧୀ ମୁଖ୍ୟ ସଚେତକ ମୋହନ ମାଝି, ରାଜ୍ୟ ମନ୍ତ୍ରୀ ପରିଷଦର ସଦସ୍ୟ ତଥା ନବନିର୍ବାଚିତ ବିଧାୟିକାବିଧାୟକମାନେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଏବଂ ଅଭିଜ୍ଞତା ହିଁ ଜନପ୍ରତିନିଧିମାନଙ୍କୁ ଅଧିକ ଦାୟିତ୍ୱ ସମ୍ପନ୍ନ କରିବ ବୋଲି ବାଚସ୍ପତି ପାତ୍ର ମତ ଦେଇଥିଲେ।

ପ୍ରଶିକ୍ଷଣ ସମ୍ପର୍କରେ ନବାଗତା ବରୀ ବିଧାୟିକା ସୁନନ୍ଦା ଦାସ କହିଛନ୍ତି ଯେ, ବିଧାନସଭା କାର୍ଯ୍ୟାବଳୀ ସମ୍ପର୍କରେ ବହୁତ କିଛି ଜାଣିବାକୁ ମିଳିଥିଲା। ବରିଷ୍ଠ ଏବଂ କନିଷ୍ଠମାନେ ଏକାଠି ଅଂଶଗ୍ରହଣ କରୁଥିବାରୁ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ଅବଗତ ହୋଇପାରିଲୁ। ପରବର୍ତ୍ତୀ ଅଧିବେଶନଗୁଡିକରେ ଶିଖିଥିବା କାର୍ଯ୍ୟର ପ୍ରୟୋଗ କରିବୁ ବୋଲି ସୁନନ୍ଦା କହିଛନ୍ତି। ସେହିପରି ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ କହିଛନ୍ତି ଯେ, ଆଗକୁ ଇ-ବିଧାନସଭା ହେବାକୁ ଯାଉଛି। ଏହାକୁ ସମସ୍ତେ ସ୍ୱାଗତ କରିଥିଲେ। ପୂର୍ବରୁ ବିଧାନସଭା କାର୍ଯ୍ୟବଳୀକୁ ନେଇ ସମ୍ୟକ ଧାରଣା ରହିଥିଲା। ହେଲେ ପ୍ରଶିକ୍ଷଣ ଦ୍ୱାରା ସେ ସମ୍ପର୍କରେ ବିଶେଷ ଭାବେ ଜାଣିହେଲା।



ନବନିର୍ବାଚିତ ବିଧାୟକଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଓ ଅନ୍ୟମାନେ।

- ବିଧାୟକଙ୍କ ପାଇଁ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ
- ସରଳ ଜୀବନଯାପନ ଉପରେ ଗୁରୁତ୍ୱ
- ସଂସଦୀୟ ଜ୍ଞାନ ଅର୍ଜନ କଲେ ନବାଗତ

# ଟ୍ରେନ ଲାଇନରେ ଫସିଲା ଟ୍ରେଲର



ରେଳ ଧାରଣାରେ ଟ୍ରେଲର।

ମୁନିଗୁଡା, ୧୩।୯(ଡ଼ି.ଏନ.ଏ)

ରାୟଗଡା ଜିଲା ମୁନିଗୁଡା ରେଳ ଫାଟକ ନିକଟରେ ଶୁକ୍ରବାର ଏକ ଟ୍ରେଲର ବ୍ରେକ ଫେଲ ହୋଇ ରେଳ ଲାଇନ ଉପରେ ଚଢ଼ିଯାଇଛି। ଫଳରେ ମୁନିଗୁଡା-ରାୟଗଡା ମଧ୍ୟରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଶାଖାପାଟଣାରୁ ଟ୍ରେଲର (ଏନଏଲ-୦୨-ଏନ-୭୭୯୨)ଟି ଆଲୁମିନା ପାଉଡର ବୋଝେଇ କରି ଝାରସୁଗୁଡା ଅଭିମୁଖେ ଯାଉଥିଲା। ମୁନିଗୁଡା ରେଳ ଫାଟକ ନିକଟରେ ହଠାତ୍ ଗାଡ଼ିର ବ୍ରେକ ଫେଲ୍ ହୋଇଯାଇଥିଲା। ଡ୍ରାଇଭର ଏହା ଜାଣି ସଙ୍ଗେ ସଙ୍ଗେ ଗାଡିକୁ ରେଳଲାଇନ ଆଡକୁ ବୁଲାଇ ଦେଇଥିଲେ। ହେଲେ ଏଥିରେ କେହି ମୃତାହତ ହୋଇନାହାନ୍ତି। ମୁନିଗୁଡା ଷ୍ଟେଶନରେ ଗାନ୍ଧୀ ଧାମ ପୁରୀ ଏକ୍ସପ୍ରେସ ଦୀର୍ଘ ଦୁଇଘଣ୍ଟା ଧରି ଅଟକି ରହିଥିଲା। ଏଥିସହିତ ଭୁବନେଶ୍ୱର-ଜୁନାଗଡ ଏକ୍ସପ୍ରେସ ବହୁ ସମୟ ଧରି ରେଳଫାଟକ ନିକଟରେ ଅଟକି ରହିଥିଲା। ଏନେଇ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ମୁନିଗୁଡା ଆରପିଏଫର ଏସଆଇ ଗଣପତି ମହାନନ୍ଦ, କନଷ୍ଟେବଲ ପ୍ରଦୀପ କୁମାର ଆଚାର୍ଯ୍ୟ, ଅନନ୍ତ କୁମାର ସାହୁ,ସଞ୍ଜୀବ କୁମାର ନେଗୀଙ୍କ ସହ ଅନ୍ୟ ରେଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଘଣ୍ଟା ପରେ ଜେସିବି ମେଶିନ ସାହାଯ୍ୟରେ ଟ୍ରେଲରକୁ ହଟାଇଥିଲେ। ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ମୁନିଗୁଡା ରେଳବାଇ ପୋଲିସ ଟ୍ରେଲରକୁ ଜବତ କରିବା ସହ ଡ୍ରାଇଭର ଅବଦୁଲ ରାଜକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଅନ୍ୟପଟେ ଯଦି ଡ୍ରାଇଭର ଉପସ୍ଥିତ ବୁଦ୍ଧି ଖଟାଇ ଗାଡ଼ିକୁ ରେଳ ଧାରଣାକୁ ନେଇ ନ ଥାନ୍ତେ, ତେବେ ନିକଟରେ ଥିବା ବସ ଷ୍ଟାଣ୍ଡ ଓ ଉଠା ଦୋକାନୀଙ୍କ ବହୁ କ୍ଷତି ଘଟିଥାନ୍ତା। ଡ୍ରାଇଭରଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଦେଶର ପ୍ରଥମ '୫ ଷ୍ଟାର୍' ଉବର୍ ଡ୍ରାଇଭର ରାଣୀ କିନ୍ନର

**ମଧ୍ୟରାତି ହେଉ କି ରାଜଧାନୀ ଭୁବନେଶ୍ୱରର ବ୍ୟସ୍ତବହୁଳ ଟ୍ରାଫିକ୍, ଯାତ୍ରୀଙ୍କୁ ଠିକ୍ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇ ସମସ୍ତଙ୍କ ପ୍ରିୟ ପାଲଟିଛନ୍ତି ରାଣୀ। ଏକୁଟିଆ ମହିଳାଙ୍କୁ ସୁରକ୍ଷିତ ଭାବେ ଘରେ ପହଞ୍ଚାଇ ମହିଳାଙ୍କ ସର୍ବାଧିକ ପ୍ରିୟଭାଜନ ହୋଇଛନ୍ତି ଦେଶର ପ୍ରଥମ ଫାଇଭ୍ ଷ୍ଟାର୍ ରେଟେଡ୍ ଉବର୍ ଡ୍ରାଇଭର୍। ସେଥିପାଇଁ ତ ୯୫ ପ୍ରତିଶତ ବୁକିଂ କେବଳ ମହିଳାଙ୍କଠାରୁ ପାଇବା ସହ ପ୍ରତି ବୁକିଂରେ ସେ ପାଇଥାନ୍ତି ୫ ଷ୍ଟାର୍।**

**ଭୁବନେଶ୍ୱର ୧୩।୯ (ବ୍ୟୁରୋ):** ଦେଶର ପ୍ରଥମ କିନ୍ନର ଓଲା କ୍ୟାବ୍ ଡ୍ରାଇଭର ହୋଇ ସମଗ୍ର ଭାରତରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ମେଘନା ସାହୁଙ୍କ ପରେ ଏବେ ଆଉ ଜଣେ ଓଡ଼ିଆ କିନ୍ନର ସର୍ବଭାରତୀୟସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ମଲ୍ଟିନ୍ୟାଶନାଲ ଟ୍ରାନ୍ସପୋର୍ଟ କମ୍ପାନୀ 'ଉବର୍' ପାଇଁ କ୍ୟାବ୍ ଚଳାଉଥିବା ଓଡ଼ିଶାର ରାଣୀ କିନ୍ନର ଦେଶର ପ୍ରଥମ ଫାଇଭ୍ ଷ୍ଟାର୍ କିନ୍ନର ଉବର୍ ଡ୍ରାଇଭର ହେବାର ଗୌରବ ଅର୍ଜନ କରିଛନ୍ତି। ଅର୍ଥାତ୍ ସର୍ବଶ୍ରେଷ୍ଠ ରେଟିଂ ପାଇଥିବା ଡ୍ରାଇଭର ସହ ଭାରତର ୧ ନମ୍ବର ଉବର୍ ଡ୍ରାଇଭର ହୋଇଛନ୍ତି ରାଣୀ। ମେଘନାଙ୍କ ପରେ ରାଣୀଙ୍କ ଏହି ସଫଳତା ଏବେ କେବଳ ଓଡ଼ିଶାର ନୁହେଁ, ବରଂ ଦେଶର ବହୁ କିନ୍ନରଙ୍କୁ କ୍ୟାବ୍ ଡ୍ରାଇଭିଂ ପ୍ରତି ଆକର୍ଷିତ କରୁଛି। ଏହାସହ ଭିକ୍ଷାବୃତ୍ତି ଏବଂ ଅସାମାଜିକ ପନ୍ଥା ଆପଣାଇବା ଛାଡ଼ି କିଛି ନୂଆ କରିବାର ସାହସ ଯୋଗାଇଛି। ୨୦୧୮ରେ ଓଡ଼ିଶାର ମେଘନା ସାହୁ ଦେଶର ପ୍ରଥମ ଏବଂ ଏକମାତ୍ର ଓଲା କ୍ୟାବ୍ ଡ୍ରାଇଭର ହୋଇ ଲୋକଲୋଚନକୁ ଆସିଥିଲେ। ଚିରାଚରିତକୁ ପଛରେ ପକାଇ ଏକ ନୂତନ ରାସ୍ତାରେ ଅଗ୍ରସର ହେବାସହ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିଲେ। ଏହାପରେ ଓଡ଼ିଶାର ରାଣୀ କିନ୍ନର ଦେଶର ପ୍ରଥମ ଉବର ଡ୍ରାଇଭର ହେବାର ଗୌରବ ଅର୍ଜନ କରିଥିଲେ। କିନ୍ନର ହୋଇ ମଧ୍ୟ ସମାଜରେ କିଭଳି ସମ୍ମାନର ସହ ବଞ୍ଚିହେବ ତାହାକୁ ସେ ପ୍ରମାଣିତ କରିଥିଲେ। କିନ୍ନରମାନଙ୍କ ପ୍ରତି ଥିବା ଲୋକଙ୍କ ଦୃଷ୍ଟିଭଙ୍ଗୀକୁ ଖାତିର ନ କରି ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଆଜି ସଫଳତାର ଆଉ ଏକ ସୋପାନ ଅତିକ୍ରମ କରିଛନ୍ତି। ଅନ୍ୟମାନଙ୍କ ଭଳି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ପ୍ରଥମେ ଭୁବନେଶ୍ୱରରେ ଅଟୋ ଚଳାଇବା ଆରମ୍ଭ କରିଥିଲେ ରାଣୀ। ହେଲେ କିନ୍ନର ହୋଇଥିବାରୁ ସମସ୍ତଙ୍କ ପରି ସେ ମଧ୍ୟ ଭେଦଭାବର ଶିକାର ହୋଇଥିଲେ। ତାଙ୍କ ଅଟୋରେ ଗ୍ରାହକ ବସିବାକୁ କୁଣ୍ଠାବୋଧ କରୁଥିଲେ। ତେଣୁ ଅଟୋ ଛାଡ଼ି ସେ କ୍ୟାବ୍ ଚଳାଇବା କଥା ଚିନ୍ତା କରିଥିଲେ। ଏହାପରେ ସେ ଉବର୍‌ରେ ଯୋଗଦେଇ ଭୁବନେଶ୍ୱରରେ ଡ୍ରାଇଭିଂ ଆରମ୍ଭ କରିଥିଲେ। ସବୁବେଳେ ଯାତ୍ରୀଙ୍କ ସୁରକ୍ଷା ଏବଂ ଠିକ୍ ସମୟରେ ସେମାନଙ୍କୁ କିଭଳି ଗନ୍ତବ୍ୟସ୍ଥଳରେ ପହଞ୍ଚାଇବେ ସେହିଲକ୍ଷ୍ୟନେଇ ଯାତ୍ରା ଆରମ୍ଭ କରୁଥିଲେ। ଫଳରେ ଅଧିକାଂଶ ଯାତ୍ରୀ ତାଙ୍କୁ ୫ ଷ୍ଟାର ରେଟିଂ ଦେଉଥିବାବେଳେ ମହିଳା ଯାତ୍ରୀମାନେ ତାଙ୍କ ସହ ଯାତ୍ରା କରିବାକୁ ପସନ୍ଦ କରନ୍ତି। ଯାହାକି ତାଙ୍କ ରେକର୍ଡକୁ ଦେଖିଲେ ସ୍ପଷ୍ଟ ବାରିହୁଏ। ୯୫ ପ୍ରତିଶତ କେବଳ ମହିଳା ତାଙ୍କ କ୍ୟାବ୍‌ରେ ଯାତ୍ରା କରିଥିବାବେଳେ ତାଙ୍କ ଦକ୍ଷ ଗାଡ଼ି ଚାଳନା ଓ ଉତ୍ତମ ବ୍ୟବହାରରେ ଖୁସି ହୋଇ ସମସ୍ତେ ତାଙ୍କୁ ୫ ଷ୍ଟାର୍ ରେଟିଂ ଦେଇଛନ୍ତି। ଅନ୍ୟପକ୍ଷରେ ଉଭୟ ରାଣୀ ଓ ମେଘନାଙ୍କ ପଦାଙ୍କକୁ ଅନୁସରଣ କରି ଆଗରୁ ଯେଉଁ କିନ୍ନରମାନେ ଟ୍ରେନ୍‌ରେ ଭିକ୍ଷାବୃତ୍ତି କରୁଥିଲେ, ସେମାନେ ଏବେ ଅଟୋ ଚଳାଉଛନ୍ତି।



### ବିଦ୍ୟୁତ୍ ଭିତ୍ତିଭୂମି ପୁନରୁଦ୍ଧାର ପାଇଁ ତତ୍ପରତା

# ୫୦ କୋଟି ଦେଲା କୋଲ୍ ଇଣ୍ଡିଆ

**ଭୁବନେଶ୍ୱର, ୧୩।୯(ବ୍ୟୁରୋ):** ବାତ୍ୟା ଫନୀ ଯୋଗୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶକ୍ତି ଭିତ୍ତିଭୂମିର ବ୍ୟାପକ କ୍ଷତି ହୋଇଛି। ଏହାର ପୁନରୁଦ୍ଧାର ପାଇଁ କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ରାଜ୍ୟ ସରକାରଙ୍କୁ ୫୦ କୋଟି ୩୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଶୁକ୍ରବାର ଲୋକସେବା ଭବନଠାରେ କୋଇଲା ମନ୍ତ୍ରଣାଳୟର ସଚିବ ସୁମନ୍ତ ଚୌଧୁରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ କୋଇଲା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆଶିଷ ଉପାଧ୍ୟାୟ, କୋଲ ଇଣ୍ଡିଆର ଅଧ୍ୟକ୍ଷ ଏ.କେ. ଝା, ସ୍ୱତନ୍ତ୍ର ରିଲିଫ କମିଶନର ପି.କେ. ଜେନା, ଓଡ଼ିଶା ଶକ୍ତି ସଚିବ ବିଷ୍ଣୁପଦ ସେଠୀ ଏବଂ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ(ଏମସିଏଲ)ର ପରିଚାଳନା ନିର୍ଦ୍ଦେଶକ ବି.ଏନ. ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ଓପିଟିସିଏଲ ଜରିଆରେ ଏହି ପୁନରୁଦ୍ଧାର କାର୍ଯ୍ୟ କରାଯିବ। ଏଥିରେ ପୁରୀ, ଭୁବନେଶ୍ୱର, କଟକ ଓ କୋଲ୍ ଇଣ୍ଡିଆର କାର୍ଯ୍ୟକ୍ଷେତ୍ର ମଧ୍ୟରେ ଥିବା ଅଞ୍ଚଳଗୁଡିକରେ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତି ପାଇଁ ୩ଟି ୨୨୦ କେ.ଭି. ଏବଂ ୨ଟି ୧୩୨ କେ.ଭି. ଟ୍ରାନ୍ସମିଶନ ଲାଇନ ସ୍ଥାପନ କରାଯିବ।

# ଘୁଞ୍ଚିଲା ଅନ୍‌ଲାଇନ୍ ଫି' ଦାଖଲ ଅବଧି

**ଯୁକ୍ତ୩ ନାମଲେଖା**

**ଭୁବନେଶ୍ୱର, ୧୩।୯(ବ୍ୟୁରୋ):** ଯୁକ୍ତ୩ରେ ନାମଲେଖା ପାଇଁ ଅନ୍‌ଲାଇନ୍ ଫି' ଦାଖଲ ଅବଧି ଘୁଞ୍ଚିଛି। ଆସନ୍ତା ୧୬ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଫି' ପ୍ରଦାନ କରିପାରିବେ। ଏଥିସହିତ ସାମ୍ସରେ ନାମଲେଖା ତଥ୍ୟ ଅପ୍‌ଡେଟ୍ ହେବା ପାଇଁ ମଧ୍ୟ ତାରିଖ ଘୁଞ୍ଚାଯାଇଛି। ୧୬ତାରିଖ ଦିନ ସନ୍ଧ୍ୟା ୫ଟାରେ ନାମଲେଖା ତଥ୍ୟ ଅପ୍‌ଡେଟ୍ ହେବ। ଏନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଡିଗ୍ରୀ, ସ୍ୱୟଂଶାସିତ, ସେଲ୍ଫ ଫାଇନାନ୍ସିଂ ଓ ସଂସ୍କୃତ(ଶାସ୍ତ୍ରୀ) କଲେଜ ପ୍ରିନ୍ସିପାଲଙ୍କୁ ଚିଠି ଦିଆଯାଇ ଅବଗତ କରାଯାଇଛି।


## ମନେ ପଡ଼ନ୍ତି

**୫ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରମାମଣୀ ବେହେରା
ସ୍ୱାମୀ: ଶ୍ରୀ ଦାଶରଥି ବେହେରା
ପ୍ଲଟ୍ ନଂ: ୧୫୮, ନୂଆପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୦୪।୦୮।୧୯୫୪
ତିରୋଧାନ: ୧୪।୦୯।୨୦୧୪
ବୋଉ!
ଆଜିର ୫ମ ବାର୍ଷିକୀ ଶ୍ରାଦ୍ଧ ଦିବସରେ ତୋର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି। ଯେଉଁଠାରେ ଅଛୁ ଭଲରେ ଥାଆ। ତୋର ସ୍ନେହ, ଆଶୀର୍ବାଦ ସର୍ବଦା ଆମ ପ୍ରତି ଥାଉ।
**ଶୋକସନ୍ତପ୍ତ**
ପୁଅ: ଲୁଲୁ, ବୋହୂ: ଟିଙ୍କୁ, ଝିଅ: ମାମା, ଜ୍ୱାଇଁ: ଟୁଟୁ, ନାତୁଣୀ: ଦିପାଂଶୀ, ନାତି: ଦେବ୍ୟାଂଶ, ପୁତୁରା, ପୁତୁରା ବୋହୂ, ଦିପୁ ଓ ଝରା।
ଧ-୭୫୬୯୦

**SAD DEMISE**



DR. BISHNU PRASAD DAS
Date of Birth: 24.12.1937
Date of Demise: 13.09.2019
We regret to inform the Sad Demise of Dr. Bishnu Prasad Das on 13.09.2019 at Kualalumpur, Malaysia. Shradhanjali may be offered between 2 and 4.30 P.M. on 14.09.2019 at : 594/1022, BJB Nagar, Near Rabi Talkies Square, Lewis Road, Bhubaneswar after which the funeral rites will be performed.
ଧ-୭୭୦୬୪

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଗୁନ ରାଉତ
ଆବିର୍ଭାବ: ୦୫।୦୧।୧୯୫୫
ତିରୋଧାନ: ୧୪।୦୯।୨୦୧୨
ସପ୍ତମତମ ଶ୍ରାଦ୍ଧବାର୍ଷିକରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଆମେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ। ଆପଣଙ୍କର ଯିବାର ଏତେଦିନ ହେଲାଣି ହେଲେ ଆମେମାନେ ଏବେବି ଆପଣଙ୍କୁ ମନେ ପକାଉଛୁ ଏବଂ ଆପଣଙ୍କର ଦେଖାଇଥିବା ବାଟରେ ଅନୁସରଣ କରି ଚାଲୁଛୁ।
**ଶୋକସନ୍ତପ୍ତ:**
ବନ୍ଧୁ ଓ ପରିବାରବର୍ଗ
ଧ-୧୪୩୩୪


### ବିଶ୍ୱ ଆର୍ଥିକ ସ୍ୱାଧୀନତା ସୂଚକାଙ୍କ

# ୭୯ତମ ସ୍ଥାନକୁ ଉଠିଲା ଭାରତ

**ନୂଆଦିଲ୍ଲୀ, ୧୩।୯:** ଅର୍ଥନୀତିକୁ ନେଇ ଚାରିଆଡେ ନକାରାତ୍ମକ ମନୋଭାବ ପୋଷଣ କରାଯାଉଥିବା ବେଳେ ଦେଶ ଓ ମୋଦି ସରକାରଙ୍କ ପାଇଁ ଏକ ଖୁସିଖବର ଆସିଛି। ବାଣିଜ୍ୟରେ ସୁଗମତା(ଇଜ୍ ଅଫ୍ ଡୁଇଂ ବିଜ୍‌ନେସ) ର୍‍ୟାଙ୍କିଂରେ ଭାରତର ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ହୋଇଥିବା ବେଳେ ଏବେ ବିଶ୍ୱ ଆର୍ଥିକ ସ୍ୱାଧୀନତା ସୂଚକାଙ୍କରେ ଲମ୍ଫ ଡିଆଁ ମାରିଛି। ୧୬୨ ଦେଶଙ୍କ ମଧ୍ୟରେ ଭାରତ ୭୯ତମ ସ୍ଥାନକୁ ଉଠି ଆସିଛି। ଗତବର୍ଷ ଏହି ସୂଚକାଙ୍କରେ ଭାରତର ସ୍ଥାନ ୯୬ ଥିଲା। କାନାଡିଆନ ଥିଙ୍କଟ୍ୟାଙ୍କ ଫ୍ରେଜର ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଭାରତୀୟ ଥିଙ୍କଟ୍ୟାଙ୍କ କୁହାଯାଉଥିବା ସେଣ୍ଟର ଫର୍ ସିଭିଲ ସୋସାଇଟି ଦ୍ୱାରା ମିଳିତ ଭାବେ ଶୁକ୍ରବାର 'ବିଶ୍ୱ ଆର୍ଥିକ ସ୍ୱାଧୀନତା ସୂଚକାଙ୍କ, ୨୦୧୯' ଜାରି କରାଯାଇଛି। ସାରା ବିଶ୍ୱରେ ସରକାରଙ୍କ ଆକାର, ଆଇନ ବ୍ୟବସ୍ଥା ଓ ସମ୍ପତ୍ତି ଅଧିକାର, ମୁଦ୍ରାର ସୁଗମତା, ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟରେ ସ୍ୱାଧୀନତା ଓ ନିୟମ ଆଦି ୫ କ୍ଷେତ୍ରକୁ ବିଚାର କରି ଏହି ର୍‍ୟାଙ୍କ ସ୍ଥିର କରାଯାଇଛି। ବିଶ୍ୱ ଆର୍ଥିକ ସ୍ୱାଧୀନତା ସୂଚକାଙ୍କରେ ହଂକଂ ଶୀର୍ଷରେ ରହିଥିବା ବେଳେ ସିଙ୍ଗାପୁର ଦ୍ୱିତୀୟ ସ୍ଥାନରେ, ନ୍ୟୁଜିଲାଣ୍ଡ ତୃତୀୟ, ସୁଇଜରଲ୍ୟାଣ୍ଡ ଚତୁର୍ଥ ଓ ଆମେରିକା ପଞ୍ଚମ ସ୍ଥାନରେ ରହିଛି। ପ୍ରତିଷ୍ଠିତ ବିଶ୍ୱ ର୍‍ୟାଙ୍କିଂରେ ଭାରତ ୧୭ ସ୍ଥାନ ଉପରକୁ ଉଠିଥିବା ବେଳେ ପଡୋଶୀ ଚାଇନା ତଳକୁ ଖସିଛି। ସୂଚକାଙ୍କରେ ଭୁଟାନ ୮୭, ଶ୍ରୀଲଙ୍କା ୧୦୪, ନେପାଳ ୧୧୦, ଚାଇନା ୧୧୩, ବାଂଲାଦେଶ ୧୨୩, ପାକିସ୍ତାନ ୧୩୬ ଓ ମ୍ୟାନମାର୍‌କୁ ୧୪୮ତମ ସ୍ଥାନ ମିଳିଛି। ଗତବର୍ଷ ଏହି ଦେଶଗୁଡ଼ିକ କ୍ରମଶଃ ୭୩, ୧୦୬, ୧୦୨, ୧୦୮, ୧୨୦, ୧୩୨ ଏବଂ ୧୫୧ ତମ ସ୍ଥାନରେ ରହିଥିଲା। ଅନ୍ୟ ବିକଶିତ ଦେଶଗୁଡ଼ିକ ମଧ୍ୟରେ ଜାପାନ, ଜର୍ମାନୀ, ଇଟାଲି, ଫ୍ରାନ୍ସ, ମେକ୍ସିକୋ, ରୁଷ ଓ ବ୍ରାଜିଲ ଯଥାକ୍ରମେ ୧୭, ୨୦, ୪୬, ୫୦, ୭୬, ୮୫ ଏବଂ ୧୨୦ ତମ ସ୍ଥାନରେ ରହିଛି।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ଓ ଜିଲ୍ଲା ପ୍ରଶାସନ, ଭଦ୍ରକ ଦ୍ୱାରା ଆୟୋଜିତ

**'ମେଘ ଉତ୍ସବ'**

ତା. ୧୩ ଓ ୧୪ ସେପ୍ଟେମ୍ବର,୨୦୧୯ ସ୍ଥାନ : ସହିଦ ସ୍ମୃତି ଭବନ, (ଟାଉନ ହଲ), ଭଦ୍ରକ, ସମୟ : ପ୍ରତ୍ୟହ ସନ୍ଧ୍ୟା ୬ ଘଟିକା

ଏହି ଉତ୍ସବରେ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରିବା ସହିତ ନିମ୍ନଲିଖିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

**୧୪.୦୯.୨୦୧୯**

**ବିଶିଷ୍ଟ ଅତିଥି :**
ଶ୍ରୀଯୁକ୍ତ ବ୍ୟୋମକେଶ ରାୟ, ମାନ୍ୟବର ବିଧାୟକ, ଚାନ୍ଦବାଲି
ଶ୍ରୀଯୁକ୍ତ ବିଷ୍ଣୁ ସେଠୀ, ମାନ୍ୟବର ବିଧାୟକ, ଧାମନଗର
ଶ୍ରୀଯୁକ୍ତ ବିଷ୍ଣୁବ୍ରତ ରାଉତରାୟ, ମାନ୍ୟବର ବିଧାୟକ, ବାସୁଦେବପୁର
ଶ୍ରୀଯୁକ୍ତ ଦ୍ୱିଜବର ରାଉତ, ସଭାପତି, ଜିଲ୍ଲା ପରିଷଦ, ଭଦ୍ରକ

**ସମ୍ମାନନୀୟ ଅତିଥି :**
ଶ୍ରୀଯୁକ୍ତ ରାଜେଶ ପଣ୍ଡିତ ଉତ୍ତମ ରାଓ, ଆରକ୍ଷୀ ଅଧିକ୍ଷକ, ଭଦ୍ରକ
ଶ୍ରୀଯୁକ୍ତ ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ
ଶ୍ରୀଯୁକ୍ତ ଗୋଲଖ ଚନ୍ଦ୍ର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ, ଭଦ୍ରକ

**ସାଂସ୍କୃତିକକାର୍ଯ୍ୟକ୍ରମ :**
**ଓଡ଼ିଶୀ ନୃତ୍ୟ :**
ଗୁରୁ ଆଶିଷ କୁମାର ଦାସ ଓ ସାଥୀ, (ଓଡ଼ିଶୀ ନୃତ୍ୟ ମଣ୍ଡଳ, କଟକ)
**ଓଡ଼ିଶୀ କଣ୍ଠ ସଂଗୀତ :**
ଗୁରୁ ରବିନ୍ଦ୍ର ନାଥ ମିଶ୍ର, କେନ୍ଦ୍ରାପଡ଼ା
**ସୁଗମ ସଙ୍ଗୀତ :**
ଶ୍ରୀ ତାପସ କୁମାର ଦାସ (ବିଭୁକିଶୋର)
ସୁଶ୍ରୀ ଶ୍ୱେତା ମିଶ୍ର
ସୁଶ୍ରୀ ପ୍ରତିଭା ପ୍ରଧାନ
ଶ୍ରୀ ପଦୀପ କୁମାର ପଲାଇ
ଶ୍ରୀ ଅଜୟ କୁମାର ପ୍ରଧାନ
**ଲୋକ ନୃତ୍ୟ (ବାରମାସୀ) :**
ମନମୋହନ ସଂଗୀତ ପରିଷଦ, ଭଦ୍ରକ

ଏହି ଉତ୍ସବରେ ଯୋଗଦେବା ପାଇଁ ଆପଣଙ୍କୁ ସାଦର ନିମନ୍ତ୍ରଣ।

ଡ. ବିଜୟ କୁମାର ଜେନା
ସଚିବ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ

ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଞ୍ଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ତାରିଆଡୁ ପ୍ରଶ୍ନ ହେଉଛି- ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା ! -ଶ୍ରୀମା



# ଅଳିଆ ସଫା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାରଙ୍କ ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନ ସଦା ଜାରି ରହିଛି। ନିକଟରେ ପାର୍ଲାମେଣ୍ଟରେ ପ୍ରଦତ୍ତ ସୂଚନା ଅନୁସାରେ ଗତ ପାଞ୍ଚବର୍ଷ ଭିତରେ ଦୁର୍ନୀତି କରିଥିବା ଅଭିଯୋଗରେ ସରକାର ଦୁଇଜଣ ଆଇଏଏସ୍ ଅଫିସରଙ୍କୁ ଚାକିରିରୁ ବରଖାସ୍ତ କରିଥିବା ବେଳେ ନଅଜଣ ଆଇପିଏସ୍ ଅଫିସରଙ୍କୁ ନିଲମ୍ବିତ କରିଛନ୍ତି। ତା'ଛଡ଼ା କେନ୍ଦ୍ର ସରକାର ୨୩ ଜଣ ଆଇଏଏସ୍ ଅଫିସର ଓ ୪ ଜଣ ଆଇପିଏସ୍ ଅଫିସରଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମକଦ୍ଦମା ଚଳାଇବା ପାଇଁ ଅନୁମତି ଦେଇଛନ୍ତି। ପ୍ରଶାସନରେ ଚାଲିଥିବା ଏହି ଦୁର୍ନୀତି ବିରୋଧୀ ଅଭିଯାନ ହେଉଛି ଜନସ୍ୱାର୍ଥ ଦୃଷ୍ଟିରୁ ଅମଲାତନ୍ତ୍ରରେ ସଂସ୍କାର ଆଣିବା ପାଇଁ ମୋଦି ସରକାରଙ୍କ ସଂକଳ୍ପର ଏକ ଅଂଶବିଶେଷ। ଏହା ପୂର୍ବରୁ ଚଳିତବର୍ଷ ଦୁର୍ନୀତି ଓ ଲାଞ୍ଚ ମାମଲାରେ ସରକାର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ୨୭ ଜଣ ଅଫିସରଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ଏଭଳି ଗୁରୁତର ଅଭିଯୁକ୍ତ ବାବୁମାନଙ୍କ ବିରୋଧରେ ପୂର୍ବରୁ ଅନ୍ୟ କୌଣସି ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ବେଳେ ଏହା ଉଚ୍ଚ କ୍ଷମତାରେ ଥିବା ବାବୁ ମହଲରେ ଏକ ପ୍ରକାର ଆତଙ୍କ ଖେଳାଇଦେଇଛି। ଟିକସ ବାବୁଙ୍କଠାରୁ ଏହା ଆରମ୍ଭ ହୋଇଥିବା ବେଳେ ସମୟକ୍ରମେ ଅନ୍ୟ ସେବାର ବାବୁମାନଙ୍କୁ ବି ଅନୁରୂପ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ। ବାବୁମାନେ ଆଜିଯାଏ ଏପରି ଯାଞ୍ଚର ସମ୍ମୁଖୀନ ହୋଇ ନ ଥିବାରୁ ଏବେ ସେମାନେ ଭୀତତ୍ରସ୍ତ ହୋଇପଡ଼ିବା ସ୍ୱାଭାବିକ। ମୋଦି ସରକାର ଯେଭଳି ଅଭୂତପୂର୍ବ ଭାବେ ଆଇନକୁ କାର୍ଯ୍ୟକାରୀ କରୁଛନ୍ତି, ତାହା ଅନ୍ୟମାନଙ୍କୁ ଏକ ଚେତାବନୀମୂଳକ ବାର୍ତ୍ତା ଦେଉଛି। ବାସ୍ତବରେ ଏହା ହେଉଛି ଏକ ସ୍ୱଚ୍ଛ ସରକାର।

### ପ୍ରତିରକ୍ଷା ବାବୁ ଚିନ୍ତିତ

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ବା ତିନି ସାମରିକ ବାହିନୀର ମୁଖ୍ୟ ଭାବେ ଏକ ନୂଆ ପଦବୀ ସୃଷ୍ଟି କରାଯାଇ ଖୁବ୍‌ଶୀଘ୍ର ସେଥିରେ ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିବା ପରେ ଏହାକୁ ବ୍ୟାପକଭାବେ ସବୁ ସ୍ତରରୁ ସ୍ୱାଗତ କରାଯାଇଛି। ତିନିବାହିନୀର ମୁଖ୍ୟମାନେ ସେମାନଙ୍କ ଉପରେ ନ୍ୟସ୍ତ ଦାୟିତ୍ୱ ତୁଲାଇବାକୁ ଥିବାବେଳେ ସିଡିଏସ୍ ହେବେ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖ୍ୟ ଉପଦେଷ୍ଟା ଏବଂ ସେ ପଦାତିକ ବାହିନୀ, ଆକାଶ ବାହିନୀ ଓ ନୌବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା କରିବେ। କିନ୍ତୁ ସରକାରଙ୍କର ଗୋଟିଏ ଶାଖା ଏ ଖବରରେ ଅସୁଖୀ ଥିବା ଜଣାପଡ଼ିଛି। ବାବୁମାନଙ୍କର ଗୋଟିଏ ଗୋଷ୍ଠୀ (ନାମହୀନ) ଟୁଇଟରରେ ଏହାକୁ ବିରୋଧ କରିବା ସହ ଏହା ବିରୋଧରେ ଆପ୍ରାଣ ଲଢ଼େଇ କରିବାକୁ କହିଛନ୍ତି। ତେବେ ସେମାନେ ସିଡିଏସ୍ ପଦବୀ ସୃଷ୍ଟିକୁ ବିରୋଧ କରିନାହାନ୍ତି, କିନ୍ତୁ ଏହାଦ୍ୱାରା ପ୍ରତିରକ୍ଷା ମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ପ୍ରତିରକ୍ଷା ସଚିବଙ୍କ ପଦବୀର ଗୁରୁତ୍ୱ ହ୍ରାସ ପାଇବ ବୋଲି ଆଶଙ୍କା କରିଛନ୍ତି। ସିଡିଏସ୍ ନିଯୁକ୍ତି ପରେ ତାଙ୍କର ଏକଚାଟିଆ କାରବାର ଆଉ ଚାଲିପାରିବ ନାହିଁ। ଆଇଏଏସ୍ ବିରାଦର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଉପରୁ ନିଜର ଦଖଲ ହରାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୋଦି ସରକାର ଅନେକ ବରିଷ୍ଠ ପଦବୀରେ ଅଣଆଇଏଏସ୍ ବାବୁମାନଙ୍କୁ ନିଯୁକ୍ତି ଦେଉଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨୦ରୁ ଅଧିକ ଯୁଗ୍ମସଚିବସ୍ତରୀୟ ପଦବୀରେ ଅଣଆଇଏଏସ୍ ବାବୁ ନିଯୁକ୍ତି ପାଇଛନ୍ତି। ସିଡିଏସ୍ ପଦବୀର ପ୍ରବର୍ତ୍ତନ ହେବା ପରେ ଏହି ପଦବୀରେ ତିନିବାହିନୀର ବରିଷ୍ଠ ବାବୁମାନଙ୍କ ମଧ୍ୟରୁ ହିଁ ଜଣଙ୍କୁ ନିଯୁକ୍ତି ମିଳିବ, ସେଥିରେ କୌଣସି ଆଇଏଏସ୍ ଅଫିସର ନିଯୁକ୍ତି ପାଇପାରିବେ ନାହିଁ ବୋଲି ସେମାନେ ମନେକରୁଛନ୍ତି। ସିଡିଏସ୍‌ଙ୍କ ଭୂମିକା ଓ ଦାୟିତ୍ୱ କ'ଣ ହେବ, ତାହା ସ୍ଥିର କରିବା ପାଇଁ ଏକ କମିଟି ଗଠନ କରାଯାଇଥିବା ବେଳେ ଆଶା କରାଯାଉଛି ଆଇଏଏସ୍ ଲବି ଚେଷ୍ଟା କରିବେ ଯେପରି ସିଡିଏସ୍ ପ୍ରଶାସନିକ ବାବୁମାନଙ୍କ କ୍ଷେତ୍ରାଧିକାର ଦଖଲ ନ କରନ୍ତି।

### ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନ

ମୋଦି ସରକାର ପୁଣିଥରେ ସୁପରିଣ୍ଟେଣ୍ଡେଣ୍ଟ ପାହ୍ୟାର ୨୨ ଜଣ ଟିକସ ବାବୁଙ୍କୁ ଦୁର୍ନୀତି ଅଭିଯୋଗରେ ବାଧ୍ୟତାମୂଳକ ଅବସର ଦେଇଛନ୍ତି। କେନ୍ଦ୍ର ପରୋକ୍ଷ କର ଓ ବହିଃଶୁଳ୍କ ପରିଷଦ (ସିବିଆଇସି) କହିଛି ଯେ, ଜନସ୍ୱାର୍ଥରେ ଦୁର୍ନୀତି ଅଭିଯୋଗରେ ଏହି ବାବୁମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ପ୍ରାୟ ଦୁଇମାସ ତଳେ ଅନୁରୂପ ଅଭିଯୋଗରେ ୧୨ ଜଣ ସିବିଡିଟି ଅଫିସରଙ୍କ ସମେତ ୨୭ ଜଣ ଉଚ୍ଚପାହ୍ୟାର ଆଇଆର୍‌ଏସ୍ ଅଫିସରଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା। ଉକ୍ତ ବାବୁମାନଙ୍କ ବିରୋଧରେ ଅନଧିକାର ତଲାସି ନେବା ଓ ଲାଞ୍ଚ ଗ୍ରହଣ କରିବା ନେଇ ଅଭିଯୋଗ ରହିଥିଲା। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ବିରୋଧରେ ସିବିଆଇ ତଦନ୍ତ କରୁଛି। ନିୟମାନୁଯାୟୀ ଉପଯୁକ୍ତ କ୍ଷମତାପନ୍ନ ଅଧିକାରୀ କୌଣସି ସରକାରୀ ଚାକିରିଆଙ୍କୁ ତିନିମାସର ଲିଖିତ ନୋଟିସ୍ ଦେଇ କିମ୍ବା ତିନିମାସର ଦରମା ଓ ଭତ୍ତା ଦେଇ ବାଧ୍ୟତାମୂଳକ ଅବସର ଦେଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ କହିଛନ୍ତି ଯେ ସଚ୍ଚୋଟ ଟିକସଦାତା ବା ଟିକସ ନିୟମର ମାମୁଲି ଉଲ୍ଲଂଘନକାରୀଙ୍କୁ ହଇରାଣ ହରକତ କରିବା ହେଉଛି ଟିକସ ପ୍ରଶାସନରେ ଥିବା ବାବୁମାନଙ୍କର କ୍ଷମତାର ଅପବ୍ୟବହାର। ଏହା ନ କରିବା ପାଇଁ ସେ ଟିକସ ବାବୁମାନଙ୍କୁ ପରାମର୍ଶ ଦେଇଛନ୍ତି।

Email: dilipcherian@gmail.com

# ସବୁଜ ସାଥୀ



ସୌମ୍ୟା ପରିଡ଼ା

ଗାଡ଼ିମୋଟରରେ ଗଲାବେଳେ ନିଜ ନିଷ୍ଠ ନିଜେ ସମ୍ଭାଳ ପରି ଲେଖାଟିଏ ଆମ ଭିତରୁ ଅଧିକାଂଶଙ୍କ ଆଖିରେ ପଡ଼ିଥିବ। ନିଷ୍ଠ ପୂର୍ବ ଜି ଅକ୍ଷରଟି ଯେମିତି ସେଠୁ ହଟିଯାଇଥାଏ। କେବେ ନଖ, କେବେ ପୁରୁଣା ଭଙ୍ଗା ବ୍ଲେଡ୍ ଆଉ କେବେ ପୁଣି ଟଙ୍କିକିଆ କଏନ୍‌ରେ ରାମ୍ପିରାମ୍ପି ଜିନିଷରୁ ଜିକୁ ହଟାଯାଇଥାଏ। ଏବେ କିନ୍ତୁ ସତରେ ନିଜ ନିଶ ନିଜେ ସମ୍ଭାଳିବାର ବେଳ ଆସିଛି। ଜୀବନଶୈଳୀ ପାଇଁ ନୁହେଁ ବରଂ ଜୀବନ ପାଇଁ ଆମକୁ ଚିନ୍ତା କରିବାକୁ ପଡ଼ିବ। ମୋ ବଙ୍ଗଳା, ମୋ ଗାଡ଼ି, ମୋ ଜୋତା, ମୋ ଛତା, ଏମିତି କଥା ପରି ମୋ ଗଛ ପାଇଁ ବି ଭାବିବାକୁ ପଡ଼ିବ। ହେଲେ ଏସବୁ କାମ ଆମେ ଯେମିତି ଅନ୍ୟ ଉପରେ ଛାଡ଼ିଦେଇଛେ। ମୋ ପାଇଁ ଗଛ, ଭଲ ପବନ, ଭଲ ପରିବେଶ ଏସବୁ ଯୋଗାଇବା ଦାୟିତ୍ୱ ସରକାରଙ୍କର, ଜଙ୍ଗଲ ବିଭାଗର, ଜଳସମ୍ପଦ ବିଭାଗର, ଏଥିପାଇଁ ମୁଁ କିଆଁ ବ୍ୟସ୍ତ ହେବି- ଏଇ ଚିନ୍ତାଧାରା ପାଇଁ ଏବେ ଦେଶର ବିଭିନ୍ନ ସ୍ଥାନରେ ଜଳସଙ୍କଟ ଉତ୍କଟ ହେଲାଣି। ଗଛ ସଂଖ୍ୟା କମିଲାଣି। ପରିବେଶ ଧୀରେ ଧୀରେ ସନ୍ତୁଳନ ହରାଇ ତା'ର ତାଣ୍ଡବ ରୂପ ଆରମ୍ଭ କଲାଣି। କେବେ ଅସହ୍ୟ ଖରା-ଗରମ ତ କେବେ ବାତ୍ୟା, ଆଉ କେବେ ପୁଣି ମଣିଷକୃତ ଜଳବନ୍ଦୀ ଅବସ୍ଥା ସାଙ୍ଗକୁ ଘୋର ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଆମ ରାଜ୍ୟ ହେଉ କି କେରଳ କି ବିହାର କି ମହାରାଷ୍ଟ୍ର, ସବୁ ଜାଗାରେ ସେଇ ସମାନ ଅବସ୍ଥା। ଜୀବନ ଜିଇବାକୁ ହେଲେ ଖାଦ୍ୟ ସାଙ୍ଗକୁ ଭଲ ବାୟୁ ଓ ପିଇବା ପାଣି ମୁନ୍ଦେ ବି ଦରକାର। ହେଲେ ଆମେ କିନ୍ତୁ ବ୍ୟସ୍ତ, ଆମେ କେମିତି ଭଲ ଖାଇବୁ, ଭଲ ପିନ୍ଧିବୁ, ଭଲ ଜାଗା ବୁଲିଯିବୁ। ଏସବୁ ଭିତରେ ଜୀବନ ଜିଇଥିବା ଯାଏ ନିଃଶ୍ୱାସ ଟିକକ ପାଇଁ ଶୁଦ୍ଧ ସଫା ବାୟୁ ଯେ ଦରକାର ସେ କଥାର ଗୁରୁତ୍ୱ ଆମକୁ ଏବେ ଯାଏ ବୁଝାପଡୁନି।

ଖଣିଖାଦାନ ନାଁରେ ଜଙ୍ଗଲଜମି ଜବରଦଖଲ କରି ସବୁଜ ପ୍ରାକୃତିକ ଜଙ୍ଗଲକୁ ନଷ୍ଟ କରିବା ତାଲିକାରେ ଆମ ରାଜ୍ୟ ଦେଶର ତୃତୀୟ ସ୍ଥାନରେ। ନିୟମ ଅନୁସାରେ ଖଣିଖାଦାନ ନିଲାମ ହେଉଥିବା ଜାଗାର ଦୁଇଗୁଣା ଜଙ୍ଗଲ ସୃଷ୍ଟି କରିବାର ଦାୟିତ୍ୱ ଲିଜ୍ ନେଇଥିବା ଖଣି କମ୍ପାନୀର। ଆଉ କାମ ଠିକ୍‌ଭାବରେ ହେଲା ନା ନାହିଁ ତାକୁ ତଦାରଖ କରିବା ଦାୟିତ୍ୱ ସରକାରୀ କର୍ମଚାରୀଙ୍କର। ହେଲେ ନୂଆ ଜଙ୍ଗଲ ସୃଷ୍ଟି କରିବା ନିୟମ କେବଳ ଧର୍ମକୁ ଆଖିଠାର ପରି ହୋଇଛି। ନୂଆ ଜଙ୍ଗଲ କଥା ଦୂରେ ଥାଉ, ହାତଗଣତି କିଛି ଗଛ ଲଗାଇ ତାକୁ ବି ବଞ୍ଚାଇବାର ପ୍ରୟାସ କରାଯାଉ ନାହିଁ। ଏ ବର୍ଷ ଚେନ୍ନାଇରେ ଏମିତି ପାଣି ସଙ୍କଟ ଦେଖାଗଲା ଯେ, ଶେଷକୁ ଟ୍ରେନ୍‌ରେ ଅନ୍ୟ ସ୍ଥାନରୁ ପାଣି ଆଣିବାକୁ ପଡ଼ିଲା। ଆଉ ଏମିତି ଯଦି ଚାଲେ, ତା'ହେଲେ ୨୦୨୦ ସୁଦ୍ଧା ବାଙ୍ଗାଲୋର, ଦିଲ୍ଲୀ, ହାଇଦ୍ରାବାଦ ପରି ଜାଗାରେ ଉତ୍କଟ ପାଣି ସଙ୍କଟ ଦେଖାଯିବ। ସେମିତି ୨୦୩୦ ସୁଦ୍ଧା ଦେଶର ଚାଳିଶ ଭାଗ ଅଞ୍ଚଳରେ, ଆଉ ୨୦୪୦ ସୁଦ୍ଧା ସମଗ୍ର ଦେଶରେ ପାଣିର ଅଭାବ ଦେଖାଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଆମ ରାଜ୍ୟ ତଥା ଦେଶରେ ଗଛଟିଏ ଲଗାଇବା ଅପେକ୍ଷା ଗଛ ଉପରେ ଭାଷଣ ଦେବା ଲୋକଙ୍କ ସଂଖ୍ୟା ଅଧିକ। ଘର ପାଖାପାଖି ଜଳାଶୟକୁ ସଫାସୁତୁରା ରଖିବା ଅପେକ୍ଷା ସେଥିରେ ପୂଜାସାମଗ୍ରୀ ଫୋପାଡ଼ି ଜଳକୁ ଦୂଷିତ କରିବା ଲୋକଙ୍କ ସଂଖ୍ୟା ବି କିଛି କମ୍ ନୁହେଁ। ବଡ଼ ବଙ୍ଗଳା କରିବୁ, ହେଲେ ଇଞ୍ଚେ ଜାଗା ଗଛ ପାଇଁ ରଖିବୁନି। ଭାଡ଼ିଏ ଦୋକାନ ଘର କରି ଭଡ଼ା ଦେବୁ, ହେଲେ ବୁଦାଏ ଘାସ ପାଇଁ ଜାଗା ଛାଡ଼ିବୁନି। ସେମିତି ଖରାବେଳେ ଗଛ ଛାଇ ଦେଖି ଗାଡ଼ି ରଖିବୁ, ହେଲେ ଘର ଆଗରେ ଗଛଟିଏ ଲଗାଇବୁ ନାହିଁ।

ଆମ ଗାଁ ଗହଳିରେ ତୋଟା ଥିଲା, ଘରେ ଘରେ ବାଡ଼ିବଗିଚା ଥିଲା, ଗାଁ ମୁଣ୍ଡରେ ଗୋଚର ଜମି ଥିଲା, ଗାଡ଼ିଆ ଥିଲା। ଅଧିକାଂଶ ଗାଁରେ ଏସବୁ ଏବେ ଯେମିତି ସାତସପନ। ଭଲ ରାସ୍ତା ଦରକାର, ଗଛ କାଟ। ବଡ଼ ବଙ୍ଗଳା ଦରକାର, ଗଛ ସଫାକର। ଖଣିଖାଦନ ଦରକାର, ଜଙ୍ଗଲଜମି ସଫାକର। କଳକାରଖାନା, ଅଫିସ୍‌ବାଡ଼ି, ନୂଆପୁରୁଣା ପ୍ରକଳ୍ପ ପାଇଁ ଜାଗା ଦରକାର ଗଛ-ଜଙ୍ଗଲ ସଫାକର, ଗାଡ଼ିଆ-ନାଳ-ଜଳାଶୟ ପୋତ। ଆଉ କେବେ ପୁଣି ଦରକାର ପଡ଼ିଲେ ସରକାରୀ ଗୋଚର ଜମି ମାଡ଼ିବସ। ଆଗରୁ ଗାଁ ମୁଣ୍ଡରେ ବଡ଼ ବରଗଛ, ଚାନ୍ଦିନୀ, କୂଅ କି କଳ, ଦୋଳମଣ୍ଡପ ଏମିତି ଅନେକ କଥା ଥିଲା। ରଜ ଦୋଳି, ଅଁଳାନବମୀ, ବାଟଓଳା ଓଷା, ପ୍ରଥମାଷ୍ଟମୀର ହଳଦୀପତ୍ର ପିଠା, ବର-ଓସ୍ତ-ନିମ୍ବ କି ବେଲ ଆଦି ଗଛର ପୂଜା ଏମିତି ଅନେକ କଥା ପର୍ବପର୍ବାଣି ପରମ୍ପରା ନାଁରେ ଗଛ ସହ ଯୋଡ଼ି ହୋଇଥିଲା। ତେଣୁ ଲୋକମାନେ ଆମ ଚାରିପାଖେ ଥିବା ଗଛ, ଜଙ୍ଗଲ, ନଈନାଳକୁ ଗୁରୁତ୍ୱ ଦେଉଥିଲେ, ପୂଜା ନାଁରେ ତା'ର ସୁରକ୍ଷା ହେଉଥିଲା। ହେଲେ ଏବେ ତାହା ଧୀରେ ଧୀରେ ଲୋପ ପାଇବାରେ ଲାଗିଛି। ଆମେ ଜୀବନ ପାଇଁ ଜରୁରୀ କଥା ଛାଡ଼ି, ଆଡ଼ମ୍ବରପୂର୍ଣ୍ଣ ଜୀବନଶୈଳୀ ପଛରେ ପଡ଼ିଛେ। ଗାଡ଼ିଟିଏ ଭାଙ୍ଗିଗଲେ କିଣିପାରିବା, ଚାହିଁଲେ ଅତି କମ୍ ସମୟରେ ବଡ଼ ବଙ୍ଗଳା କରିହେବ, ହେଲେ ବଡ଼ ଗଛଟିଏ କି ଫଳନ୍ତି ଗଛଟିଏ ପାଇଁ ଯେ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡ଼ିବ, ସେ କଥା ଆମେ ଜାଣିଜାଣି ଭୁଲିଯାଉଛେ। ବାୟୁ ପ୍ରଦୂଷଣ ଯେ ମାରାତ୍ମକ ରୋଗର କାରଣ ସେ କଥାକୁ ଆମେ ହେୟଜ୍ଞାନ କରୁଛେ। ଏବେ ସମୟ ଆସିଛି ଏସବୁକୁ ଗୁରୁତ୍ୱର ସହ ନେବାର। ସବୁକଥା ସରକାରଙ୍କ ଉପରେ ଛାଡ଼ିଦେଇ ହାତଝାଡ଼ି ବସିଗଲେ ହେବନି। ବରଂ ନିଜ ଚାରିପଟକୁ ନିଜକୁ ସବୁଜ ସୁନ୍ଦର କରିବାକୁ ପଡ଼ିବ। ସେମିତି ବଡ଼ବଡ଼ ପ୍ରକଳ୍ପ କରି ଶହଶହ ଏକର ଜଙ୍ଗଲ ଜମି ନଷ୍ଟକରି, ଆମ ଚାରିପଟେ ଥିବା ପାଣି ତଥା ଜଳାଶୟ ଆଦିରେ ବର୍ଜ୍ୟବସ୍ତୁ ପକାଇ, ପବନରେ ବିଷାକ୍ତ ଗ୍ୟାସ୍ ମିଶାଇବା ପରେ ସିଏସ୍‌ଆର୍ ନାଁରେ ବଡ଼ବଡ଼ କମ୍ପାନୀ କିଛି ହାତଗଣତି ଗଛ ଲଗାଇବା ପ୍ରହସନକୁ ବନ୍ଦ କରିବାକୁ ପଡ଼ିବ। କେବଳ କାଗଜକଲମରେ ଲଗାଯାଉଥିବା ଶହଶହ ଗଛର ପ୍ରହସନକୁ ବି ଅଣଦେଖା ନ କରି ବିରୋଧ କରିବାକୁ ପଡ଼ିବ।

ଅଙ୍ଗନୱାଡ଼ି କର୍ମୀ, ଶିକ୍ଷା ସହାୟିକା, ଆଶାକର୍ମୀ, ସ୍କୁଲର ମଧ୍ୟାହ୍ନଭୋଜନ ପାଇଁ ପାଚିକା, ଗାଁ-ଗାଁରେ ସ୍ୱୟଂସହାୟିକା ଗୋଷ୍ଠୀ ଏମିତି ଅନେକ ଯୋଜନା ଦ୍ୱାରା ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଗାଁ ସ୍ତରରେ ଉନ୍ନତୀକରଣର ଚେଷ୍ଟା କରାଯାଉଛି। ହେଲେ ଏସବୁ ଭିତରେ ସବୁଜ ସାଥୀଟିଏର ବି ଆବଶ୍ୟକତା ରହିଛି। ବିଶ୍ୱ ପରିବେଶ ଦିବସ, ବିଶ୍ୱ ଜଳ ଦିବସ ଆଦି ପାଇଁ ସଭାସମିତି କରି ଆଲୋଚନା ପର୍ଯ୍ୟାଲୋଚନାରେ ଲକ୍ଷଲକ୍ଷ ଟଙ୍କା ସାରିବା ଅପେକ୍ଷା ସବୁଜ ସାଥୀଟିଏ ଚୟନ କରିବାର ଗୁରୁତ୍ୱ ରହିଛି। ଅନ୍ତତଃ ଅନ୍ୟ କର୍ମୀମାନଙ୍କ ପରି ସେ ଗାଁଗଣ୍ଡାର ଚାଷୀ-ଚାଷ, ଗଛ, ବଣଜଙ୍ଗଲ, ଜଳାଶୟ ଆଦିର କଥା ବୁଝିପାରିବେ, ଦରକାର ବେଳେ ଅନ୍ୟକୁ ସାହାଯ୍ୟ କରିବେ, ପରାମର୍ଶ ଦେବେ। କେନ୍ଦ୍ର ହେଉ କି ରାଜ୍ୟ ସରକାର ଏହି ସବୁଜକର୍ମୀଙ୍କ ସାହାଯ୍ୟରେ ସବୁଜ ସୁନ୍ଦର ଗାଁ ଓ ସହରର ପରିକଳ୍ପନାକୁ ବାସ୍ତବ ରୂପ ଦେଇପାରିବେ। ଲୋକଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପହଞ୍ଚାଇପାରିବେ। ଲୋକଙ୍କ ଜନଗଣନା ପରି ସବୁଜ ସାଥୀ ଜରିଆରେ ପ୍ରତି ଗାଁର ଗଛର ହିସାବ ରଖିବାକୁ ପଡ଼ିବ। ସରକାରୀ ଯୋଜନା ନାଁରେ ବଡ଼ବଡ଼ କମ୍ପାନୀକୁ ଲକ୍ଷାଧିକ ଟଙ୍କାଦେଇ ଲୁଟିହେବା ଅପେକ୍ଷା ପ୍ରକୃତ ସବୁଜ ସାଥୀଙ୍କୁ ଖୋଜିବାକୁ ପଡ଼ିବ। ଗଛର ବିକଳ୍ପ ନାହିଁ। ତେଣୁ ଯେଉଁମାନେ ଏଥିନେଇ କାମ କରୁଛନ୍ତି ସେମାନଙ୍କୁ ବିନା ଦ୍ୱିଧାରେ ସହାୟତା କରିବାକୁ ପଡ଼ିବ। ତା'ହାଲେ ଯାଇ ଉଜୁଡ଼ା ପୃଥିବୀ ଆମ ପିଲାମାନଙ୍କ ପାଇଁ ଆଉ କିଛିବର୍ଷ ବଞ୍ଚିରହିବ।

ମୋ-୯୩୩୮୫୬୬୫୮୭,
saumya.consultant@gmail.com

# ସମ୍ପର୍କର ମୂଲ୍ୟ



ଡ. ବାସୁଦେବ ମିଶ୍ର

ଜୀବନଟିଏ ସୃଷ୍ଟି ହେବା ଆଗରୁ ସମ୍ପର୍କଟିଏ ତା'ର ହେତୁ ହୋଇଯାଏ। ମାତାପିତାଙ୍କ ମଧ୍ୟରେ ସମ୍ପର୍କ ବିନା ସନ୍ତାନଟିଏ ସମ୍ଭବ ହୁଏନାହିଁ। ଗୁରୁଶିଷ୍ୟଙ୍କର ସମ୍ପର୍କ ବିନା ଜ୍ଞାନର ଅବଧାରଣ ସମ୍ଭବ ହୋଇ ନ ଥାଏ। ସମ୍ପର୍କ ବିନା ସତେ ଯେମିତି ଏ ପୃଥିବୀ ରଙ୍ଗହୀନ। ସମ୍ପର୍କ ବିନା ଜୀବନ ମୂଲ୍ୟହୀନ। ସମ୍ପର୍କ ବିନା ସବୁ ଶୂନ, ସବୁଥିରେ ଖାଲି ଖାଁ ଖାଁ ଭାବ।

କିନ୍ତୁ ଏଇ ସମ୍ପର୍କର ମୂଲ୍ୟ ବୁଝନ୍ତି କେତେଜଣ ? ଯେଉଁଟା ହାତପାହାନ୍ତାରେ ମିଳେ ସେଇଟା ଶସ୍ତା, ଆଉ ଯେଉଁଟା ଦୂରରେ ଅଛି, ପାଇବାର ଆଶା ଅଛି, ମିଳିପାରେ ଅବା ନାହିଁ, ସେଇଟା ମହର୍ଗ- ଏମିତି ଆମ ମନର ଭାବନା। ସେହି ଭାବନାରେ ଆମେ ସମ୍ପର୍କକୁ ପଛକୁ ପକେଇ ଦେଉ, ତା'ର ମୂଲ୍ୟ ବୁଝୁନା। ହାତପାହାନ୍ତାରେ ଥିଲେ ପଚାରୁନା। ଦୂରକୁ ଚାଲିଗଲେ ଆମ ପାଖରେ ତା'ର ମୂଲ୍ୟ ବଢ଼ିଯାଏ। ତାକୁ ହିଁ ଝୁରିହେଉ। ସେଇ ଚିଜଟା ଯାହାର ଅଛି, ତାକୁ ଭାଗ୍ୟବାନ ବୋଲି କହୁ। ଆମର ଯେ ଦିନେ ଥିଲା, ଆମେ ତା'ର ଯତ୍ନ ନେଲୁନାହିଁ, ସେ କଥା ମନେ ପକାଉନା।

ନିହାତି ନିକଟତର କେହି ବନ୍ଧୁ ଆମ ଘରକୁ ଆସୁଛନ୍ତି ବୋଲି ଜାଣିଲେ ଆମେ ତାଙ୍କୁ ସ୍ୱାଗତ କରିବା ପାଇଁ ଆମ ଘର ଦୁଆରଠାରୁ କିଛିଦୂରକୁ ଚାଲିଯାଉ। ସେମିତି କେହି ବନ୍ଧୁ ବିଦାୟ ନେବା ସମୟରେ ଆମେ ତାଙ୍କୁ ବଳେଇ ଦେବା ପାଇଁ ଆମ ଘରଠାରୁ କିଛି ବାଟ ଯାଇଥାଉ। ବେଳେବେଳେ ଏହା ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ ଅଥବା ଏୟାରପୋର୍ଟ ପର୍ଯ୍ୟନ୍ତ ମଧ୍ୟ ଲମ୍ବିଯାଏ। ତା'ର କାରଣ ହେଲା- ସେହି ବନ୍ଧୁ ଏବଂ ଆମ ଭିତରେ ଥିବା ଆତ୍ମୀୟତାର ବନ୍ଧନ।

ହୃଦୟର ବନ୍ଧନ ହିଁ ଏମିତି। ଦୂରରେ ଥିଲେ ମଧ୍ୟ ଦୂରରେ ଥିବାପରି ଲାଗେନାହିଁ। ଲାଗେ ଯେମିତି ଏଇ ପାଖରେ ଅଛି- ''ଦୂରସ୍ଥୋଽପି ନ ଦୂରସ୍ଥଃ ଯୋ ଯସ୍ୟ ମନସି ସ୍ଥିତଃ।'' ଓଡ଼ିଆରେ ମଧ୍ୟ କବି ଲେଖିଛନ୍ତି- ''କେତେଦୂରେ ଚନ୍ଦ୍ର କେତେଦୂରେ କୁମୁଦିନୀ। ପ୍ରୀତି ଅଭେଦ ତାଙ୍କର। ଯେତେଦୂରେ ଥିଲେ ଯେ ଯାହାର ସେ ତାହାର।'' ଏପରି ସୁଲଳିତ ପଦାବଳୀ ଆମକୁ ହୃଦୟର ଭାଷା ସହିତ ପରିଚିତ କରାଇଦିଏ। ସମ୍ପର୍କର ମୂଲ୍ୟ ବୁଝାଇଦିଏ। ସମ୍ପର୍କ ସହିତ ଯେଉଁଠି ସମର୍ପଣର ଭାବ ଥାଏ, ସେଇଠି ଗୋଟିଏ ଆକର୍ଷଣର ଶକ୍ତି ସୃଷ୍ଟି ହୁଏ। ସେହି ଶକ୍ତି ଦୂରରେ ଥିବା ବନ୍ଧୁର ମନରେ ଆନ୍ଦୋଳନ ସୃଷ୍ଟି କରେ। ଶରୀର ହେଉ ଅବା ମନରେ ତାକୁ ନିଶ୍ଚୟ ନିକଟକୁ ନେଇଆସେ। ଆମେ ଖାଇବା ସମୟରେ ବେଳେବେଳେ ଖାଦ୍ୟ ଶ୍ୱାସନଳୀ ଭିତରଆଡ଼କୁ ପଶିଆସେ। ଆମ ମା'ମାନେ ତତ୍‌କ୍ଷଣାତ୍ ଆମକୁ ପାଣି ପିଇବାକୁ ଦେଇ ପିଠି ଆଉଁଶି ଦେଉଦେଉ କହିପକାନ୍ତି- 'ଓଃ, କିଏ ମନେପକାଇଲା ପରା !'। ନଦୀର ଜଳ ଅନବରତ ମିଶୁଥାଏ ସମୁଦ୍ର ଜଳରେ। ସମୁଦ୍ର ପ୍ରତି ତା' ସମର୍ପଣର ପଟାନ୍ତର ନାହିଁ। କିଛି ପ୍ରାପ୍ତିର ଆଶା ନାହିଁ କି ଯଶର ଆକାଂକ୍ଷା ନାହିଁ। ଅନବରତ, ଅବାରିତ ତା'ର ସମର୍ପଣ ସମୁଦ୍ର ପ୍ରତି। ସମୁଦ୍ର କେବେକେବେ ବୁଝେ ଏ କଥା। ନଦୀର ଅବାରିତ ସମର୍ପଣ ସମୁଦ୍ରର ହୃଦୟରେ ଉଦ୍‌ବେଳନ ସୃଷ୍ଟି କରେ। ସେହି ଉଦ୍‌ବେଳନ ଏବଂ ଆନ୍ଦୋଳନର ପ୍ରଭାବରେ ତା'ର ବକ୍ଷ ସ୍ଫୀତ ହୁଏ। ସମର୍ପିତ ହେଉଥିବା ନଦୀକୁ ସଙ୍ଖୋଳିବା ନିମିତ୍ତ ସେ କିଛିବାଟ ଧାଇଁଯାଏ। ତାକୁ ଆମେ ଜୁଆର ବୋଲି କହୁ। ଭକ୍ତର ମନ ସର୍ବଦା ତା'ର ପ୍ରଭୁଙ୍କ ପ୍ରତି ଧାବମାନ, ଏହା ସତ୍ୟ। କିନ୍ତୁ କେବେ କେମିତି ପ୍ରଭୁଙ୍କର ମନ ମଧ୍ୟ ଭକ୍ତ ପ୍ରତି ଧାବମାନ ହୁଏ। ଯେତେବେଳେ ପ୍ରଭୁ ଦେଖନ୍ତି ଭକ୍ତଟି ତାଙ୍କ ପାଖକୁ ଆସୁ ଆସୁ ବାଟରେ ଅଟକି ଯାଉଛି, ତାଙ୍କ ରଥଯାତ୍ରାରେ ଯୋଗଦେଇପାରୁନାହିଁ, ସେତେବେଳେ ତାଙ୍କ ରଥ ମଧ୍ୟ ଅଟକିଯାଏ ଭକ୍ତ ପାଇଁ। ସେ ଆଉ ଅପେକ୍ଷା ନ କରି ତାଙ୍କ ଭକ୍ତର ବାଲିରଥକୁ ଚାଲିଆସନ୍ତି।

ସୁଦାମା ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କ ଅନନ୍ୟ ସଖା। ଗୁରୁ ସନ୍ଦୀପନୀଙ୍କ ଆଶ୍ରମରେ ପିଲାଦିନେ ପାଠ ପଢ଼ିବା ସମୟରେ କେତେ ଘଟଣା ଦୁର୍ଘଟଣା। ସେ ସବୁରୁ ସୁଦାମାଙ୍କ ହୃଦୟର ପରିଚୟ ପାଇ ତାଙ୍କୁ ନିକଟତମ ବନ୍ଧୁ ରୂପେ ହୃଦୟରେ ସ୍ୱୀକାର କରିଥିଲେ ଶ୍ରୀକୃଷ୍ଣ। ସୁଦାମା ବ୍ରାହ୍ମଣ ବାଳକ। ପାଠପଢ଼ାରେ ତେଜୀୟାନ୍। ସେ ମଧ୍ୟ ଜାଣିପାରିଥିଲେ ଯେ ଏହି ଗୋପାଳ ବାଳକ ଶ୍ରୀକୃଷ୍ଣ ସାମାନ୍ୟ ବାଳକ ନୁହନ୍ତି। ସେ ସ୍ୱୟଂ ଗୋଲୋକବିହାରୀ ବିଷ୍ଣୁ। ତେଣୁ ସେ ତାଙ୍କ ନାମକୁ ଜପାମାଳି କରିଥିଲେ। ଦୁହିଁଙ୍କର ହୃଦୟ ପରସ୍ପର ପ୍ରତି ଆକର୍ଷିତ ଥିଲା। ପରବର୍ତ୍ତୀ କାଳରେ ଯେଉଁ ସମୟରେ ଶ୍ରୀକୃଷ୍ଣ ଦ୍ୱାରକାର ଅଧିପତି, ସେହି ସମୟରେ ତାଙ୍କଠାରୁ ବହୁଦୂରରେ ତାଙ୍କର ପ୍ରିୟବନ୍ଧୁ ସୁଦାମା ଦାରିଦ୍ର୍ୟର କଷାଘାତରେ ବହୁ କଷ୍ଟ ଭୋଗ କରୁଥିଲେ। ସୁଦାମାଙ୍କର କର୍ମଫଳଜନିତ ଦାରିଦ୍ର୍ୟର ଅବସାନ ସମୟ ପାଖେଇ ଆସୁଥିଲା। ପତ୍ନୀ ବସୁନ୍ଧରାଙ୍କ ପରାମର୍ଶକ୍ରମେ ସୁଦାମା ଦ୍ୱାରକା ଯାଇ ବନ୍ଧୁ ଶ୍ରୀକୃଷ୍ଣଙ୍କୁ ସାକ୍ଷାତ୍ କରିବାକୁ ସ୍ଥିର କଲେ। କିନ୍ତୁ ଦ୍ୱାରକା ଯେ ଏଠାରୁ କାହିଁ କେତେ ଦୂର। ସେ ଯିବେ କିପରି ? କିଛି ଚିନ୍ତା ନାହିଁ। ତାଙ୍କ ବନ୍ଧୁ ଯେ ଅନ୍ତର୍ଯ୍ୟାମୀ, ଅନ୍ତର କଥା ଜାଣିପାରନ୍ତି। ସେ ଦ୍ୱାରକା ଯିବାକୁ ଇଚ୍ଛା କରୁଛନ୍ତି, ଏତିକି ଜାଣିବାକୁ ତାଙ୍କର ଅପେକ୍ଷା ଥିଲା। ତା'ପରେ ସେ ତାଙ୍କ ପାଖକୁ ଆସିବାର ସମସ୍ତ ଦାୟିତ୍ୱ ନେଇଗଲେ।

ପ୍ରତ୍ୟେକ କ୍ଷେତ୍ରରେ ସମ୍ପର୍କର ମୂଲ୍ୟ ଅକଳନୀୟ ହୋଇଥାଏ। କେବଳ ଧୈର୍ଯ୍ୟ ଏବଂ ସହନଶୀଳତା ପରି ଗୁଣ ହିଁ ଏପରି ସମ୍ପର୍କର ସମକକ୍ଷ ହୋଇପାରେ। ମନରେ ଦୁଃଖ ଆସେ ସେତିକିବେଳେ, ଯେବେ ମଣିଷ ପରି ବୁଦ୍ଧିମାନ ଜୀବ ସମ୍ପର୍କର ମୂଲ୍ୟ ବୁଝେନାହିଁ। ସ୍ୱାର୍ଥ ଅଥବା ସେମିତି କିଛି ଶକ୍ତିଶାଳୀ ଆବେଗର ଅଧୀନ ହୋଇ ତା'ର ଅବମାନନା କରେ। ମାତାପିତା ପରସ୍ପର ମଧ୍ୟରେ ସମ୍ପର୍କଟିଏ ଯୋଡୁଯୋଡୁ ସେମାନଙ୍କ ଅଲକ୍ଷ୍ୟରେ ଆଉ ଗୋଟିଏ ସମ୍ପର୍କ ତିଆରି କରନ୍ତି। ତାକୁ ହିଁ ଧନ ବୋଲି ଭାବି ତା'ର ଯତ୍ନ ନିଅନ୍ତି। ତା' ପାଇଁ କେତେ ତ୍ୟାଗ କରନ୍ତି, କେତେ ଶ୍ରମ ବି କରନ୍ତି। ଧନ ବଡ଼ ହେବାପରେ କିନ୍ତୁ ସେସବୁ ଭୁଲିକି ଯାଏ। ସେ ବୁଝେନା କିଏ କେବେ କାହିଁକି ତା' ସହିତ ସମ୍ପର୍କ ଯୋଡ଼ିଥିଲା। ଗୁରୁ ଉପଯୁକ୍ତ ଶିଷ୍ୟର ଅନ୍ୱେଷଣରେ ଥାଆନ୍ତି ସମ୍ପର୍କଟିଏ ଯୋଡ଼ିବା ପାଇଁ। ତାହା ସମର୍ପିତ ହୁଏ ବିଶ୍ୱର କଲ୍ୟାଣ ନିମିତ୍ତ। ସେମିତି କେବେ ସମ୍ପର୍କଟିଏ ଯୋଡ଼ିହୋଇଯାଏ ଭକ୍ତ ଆଉ ଭଗବାନଙ୍କ ଭିତରେ। ତାହା ସମଗ୍ର ସଂସାରର କଲ୍ୟାଣ ପାଇଁ ଅଭିପ୍ରେତ ହୋଇଥାଏ।

ଦଶରଥପୁର, ଯାଜପୁର,
ମୋ-୯୪୩୮୩୨୮୭୫୫

## ଏଇ ଭାରତରେ

ପିଲାମାନେ ବିଦ୍ୟାଳୟକୁ ଆସିବା ପାଇଁ ପାହାଡ଼ କାଟି ରାସ୍ତା କରିଥିବା ଜଣେ ଶିକ୍ଷକ ଅଛନ୍ତି ଝାଡ଼ଖଣ୍ଡର ଚତରା ଅଞ୍ଚଳ ଟଣ୍ଡବା ବ୍ଲକ୍‌ର ବନାଞ୍ଚଳ ହେସାତୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ। ୧୯ ବର୍ଷ ପୂର୍ବେ ବନାଞ୍ଚଳରେ ଥିବା ଏହି ବିଦ୍ୟାଳୟକୁ ଆସିବା ଲାଗି ରାସ୍ତାଟିଏ ନ ଥିଲା। ପାହାଡ଼ ଡେଇଁ ପିଲାମାନେ ବିଦ୍ୟାଳୟକୁ ଆସିବାକୁ ସାହସ କରୁ ନ ଥିଲେ କି ସେମାନଙ୍କ ଅଭିଭାବକ ଏଥିପ୍ରତି ଆଗ୍ରହ ପ୍ରଦର୍ଶନ କରୁ ନ ଥିଲେ। ୨୦୦୦ ମସିହାରେ ଏଠାକୁ ବିନେଶ୍ୱର କୁମାର ଶିକ୍ଷକ ହୋଇ ଆସିବା ପରେ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରିବା ସହ ବିନେଶ୍ୱର ଏକୁଟିଆ ପାହାଡ଼ କାଟି ରାସ୍ତା ନିର୍ମାଣ କରିବା ଆରମ୍ଭ କରିଦେଇଥିଲେ। ଏହା ଦେଖି ଗ୍ରାମବାସୀମାନେ ତାଙ୍କୁ ଏହି କାମରେ ସହଯୋଗର ହାତ ବଢ଼ାଇଲେ। ପରେ ବିଦ୍ୟାଳୟକୁ ଆସିବା ପାଇଁ ଭଲ ରାସ୍ତା ଖୋଲିଗଲା। ଏହି ବିଦ୍ୟାଳୟ ଏବେ ଗିନତି ଜିଲାର ଏକ ଆଦର୍ଶ ବିଦ୍ୟାଳୟ। ସେଠାରେ ୩୦୦୦ରୁ ଅଧିକ ପିଲା ପଢୁଛନ୍ତି। ବିନେଶ୍ୱର ପିଲାମାନଙ୍କୁ ପଢ଼ାଇବା ସହ ସେମାନଙ୍କ ସ୍ୱଚ୍ଛତା ଉପରେ ମଧ୍ୟ ଗୁରୁତ୍ୱ ଦିଅନ୍ତି। ପିଲାଙ୍କ ୟୁନିଫର୍ମ ଫାଟିଗଲେ ତାହାକୁ ବି ସିଲାଇ କରିଦିଅନ୍ତି। ମୁଣ୍ଡ କୁଣ୍ଡାଇ ବି ଦିଅନ୍ତି।

### ଚିରନ୍ତନୀ

ମରଣ ଯାତନା ଜରା ବିୟୋଗ ବିଚ୍ଛେଦ ବ୍ୟଥା ବ୍ୟାଧି
ଜୀବନ-ମିଳନ ସୁଖ ସ୍ନେହ ପ୍ରେମ ଯେ ଆନନ୍ଦ ଆଦି
ସୃଷ୍ଟି ବିକାଶର ପଥେ ପ୍ରୟୋଜନ ତୁଲ୍ୟ
ସମାନ ଯେ ସକାଳର ମୂଲ୍ୟ।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୪ ସେପ୍ଟେମ୍ବର ୧୯୯୪

- ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ଏକ ମୁକ୍ତ ବାଣିଜ୍ୟ ଅଞ୍ଚଳରେ ପରିଣତ କରିବା ପାଇଁ ଆପେକର ବଭିନ୍ନ ସଦସ୍ୟମାନଙ୍କ ନିକଟରେ ଲବି ସୃଷ୍ଟି କରିବା ନିମନ୍ତେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ପଲ୍ କିଟିଂଙ୍କ ଉଦ୍ୟମ।
- ମରକ୍କୋ ଏବଂ ୟୁରୋପୀୟ ମତ୍ସ୍ୟସମ୍ପଦ ଚୁକ୍ତି ନେଇ ବୁଧବାର ରାବାତଠାରେ ଉଭୟ ପକ୍ଷ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେଉଁ ପୁରସ୍କାର ଲୋଡ଼ା

ମହାଶୟ,

ଖବରକାଗଜରୁ ଜାଣିଲି ପୂର୍ବତନ ମୁଖ୍ୟ ଶାସନ ସଚିବ ଲଳିତ ଇନ୍ଦୁ ପରିଜାଙ୍କର ପରଲୋକ ହୋଇଯାଇଛି। ଦୁଇ ଦୁଇ ଥର ମୁଖ୍ୟ ଶାସନ ସଚିବ ହୋଇ ଓଡ଼ିଶାର ବହୁତ ଉନ୍ନତିମୂଳକ କାର୍ଯ୍ୟର ସେ ଥିଲେ ବିଧାଣୀ। ମହାନ ବୈଜ୍ଞାନିକ ଡ. ପ୍ରାଣକୃଷ୍ଣ ପରିଜାଙ୍କର ସେ ଥିଲେ ସ୍ୱନାମଧନ୍ୟ ପୁତ୍ର। ତାଙ୍କ ପିଲାବେଳ ସମ୍ପର୍କରେ କଥାଟିଏ ପଢିଥିଲି- ସେତେବେଳେ ପରିଜା ସାହେବ ଥାଆନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି। ଲଳିତବାବୁ ପଢୁଥାଆନ୍ତି ଦ୍ୱାଦଶ ଶ୍ରେଣୀରେ। ଦିନେ ପରିଜା ସାହେବ କହିଲେ, ତୁମେ ଯଦି ନିଜେ ପରିଶ୍ରମ କରି ପରୀକ୍ଷାରେ ଭଲ ନମ୍ବର ରଖିବ ତେବେ ମୁଁ ୧୦୦ ଟଙ୍କା ପୁରସ୍କାର ଦେବି। ଆଉ ଯଦି ଅସତ୍ ଉପାୟରେ ଭଲ ନମ୍ବର ରଖିବ ତେବେ ଦୁଇ ଲକ୍ଷ ଟଙ୍କା ପାଇବ। ପୁଅ ବୁଝି ନ ପାରି ବାପାଙ୍କ ମୁହଁକୁ ବଲ ବଲ କରି ଚାହିଁଆନ୍ତି। ବାପା କହିଲେ, ନିଜ ପରିଶ୍ରମରେ ଭଲ ନମ୍ବର ରଖିଲେ ମୁଁ ୧୦୦ ଟଙ୍କା ଦେବି। ଯଦି ଅସତ୍ ଉପାୟ ଅବଲମ୍ବନ କର ତେବେ ମୁଁ ଭାବିବି ମୋ ପୁଅ (କୁଳପତିଙ୍କ ପୁଅ) ଏପରି କାମ କଲା ? ତେବେ ମୁଁ କୁଆଖାଇ ନଈକୁ ଡେଇଁପଡିବି ଓ ମୋର ଜୀବନବୀମା ବାବଦକୁ ୨ ଲକ୍ଷ ଟଙ୍କା ତୁମକୁ ମିଳିବ। ପୁଅ ଆଖିରେ ଲୁହ ଜକେଇ ଆସିଲା। ସେଇଦିନରୁ ପ୍ରତିଜ୍ଞା କଲେ ସବୁ କର୍ମରେ ସର୍ବଦା ସାଧୁତା ପାଳନ କରିବେ। ସେଇ ମହାନ ଆତ୍ମାଙ୍କ ଲାଗି ଆଞ୍ଜୁଳାଏ ଶ୍ରଦ୍ଧା ଓଡ଼ିଶାବାସୀଙ୍କ ତରଫରୁ।

ରଘୁନାଥ ପଣ୍ଡା, ଏନ୍‌ଏସି କଲେଜ, ବୁର୍ଲା, ସମ୍ବଲପୁର

### ବିଜୁବାବୁ ଭାରତ ରତ୍ନ ପାଇବାକୁ ହକ୍‌ଦାର

ଭାରତର ଶ୍ରେଷ୍ଠ ଉପାଧି ଯେଉଁମାନେ ଆଜିପର୍ଯ୍ୟନ୍ତ ପାଇଛନ୍ତି ସେମାନଙ୍କ ମଧ୍ୟରେ ସ୍ୱର୍ଗତ ବିଜୁବାବୁ ପ୍ରଥମ ପସନ୍ଦ କହିଲେ ଅତ୍ୟୁକ୍ତି ହେବ ନାହିଁ। ଖାଲି ଜାତୀୟ ସ୍ତରରେ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ସେ ଜଣେ ନାମୀ ଦାମୀ ବ୍ୟକ୍ତିତ୍ୱ। ତାଙ୍କୁ ଏ ପର୍ଯ୍ୟନ୍ତ ଭାରତରତ୍ନ ଉପାଧି ନ ମିଳିବା ଘୋର ପରିତାପର ବିଷୟ। ଏହା ଓଡ଼ିଶା ପାଇଁ ନୁହେଁ ସାରା ଭାରତ ପାଇଁ ଅପମାନ। ଖାଲି ମୁଖ୍ୟମନ୍ତ୍ରୀ ନୁହେଁ ଜଣେ ସାହସୀ ପାଇଲଟ ଭାବରେ ସେ ଗୌରବ ଅର୍ଜନ କରି ଆଜି ଇଣ୍ଡୋନେସିଆରେ ଭୂମିପୁତ୍ର ହିସାବରେ ପୂଜା ପାଉଛନ୍ତି। ପ୍ରଧାନମନ୍ତ୍ରୀ ଜବାହରଲାଲଙ୍କ ସମୟରେ ସେ ତାଙ୍କ ସାହସର ପରିଚୟ ଦେଇ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ନିଜର ପରାକାଷ୍ଠା ପ୍ରତିପାଦନ କରିଥିଲେ। ଆଉ କାଳ ବିଳମ୍ବ ନ କରି କେନ୍ଦ୍ର ସରକାର ତାଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ଉପାଧି ପ୍ରଦାନ କରିବା ଉଚିତ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ଚାରାରୋପଣ

**ଭଣ୍ଡାରିପୋଖରୀ, ୧୩।୯ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଅଭିମନ୍ୟୁ ପ୍ରଧାନ, ପୁରୁଷୋତ୍ତମ ଧଳ, ନିଖିଲ ନନ୍ଦ, ରବିନାରାୟଣ ମଲ୍ଲିକ, ପୁଷ୍ପକ ଚନ୍ଦ୍ର ଭାରତୀ, ଧୀରେନ ସାହୁ, ରାମଚନ୍ଦ୍ର ବାରିକ, ଜୟସ୍ମିତା ଜେନା, ଆଶୁତୋଷ ଦାଶ, ମାନସ ନାୟକ ଓ ମନିତା ମଞ୍ଜରୀ ଧଳ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କିସମର ଚାରାରୋପଣ କରିଥିଲେ। ପ୍ରକୃତିର ସୁରକ୍ଷା ଓ ମୃତ୍ତିକା ସଂରକ୍ଷଣ ପାଇଁ ଏଭଳି କାର୍ଯ୍ୟକ୍ରମ ଯୁବପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ସେମାନେ କହିଥିଲେ। ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭଣ୍ଡାରିପୋଖରୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ, କଲ୍ୟାଣ ମଣ୍ଡପ ଓ ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା। ବିଡିଓ ବନମାଳୀ ତରାଇ ଓ ଏପିଇଓ ଜୟଶ୍ରୀ କର ପ୍ରମୁଖ ଉପସ୍ଥିତ ଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠା ଦିବସ

**ଭଣ୍ଡାରିପୋଖରୀ, ୧୩।୯ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ଅନସୂୟା ପୁହାଣଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବିଶ୍ୱମ୍ଭର ରାଉତ, ରତ୍ନାକର ବରାଳ, ବାସନ୍ତୀ ପୁହାଣ ପ୍ରମୁଖ ଯୋଗଦେଇ ବିଦ୍ୟାମନ୍ଦିର ଶୈକ୍ଷିକ ଓ ଭିତ୍ତିଭୂମିର ପ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଦ୍ୟାଳୟ କିଭଳି ଆଗକୁ ବଢ଼ିବ ସେ ନେଇ ଗୁରୁତ୍ୱ ଦେବା ସହ ସହଯୋଗର ହାତ ବଢ଼ାଇଥିଲେ। ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଚିନ୍ମୟ ପାତ୍ର, ପରମାନନ୍ଦ ରାଉତ, ନିରୁପମା ସାମଲ, ଭବପ୍ରସାଦ ବାରିକ, ପ୍ରତିଭା ନାୟକ, ରତ୍ନରାଣୀ ଖଟୁଆ, ମାମିନା ଜେନା, ସୁନିତା ପରିଡା, ସୁସ୍ମିତା ପାତ୍ର ଓ ବର୍ଷା ଜେନା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇରମରେ ଶହୀଦ ଦିବସ ପ୍ରସ୍ତୁତି

# ପ୍ରଥମ ଥର ସରକାରୀସ୍ତରରେ ପାଳନ ହେବ

**ବାସୁଦେବପୁର, ୧୩।୯ (ଡି.ଏନ.ଏ.)**

ଆସନ୍ତା ୨୮ ତାରିଖରେ ବାସୁଦେବପୁର ବ୍ଲକ ରକ୍ତତୀର୍ଥ ଇରମଠାରେ ଶହୀଦ ଦିବସ ପାଳନ ନେଇ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଅନୁମୋଦନ କ୍ରମେ ଗଠିତ ସ୍ଥାନୀୟ ପର୍ଯ୍ୟଟନ ଉନ୍ନୟନ ପରିଷଦ ପକ୍ଷରୁ ଶହୀଦ ଦିବସ ପାଇଁ ପ୍ରସ୍ତୁତି ବୈଠକ ଇରମ ଶହୀଦ ସ୍ମୃତି ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଥର ପାଇଁ ଏଠାରେ ସରକାରୀ ସ୍ତରରେ ଶହୀଦ ଦିବସ ପାଳନ ସକାଶେ ନିଷ୍ପତ୍ତି ହୋଇଛି। ପରିଷଦର ସଭାପତି ବିଡିଓ ବୀରକିଶୋର ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ପର୍ଯ୍ୟଟନ ଉନ୍ନୟନ ପରିଷଦର ସଦସ୍ୟ ଭାରପ୍ରାପ୍ତ ତହସିଲଦାର ରାଧାକାନ୍ତ ବାରିକ, ଆଇଆଇସି ମଧୁମିତା ମହାନ୍ତି, ଇରମ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ଜିଲା ପର୍ଯ୍ୟଟନ ସର୍ବେକ୍ଷଣ ଅଧିକାରୀ ମୋନାଲିସା ଜେନାଙ୍କ ସହ ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ନୂଆଗାଁ ସରପଞ୍ଚ ରଘୁନାଥ ମଳିକ, ଜଗନ୍ନାଥପୁର ସରପଞ୍ଚ ଯଦୁନାଥ ନାୟକ, ପଡୁଁଆ ସରପଞ୍ଚ ଦୀନବନ୍ଧୁ ଦାସ, କୁମାରପୁର ସରପଞ୍ଚ ମଞ୍ଜୁଲତା ପଣ୍ଡା, ଅଢୁଁଆ ସରପଞ୍ଚ ଗିରୀଶ ଚନ୍ଦ୍ର ସାମଲ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚଙ୍କ ପ୍ରତିନିଧି ଗୌତମ ସେଠୀ, ଶରତ ମଳିକ, ପୂର୍ବତନ ସରପଞ୍ଚ ଅଗଣୀ ଜେନା, ଅନିରୁଦ୍ଧ ମଳିକ, ସଂଗ୍ରାମୀ ପରିବାର ଦାୟାଦ ଅମର ପଣ୍ଡା, ମାୟାଧର ଦାସ, ନାଥବୈରାଗୀ ଦାସ ବେହେରାଙ୍କ ସମେତ ୧୦ଟି ପଞ୍ଚାୟତର ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିବା ସହ ପ୍ରସ୍ତାବ ରଖିଥିଲେ।


ପ୍ରସ୍ତୁତି ବୈଠକରେ ଇରମ ସରପଞ୍ଚ ମତ ଉପସ୍ଥାପନ କରୁଛନ୍ତି।

ସ୍ଥାନୀୟ ପର୍ଯ୍ୟଟନ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଶାନ୍ତିପୂର୍ଣ୍ଣ ଓ ଠିକ୍ ଭାବେ ଶହୀଦ ଦିବସ ପାଳନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଐତିହାସିକ ରକ୍ତତୀର୍ଥ ଇରମ ଶହୀଦ ପୀଠକୁ ରାଜ୍ୟ ସରକାର ପର୍ଯ୍ୟଟନ ସ୍ଥଳର ମାନ୍ୟତା ପ୍ରଦାନ କରିଥିବା ବେଳେ ଚଳିତବର୍ଷ ସରକାରୀ ଭାବେ ଶହୀଦ ଦିବସ ପାଳନ ଲାଗି ପ୍ରଶାସନିକ ସ୍ତରରେ ତତ୍ପରତା ଦେଖାଇଛନ୍ତି। ଏଥିପାଇଁ ବୈଠକରେ ଉପସ୍ଥିତ ପରିଷଦ ସଦସ୍ୟ ଓ ଲୋକ ପ୍ରତିନିଧି, ସ୍ଥାନୀୟ ଲୋକେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ପର୍ଯ୍ୟଟନ ବିଭାଗକୁ ଧନ୍ୟବାଦ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ଏମ୍‌ପି, ବିଧାୟକ, ବ୍ଲକ ଅଧକ୍ଷା, ଇରମ ଶହୀଦ ସ୍ମୃତି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶହୀଦ ମେମୋରିଆଲ କଲେଜ ଅଧକ୍ଷ, ଇରମ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପର୍ଯ୍ୟଟନ ଉନ୍ନୟନ ପରିଷଦର ସ୍ଥାୟୀ ସଦସ୍ୟ ଭାବେ ଗ୍ରହଣ ପାଇଁ ବୈଠକରେ ସ୍ଥିର ହୋଇଥିଲା। ଶହୀଦ ଦିବସ ପାଳନ ନେଇ ପ୍ରଶାସନ ଓ ପର୍ଯ୍ୟଟନ ଉନ୍ନୟନ ପରିଷଦ ଅଞ୍ଚଳବାସୀଙ୍କ ସହଯୋଗ ଲୋଡ଼ିଥିଲେ।

## ରାଜ୍ୟସ୍ତରୀୟ ମେଘ ଉତ୍ସବ ଉଦ୍‌ଘାଟିତ

# ‘ସଂସ୍କୃତି, ଲୋକନୃତ୍ୟକୁ ଉଜ୍ଜୀବିତ କରେ ଉତ୍ସବ’

**ଭଦ୍ରକ ଅଫିସ, ୧୩।୯**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଭଦ୍ରକ ଜିଲା ପ୍ରଶାସନର ମିଳିତ ସହଯୋଗରେ ଶୁକ୍ରବାର ଟାଉନ ହଲ୍ ପରିସରରେ ରାଜ୍ୟସ୍ତରୀୟ ଦୁଇଦିନିଆ ମେଘ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭଦ୍ରକର ସାହିତ୍ୟ, ସଂସ୍କୃତି ଓ ଲୋକନୃତ୍ୟ ଉଚ୍ଚକୋଟୀର କହି ସେ ପ୍ରଶଂସା କରିଥିଲେ। ଏହିଭଳି ଉତ୍ସବ ଜିଲା ଓ ରାଜ୍ୟର ସଂସ୍କୃତି ଏବଂ ଲୋକନୃତ୍ୟକୁ ଉଜ୍ଜୀବିତ କରିଥାଏ ବୋଲି ସେ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ, ପୂର୍ବତନ ଜିଲାପରିଷଦ ସଭାପତି ଜଗନ୍ନାଥ ସ୍ୱାଇଁ ଏବଂ ବିଶିଷ୍ଟ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଜିଲାର ମହନୀୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଭାରତୀ ନୃତ୍ୟମନ୍ଦିର ଗୁରୁ ଭରତ ଚନ୍ଦ୍ର ଗିରି ଓ ସାଥୀ ଓଡ଼ିଶୀ ନୃତ୍ୟ, ଗୁରୁ ଧିରଜ କୁମାର ମହାପାତ୍ର ଓଡ଼ିଶୀ ସଙ୍ଗୀତ ଏବଂ ଭଦ୍ରକ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଲୋକନୃତ୍ୟ ଚଇତି ଘୋଡ଼ା ପରିବେଷଣ ହୋଇଥିଲା। ଉପସ୍ଥାପିକା ଭାବେ ଅଧାପିକା ସ୍ନେହଲତା ପୃଷ୍ଟି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଓଡ଼ିଶା ସଙ୍ଗୀତ



ଉତ୍ସବରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ(ବାମରୁ ୪ର୍ଥ) ଓ ଅନ୍ୟମାନେ।

ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଡା. ରାମକୃଷ୍ଣ ସାହୁ, ଜିଲାପାଳ ଜ୍ଞାନରଞ୍ଜନ ଦାସ, ନାଟକ ଏକାଡେମୀ ସଚିବ ଡ. ବିଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସହକାରୀ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ, ଜିଲା ସଂସ୍କୃତି ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

# ଭାଗ ନେଲେ ୧୫୨ ଛାତ୍ରୀଛାତ୍ର

**ବନ୍ତ, ୧୩।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଷେଣ୍ଡତୀରାସ୍ଥିତ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋ-ଖୋ, ଭଲିବଲ୍, ଫୁଟବଲ, ଚେସ୍ ଓ ଯୋଗ ଆଦି ପ୍ରତିଯୋଗିତା ହୋଇଥିଲା। ବ୍ଲକ ଅଧୀନ ୨୦ଟି ସ୍କୁଲରୁ ୧୫୨ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଖୋ ଖୋରେ ୨୦, ଫୁଟ୍‌ବଲ୍‌ରେ ୧୨, ଭଲିବଲରେ ୭, ଚେସ୍‌ରେ ୨ ଓ ଯୋଗରେ ୨ ଜଣ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ର ସଭାପତିତ୍ୱ କରିଥିଲେ। ବନ୍ତ ଜୋନ୍‌ର ସଂଯୋଜକ କିଶୋର ଚନ୍ଦ୍ର ଦାସ କ୍ରୀଡ଼ାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଅତିଥି ପରିଚୟ ଦେଇଥିଲେ। ପରିଚାଳନା କମିଟି ସଭ୍ୟ ନିରଞ୍ଜନ ସେନାପତି ମୁଖ୍ୟଅତିଥି, ଶିକ୍ଷାବିତ୍ ରମାକାନ୍ତ ମଲ୍ଲିକ ମୁଖ୍ୟବକ୍ତା ଏବଂ ପରିଚାଳନା କମିଟିର ସଭାପତି ରମାକାନ୍ତ ଖଣ୍ଡେଇ, ବିଶିଷ୍ଟ କ୍ରୀଡ଼ା ଶିକ୍ଷକ ଗୀତାକାନ୍ତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶରୀରକୁ ସୁସ୍ଥ ରଖିବାରେ କ୍ରୀଡ଼ା ସହାୟକ ହୋଇଥାଏ ବୋଲି କହିଥିଲେ। ଶିକ୍ଷକ ଧନେଶ୍ୱର ଜେନା ଧନ୍ୟବାଦ ଦେଇଥିଲେ। ମନୋଜ କୁମାର ଶଙ୍ଖୁଆ, ଧିରେନ କୁମାର ଷଡଙ୍ଗୀ, ସହଦେବ ବେହେରା, ଜନ୍ମେଜୟ ନାୟକ, ଜଗନ୍ନାଥ ଦ୍ୱିବେଦୀ, ଉପମନ୍ୟୁ ଖୁଣ୍ଟିଆ, ଶମ୍ଭୁନାଥ ମହାନ୍ତି, ନିୟତିମଣି ପଣ୍ଡା, ସଙ୍ଗୀତା ବେହେରା, ଡଳିରାଣୀ ଦାସ, ବିଦ୍ୟୁତ୍‌ଲତା ଦାସ, ମନୀତା ନାୟକ ଓ ଚିତ୍ରାବତ୍ରୀ ବେହେରା କ୍ରୀଡ଼ା ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ରିଲିଫ୍ ପାଣ୍ଠିକୁ ସହାୟତା

**ଭଣ୍ଡାରିପୋଖରୀ, ୧୩।୯ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ, ଗୋଷ୍ଠୀ ଶିକ୍ଷାଧିକାରୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆର୍‌ସିସି, ଅଫିସ କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଫନୀ ସହାୟତା ପ୍ରଦାନ କରାଯାଇଛି। ସଂଗୃହୀତ ୮୯ ହଜାର ଟଙ୍କାର ଏକ ଡ୍ରାଫ୍ଟ ଶୁକ୍ରବାର ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କ ଜରିଆରେ ଦିଆଯାଇଛି। ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ପ୍ରଧାନ, ପୁରୁଷୋତ୍ତମ ଧଳ ଓ ନିଖିଲ ଦେ ପ୍ରମୁଖଙ୍କୁ ଏଭଳି ଉଦ୍ୟମ ପାଇଁ ସାଧୁବାଦ ଜଣାଇଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା ନେଇ ତାଲିମ

**ଭଦ୍ରକ ଅଫିସ, ୧୩।୯**

ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛତା ସମ୍ପର୍କିତ ଦିନିକିଆ ତାଲିମ ଶିବିର ଶୁକ୍ରବାର ଭଦ୍ରକ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଓ ବାସୁଦେବପୁର ପୌରପାଳିକା, ଧାମନଗର ଓ ଚାନ୍ଦବାଲି ଏନ୍‌ଏସିର ସ୍ୱଚ୍ଛସାଥୀ ସମେତ ସୁପରଭାଇଜରମାନଙ୍କୁ ନେଇ ଏହି ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ପିଡି ମଧୁସୂଦନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଏପିଡି ରାଜେନ୍ଦ୍ର କୁମାର ପଣ୍ଡା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ଭୂୟାଁ, ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା ଉପସଚିବ ସାରଦା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହରାଞ୍ଚଳରେ କିଭଳି ସ୍ୱଚ୍ଛତା ରହିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ପୌରପାଳିକା କର୍ମଚାରୀ ବିବେକ ମୁଖାର୍ଜୀ ଓ ଶେଖ୍ ଜମାଲୁଦ୍ଦିନ ଶିବିର ପରିଚାଳନା କରିଥିଲେ।

# ‘ଆୟେଶା’ ଚଳଚ୍ଚିତ୍ର ନିର୍ମାଣକୁ ବିରୋଧ


ପ୍ରତିବାଦ ଶୋଭାଯାତ୍ରାରେ ସାମିଲ ମୁସଲିମ କମିଟି କର୍ମକର୍ତ୍ତା।

**ଧାମନଗର, ୧୩।୯ (ଡି.ଏନ.ଏ.)**

ଉତ୍ତରପ୍ରଦେଶର ଲକ୍ଷ୍ନୌରେ ‘ଆୟେଶା’ ନାମରେ ଏକ ଚଳଚ୍ଚିତ୍ର ନିର୍ମାଣକୁ ବିରୋଧ କରିଛି ଧାମନଗର ମୁସଲିମ କମିଟି। ପ୍ରଫେଟ ମହମ୍ମଦଙ୍କ ଧର୍ମପତ୍ନୀ ହଜରତ ବିବି ଆୟେଶା ସିଦ୍ଦିକଙ୍କ ନାମରେ ଏହି ଚଳଚ୍ଚିତ୍ର ହେଉଥିବା ବେଳେ ୩୬ ସେକେଣ୍ଡର ଏକ ଟ୍ରେଲର ରିଲିଜ ହୋଇଛି। ଏଥିରେ ଆୟେଶା ସିଦ୍ଦିକଙ୍କ ଚରିତ୍ରକୁ ସଂହାର କରାଯାଇଥିବା ଦୃଶ୍ୟ ଚଳଚ୍ଚିତ୍ରରେ ବାହାରିବା ପରେ ଏହାକୁ ତୀବ୍ର ବିରୋଧ କରାଯାଇଛି। ଏହି ଚଳଚ୍ଚିତ୍ରରେ ମୁସ୍‌ଲିମ୍ ଧର୍ମକୁ ଅପନିନ୍ଦିତ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଶୁକ୍ରବାର ମତଅଲ୍ଲୀ ଜନାବ ଆଲ୍‌ହାଜ ମୌଲାନା ସୟଦ ଗୋଲାମ ମହମ୍ମଦ ହବିବିଙ୍କ ନେତୃତ୍ୱରେ ଧାମନଗର ଖାନ୍‌କା ସରିଫରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସିନେମାକୁ ବ୍ୟାନ କରିବା, ଚଳଚ୍ଚିତ୍ର ନିର୍ମାତାଙ୍କୁ ୱାକଫ ବୋର୍ଡରୁ ବାହାର କରାଯିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ମୁସଲିମ କମିଟି ଦାବି କରିଛି। ଏହି ପରିପ୍ରେକ୍ଷୀରେ ହଜାର ହଜାର ମୁସଲମାନ ଖାନ୍‌କା ସରିଫଠାରୁ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ବଡ଼ବଜାର, ସାନବଜାର ହୋଇ ଧାମନଗର ତହସିଲ ଅଫିସ୍ ପର୍ଯ୍ୟନ୍ତ ଯାଇଥିଲେ। କମିଟି ପକ୍ଷରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ଅଭୀପ୍‌ସା ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି।

### ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର

**ବାସୁଦେବପୁର, ୧୩।୯ (ଡି.ଏନ.ଏ.)**

ବାସୁଦେବପୁର ଥାନା ଅଧୀନ ବେଲସାଉଁଳିଆ-କିଆପଡା ରାସ୍ତାରୁ ଗୁରୁବାର ରାତିରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ବେଲସାଉଁଳିଆ ଗ୍ରାମର ପ୍ରଦ୍ୟୁମ୍ନ ମିଶ୍ର ବୋଲି ଜଣାପଡ଼ିଛି। ବାସୁଦେବପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଶୁକ୍ରବାର ଭଦ୍ରକ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୩/୧୯) ରୁଜୁ କରିଛି। ତେବେ ଯୁବକଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ।


**KHALLIKOTE UNIVERSITY**
At-GMax Building, Konishi, Berhampur-761008, Odisha

Ref: KUB/PGCO/2019/333 Dated. 13.09.2019

**QUOTATION CALL NOTICE FOR HIRING OF BUS**

Sealed tender (Two bid system) are invited from the eligible for Hiring of 50+ Seater Bus for Khallikote University Berhampur. The last date for submission of Tender will be 1500Hrs on or before 27 /09/2019. For further details please log on to our website www.khallikoteuniversity.ac.in or www.kub.ac.in.The undersigned reserves the right to cancel any portion or the entire tender without assigning any reason thereof. The interested bidder should download the tender document from the Website www.khallikoteuniversity.ac.in or www.kub.ac.in. The bidder can also obtain the tender document by sending email request to the Chairman, PG Council Khallikote University through email ID "pgco.ku@gmail.com" before the last date of submission.

Chairman, PG Council



**भा.कृ.अनु.प-केन्द्रिय मीठाजल जीवपालन अनुसंधान संस्थान**
**ICAR-CENTRAL INSTITUTE OF FRESHWATER AQUACULTURE**
कौशल्यागंग, भुवनेश्वर-751002 (ओड़ीसा)/Kausalyaganga, Bhubaneswar -751002
Tel. Nos. 91-674-2465421/2465446/2465402, FAX: 91-674-2465407
E.mail, cifa@ori.nic.in, Website:http://www.cifa.nic.in

Advertisement No. 11/2019-20

**वॉक-इंन-इंटरव्यू**

भा.कृ.अनु.प- केद्रीय मीठा जल जीव पालन अनुसंधान संस्थान (सीफा), कौशल्यागंग, भुवनेश्वर, ओडिशा में अनुबंधन आधार पर डीबीटी-बीआइआरएसि परियोजन प्रस्ताव "भारत में जीवाणुरोधी प्रतिरोध से निपटने के लिए एक स्वास्थ्य ट्रांस-प्रजातति और सामुदायिक निगरानी (BT/AMR0317/05/18)" के तहत काम करने के लिए 02(दो) यंग प्रोफेशनल - I पद की भर्ती के लिए दिनांक **01.10.2019** पू. **10.30** बजे चल-साक्षात्कार आयोजित किया जायेगा। अधिक जानकारी के लिए कृपया भा.कृ.अनु.प- सीफा वेबसाइट **http://www.cifa.nic.in** पर जाएं।

सह प्रशासनिक अधिकारी

**WALK-IN INTERVIEW**

A Walk-in-Interview will be held on **01.10.2019** at 10.30 A.M. for engagement of 02 (Two) nos. of **Young Professional-I** purely on contractual basis to work under DBT-BIRAC project proposal *"Harmonized one health trans-species and community surveillance for tackling antibacterial resistance in India" (BT/AMR0317/05/18)"* at the ICAR-Central Institute of Freshwater Aquaculture(CIFA),Kausalyaganga, Bhubaneswar, Odisha. For further details please visit to ICAR-CIFA website: **http://www.cifa.nic.in.**

Asst. Administrative Officer



**GANGADHAR MEHER UNIVERSITY**
**AMRUTA VIHAR, SAMBALPUR**

**WALK-IN-INTERVIEW FOR INTEGRATED GUEST FACULTY IN INTEGRATED B.ED PROGRAM**

A walk-in-interview will be conducted for engagement of Guest faculties in the Integrated B.Ed. program of the University as per the following details. Interested eligible candidates are invited to attend the same with original documents and one set of photocopy of all documents with two colour passport size photographs.

The date of Walk-in-interview is dt. **18.9.2019** at **11.00 AM** in the Education Department.

| Sl. No. | Pedagogy Subject | Qualification | No. of Posts |
|---|---|---|---|
| 1 | Physical Science | M.Sc. in Physics and Chemistry with 55% mark & NET | 01 |
| 2 | Biological Science | P.G. in Botany with 55% mark, B.Ed. 55% marks & NET | 01 |
| 3 | Language English-1 | P.G. in Language (English) with 55% marks, B.Ed. with 55% marks & NET | 01 |

Desirable qualification:
I. M.Ed. or M.Ed. with specialization in Elementary Education
II. Ph.D. in Education

**Sd./- REGISTRAR**



**ZILLA SWASTHYA SAMITI, NAYAGARH**

No.1982 **NOTICE** Date: 13.09.19

The cader wise provisional gradation list in respect of Laboratory Technicians, Staff Nurses, Pharmacists, -Radiographers, MPHW(M) & MPHW(F)s working under different. schemes/ societies in Nayagarh district is prepared and available in the district web portal **www.nayagarh.nic.in.** Candidates are requested to verify their details and send their Objections if any to the CDM&PHO, Nayagarh with relevant/ requisite documents through registered post/ speed post/ courier on or before dt.24.09.2019 upto 5.00 P.M. with superscribing on the envelope "objections on the gradation list".No personal query will be entertained.

Sd./-
Chief District Medical &
Public Health Officer, Nayagarh



**OFFICE OF THE DISTRICT JUDGE, DHENKANAL**

**ADVERTISEMENT**

**Dated, Dhenkanal the 14th September, 2019**

Applications in the prescribed format are invited from intending candidates for filling up of the following posts of Junior Clerk-cum-Copyist, Junior typist, Stenographer Grade-III, with usual D.A. and other allowances as admissible from time to time by the Government of Odisha. Applicability of Odisha Group-C & Group-D posts (Contractual Appointment) Rules, 2013 to these appointments and regular scale of pay prescribed against each post shall be subject to the result of **W.P. (C) No.1273 of 2014** pending before the Hon'ble High Court of Orissa, Cuttack.

**CATEGORY - WISE VACANCY POSITION**

| Sl. No. | Categories of Post | Scale of pay | UR | SC | ST | SEBC | Total | Physically Handicapped / Ex- Serviceman / Sports Person |
|---|---|---|---|---|---|---|---|---|
| GROUP-C | | | | | | | | |
| 1 | Jr. Clerk-Cum-Copyist | Level-4, Cell-1 (Rs.19,900/- to 63,200/-) | - | 03 (W-02) | 04 (W-03) | - | 07 | (The vacancy reserved for Women P.W.D. / Ex- Serviceman / Sports Person is inclusive of vacancy of respective category to which they belong) |
| 2 | Jr. Typist | Level-4, Cell-1 (Rs.19,900/- to 63,200/-) | - | - | 01 | - | 01 | |
| 3 | Stenographer Grade-III | Level-7, Cell-1 (Rs.25,500/- to 81,100/-) | - | 01 | 02 (W-01) | 01 | 04 | |

**'W' in the above table stands for Women.**

1. One post of Jr. Clerk-Cum-Copyist, one post of Stenographer Grade-III and one post of Jr. Typist, in S.T. Category, are backlog vacancies., 2. The above vacancy for the post of Jr. Clerk-Cum-Copyist includes one anticipated vacancy in S.C. Category & One anticipated vacancy in S.T. Category which are likely to accrue by virtue of promotion. Appointment shall be made if actual vacancy arises. Note :-The vacancy reserved for P.H. / Ex-Serviceman / Sports Person / Women are inclusive of respective categories to which they belong and shall be as per the respective Rules framed by the Government from time to time. Note :- The vacancies may Increase or decrease. The decision of the District Judge as to the result of examination shall be final and in no case shall be liable to be challenged. The authority reserves the right to cancel the recruitment process at any time without prior notice. Applications along with required documents and self attested copies of certificates must reach in the address of District Judge, Dhenkanal, At/ PO/ Dist- Dhenkanal-759001 by 5.00 P.M. of 14.10.2019 positively. Applications received after the due date shall be summarily rejected. In case of receipt of large number of applications, the authority reserves the right to shortlist the candidates- in accordance with the Rules contained in the Orissa District & Sub-ordinates Courts Non- Judicial Staff Services (Method of Recruitment and Conditions of Service) Rules 2008 and amendment rule 2010 made therein from time to time. Details of Advertisement, Application Form, eligibility criteria, scheme of Examination alongwith detail syllabus etc. are available in the District Court Website: http://ecourts.gov.in/Odisha/Dhenkanaldc.

Sd./-District Judge, -cum- Chairman
District Recruitment Committee, Dhenkanal



**ଓଡ଼ିଶା ରାଜ୍ୟ ଅର୍ଥ ନିଗମ**
ଓ.ଏମ.ପି. ଛକ, କଟକ-୭୫୩୦୦୩
Email-osfcho@osfcindia.com

**ବିଜ୍ଞାପନ**

**ଓଡ଼ିଶାର ଶିକ୍ଷିତ ବେକାର ଯୁବକ/ଯୁବତୀମାନଙ୍କ ପାଇଁ ଉଦ୍ୟୋଗ ବିକାଶ ତାଲିମ(EDP)**

ଓଡିଶା ରାଜ୍ୟ ଅର୍ଥ ନିଗମ, ଓଡିଶା ସରକାରଙ୍କ ଶିଳ୍ପ ନିର୍ଦ୍ଦେଶାଳୟ, କଟକଙ୍କ ଦ୍ୱାରା ପ୍ରାୟୋଜିତ ଜିଲ୍ଲାସ୍ତରୀୟ ଶିଳ୍ପୋଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ବାର ଦିନ ବ୍ୟାପି ଉଦ୍ୟୋଗ ବିକାଶ ତାଲିମ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଓଡିଶାର ଇଚ୍ଛୁକ ଶିକ୍ଷିତ ବେକାର ଯୁବକ ଓ ଯୁବତୀମାନଙ୍କ ଠାରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଶିଳ୍ପ ନିର୍ଦ୍ଦେଶାଳୟ, କଟକ ମିଳିତ ସହଯୋଗରେ ରାଜ୍ୟ ଅର୍ଥ ନିଗମ ଏହି ତାଲିମ କାର୍ଯ୍ୟ ପର୍ଯ୍ୟାୟକ୍ରମେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ **୧୪.୧୦.୨୦୧୯ ରୁ ୨୫.୧୦.୨୦୧୯** ଓ ଦ୍ୱିତୀୟ ପର୍ଯ୍ୟାୟରେ **୦୨.୧୨.୨୦୧୯ ରୁ ୧୩.୧୨.୨୦୧୯** ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ତାଲିମ କାର୍ଯ୍ୟକ୍ରମ ବିବରଣୀ**

| ପର୍ଯ୍ୟାୟ | ତାଲିମପ୍ରଦାନ ସ୍ଥାନ | ଶାଖାର ନାମ | ଶାଖାର ଯୋଗାଯୋଗ ନଂ | ମୋବାଇଲ ନଂ |
|---|---|---|---|---|
| ୧ମ | କଟକ | କଟକ | ୦୬୭୧-୨୩୪୨୦୩୫ | ୯୮୬୧୩୨୪୨୭୦ |
| | ଭୁବନେଶ୍ୱର | ଭୁବନେଶ୍ୱର | ୦୬୭୪-୨୩୬୦୮୫୨ | ୮୩୨୭୭୮୦୮୬୭ |
| | ସମ୍ବଲପୁର | ସମ୍ବଲପୁର | ୦୬୬୩-୨୫୪୦୪୮୫ | ୮୩୨୭୭୮୦୮୬୭ |
| | ବ୍ରହ୍ମପୁର | ଭୁବନେଶ୍ୱର | ୦୬୭୪-୨୩୬୦୮୫୨ | ୮୩୨୭୭୮୦୮୬୭ |
| | ଜୟପୁର | ଭୁବନେଶ୍ୱର | ୦୬୭୪-୨୩୬୦୮୫୨ | ୮୩୨୭୭୮୦୮୬୭ |
| ୨ୟ | ଭଦ୍ରକ | କଟକ | ୦୬୭୧-୨୩୪୨୦୩୫ | ୯୮୬୧୩୨୪୨୭୦ |
| | ଢେଙ୍କାନାଳ | କଟକ | ୦୬୭୧-୨୩୪୨୦୩୫ | ୯୮୬୧୩୨୪୨୭୦ |
| | ଜଗତସିଂପୁର | ପାରାଦୀପ (କଟକ) | ୦୬୭୧-୨୩୪୪୧୦୭ | ୯୮୬୧୩୨୪୨୭୦ |
| | ରାଉରକେଲା | ସମ୍ବଲପୁର | ୦୬୬୩-୨୫୪୦୪୮୫ | ୮୩୨୭୭୮୦୮୬୭ |

**ଯୋଗ୍ୟତା ସର୍ତ୍ତାବଳୀ-**
(କ) ପ୍ରାର୍ଥୀ/ପ୍ରାର୍ଥିନୀ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ଓ ବୟସ ୧୮ ବର୍ଷରୁ ଅଧିକ ହୋଇଥିବ।
(ଖ) ପ୍ରାର୍ଥୀ/ପ୍ରାର୍ଥିନୀ ଅନ୍ୟୁନ୍ୟ ଅଷ୍ଟମ ଶ୍ରେଣୀ ଶିକ୍ଷାଲାଭ କରିଥିବେ । ଅଧିକ ଶିକ୍ଷିତ ଆଗ୍ରହୀ ଓ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ।
(ଗ) ପ୍ରାର୍ଥୀ/ପ୍ରାର୍ଥିନୀ ଆଗରୁ କେବେ ଏହିପରି ଉଦ୍ୟୋଗବିକାଶ ତାଲିମରେ (EDP) ଅନୁବନ୍ଧିତ ବା ଭାଗ ନେଇ ନଥିବେ।

**ଆବେଦନ କରିବାର ପ୍ରଣାଳୀ-**
(କ) ଆବେଦନ କରିବାର ଶେଷ ତାରିଖ ୧ମ ପର୍ଯ୍ୟାୟ ପାଇଁ ତାରିଖ ୧୦.୧୦.୨୦୧୯ ଓ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୨୯.୧୧.୨୦୧୯।
(ଖ) ଆବେଦନକାରୀ ସାଧା କାଗଜରେ ନିଜର ନାମ, ବୟସ, ଠିକଣା, ଶିକ୍ଷାଗତ ଯୋଗ୍ୟତା, ଫଟୋ, ଆଧାର କାର୍ଡ, ଫୋନ ନଂ, କେଉଁ ପ୍ରକଳ୍ପ କରିଛନ୍ତି ବା କରିବାକୁ ଚାହୁଁଛନ୍ତି ତାହାର ବିବରଣୀ ସହିତ ଓଡିଶା ରାଜ୍ୟ ଅର୍ଥ ନିଗମର ସ୍ଥାନୀୟ ଶାଖା ପରିଚାଳକଙ୍କୁ ଉପରୋକ୍ତ ତାରିଖ ସୁଦ୍ଧା ଦରଖାସ୍ତ କରିପାରିବେ । ଆବଶ୍ୟକ ସ୍ଥଳେ ବିଶେଷ ସୂଚନା ପାଇଁ ନିମ୍ନଲିଖିତ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

ଫୋନ-୯୪୩୭୨୭୦୬୯୨, ୯୪୩୭୨୦୭୯୦୦

ପ୍ରସନ୍ନ କୁମାର ଜେନା (ଭା.ପ୍ର.ସେ)
ପରିଚାଳନା ନିର୍ଦ୍ଦେଶକ


See Career Appointment on every Wednesday & Saturday



ବଲିଉଡ୍‌ରେ ଚାହୁଁ ଚାହୁଁ ୯ ବର୍ଷ ବିତିଗଲାଣି, କାଲିଭଳି ଲାଗୁଛି।
- ସୋନାକ୍ଷୀ ସିହ୍ନା, ସିନେ ଅଭିନେତ୍ରୀ



# ବିବାହର ୨ମାସ ପରେ
# ବେଙ୍ଗ-ବେଙ୍ଗୁଲୀଙ୍କ ଛାଡ଼ପତ୍ର

**ଭୋପାଳ:** ବର୍ଷା ପାଇଁ ବେଙ୍ଗ-ବେଙ୍ଗୁଲୀ ବାହାଘର କଥା ସମସ୍ତେ ଊଣା ଅଧିକେ ଶୁଣିଥିବେ। ହେଲେ ବର୍ଷା ବନ୍ଦ ପାଇଁ ବେଙ୍ଗ-ବେଙ୍ଗୁଲୀଙ୍କ ଛାଡ଼ପତ୍ର ଭଳି ଘଟଣା ହୁଏତ ଅନେକଙ୍କ ପାଇଁ ନୂଆ। ମଧ୍ୟପ୍ରଦେଶର ରାଜଧାନୀ ତଥା ହ୍ରଦ ସହର ଭୋପାଳରେ ଏପରି ଏକ ଘଟଣା ପଦାକୁ ଆସିଛି। ଇନ୍ଦ୍ର ଦେବତାଙ୍କୁ ସନ୍ତୁଷ୍ଟି ପାଇଁ ମାତ୍ର ୨ମାସ ତଳେ ବେଙ୍ଗ-ବେଙ୍ଗୁଲୀଙ୍କ ବିବାହ ଉତ୍ସବ ଧୁମ୍‌ଧାମରେ କରାଯାଇଥିବାବେଳେ ଏବେ ଅତ୍ୟଧିକ ବର୍ଷାରୁ ନିସ୍ତାର ପାଇବା ଲାଗି ଅଞ୍ଚଳବାସୀ ସେମାନଙ୍କ ବିବାହ ବିଚ୍ଛେଦ କରାଇଛନ୍ତି।

ଦୁଇମାସ ତଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଆଉଟୁପାଉଟୁ ହେଉଥିଲା ସମଗ୍ର ମଧ୍ୟପ୍ରଦେଶ। ଏପରି କି ଚଳିତ ବର୍ଷ ମରୁଡ଼ି ପରିସ୍ଥିତି ଉପୁଜିବ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ ଚାଷୀ। ଅଞ୍ଚଳବାସୀଙ୍କ ବିଶ୍ୱାସ ଅନୁଯାୟୀ ମରୁଡ଼ିରୁ ରକ୍ଷା ପାଇଁ ଜୁଲାଇ ୧୯ରେ ଆଡମ୍ବର ସହକାରେ ବେଙ୍ଗ-ବେଙ୍ଗୁଲୀଙ୍କ ବିବାହ କରାଯାଇଥିଲା। ହେଲେ ଜୁଲାଇ ଶେଷ ବେଳକୁ ପାଣିପାଗର ଚିତ୍ର ସମ୍ପୂର୍ଣ୍ଣ ବଦଳିଗଲା। ଲଘୁଚାପଜନିତ ଲଗାଣ ବର୍ଷାରେ ସମଗ୍ର ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ସେପ୍ଟେମ୍ବର ୧୧ ସୁଦ୍ଧା ଆବଶ୍ୟକତାଠାରୁ ୨୬% ଅଧିକ ବର୍ଷା ହୋଇଛି। ଗତ ରବିବାର ଭୋପାଳରେ ହୋଇଥିବା ବର୍ଷା ୧୩ବର୍ଷର ରେକର୍ଡ ଭାଙ୍ଗିଛି। ସହର ତଳି ଅଞ୍ଚଳରେ ବର୍ଷା ପାଣି ପଶିଛି। ବର୍ଷାରେ ସହରବାସୀଙ୍କ ଜୀବନଯାତ୍ରା ବ୍ୟାହତ ହୋଇଛି। ବ୍ୟାପକ ଫସଲ ମଧ୍ୟ ନଷ୍ଟ ହେଲାଣି। ଫଳରେ ଆଉ ଅଧିକ ବର୍ଷା ଚାହୁଁନାହାନ୍ତି ଲୋକେ। ବର୍ଷା ବନ୍ଦ ପାଇଁ ବୁଧବାର ଇନ୍ଦ୍ରପୁରୀ ଅଞ୍ଚଳର ଓମ୍ ଶିବ ସେବା ଶକ୍ତି ମଣ୍ଡଳ ପକ୍ଷରୁ ସାଙ୍କେତିକ ଭାବେ ବେଦ ମନ୍ତ୍ରପାଠ ସହ ବେଙ୍ଗ-ବେଙ୍ଗୁଲୀଙ୍କ ବିବାହ ବିଚ୍ଛେଦ କରାଯାଇଛି। ଏହାପରେ ବର୍ଷାରୁ ଆଶ୍ୱସ୍ତି ମିଳିବ ବୋଲି ମଣ୍ଡଳର କର୍ମକର୍ତ୍ତାମାନେ ଆଶାବ୍ୟକ୍ତ କରିଛନ୍ତି।



# ସ୍ୱାମୀଙ୍କୁ ପରିଚୟ କରାଇବେ ରାକ୍ଷୀ

ମୁମ୍ବାଇ, ୧୩।୯

ହିନ୍ଦୀ ଫିଲ୍ମ ଓ ଟେଲିଭିଜନରେ ଜଣେ ସୁନାମଧନ୍ୟ ଅଭିନେତ୍ରୀ, ନୃତ୍ୟାଙ୍ଗନା ଓ ମଡେଲଭାବେ ରାକ୍ଷୀ ସାୱନ୍ତ ବେଶ୍ ଜଣାଶୁଣା। ଏଥିସହ ଇଣ୍ଡିଆନ୍ ରିୟଲିଟି ଟେଲିଭିଜନ ସିରିଜ୍ 'ବିଗ୍ ବସ୍-୧'ର ସେ ଜଣେ ପ୍ରତିଦ୍ୱନ୍ଦୀ ଥିଲେ। ନିଜ ବିବାହ ସମ୍ପର୍କରେ ସେ ମୁହଁଖୋଲି କହିଥିଲେ ହେଁ ସ୍ୱାମୀ ରିତେଶ୍‌ଙ୍କ ବିଷୟରେ କିଛି ଖୋଲି କହିନାହାନ୍ତି। ସେ ମିଡିଆଫ୍ରେଣ୍ଡଲି ନ ଥିବା ରାକ୍ଷୀ କହିଥିବାବେଳେ ଚଳିତ ମାସରେ 'ବିଗ୍ ବସ୍-୧୩'ରେ ରିତେଶ୍‌ଙ୍କୁ ପରିଚୟ କରାଇବେ ବୋଲି ପ୍ରକାଶ କରିଛନ୍ତି। ଏହି ଶୋ'ରେ ସେ ନିଜ ସ୍ୱାମୀଙ୍କ ସହ ରହିବେ। ବ୍ରିଟେନ୍‌ରେ ଥିବା ରିତେଶ୍‌ଙ୍କୁ ସେ ଫ୍ୟାନ୍‌ଙ୍କଠାରୁ ବି ଅଧିକ ଭଲ ପାଉଥିବା ରାକ୍ଷୀ କହିଛନ୍ତି। ଗତ ଜୁଲାଇ ୨୮ରେ ଦୁହିଁଙ୍କ ବାହାଘର ହିନ୍ଦୁ ଓ ଖ୍ରୀଷ୍ଟିଆନ୍ ପରମ୍ପରା ଅନୁଯାୟୀ ହୋଇଥିଲା। ବର୍ଷକର ସମ୍ପର୍କ ମଧ୍ୟରେ ବିବାହର ୧୫ ଦିନ ପୂର୍ବରୁ ରାକ୍ଷୀ ରିତେଶ୍‌ଙ୍କୁ ଦେଖିଥିବା କହିଛନ୍ତି। ଏବେ ସେ ମୁମ୍ବାଇରୁ ବେଙ୍ଗାଲୁରୁ ଶିଫ୍ଟ କରିବାକୁ ଚାହୁଁଥିବା ଜଣାପଡ଼ିଛି। ସେ କିଛିଦିନ ଶ୍ୱଶୁର ଘରେ କାଟିବା ପରେ ମୁମ୍ବାଇ ଫେରିବେ ବୋଲି ଜଣାପଡ଼ିଛି।



# ଲୋ-କ୍ୟାଲୋରିରୁ ହାଡ଼ ଦୁର୍ବଳ

ୱାଶିଂଟନ, ୧୩।୯

ଓଜନ ବଢ଼ିବାକୁ ନେଇ ଏବେ ସବୁଠି ଚିନ୍ତା। ବ୍ୟାୟାମ କରିବା ଆଉ ତା' ସାଙ୍ଗକୁ କମ୍ କ୍ୟାଲୋରୀ ଯୁକ୍ତ ଖାଦ୍ୟ ଖାଇବା ଅଭ୍ୟାସ ହୁଏତ ଜଣକୁ ଘାତକ ବ୍ୟାଧିରେ ପକାଇ ଦେଇପାରେ। ବୋନ୍ ଆଣ୍ଡ ମିନେରାଲ ରିସର୍ଚ୍ଚ ଜର୍ନାଲ ଏହା କହିଛି। ଏହାକୁ ପ୍ରମାଣିତ କରିବା ପାଇଁ ବିଶେଷଜ୍ଞମାନେ ମୂଷାଙ୍କ ଉପରେ ଅଧ୍ୟୟନ କରିଥିଲେ। ମୂଷାଙ୍କ ବୋନ୍‌ମେରୋରେ ଏକପ୍ରକାର ଚର୍ବି ରହିଛି; ଯାହା ମନୁଷ୍ୟଙ୍କ ଶରୀରରେ ମଧ୍ୟ ଦେଖିବାକୁ ମିଳେ। ଏହାର ବୃଦ୍ଧିରେ ହାଡ଼ ଦୁର୍ବଳ ହୋଇଯାଏ। ଏହାକୁ ପ୍ରମାଣିତ କରିବାକୁ ବିଶେଷଜ୍ଞ ଦଳର ସଦସ୍ୟ ମୂଷାଙ୍କ ଶରୀରର ୩୦% କ୍ୟାଲୋରି କମ୍ କରିଦେଇଥିଲେ। ଏହାପରେ ଯଦିଓ ମୂଷାଙ୍କ ଓଜନ କମିଗଲା, ହେଲେ ସେମାନଙ୍କ ବୋନ୍‌ମେରୋରେ ଥିବା ଉକ୍ତ ଚର୍ବିର ପରିମାଣ ଆଶାତୀତ ଭାବେ ବଢ଼ିଗଲା। ଏହା ସେମାନଙ୍କ ହାଡ଼କୁ ଅତିମାତ୍ରାରେ ଦୁର୍ବଳ କରିପକାଇଥିଲା।

ଇତିହାସର ଆଇନାରେ

## ସେପ୍ଟେମ୍ବର ୧୪ର ପ୍ରମୁଖ ଘଟଣା

୧୯୯୭ ସେପ୍ଟେମ୍ବର ୧୪ରେ ମଧ୍ୟପ୍ରଦେଶର ଚମ୍ପା ସହରସ୍ଥିତ ହଂସଦେବ ନଦୀରେ ହାୱଡ଼ା-ଅହମଦାବାଦ୍ ଏକ୍ସପ୍ରେସର ୫ ବଗି ଖସିପଡ଼ିବାରୁ ୮୧ ଜଣ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ୧୭୫ରୁ ଊର୍ଦ୍ଧ୍ୱ ଲୋକ ଏଥିରେ ଆହତ ହୋଇଥିଲେ। କ୍ରେନ୍ ସହାୟତାରେ ଭାଙ୍ଗିଯାଇଥିବା ବଗିଗୁଡ଼ିକୁ ଉଦ୍ଧାର କରାଯିବା ସହ ଆହତଙ୍କୁ ଚିକିତ୍ସା ଲାଗି ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

୧୯୪୯ ମସିହା ସେପ୍ଟେମ୍ବର ୧୪କୁ ପ୍ରତିବର୍ଷ ଭାରତରେ ହିନ୍ଦୀ ଦିବସ ଭାବେ ପାଳନ କରାଯାଇଆସୁଛି। ହିନ୍ଦୀକୁ ଅଫିସିଆଲ୍ ଭାଷା ଭାବେ ଅଧିକରୁ ଅଧିକ ବ୍ୟବହାର କରିବା ଲାଗି ଏଥିରେ ବାର୍ତ୍ତା ଦିଆଯାଇଛି। ସମ୍ବିଧାନର ଧାରା ୩୪୩ ଅନୁଯାୟୀ ଦେବନାଗରୀ ଲିପିରେ ଲିଖିତ ହିନ୍ଦୀ ଭାଷାକୁ ଅଫିସିଆଲ୍ ଭାଷାର ମାନ୍ୟତା ଦିଆଯାଇଛି।

## କେମିତି ରହିବ ଆଜିର ପାଗ


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ହେବା ସହ କେତେକ ଅଞ୍ଚଳରେ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।
**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। କେତେକ ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୪ | ୨୪.୦ |
| ଚାନ୍ଦବାଲି | ୩୩.୪ | ୨୫.୮ |
| କଟକ | ୩୩.୦ | ୨୩.୫ |
| ପାରାଦ୍ୱୀପ | ୩୧.୦ | ୨୭.୩ |
| ଭୁବନେଶ୍ୱର | ୩୧.୭ | ୨୫.୬ |
| ଗୋପାଳପୁର | ୩୦.୮ | ୨୫.୮ |
| ପୁରୀ | ୩୨.୦ | ୨୬.୬ |
| ଅନୁଗୋଳ | ୩୨.୧ | ୨୧.୬ |
| ବାରିପଦା | ୩୨.୫ | ୨୫.୪ |
| ଝାରସୁଗୁଡ଼ା | ୩୧.୨ | ୨୪.୬ |
| କେନ୍ଦୁଝର | ୨୯.୪ | ୨୩.୫ |
| ସମ୍ବଲପୁର | ୩୨.୨ | ୨୪.୦ |
| ସୁନ୍ଦରଗଡ଼ | ୨୮.୦ | ୨୧.୦ |
| ହୀରାକୁଦ | ୩୦.୯ | ୨୪.୪ |
| ତାଳଚେର | ୩୧.୦ | ୨୪.୭ |
| ଭବାନୀପାଟଣା | ୩୨.୦ | ୨୪.୭ |
| ବଲାଙ୍ଗୀର | ୩୧.୬ | ୨୪.୫ |
| କୋରାପୁଟ | ୨୮.୬ | ୧୯.୨ |
| ଫୁଲବାଣୀ | ୨୯.୯ | ୨୩.୫ |
| ଟିଟିଲାଗଡ଼ | ୩୧.୦ | ୨୧.୫ |
| ମାଲକାନଗିରି | ୩୦.୦ | -- |
| ସୋନପୁର | ୨୧.୦ | -- |
| ଦାରିଙ୍ଗିବାଡ଼ି | ୨୮.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

# ଚା ପିଇଲେ ସୁସ୍ଥ ରହିବ ମସ୍ତିଷ୍କ

ସିଙ୍ଗାପୁର



ଆପଣ ଚା' ପିଅନ୍ତି କି? ତେବେ ଆପଣଙ୍କ ପାଇଁ ରହିଛି ଏକ ଖୁସି ଖବର। ଏକ ସର୍ଭେରୁ ଜଣାପଡ଼ିଛି ଯେ, ପ୍ରତ୍ୟେକ ଦିନ ଚା'ପିଉଥିବା ବ୍ୟକ୍ତିଙ୍କ ମସ୍ତିଷ୍କ ଚା' ନ ପିଉଥିବା ବ୍ୟକ୍ତିଙ୍କ ମସ୍ତିଷ୍କ ତୁଳନାରେ ଅଧିକ ସୁସ୍ଥ ଓ ସଂଗଠିତ। ଏଭଳି ରିପୋର୍ଟ ଏଜିଂ ନାମକ ଏକ ଜର୍ନାଲରେ ପ୍ରକାଶ ପାଇଛି। ସର୍ଭେରେ ୩୬ ଜଣ ବୟୋଜ୍ୟେଷ୍ଠଙ୍କ ନ୍ୟୁରୋଇମେଜିଙ୍ଗ୍ ତଥ୍ୟକୁ ନେଇ ପରୀକ୍ଷଣ କରିବା ପରେ ଏହି ରିପୋର୍ଟ ପ୍ରକାଶ କରାଯାଇଛି।

ଚା' ପିଇବା ଦ୍ୱାରା ମସ୍ତିଷ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ନିୟମିତ ଭାବେ ଚା' ପିଇଲେ ବାର୍ଦ୍ଧକ୍ୟରେ ମସ୍ତିଷ୍କ ଜନିତ ସମସ୍ୟାରୁ ମଧ୍ୟ ରକ୍ଷା ମିଳିଥାଏ। ତେବେ ଚା'ପିଇବାର ଉପକାରିତା ବାବଦରେ ଏହା ହେଉଛି ସର୍ବପ୍ରଥମ ସର୍ଭେ ରିପୋର୍ଟ ବୋଲି କହିଛନ୍ତି ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ସିଙ୍ଗାପୁରର ଆସିଷ୍ଟାଣ୍ଟ ପ୍ରଫେସର ଫେଙ୍ଗ୍ ଲେଇ।

ଗବେଷକଙ୍କ ମତାନୁସାରେ, ଚା' ପିଇଲେ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ଏବଂ ମାନସିକ ଓ ହୃଦୟଜନିତ ସମସ୍ୟାରୁ ରକ୍ଷା ମିଳିଥାଏ। ଏହି ଗବେଷଣାରେ ୟୁନିଭର୍ସିଟି ଅଫ୍ ଆସେକ୍ସ ଏବଂ ୟୁକେସ୍ଥିତ ୟୁନିଭର୍ସିଟି ଅଫ୍ କାମ୍ବ୍ରିଜ୍‌ର ଗବେଷକମାନେ ସାମିଲ ହୋଇଥିଲେ। ୬୦ବର୍ଷ ଏବଂ ତାହାଠୁ ଊର୍ଦ୍ଧ୍ୱ ବୟସର ୩୬ଜଣ ବୟସ୍କଙ୍କୁ ନେଇ ସେମାନଙ୍କ ମାନସିକ ସ୍ଥିତି, ଜୀବନଶୈଳୀ ଓ ଚିନ୍ତାଶକ୍ତି ଉପରେ ଗବେଷଣା କରାଯାଇଥିଲା। ୨୫ ବର୍ଷ ଯାଏ ଯେଉଁ ବ୍ୟକ୍ତିମାନେ ନିୟମିତ ନାଲି ଚା', ହର୍ବାଲ୍ ଚା', ଗ୍ରୀନ୍ ଟି ଭଳି ଚା' ସେବନ କରିଥାନ୍ତି, ସେମାନଙ୍କ ମସ୍ତିଷ୍କ ଓ ମାନସିକ ସ୍ଥିତି ଚା'ନ ପିଉଥିବା ବ୍ୟକ୍ତିଙ୍କ ତୁଳନାରେ ଅଧିକ ସୁସ୍ଥ ବୋଲି ଏହି ଗବେଷଣାରୁ ଜଣାପଡିଛି।

## ଅଧାରେ ରହିଗଲା କାନାଡା ଯିବା ସ୍ୱପ୍ନ
# ବେଆଇନ ହୋର୍ଡିଂ ନେଲା ଶୁଭଶ୍ରୀଙ୍କ ଜୀବନ

ଚେନ୍ନାଇ



ହୋର୍ଡିଂ ନେଲା ଜୀବନ। ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖି କାନାଡା ଯିବାକୁ ପ୍ରସ୍ତୁତ ହେଉଥିବା ଶୁଭଶ୍ରୀଙ୍କ ମୃତ୍ୟୁ ଏକ ବେଆଇନ୍ ହୋର୍ଡିଂ ପାଇଁ ହୋଇଛି। ଗୁରୁବାର ଶୁଭଶ୍ରୀ ଅଫିସରୁ ଫେରୁଥିବାବେଳେ ବେଆଇନ ଭାବେ ଲଗାଯାଇଥିବା ଏକ ହୋର୍ଡିଂ ତାଙ୍କ ଉପରେ ପଡ଼ିଯାଇଥିଲା, ପରେ ଏକ ପାଣି ଟ୍ୟାଙ୍କର ଆସି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା, କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ୨୩ ବର୍ଷୀୟା ଶୁଭଶ୍ରୀ ଏକ ଆଇଟି କମ୍ପାନୀରେ କାମ କରୁଥିଲେ। ପ୍ରତିଦିନ ଭଳି ଗୁରୁବାର ମଧ୍ୟ ସେ ନିଜ ସ୍କୁଟିରେ ପଲ୍ଲାଭରମ-ତୋରଇପକ୍କମ ରେଡିୟଲ ରୋଡ ଦେଇ ଘରକୁ ଫେରୁଥିଲେ। ସକାଳ ଶିଫ୍ଟ ସାରି ଦ୍ୱିପ୍ରହର ପ୍ରାୟ ୨ଟା ସମୟରେ ଫେରିବାବେଳେ ହଠାତ ତାଙ୍କ ଉପରେ ଏକ ହୋର୍ଡିଂ ପଡ଼ିଯାଇଥିଲା। ଫଳରେ ଶୁଭଶ୍ରୀ ତଳେ ପଡ଼ିଯାଇଥିଲେ। କିଛି ସେକେଣ୍ଡ ପରେ ଏକ ଟ୍ୟାଙ୍କର ତାଙ୍କୁ ମାଡିଚାଲିଯାଇଥିଲା। ଯାହା ଫଳରେ ଶୁଭଶ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତେବେ ଦୁର୍ଘଟଣା ସମୟରେ ଶୁଭଶ୍ରୀ ହେଲମେଟ୍ ମଧ୍ୟ ପିନ୍ଧିଥିଲେ।

ପ୍ରକାଶ ଥାଉ କି, ଏହି ବେଆଇନ୍ ହୋର୍ଡିଂଟି ଅଲ୍ ଇଣ୍ଡିଆ ଆନ୍ନା ଦ୍ରାଭିଡ ମୁନେତ୍ର କଷଗମ୍ (ଏଆଇଏଡିଏମ୍‌କେ) ପାର୍ଟିର। ତେବେ ବେଆଇନ୍ ଭାବେ ଏହାକୁ ନିଜ ପରିବାରର ବିବାହ ଉତ୍ସବ ସମାରୋହର ପ୍ରଚାର ଉଦ୍ଦେଶ୍ୟରେ ସ୍ଥାନୀୟ ନେତା ଜୟଗୋପାଲ ଲଗାଇଥିଲେ। ମାଡ୍ରାସ୍ ହାଇକୋର୍ଟ ଏନେଇ ଚେତାବନୀ ଦେବା ପରେ ମଧ୍ୟ ରାଜନୈତିକ ଦଳ ପକ୍ଷରୁ ରାସ୍ତା କଡ଼ରେ ଏଭଳି ବେଆଇନ୍ ହୋର୍ଡିଂ ଲଗାଯାଉଛି।


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କଂପାନୀ ହିନ୍ଦୁସ୍ଥାନ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ୨ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9499452368

**Hi-Tech Telecom Company Ltd.**
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
**GLOBAL TOWER**
ନିଜର ଖାଲି ଜମି, ଛାତ, କ୍ଷେତ୍ର, ପ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 90 ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
**NRC FINANCE**
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

**BASUNDHAR FINANCE**
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

**FINANCE**
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

**FINANCE**
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ । କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jarkhand, 834001
9582606103
9654417419

**TIRUPATI FINANCE**
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

**VEDANSI FINANCE PVT LTD**
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD.**
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

EDUCATION

**ADMISSION OPEN**
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଜୁଭେନାଇଲ କୋର୍ଟରେ ନାବାଳକ ହାଜର

**ନୀଳଗିରି, ୧୩।୯(ଡି.ଏନ.ଏ.):** ନୀଳଗିରି ସହର ଉପକଣ୍ଠ ଗୁଣ୍ଡିଚା ବଜାର ଗଦି ଦୋକାନରୁ ମୋବାଇଲ ଚୋରି ଅପରାଧରେ ଶୁକ୍ରବାର ପୋଲିସ ସ୍ଥାନୀୟ ବଜାରରୁ ଜଣେ ନାବାଳକଙ୍କୁ ଧରି ଜିଲା ଜୁଭେନାଇଲ କୋର୍ଟରେ ହାଜର କରିଛି। ପୂର୍ବାହ୍ନରେ ମୋବାଇଲ ଚୋରି ନେଇ ଦୋକାନୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଥାନାରେ ମାମଲା (ନଂ. ୨୧୪/୧୯) ରୁଜୁ କରି ତଦନ୍ତ କରିଥିଲା।

### ୧୭ରେ ଇମାମୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ରେମୁଣା,୧୩।୯(ଡି.ଏନ.ଏ.):** ଚଳିତମାସ ୧୭ତାରିଖରେ ୨୬ତମ ଏକ ଦିବସୀୟ ଇମାମୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ଇମାମୀ ଖେଳ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ସଂଘର୍ଷ କ୍ଲବ୍-ଭୁବନେଶ୍ୱର, ଆକ୍କା କ୍ଲବ୍-କଟକ, ଜୟକିଶାନ୍ କ୍ଲବ-ରସଲପୁର (ବାଲେଶ୍ୱର), ନେତାଜୀ କ୍ଲବ-ବାଲ୍‌ଗୋପାଳପୁର (ବାଲେଶ୍ୱର), ମା' ମଙ୍ଗଳା କ୍ଲବ-ଯାଜପୁର, ସତ୍ୟନାରାୟଣ କ୍ଲବ - ରାଜକନିକା, ସ୍ପୋର୍ଟସ୍ ହଷ୍ଟେଲ-ବାରିପଦା, ସ୍ପୋର୍ଟସ୍ ହଷ୍ଟେଲ୍-ବାଲେଶ୍ୱର ଟିମ୍ ଭାଗ ନେବେ। ଏ ସମ୍ପର୍କରେ ଶୁକ୍ରବାର ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ବୈଠକରେ ସ୍ଥାନୀୟ ଇମାମୀ ପେପର ମିଲ୍‌ସର ମୁଖ୍ୟ ସଞ୍ଚାଳକ ଏମ୍.ବି.ଏସ୍. ନାୟାର, ବରିଷ୍ଠ ସଭାପତି ସୁଶୀଲ କୁମାର ଖୈତାନ, ବରିଷ୍ଠ ଉପସଭାପତି ଆଶିଷ ଏ. ଗୁପ୍ତା, ଚଳିତବର୍ଷ ପୂଜା କମିଟି ସଭାପତି ରଞ୍ଜନ କୁମାର ଜେନା, ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ରାଜେଶ କୁମାର ମିତ୍ତଲ, ପୂଜା ଓ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ କମିଟିର ସମ୍ପାଦକ ଦେବବ୍ରତ ହୋତା, ଯୁଗ୍ମ ସମ୍ପାଦକ ଜ୍ୟୋତିପ୍ରକାଶ ବେହେରା, ପଦ୍ମଲୋଚନ ନାୟକ, ରିତେଶ ସିଂ ଓ ବହୁ ପଦାଧିକାରୀ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବିଜେତାଙ୍କୁ ନଗଦ ୨୦,୦୦୦ ଟଙ୍କା ସହ ଟ୍ରଫି, ରନର୍ସ ଅପ୍‌କୁ ନଗଦ ୧୨,୫୦୦ ଟଙ୍କା ତଥା ଟ୍ରଫି, ଫେୟାର୍ ପ୍ଲେ ଟିମ୍‌କୁ ନଗଦ ୩୦୦୦ଟଙ୍କା ଓ ଟ୍ରଫି ତଥା ବେଷ୍ଟ ପ୍ଲେୟାରଙ୍କୁ ନଗଦ ୨୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଇମାମୀ ତଥା ରେମୁଣା ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ପ୍ରାଥମିକ ଚିକିତ୍ସା ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ସ୍ଥାନୀୟ କାରଖାନା ପକ୍ଷରୁ ମନୋଜ କୁମାର ପାଢ଼ୀ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ରେମୁଣା,୧୩।୯(ଡି.ଏନ.ଏ.):** ରେମୁଣା ବ୍ଲକ ମୁଖୁରା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଦେବାଶିଷ ବେହେରା (୩୯) ନାମକ ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ଗୁରୁବାର ସନ୍ଧ୍ୟାରେ ସେ ବର୍ଷାରେ ଓଦା ହୋଇ ବିଦ୍ୟୁତ ତାର ସଂଯୋଗ କରୁଥିବା ବେଳେ ଆଘାତ ପାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରେମୁଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୧/୧୯)ରୁଜୁ ହୋଇଛି।

### ୩ ଚୋରା ମଦ ବେପାରୀ ଗିରଫ

**ସୋର, ୧୩।୯(ଡି.ଏନ.ଏ.):** ସୋର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣି ମହାରଣାଙ୍କ ନେତୃତ୍ୱରେ ସୋର ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା ଦେଶୀ ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୋର ଥାନା ଅଧୀନ ପାଳପୁର ଗ୍ରାମର ପ୍ରହ୍ଲାଦ ସାହୁ, ବାଳଙ୍ଗ ଗ୍ରାମର ଲକ୍ଷ୍ମଣ ହାଁସଦା ଓ ଅଞ୍ଜି ଗ୍ରାମର ରତିକାନ୍ତ ବିଶ୍ୱାଳ। ସେମାନଙ୍କ ବିରୋଧରେ ମାମଲା( ନଂ. ୫୬, ୫୭, ୫୮/୧୯-୨୦) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

# ରାସ୍ତାରେ ଧାନତଳି ପୋତିଲେ

**ରୂପସା, ୧୩।୯(ଡି.ଏନ.ଏ.)**

ବର୍ଷାଦିନେ ଯିବାଆସିବାରେ ହୀନସ୍ତା ହେବାକୁ ପଡୁଛି। ଚାଲି ଚାଲି ହେଉ କି ସାଇକେଲ କି ବାଇକ୍‌ରେ ହେଉ ଏହି କାଦୁଅ ପଚପଚ ରାସ୍ତାରେ ଯା'ଆସ କରିବାର କଷ୍ଟକର ହୋଇପଡୁଛି। ୧୦ବର୍ଷ ଧରି ଉକ୍ତ ରାସ୍ତାରେ ମୋରମ ମୁଠାଏ ପଡ଼ିନି କି ମରାମତି ହୋଇନାହିଁ। ଜନପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ ପରେ ବି କୌଣସି ସୁଫଳ ମିଳୁନି ବୋଲି ବାଲେଶ୍ୱର ସଦର ବ୍ଲକ ଛାନୁଆ ପଞ୍ଚାୟତ ତାଳମୁଣ୍ଡା ଗାଁର ବାସିନ୍ଦା ଅଭିଯୋଗ କରିଛନ୍ତି। ଶେଷରେ ଅନ୍ୟ ଉପାୟ ନ ପାଇ ଗ୍ରାମବାସୀ ଉକ୍ତ ରାସ୍ତାରେ ଧାନଗଛ ପୋତି ପ୍ରତିବାଦ ଜଣାଇଛନ୍ତି।

୧୩ ଓ ୧୪ନଂ. ୱାର୍ଡ଼କୁ ନେଇ ତାଳମୁଣ୍ଡା ଗାଁ। ଏହି ଗାଁର ୨ଟି ୱାର୍ଡ଼ରେ ଭୋଟର ସଂଖ୍ୟା ୬୪୦। ମୋଟ ଲୋକସଂଖ୍ୟା ୧ହଜାରରୁ ଊର୍ଦ୍ଧ୍ୱ। ଗାଁରେ ବାସ କରୁଥିବା ଦେଢ଼ଶହ ପରିବାରରୁ ପ୍ରାୟ ୪୦ ପରିବାର ଅନୁସୂଚିତ ଜନଜାତି ବର୍ଗର। ଏହି ୨ଟି ୱାର୍ଡ଼ର ମୁଖ୍ୟ ରାସ୍ତା ଛାନୁଆ ହାଟରୁ ୨କି.ମି. ଦୀର୍ଘ ବିଶିଷ୍ଟ ପଞ୍ଚୁପଡ଼ା ନଦୀ ପର୍ଯ୍ୟନ୍ତ ରହିଛି। ଏହି ରାସ୍ତାର ଅବସ୍ଥା ନ କହିବା ଭଲ। ମାଟି କାଦୁଅପୂର୍ଣ୍ଣ ରାସ୍ତା ଯୋଗୁ ଗାଈଗୋରୁ, ଛେଳି ଆଦି ଗୃହପାଳିତ ପ୍ରାଣୀଙ୍କୁ ପଦାକୁ ନେଇ ହେଉନାହିଁ। ପିଲାମାନେ ସ୍କୁଲ, କଲେଜ ଯିବାରେ ଅସୁବିଧା ଭୋଗୁଛନ୍ତି। ମହିଳା, ପୁରୁଷ ବିଲବାଡ଼ି, ହାଟବଜାର ଯା'ଆସ କରିବା ପାଇଁ କୁଣ୍ଠାବୋଧ କରୁଛନ୍ତି। ରାସ୍ତା ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଜନପ୍ରତିନିଧି, ପ୍ରଶାସନକୁ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ନାହିଁ। ଶୁକ୍ରବାର ଗ୍ରାମବାସୀ ଲକ୍ଷ୍ମୀକାନ୍ତ ଜେନା, ନିତ୍ୟାନନ୍ଦ ପ୍ରଧାନ, କଳ୍ପନା ପାତ୍ର, ଫୁଲ ସୋରେନ, ଲାଛ ମାଝି, କାଶୀନାଥ ସୋରେନଙ୍କ ସମେତ ବହୁ ମହିଳା, ପୁରୁଷ ଏହି ରାସ୍ତାରେ ଧାନଗଛ ପୋତି ପ୍ରତିବାଦ କରିଛନ୍ତି। ତୁରନ୍ତ ରାସ୍ତା ମରାମତି ଦିଗରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜୋରଦାର ଆନ୍ଦୋଳନ ହେବ ବୋଲି ସୁବୋଧ ପ୍ରଧାନ, ରବୀନ୍ଦ୍ର ଗିରି, ମାଳତୀ ମୁର୍ମୁ ଓ ଗୀତାଞ୍ଜଳି ମାଇତି ପ୍ରମୁଖ ଚେତାବନୀ ଦେଇଛନ୍ତି।



- ଶୁଣୁନାହାନ୍ତି ଜନପ୍ରତିନିଧି
- ମରାମତି ନ ହେଲେ ଆନ୍ଦୋଳନ

ଛାନୁଆଁ ଗାଁ ରାସ୍ତାରେ ଗ୍ରାମବାସୀ ଧାନ ତଳି ପୋତୁଛନ୍ତି।

### ପ୍ରେମିକାଙ୍କୁ ଭେଟିବାକୁ ଆସି ପ୍ରେମିକ ହଟହଟା

# ରାତାରାତି ବିବାହ କରାଇଲେ ଗ୍ରାମବାସୀ

**ସୋର, ୧୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ମାଣିପୁର ଗୁଲୁଣିଆ ଗ୍ରାମରେ ଗୁରୁବାର ଏକ ନାଟକୀୟ ଘଟଣା ଘଟିଛି। ଫେସ୍‌ବୁକ୍‌ରୁ ପ୍ରେମ ସମ୍ପର୍କ ସ୍ଥାପନ କରିଥିବା ଜଣେ ଯୁବକ ପ୍ରେମିକାଙ୍କୁ ଭେଟିବାକୁ ଆସିଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡି ହଟହଟା ହୋଇଛନ୍ତି। ଶେଷରେ ଉଭୟଙ୍କୁ ରାତାରାତି ଗ୍ରାମବାସୀ ବିବାହ କରାଇଛନ୍ତି।

ଏହି ଗ୍ରାମର ଜଣେ ଯୁବତୀଙ୍କ ସହ ବାବୁପାଟଣା ଗ୍ରାମର ଜଣେ ଯୁବକଙ୍କ ଫେସ୍‌ବୁକ୍‌ରୁ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଗୁରୁବାର ରାତିରେ ପ୍ରେମିକାଙ୍କ ଘରେ କେହି ନ ଥିବା ବେଳେ ପ୍ରେମିକ ତାଙ୍କ ଘରକୁ ଆସିଥିଲେ। ଏହା ଜାଣି ପାରି ଗ୍ରାମବାସୀ ଉକ୍ତ ଯୁବକଙ୍କ ଅଟକ ରଖିଥିଲେ। ଏହାପରେ ଲୋକେ ଯୁବତୀଙ୍କ ମା'ଙ୍କୁ ଖବର ଦେଇଥିଲେ। ଯୁବତୀଙ୍କ ମା' ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିଥିଲେ। ଏନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ବିବାହ ସାମଗ୍ରୀ ଯୋଗାଡ କରାଯାଇଥିଲା। ବିଳମ୍ବିତ ରାତିରେ ବୈଦିକ ରୀତିରେ ଉଭୟଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରାଯାଇଥିଲା। ବାହାଘର ପରେ ବରକନ୍ୟା ବରଘରକୁ ଫେରିଥିଲେ।

### ଆସିଲାନି ଜନନୀ ଏକ୍ସପ୍ରେସ୍

# ଘରକୁ ବସ୍‌ରେ ଫେରିଲେ ପ୍ରସୂତି

**ଖଇରା, ୧୩।୯(ଡି.ଏନ.ଏ.)**

ଔପଦା ବ୍ଲକ ଗଡସାହି ପଞ୍ଚାୟତ ଅଧୀନ ପଥରପଦା ଗ୍ରାମର ଜଣେ ପ୍ରସୂତି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସନ୍ତାନ ଜନ୍ମ କରିବା ପରେ ଆଶାକର୍ମୀଙ୍କ ଅନୁପସ୍ଥିତି ଯୋଗୁ ହଟହଟା ହୋଇ ଘରକୁ ଫେରିଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ମାଳତୀ ଖେରୁଆଲ ସନ୍ତାନ ଜନ୍ମ ପାଇଁ ଜନନୀ ଏକ୍ସପ୍ରେସ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତାଙ୍କ ସହ ଆଶା କର୍ମୀ ଆସିବାକୁ ମନା କରିବାରୁ ସେ ଗ୍ରାମର ଅନ୍ୟ ୨ଜଣ ମହିଳାଙ୍କୁ ସାଙ୍ଗରେ ନେଇ ଆସିଥିଲେ। ଶୁକ୍ରବାର ରାତି ଅନ୍ୟୁନ ୧୧ଟା ସମୟରେ ପିଲା ଜନ୍ମ ପରେ ପ୍ରସୂତି ଓ ଅନ୍ୟ ୨ଜଣ ମହିଳା ଘରକୁ ଯିବାକୁ ବାହାରିଥିଲେ। ଡାକ୍ତରଙ୍କ ବାରଣ ସତ୍ତ୍ୱେ ସେମାନେ ରାତି ୧୨ଟା ବେଳେ ଘରକୁ ଯିବା ପାଇଁ ଜନନୀ ଏକ୍ସପ୍ରେସକୁ ଫୋନ କରି ଡାକିଥିଲେ। ହେଲେ ଜନନୀ ଏକ୍ସପ୍ରେସ ନ ଆସିବାରୁ ସେମାନେ ଚାଲି ଚାଲି ଗାଁ ଅଭିମୁଖେ ବାହାରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ବହୁ ବୁଝାଶୁଝା କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରାଇ ଆଣିଥିଲେ। ଶେଷରେ ରାତି ନ ପାହୁଣୁ ସେମାନେ ବସ୍‌ରେ ଔପଦା ପଳାଇଥିଲେ। ଏ ସମ୍ପର୍କରେ ଆଶା କର୍ମୀ ସୌଦାମିନୀ ଲେଙ୍କାଙ୍କୁ ଯୋଗାଯୋଗ କରିବାରେ ଏହି ପିଲାଟି ମହିଳାଙ୍କର ୫ମ ସନ୍ତାନ। ସେ ବାହାରେ ରହୁଥିବାରୁ ଗର୍ଭବତୀଙ୍କର କୌଣସି ରେକର୍ଡ ରଖାଯାଇନାହିଁ। ଏଥିପାଇଁ ସେ ସାଙ୍ଗରେ ଯାଇ ନ ଥିଲେ ବୋଲି କହିଛନ୍ତି।

### ୨୮ରୁ ଦୁଇଦିନିଆ ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା

**ବାଲେଶ୍ୱର ଅଫିସ, ୧୩।୯**

ବାଲେଶ୍ୱର ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଆସନ୍ତା ୨୮ ଓ ୨୯ତାରିଖରେ ସହରସ୍ଥିତ ଆଇଟିଆଇ ଛକ ନିକଟସ୍ଥ ଓଡ଼ିଶା ଭବନରେ ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା-୨୦୧୯ ଆୟୋଜିତ ହେବ। ଏହି ପ୍ରତିଯୋଗିତା ସମୁଦାୟ ୬ ରାଉଣ୍ଡ ବିଶିଷ୍ଟ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ନଗଦ ଅର୍ଥରାଶି ସହ ଟ୍ରଫି, ମେଡ଼ାଲ ଆଦି ପ୍ରଦାନ କରାଯିବାର ନିଷ୍ପତ୍ତି ହୋଇଛି। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ପ୍ରତିଯୋଗୀମାନେ ଆସନ୍ତା ୨୮ତାରିଖରେ ନିଜର ନାମ ପଞ୍ଜୀକରଣ କରିବା ସହିତ ପ୍ରବେଶିକା ଦେୟ ୨ଶହ ଟଙ୍କା ଦେବେ। ଏହାକୁ ଷ୍ଟେଶନଛକସ୍ଥିତ ଜିଲା ଚେସ୍ ଆସୋସିଏଶନ ଅଫିସରେ ଦାଖଲ କରିବା ପାଇଁ ମନୋରଞ୍ଜନ ପଣ୍ଡା, ଦେବାଶିଷ ଚକ୍ରବର୍ତ୍ତୀ, ଐଶ୍ୱର୍ଯ୍ୟ ସେନାପତ ପ୍ରମୁଖ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।




ଶିବିରରେ ଉପସ୍ଥିତ ପରିଚାଳନା କମିଟି ଓ ରକ୍ତଦାତା।

# ୭୩ ୟୁନିଟ୍ ରକ୍ତ ସଂଗ୍ରହ

**ଜଳେଶ୍ୱର, ୧୩।୯**

ଜଳେଶ୍ୱର ନୂଆବଜାରସ୍ଥିତ ସେଞ୍ଚୁରୀ ପ୍ଲାଜା ସଭାଗୃହ ମଧ୍ୟରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୋଡ଼ାଫୋନ ଜଳେଶ୍ୱର ଶାଖାର ମୁଖ୍ୟ ମୟଙ୍କ ଗୁପ୍ତା ଓ ସହ ମୁଖ୍ୟ ସୁକୁମାର ଦାସଙ୍କ ପକ୍ଷରୁ ଶିବିର ଆୟୋଜିତ ହୋଇଥିଲା। ଶାଖା ମ୍ୟାନେଜର ଦୀପକ କୁମାର ପ୍ରଧାନ, ବରିଷ୍ଠ ଅଫିସର ବ୍ୟାସଦେବ ବେହେରା, ସଂଯୁକ୍ତା ରଣା, ଅଭିଜିତ ନାଥ, ସୁମନ ସରକାର, ଦେବାଶିଷ କୟାଲ ଓ ରଞ୍ଜନ କୁମାର ଘୋଷ ପ୍ରମୁଖ ପରିଚାଳନା କରିଥିଲେ। ବାଲେଶ୍ୱର ବ୍ଲଡ଼ ବ୍ୟାଙ୍କ ତରଫରୁ ବ୍ଲଡ ବ୍ୟାଙ୍କ ଅଫିସର ବସନ୍ତ ଉପାଧ୍ୟାୟ, ସ୍ୱାତୀ ରାଜ, ଜ୍ୟୋତିଷ ପ୍ରଧାନ, ବିନୋଦ ଦାସ ଓ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ମୋଟ୍ ୭୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶେଷରେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଓ ବ୍ଲଡ ବ୍ୟାଙ୍କ ଅଫିସର ବସନ୍ତ ଉପାଧ୍ୟାୟଙ୍କ ଦ୍ୱାରା ଶାଖା ମ୍ୟାନେଜରଙ୍କୁ ଏକ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।



ଶୋକସଭାରେ ଯୋଗଦେଇଥିବା ଖବରଦାତା।

# ଦିଲୀପଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର ଅଫିସ, ୧୩।୯**

ବରିଷ୍ଠ ଖବରଦାତା ଦିଲୀପ ଶତପଥିଙ୍କ ଅକାଳ ବିୟୋଗରେ ବାଲେଶ୍ୱର ଖବରଦାତାମାନେ ମିଳିତ ଭାବେ ଜିଲା ସାମ୍ବାଦିକ ପ୍ରକୋଷ୍ଠରେ ଶୁକ୍ରବାର ଏକ ଶୋକସଭା ଆୟୋଜନ କରିଥିଲେ। ବରିଷ୍ଠ ଖବରଦାତା ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ଦିଲୀପଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଖବରଦାତା ଦେବବ୍ରତ ପାଣିଗ୍ରାହୀ, ବ୍ରହ୍ମାନନ୍ଦ ସ୍ୱାଇଁ, ଅଜିତ୍ କୁମାର ମହାନ୍ତି, ଅଧିପ ଜେନା, ରମଣୀ ରଞ୍ଜନ ଦାସ, ଆଲୋକ କୁମାର ବାରିକ, ରତିକାନ୍ତ ଦତ୍ତ, ଚୈତନ୍ୟ ପ୍ରସାଦ ଦାସ, ବାସୁଦେବ ରାଉଳ, ରବି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଦିଲୀପଙ୍କ ସ୍ମୃତିଚାରଣ କରିଥିଲେ। ସେ ସରକାର ଏବଂ ସାଧାରଣ ଲୋକମାନଙ୍କ ମଧ୍ୟରେ ଯୋଗସୂତ୍ରକାରୀ ଭଳି କାର୍ଯ୍ୟ କରୁଥିଲେ। ସେ ଜଣେ ନିରପେକ୍ଷ ଖବରଦାତା ସହ ଗଣମାଧ୍ୟମର ନୂତନ ପିଢ଼ି ପାଇଁ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା।

### ନୂଆ ଅଙ୍ଗନୱାଡି ଗୃହ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଖଇରା,୧୩।୯(ଡି.ଏନ.ଏ.)**

ଖଇରା ବ୍ଲକ ରପେୟା ପଞ୍ଚାୟତ ଅଧୀନ ବଡମୁହାଁ ଅଙ୍ଗନୱାଡି କେନ୍ଦ୍ର ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ବିଶେଷ କରି ନୂତନ ଗୃହ ଅଭାବ କୁନି କୁନି ପିଲାଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିଛି। ତୁରନ୍ତ ସମସ୍ୟାର ସମାଧାନ କରି ଗ୍ରାମବାସୀଙ୍କ ତରଫରୁ ପ୍ରାଥମିକ ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା ୮୨ଡିସିମିଲ ଜମିରେ ଗୃହ ନିର୍ମାଣ ପାଇଁ ପୂର୍ବତନ ସମିତିସଭ୍ୟ ଶ୍ୟାମସୁନ୍ଦର ଦାସ, କ୍ଷୀରୋଦ କୁମାର ଦାସ, ଛବିରାଣୀ ଦାସ, ଆଶାଲତା ଦାସ, ଚଞ୍ଚଳା ଦାସ, ହୃଷିକେଶ ଦାସ ପ୍ରମୁଖ ଶୁକ୍ରବାର ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି। ଏବେ ଚାଲୁଥିବା ଅସ୍ଥାୟୀ ଘର ନିକଟରେ ପୋଖରୀ, କୂଅ ରହିବା ଓ କେନ୍ଦ୍ର ସଂଲଗ୍ନ ରାସ୍ତାରେ ପାଣିନାଳ ପ୍ରବାହିତ ହେଉଥିବାରୁ କୁନି କୁନି ପିଲାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ସେହିଭଳି ଅନେକ ସମୟରେ କେନ୍ଦ୍ର ବନ୍ଦ ରହୁଥିବାରୁ ପିଲାମାନଙ୍କୁ ଠିକ୍ ଭାବେ ଖାଦ୍ୟ ମିଳି ପାରୁନାହିଁ। କେନ୍ଦ୍ରରେ ଚାଲିଥିବା ଅନିୟମିତତାର ଉଚ୍ଚସ୍ତରୀୟ ଯାଞ୍ଚ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ କର୍ମୀଙ୍କୁ ପଚରାଯିବାରୁ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁ ନୂତନ ଗୃହ ହୋଇ ପାରୁ ନ ଥିବା କହିଛନ୍ତି।

# ନବ ମାତୃକା ପୂଜା ପାଇଁ ପ୍ରସ୍ତୁତି ବୈଠକ

**ରେମୁଣା,୧୩।୯(ଡି.ଏନ.ଏ.)**

ନବ ମାତୃକା ପୂଜା ଲାଗି ରେମୁଣା ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବାମପଦାସ୍ଥିତ ନୋସି ବିଜନେସ୍ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଚଳିତବର୍ଷ ରେମୁଣା ନିର୍ବାଚନମଣ୍ଡଳୀର ୩୮ନଂ. ଜୋନ୍‌ର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୬୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ୯ଜଣ ମା'ଙ୍କୁ ପୂଜା କରାଯିବ ବୋଲି ସ୍ଥିର କରାଯାଇଛି। ମା'ମାନଙ୍କ ଚୟନ ପାଇଁ ଏକ ନୂତନ କମିଟି ଗଠନ କରାଯାଇଛି। ଏଥିରେ ମୁଖ୍ୟ ଭାବେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ଏବଂ ଉପସଭାପତି ଭାବେ କ୍ୟାପଟେନ ଭାସ୍କର ଚନ୍ଦ୍ର ମଲ୍ଲିକଙ୍କୁ ମନୋନୀତ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ଘୋଷ, ଷ୍ଟାଲିନ ମିଶ୍ର, କମଳା ବିନ୍ଧାଣୀ, ପ୍ରଦୀପ ଗିରି, ଶିଳ୍ପୀ କେଶୁ ଦାସ, ରାଜେନ୍ଦ୍ର ରାଉତ, ଦିଲୀପ ନାୟକ, ଅମୀୟ ମହାନ୍ତି ଓ ସୁବାସିନୀ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ନିତୁ ଚୌରାସିଆ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କମକର୍ତ୍ତା।

# ୯ ମାସ ପରେ ବସିଲା ପଞ୍ଚାୟତ ସମିତି ବୈଠକ

**ଔପଦା, ୧୩।୯(ଡି.ଏନ.ଏ.)**

ଔପଦା ବ୍ଲକ ସଭାଗୃହରେ ଶୁକ୍ରବାର ପୂର୍ବାହ୍ନରେ ବ୍ଲକ ଅଧ୍ୟକ୍ଷା ନିର୍ମଳା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ୬ଷ୍ଠତମ ପଞ୍ଚାୟତ ସମିତି ବୈଠକ ଦୀର୍ଘ ୯ ମାସ ପରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଔପଦା ଅଞ୍ଚଳର ବିକାଶ ପାଇଁ ସମସ୍ତ ପଞ୍ଚାୟତ ପ୍ରତିନିଧି ,ବ୍ଲକର କର୍ମଚାରୀ ଓ ଅଧିକାରୀମାନେ ମିଳିମିଶି କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ବିଧାୟକ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅବଗତ କରାଇବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ପିତାମ୍ବର ଭୋଇ ଅନୁପସ୍ଥିତ ଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ବୈଠକ ଆରମ୍ଭରେ ବଡପୋଖରୀ ପଞ୍ଚାୟତର ସମିତି ସଭ୍ୟ ଅରୁଣ କୁମାର ବେହେରା ଫନି କ୍ଷତିଗ୍ରସ୍ତଙ୍କ ସହାୟତା ଅର୍ଥରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ସ୍ମିତା ଟୁଡୁ ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ। ବିଡିଓଙ୍କ ସରକାରୀ ବାସଗୃହ ମରାମତି କରିବା ପାଇଁ ସମିତି ସ୍ୱତନ୍ତ୍ର ଅର୍ଥରୁ ପ୍ରଦାନ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ ଟୁଡୁ କହିଥିଲେ। ଏହି ଘଟଣାକୁ ନେଇ ସମିତିସଭ୍ୟ ଓ କେତେକ ସରପଞ୍ଚଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବିଧାୟକ ଏଥିରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅଜଣା ରୋଗରେ ହଜାର ହଜାର ଗୋରୁ ଆକ୍ରାନ୍ତ ହୋଇଥିବା ନେଇ ସମିତିସଭ୍ୟ ଅଶୋକ କୁମାର ପ୍ରଧାନ, ଅରୁଣ କୁମାର ବେହେରା ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଅଧିକାଂଶ ଅଧିକାରୀ ନ ଆସି ତାଙ୍କ ପ୍ରତିନିଧି ପଠାଇଥିବାରୁ ଗୃହରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିରେ ଜଙ୍ଗଲ ଓ ବିଦ୍ୟୁତ ବିଭାଗର କେହି ଜଣେ ବି ଅଧିକାରୀ ଉପସ୍ଥିତ ନ ଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟାସଭ୍ୟଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକକୁ ଜିପିଓ ଦାମୋଦର ମାଝି ପରିଚାଳନା କରିଥିଲେ।



ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବାବନ୍ଧ ଗ୍ରାମର ମହିଳାମାନେ।

# ସାନି ପାଚିକା ନିଯୁକ୍ତି ଦାବିରେ ଉପଜିଲାପାଳଙ୍କ ଦ୍ୱାରସ୍ଥ

**ନୀଳଗିରି, ୧୩।୯(ଡି.ଏନ.ଏ.)**

ନୀଳଗିରି ବ୍ଲକ ଅଧିନ ସିଆଡ଼ିମାଳ ପଞ୍ଚାୟତ ରାଜସ୍ୱ ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ବେଆଇନ ଭାବେ ପାଚିକା ନିଯୁକ୍ତି କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ବାତିଲ କରି ନିୟମ ଅନୁସାରେ ସାନି ନିଯୁକ୍ତି କରିବାକୁ ଶୁକ୍ରବାର ବାବନ୍ଧ ଗାଁର ମହିଳାମାନେ ଉପଜିଲାପାଳ ହରିଶ ଚନ୍ଦ୍ର ଜେନାଙ୍କ ନିକଟରେ ଫେରାଦ ହୋଇଛନ୍ତି। ଉପଜିଲାପାଳ ଜେନା ତଦନ୍ତ କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ମହିଳାମାନେ କହିଛନ୍ତି।

ଦୀର୍ଘଦିନ ଧରି ସିଆଡ଼ିମାଳ ଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଚିକା ପଦବୀ ଖାଲି ପଡ଼ିଥିଲା। ଏନେଇ ବିଭାଗ ପକ୍ଷରୁ ପାଚିକା ନିଯୁକ୍ତି ପାଇଁ ସିଡ଼ିପିଓ ଅଫିସରୁ କୌଣସି ବିଜ୍ଞପ୍ତି ପ୍ରକାଶ କରା ନ ଯାଇ ବେଆଇନ ଭାବେ ଗତ ଜୁଲାଇ ମାସରେ ପାଚିକାଙ୍କୁ ନିଯୁକ୍ତି ଦିଆଯାଇଥିବା ବାବନ୍ଧ ଗାଁର ମହିଳାମାନେ ଜାଣିବାକୁ ପାଇଥିଲେ। ଏହାକୁ ନେଇ କେନ୍ଦ୍ରର ମହିଳାଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଥିଲା। ଅପରାହ୍ନରେ ହରମଣି ବେହେରାଙ୍କ ନେତୃତ୍ୱରେ ମହିଳାମାନେ ସଂଘବଦ୍ଧ ହୋଇ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

# ହସ୍ପିଟାଲରୁ ନାଗସାପ ଛୁଆ ଉଦ୍ଧାର

ପୁରୀ ଅଫିସ, ୧୩।୯: ଚନ୍ଦନପୁର ହସ୍ପିଟାଲରୁ ଶୁକ୍ରବାର ଏକ ନାଗସାପ ଛୁଆ ଉଦ୍ଧାର କରାଯାଇଛି। ସ୍ନେକ ହେଲ୍‌ପ ଲାଇନ ସଦସ୍ୟ ନିହାର ରଞ୍ଜନ ପଣ୍ଡା ଏହି ସାପ ଛୁଆଟିକୁ ଉଦ୍ଧାର କରିଥିଲେ। ଅପରାହ୍ନରେ ହସ୍ପିଟାଲ ସମ୍ମିଳନୀ କକ୍ଷରେ ଏକ ନାଗସାପ ଛୁଆକୁ କର୍ମଚାରୀ ଦେଖି ସ୍ନେକ ହେଲ୍‌ପ ଲାଇନକୁ ଖବର ଦେଇଥିଲେ। ନିହାର ପହଞ୍ଚି ତାକୁ ଉଦ୍ଧାର କରିଥିଲେ। ପ୍ରାୟ ୨ ଫୁଟ ଲମ୍ବର ଏହି ନାଗସାପ ଛୁଆକୁ ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡି ଦେଇଥିଲେ। ତେବେ ହସ୍ପିଟାଲ କର୍ମଚାରୀଙ୍କ କହିବା ମୁତାବକ, ବାତ୍ୟା ପରଠାରୁ ହସ୍ପିଟାଲ ପଛ ପାର୍ଶ୍ୱରେ ଅଳିଆ ଆବର୍ଜନା ଜମିଛି। ଏହାକୁ ସଫା କରାଯାଇ ନାହିଁ। ଫଳରେ ଏଠାରେ ସାପ ରହି ଅଣ୍ଡା ଦେଇ ଛୁଆ ଫୁଟାଇଛନ୍ତି। ଫଳରେ ମେଡିକାଲ ପରିସରରେ ବିଭିନ୍ନ ସମୟରେ ବଡ ଏବଂ ଛୋଟ ନାଗସାପ ବୁଲୁଥିବା କର୍ମଚାରୀମାନେ ଦେଖିବାକୁ ପାଉଛନ୍ତି।


## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ପୁରୀ

ନଂ-୮୩୧ **ବିଜ୍ଞପ୍ତି** ତାରିଖ –୧୩.୦୯.୨୦୧୯

No. 28-g:

| କ୍ରମିକ ନଂ | ଶିଶୁର ପରିଚୟ | ପୁଅ/ ଝିଅ | ବୟସ | ଫଟୋ |
|---|---|---|---|---|
| ୧. | ନାମ – ନିକିତା<br>ପିତା – ନାରାୟଣ ବେହେରା ଓରଫ ଆର ଶକ୍ତି ରାଓ<br>ମାତା: - ରଞ୍ଜିତା ନାୟକ<br>ଠିକଣା : - ଅରଖକୁଦା, ବ୍ରହ୍ମଗିରି, ପୁରୀ | ଝିଅ | ୫ ମାସ ପ୍ରାୟ |  |

ଏତଦ୍ବାରା ଜଣାଇ ଦିଆଯାଉଅଛି ଯେ ଶିଶୁ ମଙ୍ଗଳ କମିଟି, ପୁରୀଙ୍କ ନିର୍ଦ୍ଦେଶାଙ୍କ ନଂ ୨୮୫୮/cwc/ତା ୨୦.୦୫.୨୦୧୯ ଅନୁସାରେ ନିକିତା ନାମକ ଏକ ଶିଶୁକନ୍ୟାଟିକୁ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନ କେନ୍ଦ୍ର, ନୀଳାଚଳ ସେବା ପ୍ରତିଷ୍ଠାନ, କଣାସ, ପୁରୀ ଠାରେ ଉପଯୁକ୍ତ ଯତ୍ନ ଏବଂ ସୁରକ୍ଷା ନିମନ୍ତେ ଥଇଥାନ କରାଯାଇଅଛି। ଏଠାରେ ପ୍ରକାଶ ଥାଉ କି ଗତ ୨୦/୦୫/୨୦୧୯ ରିଖ ରଞ୍ଜିତା ନାୟକ ନାମ୍ନୀ ଏକ ମହିଳା ଜିଲା ଶିଶୁ ମଙ୍ଗଳ କମିଟି, ପୁରୀଙ୍କ ନିକଟରେ ଶିଶୁକନ୍ୟାଟିକୁ ହସ୍ତାନ୍ତର କରିଥିଲେ।

ଯଦି ଏହି ଶିଶୁଟିର କେହି ଅଭିଭାବକ ବା ପରିବାରବର୍ଗ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଶିଶୁ ମଙ୍ଗଳ କମିଟି, ଉତ୍କଳ ବାଳାଶ୍ରମ ପରିସର, ନରେନ୍ଦ୍ରକୋଣ, ପୁରୀ (ଫୋନ ନଂ-୦୬୭୫୨-୨୨୫୭୬୭)/ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ସମୁଦ୍ରକୂଳ ଥାନା ସାମ୍ନା, (ଫୋନ ନଂ-୦୬୭୫୨-୨୨୬୭୬୭) ପୁରୀଙ୍କ ସହ ଯୋଗାଯୋଗ କରନ୍ତୁ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନକରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା ୩୮ ଉପଧାରା(୧) ଅନୁସାରେ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବା ପାଇଁ ପଦକ୍ଷେପ ନିଆଯିବ ।

33018/11/0006/1920 ସ୍ୱା./- ଜିଲ୍ଲାପାଳ, ପୁରୀ




ସୂର୍ଯ୍ୟ ମନ୍ଦିର ଅନୁଧ୍ୟାନ ପାଇଁ ଆସିଥିବା ଆମିକସ୍ କ୍ୟୁରି ଆଡଭୋକେଟ ଏନ୍.କେ. ମହାନ୍ତି ଓ ଅନ୍ୟ ଅଧିକାରୀ।

# ସୂର୍ଯ୍ୟ ମନ୍ଦିର ଅନୁଧ୍ୟାନ କଲେ ଆମିକସ୍ କ୍ୟୁରି

- ଶତପ୍ରତିଶତ ମନ୍ଦିର ସୁରକ୍ଷିତ
- ୧୭ଫୁଟ ଦବିଛି ଜଗମୋହନ ଗର୍ଭଗୃହ

**କୋଣାର୍କ,୧୩।୯(ଡି.ଏନ.ଏ)**

ଶୁକ୍ରବାର ଆମିକ୍ସ କ୍ୟୁରି ଆଡଭୋକେଟ୍ ଏନ୍.କେ. ମହାନ୍ତି ଦ୍ୱିତୀୟଥର ପାଇଁ କୋଣାର୍କ ଗସ୍ତରେ ଆସି ସୂର୍ଯ୍ୟ ମନ୍ଦିରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂର୍ଯ୍ୟ ମନ୍ଦିରର ବିଭିନ୍ନ ସ୍ଥାନ ବୁଲି ଦେଖିବା ପରେ ଗଣମାଧ୍ୟମକୁ ମନ୍ଦିର ଶତପ୍ରତିଶତ ସୁରକ୍ଷିତ ଥିବା କହିବା ସହ କେନ୍ଦ୍ରୀୟ କୋଠା ଗବେଷଣା କେନ୍ଦ୍ର(ସିବିଆରଆଇ)ର ରିପୋର୍ଟ ଅନୁଯାୟୀ ଜଗମୋହନ ଗର୍ଭଗୃହ ଭିତରେ ଥିବା ବାଲି ୧୭ଫୁଟ୍ ତଳକୁ ଦବିଥିବା ସୂଚନା ଦେଇଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଆମିକସ୍ କ୍ୟୁରି ମହାନ୍ତି କୋଣାର୍କରେ ପହଞ୍ଚିଥିଲେ। ପରିଦର୍ଶନ ବେଳେ ସେ ଅଧିକାରୀମାନଙ୍କଠାରୁ ମନ୍ଦିରର ଉନ୍ନତି ଓ ରୂପରେଖ ବଢ଼ାଇବା ନେଇ କିଭଳି କାର୍ଯ୍ୟ ଚାଲୁଛି ସେ ବିଷୟରେ ପଚାରି ବୁଝିଥିଲେ। ତେବେ ଗର୍ଭଗୃହର ୧୭ଫୁଟ ଦବିଥିବା ଖାଲି ସ୍ଥାନର ପରିପୂର୍ତ୍ତି ନିମନ୍ତେ ପୁନର୍ବାର ବାଲି ଭର୍ତ୍ତି କରିବା ପାଇଁ ସିବିଆରଆଇର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଗର୍ଭଗୃହ ଭିତରେ କେଉଁ କିସମର ବାଲି ଭର୍ତ୍ତି କରାଯିବ, ସେ ସମ୍ପର୍କରେ ବିଚାର କରାଯାଇ ନିଷ୍ପତ୍ତି ନିଆଯିବ। ଏଥିସହ ଆସନ୍ତା ଜାନୁୟାରୀ ସୁଦ୍ଧା ଜଗମୋହନ ଚାରିପଟେ ଲାଗିଥିବା ଲୁହା ପାଇପ ଭାରାକୁ କଢାଯାଇ ନୂଆ ସିଷ୍ଟମର ଭାରା ଲାଗିବ। ଯାହାଦ୍ୱାରା ଜଗମୋହନର ସମ୍ବେଦନଶୀଳ ଅଞ୍ଚଳକୁ ସୁରକ୍ଷା ଦିଆଯିବା ସହ ପର୍ଯ୍ୟଟକମାନେ ମନ୍ଦିରର ଭାସ୍କର୍ଯ୍ୟକୁ ଠିକ ରୂପେ ଦେଖିବାର ସୁଯୋଗ ପାଇବେ। ୧୯୦୨ ମସିହାରେ ୧୦ହଜାର ମେଟ୍ରିକ୍ ଟନ୍ ବାଲି ଗର୍ଭଗୃହରେ ଭର୍ତ୍ତି କରାଯାଇଥିଲା। ଏବେ ସାମାନ୍ୟ ଦବିଥିବା ସତ୍ତ୍ୱେ ଜଗମୋହନ ସୁରକ୍ଷିତ ଥିବାବେଳେ ମନ୍ଦିର ପ୍ରତି କୌଣସି ବିପଦ ନ ଥିବା ଆମିକସ କ୍ୟୁରି କହିଛନ୍ତି। ତାଙ୍କ ସହ ଭୁବନେଶ୍ୱର ସର୍କଲ ଇଞ୍ଜିନିୟର ଅନଙ୍ଗ ଦାସ, ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ ଥିବାବେଳେ କୋଣାର୍କ ମନ୍ଦିର ଦାୟିତ୍ୱରେ ଥିବା ଅଧିକାରୀ ସୁଶାନ୍ତ କୁମାର ଗୋଚ୍ଛାୟତ ଓ ଅନ୍ୟ ଅଧିକାରୀମାନେ ସହଯୋଗ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନୁଖୁରା ମୁଣ୍ଡରେ ମହଣ,**
**ବୁଢ଼ୀ ସୁନ୍ଦାଣି ଦେଖିବୁ କ'ଣ ?**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ରହିଥାଏ ଅହେତୁକ ଦୁର୍ବଳତା। ବୟସ ଯେତେ ବଢ଼ି ବଢ଼ି ଯାଉଥିଲେ ମଧ୍ୟ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମି ପାରି ନ ଥାଏ। ଉତ୍ତୀର୍ଣ୍ଣ ବୟସରେ ଉପନୀତ ହୋଇଥିବା ମହିଳାଙ୍କ ସାଜସଜ୍ଜା ପ୍ରତି ରହିଥିବା ସଉକକୁ ଦୃଷ୍ଟିରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନିମ୍ବପିତା,**
**ଦେହକୁ ହିତା ।**

ପିତା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକାରକ । ପାଟିକୁ ପିତା ଲାଗୁଥିଲେ ମଧ୍ୟ ଏହା ଶରୀର ପାଇଁ ବେଶ୍ ଲାଭଦାୟକ ହୋଇଥାଏ। ସୁସ୍ଥ ନୀରୋଗ ଶରୀର ପାଇଁ ନିମ୍ବ ଭଳି ପିତା ଜିନିଷ ଖାଇବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚତୁର୍ମାସ୍ୟା ବ୍ରତ ଶେଷ କଲେ ଶଙ୍କରାଚାର୍ଯ୍ୟ

ପୁରୀ ଅଫିସ, ୧୩।୯: ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ପବିତ୍ର ଭାଦ୍ରବ ପୂର୍ଣ୍ଣିମାରେ ଶୁକ୍ରବାର ଚତୁର୍ମାସ୍ୟା ବ୍ରତ ସମାପନ କରିଛନ୍ତି। ଏହି ଅବସରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ମଠରୁ ବାହାରି ବାଟମଙ୍ଗଳା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମା'ବାଟମଙ୍ଗଳାଙ୍କୁ ଦର୍ଶନ କରିଥିଲେ। ସେଠାରୁ ଫେରି ଗାଡ଼ିରେ ବସି ଭଙ୍ଗା ଯାଇଥିବା ମଠ ସ୍ଥଳ ଦେଖିଥିଲେ। ପରେ ସମୁଦ୍ର ଆଳତି କରି ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏ ସମ୍ପର୍କରେ ଗୋବର୍ଦ୍ଧନ ପୀଠର ପ୍ରବକ୍ତା ମନୋଜ ରଥ କୁହନ୍ତି, ଆଷାଢ଼ ପୂର୍ଣ୍ଣିମାଠାରୁ ଭାଦ୍ରବ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମୟକୁ ଚତୁର୍ମାସ୍ୟା କୁହାଯାଏ। ଏହି ଚାରିପକ୍ଷକୁ ଚାରିମାସ ଭାବେ ଅଭିହିତ କରାଯାଏ। ଏହି ସମୟରେ ସାଧୁ, ସନ୍ଥମାନେ ଆଶ୍ରମ ଛାଡି ବାହାରକୁ ଯାଆନ୍ତି ନାହିଁ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ପୁରୀ ସୀମା ପାର୍ ହୋଇ ନ ଥାନ୍ତି। ପୀଠରେ ରହି ଶିଷ୍ୟ, ସାଧକଙ୍କୁ ଅଦ୍ୱୈତ ବେଦାନ୍ତର ଶିକ୍ଷା ପ୍ରଦାନ କରିଥାନ୍ତି। ଚତୁର୍ମାସ୍ୟାର ଶେଷ ଦିନରେ ଅର୍ଥାତ୍ ଭାଦ୍ରବ ପୂର୍ଣ୍ଣିମାରେ ଶଙ୍କରାଚାର୍ଯ୍ୟ ବାଟମଙ୍ଗଳା ପର୍ଯ୍ୟନ୍ତ ଯାଇଥାନ୍ତି। ସେଠାରେ ମା'ବାଟମଙ୍ଗଳାଙ୍କୁ ଦର୍ଶନ କରି ପୀଠକୁ ଫେରନ୍ତି। ଏହାକୁ ସୀମା ପାର୍ ବୋଲି କୁହାଯାଏ।


## ZILLA SWASTHYA SAMITI, KANDHAMAL

**Office of the CDM&PHO-cum-District Mission Director**
**NHM, Kandhamal, Odisha, 762001**

Advt. No. 10627/NHM/19 Dt. 12.09.19

**CORRIGENDUM**

**Tender for Procurement of E-Rickshaw, Microscope and equipment for Ambulances under NHM, Kandhamal**

**No. 327-E:-** With reference to the advertisement No. 9821/2019 published in The Dharitri and The Anupam Bharat dated 27.08.2019 related to the tender for procurement of E-Rickshaw, Microscope and equipment for Ambulances under NHM, Kandhamal, the following corrigendum is being issued.

The date of the submission of the proposal is extended upto 3.00PM of 20.09.2019 and same will be opened on the same day at 4.00PM. The tender documents also available for the said period in the website www.kandhamal.nic.in. All other terms and conditions of the said tender remain unchanged.

*Sd./- CDM & PHO cum District Mission Director, Kandhamal*

10015/11/0020/1920

## ODISHA HYDRO POWER CORPORATION LIMITED

**BALIMELA HYDRO ELECTRIC PROJECT, POST: BALIMELA, DIST. MALKANGIRI (ODISHA), PIN: 764051**

Phones: 06861-232581 (O)/ 232641 (R), FAX: 06861-232541, Email: unit.head_balimela@yahoo.com

**NOTICE INVITING TENDER NO: / BHEP/DE-III/33/2019-20, DTD.12.09.2019**

**No. CAD-384:-** Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible class of contractors registered with the state government and contractors of equivalent grade / class registered with central Government / Railways having valid registration number for execution of the following works. The bidders shall have necessary portal enrolment with his/her own digital signature certificate.

| Group | Name of Work | Class of Contractor | Estimated Cost in Rs. | EMD in Rs. | Cost of bid documents in Rs. | Period of Completion |
|---|---|---|---|---|---|---|
| A | INTERIOR PAINTING OF SENIOR GENERAL MANAGER OFFICE. | C or D | 6,58,335.00 | 6,600/- | 4000/- + GST @ 18% = 4720/- | 90 days |
| B | REPAIR AND MAINTENANCE OF DIFFERENT COLONY DRAINS. | C or D | 5,08,796.00 | 5,100/- | 4000/- + GST @ 18% = 4720/- | 90 days |

Date & time of availability of bid document in the portal : (From 11.00 Hrs of 16.09.2019 to 27.09.2019 upto 16.00 Hrs)
Last date & time for submission of bid : 27.09.2019 (upto 16.00 Hrs)
The date & time of opening of the bid : 12.30 PM onwards of 30.09.2019 (Only Technical bid)
Further details can be seen from the e-Procurement portal https://tendersodisha.gov.in

04019/11/0040/1920 *Sd./- Unit Head, BHEP, Balimela*

## GOVT. OF ODISHA
## PLANNING & CONVERGENCE DEPARTMENT

**Tender Document for Supply & Installation of Desktop Computers & UPSs at P&C Department**

No.: 20-X: Sealed tenders are invited in two bid system i.e. one in Technical Bid and the other in Financial Bid, from Original Manufacturers / Authorized Dealers / Distributors / Agencies / Suppliers having valid GST registration for supply and installation of Computer System Desktops along with UPS in the Planning and Convergence Department, Government of Odisha, Odisha Secretariat, Bhubaneswar. The tender document with details of specification and configurations etc. is available in the Planning & Convergence Department website **"https://pc.odisha.gov.in/Advertisement.html"**.

| | |
|---|---|
| Last date & time of submission of Response to Tender Document | 1st October 2019 by 5 P.M. |
| Bid Opening | Technical Bid: 3rd October 2019 at 11.30 A.M.<br>Financial Bid: 3rd October 2019 at 3.00 P.M. |
| Validity of Tender | 90 (Ninety) days from the date of opening of tender |
| Tender/Bid document fee (Non-refundable) | Rs.1000/- (Rupees one thousand) only. |
| Bid Security/EMD | Rs.20,000/- (Rupees twenty thousand only) in the form of Demand Draft payable in favour of the Drawing & Disbursing Officer (DDO), Planning & Convergence Department, Odisha, Bhubaneswar |

Note: Prospective bidders are requested to remain updated for any notices/amendments/clarifications etc. to the tender document through website **"https://pc.odisha.gov.in/Advertisement.html"**. No separate notifications will be issued for such notices/amendments/clarifications etc. in the print media or individually.

21001/11/0005/1920

**OFFICE OF THE NOTIFIED AREA COUNCIL, GUDARI** Letter No.995/NAC, Date: 13.09.19 / Expression of Interest :- Expression of interest (EOI) from interested firms / Agencies having past experience are invited for sponsoring of candidate for following nature of work for engagement on outsourcing basis in Gudari NAC for a period of one year. Sl. No.01, Nature of work-Sweeper, Required Man Power-15 Nos., Remarks- Physically fit for such nature of work. The agency must possess (1) valid registration certificate issued under labour Act, (2) Valid certificate of Service Tax (3) Valid registration number for EPF and submit the attested copies of such documents along with the application with non refundable EMD in shape of bank draft in the name of Executive officer NAC, Gudari payable at Gudari for an amount of Rs.500/- only. The NAC in no way will be associated at any stage of such engagement. The applications from the intending firms / agencies along with the relevant documents should reach the under signed on or before 24.09.19 upto 01 p.m. and the same will be opened at 3.30 p.m. on the same date. The under signed will not be responsible for any postal delay / loss. Other details with terms and conditions may be collected from the office of the under signed. The authority reserves right to accept or cancel any or all the EOI without assigned any reason thereof & the requirement of man power may differ as per requirement. Yours Faithfully, **Sd./- Executive Officer NAC, Gudari**

## OFFICE OF THE Municipal Council, Bhawanipatna

**"e" Procurement Notice**

**No. 2567/ Tender Call Notice- EOBPM/Online-02/2019-20 Dated: 13.09.2019**

The Municipal Council, Bhawanipatna invites online bid in single cover system through e procurement. Tender reference No.: EOBPM/Online-01/2019-20. Name of Work: Civil works. Total Nos. of works: 02 (Two). Value of Works: Rs. 3300697.00. Date of availability of Tender for online Bidding: From 14.09.2019 at 11.00 AM upto Dt. 24.09.2019 at 5.00 PM. Date of Opening of Bids: Dt. 27.09.2019 at 03.30 PM. Name and Address of the Officer inviting Bid: Executive Officer, Bhawanipatna Municipality. Further details can be seen from procurement portal the website: **www.tendersorissa.gov.in.**

**Sd./- Executive Officer, Bhawanipatna, Municipality**

## Odisha Police
## Dist. Headquarters, Puri

**Notice for Extension of Tender Submission Date**

This is an Continuation to our Tender Call Notice which was published on 28.08.2019 for Suzuki Make 400 CC All Terrain Vehicle (ATV) for Sea Beach Patrolling at Puri Sea Beach. The last date of bid submission was 05.09.2019 up to 5.00 PM.

The last date of bid submission is hereby extended 16.09.2019.

Bid can be sent to S.P, Puri, VIP Road, Puri, 752001 or sppri.orpol@nic.in

**Sd./- Superintendent of Police, Puri**

## ପୌର ପରିଷଦ, କୋରାପୁଟ
## KORAPUT MUNICIPALITY

Phone/Fax No. 06852-250629, Email: koraputn.hud@nic.in, eo.nac.koraput@gmail.com

No. 3428/2019 Date: 12.09.19

**TENDER CALL NOTICE**

Bid documents consisting of Cost of Tender paper, EMD, the set of terms and conditions of Hiring of Vehicles and other necessary document can be seen in Official website i.e. www.koraputmunicipality.in

| | | | |
|---|---|---|---|
| 1. | Name of Specification | : | TUV 300/BOLERO/ERTIGA |
| 2. | Date & time of selling of tender paper | : | From 16.09.2019 upto 5.00PM 25.09.2019 |
| 3. | Last date & time for receipt | : | 5.00 PM Hours 26.09.2019 |
| 4. | Financial bid shall be opened on | : | 4.00 PM Hours 27.09.2019 |
| 5. | Name and address of the Officer inviting | : | Executive Officer, Koraput Municipality |
| 6. | Further details can be seen from the procurement portal | : | www.koraputmunicipality.in |

*Sd./- Executive Officer, Koraput Municipality*

No.15-gg

## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ

**ଭିନ୍ନକ୍ଷମ ବ୍ୟକ୍ତିବିଶେଷମାନଙ୍କର ସଶକ୍ତୀକରଣ ପାଇଁ ରାଜ୍ୟସ୍ତରୀୟ ପୁରସ୍କାର – ୨୦୧୯**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ନିମ୍ନ ପ୍ରକାର ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

(୧) ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା କିମ୍ବା ଉତ୍କର୍ଷତା ହାସଲ କରିଥିବା ବିଭିନ୍ନବର୍ଗର ଭିନ୍ନକ୍ଷମ ବ୍ୟକ୍ତିବିଶେଷ ।

(୨) ଭିନ୍ନକ୍ଷମମାନଙ୍କର ଉନ୍ନତି ଓ ବିକାଶ ପାଇଁ କାର୍ଯ୍ୟକରିଥିବା ଭିନ୍ନକ୍ଷମ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ।

ଏହି ସମ୍ବନ୍ଧୀୟ ମାର୍ଗଦର୍ଶିକା ଏବଂ ଦରଖାସ୍ତ ଫର୍ମ www.ssepd.gov.in ରେ ଉପଲବ୍ଧ । ଫର୍ମଟି ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ ଏବଂ ନିଜର ଦୁଇଗୋଟି ପାସପୋର୍ଟ ସାଇଜ ଫୋଟୋ (କେବଳ ବ୍ୟକ୍ତିବିଶେଷମାନଙ୍କ ପାଇଁ) ସହ ତା.୩୦.୦୯.୨୦୧୯ରିଖ ସୁଦ୍ଧା ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଅନୁମୋଦନ ସହ ନିର୍ଦ୍ଦେଶିକା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡିଶା ସରକାର, ଏସ୍. ଆଇ. ଡି. ଆର. ବିଲ୍ଡିଂ, କ୍ୟାପିଟାଲ ହସ୍ପିଟାଲ କ୍ୟାମ୍ପସ୍, ୟୁନିଟ – ୬, ଭୁବନେଶ୍ୱର ଠିକଣାରେ ପଠାଇବାକୁ ଅନୁରୋଧ ।

ନିର୍ଦ୍ଦେଶିକା
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ
ସଶକ୍ତୀକରଣ ବିଭାଗ

46001/11/0016/1920

## MUNICIPAL OFFICE, KENDRAPARA

**'e' Procurement NOTICE No. 4144/Dt. 13.09.19**
**Bid Identification No. KM_03-2019/20**

| | | |
|---|---|---|
| 1 | Procurement Officer-Publisher/ Officer Inviting the Tender/ Bids (OIT) | Executive Officer, Kendrapara Municipality, Kendrapara. |
| 2 | No. of Works | 11 Nos. |
| 3 | Estimated Cost (Approx.) of the Works | Rs. 2,67,954.00 to 19,73,426.00 |
| 4 | Date & Time of availability of bid document in the portal | From 11 AM of Dt. 16.09.2019 to 5 PM of Dt. 29.09.2019 |
| 5 | Date & Time of Technical bid Opening | 11 AM of 30.09.2019 |

(1) Other details can be seen from Detailed Notice Inviting Tenders, available in website **www.tendersorissa.gov.in**.
(2) Corrigendum if any shall only be published in the above website.

**Sd./- Executive Officer, Kendrapara Municipality**

## OFFICE OF THE NOTIFIED AREA COUNCIL, TARBHA

**No. 925 Dated: 13.09.2019**

**CORRIGENDUM**

The Class of Contractor in Tender Call Notice No. 874/ Dt. 29.08.2019 & Reference No. TRV-NAC-01/2019-20 of NAC, Tarbha mentioned in Column No. 6 for the Work Sl. No. 01 is treated as 'B' or 'A' instead of 'C' or 'B'. All other Terms & conditions are remain unchanged.

**Sd./- Executive Officer, NAC, Tarbha**

## DIRECTOR LAND RECORDS AND SURVEYS, ODISHA

**Board of Revenue, (LR & S Branch), Odisha, Cuttack**
**Corrigendum Notice No XXXVIII-01/2019 - 3471**
**Dated 12.09.2019**

No.: 40-F: The Dates of the Tender Notice No. 3060/ LR&S dated 09.08.2019 for supply and installation of IT Equipments, peripherals, Compactor and Furniture in the Modern Record Rooms of 14 Tahasils of the state have been extended. The last date of tender submission is 25.09.2019 till 5:00 PM. For details please visit **www.odisha.gov.in** and **http://boardodisha.nic.in/** to view the corrigendum document.

24002/11/0003/1920 **Sd./- Deputy Secretary, Land Records & Survey**

## O/O CHIEF DISTRICT MEDICAL & PUBLIC HEALTH OFFICER DISTRICT PROGRAMME MANAGEMENT UNIT- NHM.Nabarangpur

**e-mail- dhionab@gmail.com**

**SHORT TENDER CALL NOTICE**

**T. No.7350 Dt.13.09.19**

Sealed tenders are hereby invited from registered and experienced agencies for printing/erection of Hoarding for NHM, Nabarangpur as and when required basis by the CDM & PHO cum District Mission Director, NHM, Nabarangpur. Interested bidders may send their complete bid in double cover system (Technical & Financial).The tender document with terms and conditions may be downloaded from the District website **www.nabarangpur.nic.in.** Last date of for receipt of Tender Paper is 24.09.2019 latest by 4.00 PM only through Speed post/Regd Post/Courier.The same will be opened on 25.09.2019 or next working day whichever is earlier at 11.00 A.M. The undersigned reserves the right to cancel all or any bids without assigning any reason thereof. Late received bids will not be entertained.

**Sd./- CDM & PHO cum District Mission Director NHM Nabarangpur**

## ODISHA PUBLIC SERVICE COMMISSION, CUTTACK

**NOTICE**

**No.: 5910/PSC Dt.13.09.19**
**1E-132-15/16(DR-II)**

No.: 112-D: It is for information of all concerned that the viva voce test for recruitment to the Post of Assistant Professor, Ophthalmology scheduled to be hled on 17th September-2019 pursuant to the advertisement No. 17 of 15/16 is hereby postponed until further orders.

12002/11/0059/1920 **Sd./- Secretary**

## OFFICE OF THE REGULATED MARKET COMMITTEE KANTABANJI

**AT/PO. KANTABANJI, DIST.BALANGIR-767039**
**E-Mail - rmckantabanji118@gmail.com**

**E-PROCUREMENT ( INVITATION FOR BIDS)**

**TENDER CALL NOTICE No.202/R.M.C., Dated 13.09.2019**
**BID IDENTIFICATION NO. RMC-02 /2018-2019**

The Sub-Collector-cum-Chairman, R.M.C., Kantabanji invited sealed tenders for the following works.

1. CONSTRUCTION OF PUMP HOUSE WITH WATER STORAG TANK AT MAIN MARKET YARD, KANTABANJI, Rs.7,24,738.00

For details about tender please visit Website **www.tenderorissa.gov.in** and download the detail bid documents from dt.14.09.2019 upto 5 P.M. of 26.09.2019. For details visit R.M.C. Office Kantabanji from 10 A.M. to 5 P.M. during office hour on working days of said period.

**Sd./-Sub-Collector, Titilagarh cum-Chairman, R.M.C., Kantabanji.**

## OFFICE OF THE MUNICIPAL COUNCIL, SUNDARGARH

**TENDER CALL NOTICE**

**Notice No. 4501 Date: 12.09.2019**

Sealed tenders are invited from the intending Person/ Agency / Firm/ Contractor for fixing of Hoarding/ KIOSK/ Banner inside the Sundargarh Municipality area. The sealed tender will be received from **12.09.2019 to 18.09.2019 upto 1.00 PM** (during Office hour, Except Govt. Holidays) and will be opened the same on dt. **18.09.2019 at 4.00 PM** in the office chamber of the undersigned in presence of tenderer or his authorised representative.

1. If the Office happens to be closed on the date of receipt and opening of the quotation as specified, the quotation will be receipt & open on the next working days at the same time & venue.
2. This Office will be no way reasonable for postal delay of received of quotation beyond Schedule date & time.
3. The contact period is for 1 (One) year i.e. 2019-20.
4. The upset price for the same is Rs. **5,35,587.00 (Rupees Five Lakh Thirty Five Thousand Five Hundred Eighty Seven)** only.
5. The tenderer will submit Aadhaar/ PAN Card/GST Clearance/ Income tax paid up to date Service Tax Certificate and address proof with their quotation.
6. The rate quotated below Upset price are liable for rejection of tender & forfeited of EMD.
7. The estimated area are 12000 Sqft beyond above area the tenderer shall pay extra charges fixed by the Municipal Council, Sundargarh.
8. The EMD will be forfeited of the successful bidder who will not deposit the tender money within 3 days from opening of the tender.
9. The authority reserved the right to accept or reject any or all quotations without assigning any reason thereof.
10. Govt. Advertising policy should be followed.
11. For detail information contact to TAX Section, Sundargarh Municipality in any Official day during 10.00 AM to 5.30 PM.
12. Govt./ Official hoarding should be displayed as and when required in free of cost.

**Sd./- Executive Officer, Sundargarh Municipality**

# ତାଳଚେର-ବିମଳାଗଡ଼ ରେଳପଥ: ୨୦୨୨ ସୁଦ୍ଧା ଶେଷ ହେବ

**ରାଉରକେଲା ଅଫିସ, ୧୩ା୯**

- ଅକ୍ଟୋବରରେ ପରୀକ୍ଷାମୂଳକ ରେଳ ଚଳାଚଳ
- ଡିସେମ୍ବର ସୁଦ୍ଧା ସମସ୍ତ ଜମି ଅଧିଗ୍ରହଣ ଶେଷ ହେବ

ତାଳଚେର-ବିମଳାଗଡ ରେଳପଥ କାମ ୨୦୨୨ ସୁଦ୍ଧା ଶେଷ ହେବ ବୋଲି ରେଳ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବିଭାଗୀୟ ଅଧିକାରୀଙ୍କୁ ଲେଖାଯାଇଥିବା ଚିଠିର ଉତ୍ତରରେ ବିଭାଗୀୟ କର୍ତ୍ତୃପକ୍ଷ ଏହି ଉତ୍ତର ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ଅବସରରେ, ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ଚକ୍ରଧରପୁର ସିନିୟର ଡିଆର୍‌ଏମ୍ ଓ ମୁଖ୍ୟମନ୍ତ୍ରୀଙ୍କୁ ସୁନ୍ଦରଗଡ ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ତାଳଚେର-ବିମଳାଗଡ ରେଳ ପ୍ରକଳ୍ପକୁ ତୁରନ୍ତ ଶେଷ କରିବାକୁ ଦାବି କରାଯାଇଥିଲା। ଉପରୋକ୍ତ ଚିଠିର ଉତ୍ତର ପୂର୍ବତଟ ରେଳପଥର ଚିଫ୍ ଆଡମିନିଷ୍ଟ୍ରେଟିଭ ଅଫିସ ପକ୍ଷରୁ ଏହି ରେଳପଥର ନିର୍ମାଣ ଦାୟିତ୍ୱରେ ଥିବା ଡେପୁଟି ଚିଫ୍ ଇଞ୍ଜିନିୟର ପି.କେ.ପଣ୍ଡା, ତାଙ୍କର ଚିଠି ନଂ. ୦୩୪୧୪ ତା ୧୦/୯/୧୯ ରେ ଜଣାଇଛନ୍ତି। ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି, ତାଳଚେର-ବିମଳାଗଡ ରେଳପଥ ନିର୍ମାଣକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ତାଳଚେରରୁ ସୁନାଖଣି ପର୍ଯ୍ୟନ୍ତ ପ୍ରାୟ ୨୦ କି.ମି ରେଳପଥ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ଆସନ୍ତା ଅକ୍ଟୋବର ମାସ ଶେଷ ସୁଦ୍ଧା ଏହି ପଥରେ ପରୀକ୍ଷାମୂଳକ ରେଳ ଚଳାଚଳ ଆରମ୍ଭ କରାଯିବ। ତାଳଚେରରୁ ୨୦ରୁ ୪୦ କି.ମି ରେଳପଥ ପାଇଁ ଜମି ହସ୍ତଗତ ହୋଇଛି। ସେଥିପାଇଁ ସମସ୍ତ ଆବଶ୍ୟକ କାଗଜପତ୍ର ସଂଗୃହୀତ ହୋଇଛି। ୨୮.୧୦ କିମିରୁ ୨୮.୯୧୦ କିମି ପର୍ଯ୍ୟନ୍ତ ୯୦୦ ମିଟରର ଏକ ଟନେଲ କରାଯାଇ, ଏହି ରେଳପଥକୁ ୧୫୪ କିମିରୁ ୧୪୯ କିମିକୁ ହ୍ରାସ କରାଯାଇଛି। ଏହି ଟନେଲ୍ କାମ ଟେଣ୍ଡର ହୋଇ କାମ ଆରମ୍ଭ ହୋଇ ଯାଇଛି। ଜଙ୍ଗଲ ଜମି ଆମକୁ ହସ୍ତାନ୍ତର ହୋଇ ନ ଥିଲେ ମଧ୍ୟ ଏଥିପାଇଁ ସ୍ୱୀକୃତି ମିଳି ସାରିଛି। ୪୦ରୁ ୧୪୯ କିମି ପର୍ଯ୍ୟନ୍ତ ୭୦୦ ଏକର ଜଙ୍ଗଲ ଜମିରେ ରହିଥିବା ଅନ୍ୟାନ୍ୟ ଅସୁବିଧା ଶୀଘ୍ର ଦୂର ହୋଇଯିବାର ସମ୍ଭାବନା ରହିଛି। ତେବେ ସରକାରୀ ଓ ଘରୋଇ ଜମି ବିଭାଗକୁ ଡିସେମ୍ବର ସୁଦ୍ଧା ମିଳିଗଲେ ଏହି ପ୍ରକଳ୍ପ ୨୦୨୨ ଡିସେମ୍ବର ସୁଦ୍ଧା ଶେଷ କରାଯାଇ ପାରିବ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି।

ସୁନ୍ଦରଗଡ଼ ଓ ଦେବଗଡ଼ ପାଇଁ ନିଯୁକ୍ତି ପାଇଥିବା ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଅଶୋକ ସିଂଙ୍କ ସହ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ସମସ୍ତ ଜମି ଅଧିଗ୍ରହଣ କରାଯିବାର ସମ୍ଭାବନା ରହିଛି ବୋଲି ସିଂ କହିଥିଲେ। ସୁନ୍ଦରଗଡ ଜିଲାରେ ଅଧିଗ୍ରହଣ କରାଯାଇଥିବା ୭୦ ଏକର ଜମି ଖୁବ୍‌ଶୀଘ୍ର ରେଳବାଇକୁ ହସ୍ତାନ୍ତର କରାଯିବ। ରାଜ୍ୟ ସରକାର ବିସ୍ଥାପିତମାନଙ୍କ ଥଇଥାନ, କ୍ଷତିପୂରଣ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଭାବେ ସମସ୍ତ କ୍ଷମତା ଉପଜିଲାପାଳମାନଙ୍କୁ ଦେଇଛନ୍ତି। ତେଣୁ ଏହି ଦେୟ ଦେବାରେ ପୂର୍ବରୁ ଯେଉଁ ବିଳମ୍ବ ହେଉଥିଲା, ତାହା ଆଉ ହେବ ନାହିଁ। ଜମି ଅଧିଗ୍ରହଣ ଆଇନ ଅନୁସାରେ ଧାରା-୮(୨), ୯(୨) ଓ ୧୧(୨)ର ନୋଟିଫିକେଶନ ଦିଆସରିଛି। ତେବେ ଜିଲାପାଳ ପୁରୁଣା ରାଜସ୍ୱ ଅଧିକାରୀ ଓ କର୍ମଚାରୀଙ୍କୁ ଏଥିରେ ନିୟୋଜିତ କରିବାକୁ ଅନୁମତି ଦେଇଥିବାରୁ, ସେ ପ୍ରତିବନ୍ଧକ ଦୂର ହୋଇଛି। କିଛି ଜମିରେ ନୋଟିଫିକେଶନ ଲଗା ଯିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ନୋଟିଫିକେଶନ ଛପା ହେବା ପରେ ଜମି ଅଧିଗ୍ରହଣ କାର୍ଯ୍ୟ ସଂପୂର୍ଣ୍ଣ ହେବ। ସଂଗ୍ରାମ ସମିତି ଡେପୁଟି ଚିଫ୍ ଇଞ୍ଜିନିୟରଙ୍କୁ ବିମଳାଗଡ ଆସିବାକୁ ଅନୁରୋଧ କରିଛି। ସେ ତାଙ୍କର ନିର୍ମାଣ ଅଫିସ କେଉଁଠାରେ କରିବାକୁ ଚାହୁଁଛନ୍ତି, ତାହା ଚିହ୍ନିତ କଲେ, ସେ ଜମି ତୁରନ୍ତ ହସ୍ତାନ୍ତର କରିବାକୁ ପଦକ୍ଷେପ ନେବୁ। ତେଣୁ ସଂଗ୍ରାମ ସମିତି ଆଶା କରୁଛି ଯେ ଡିସେମ୍ବର ମାସ ଶେଷ ସୁଦ୍ଧା ସମସ୍ତ ଅଧିଗ୍ରହଣ କାର୍ଯ୍ୟ ସମାପ୍ତ ହେବ ଏବଂ ଡିସେମ୍ବର ୨୦୨୨ସୁଦ୍ଧା ତାଳଚେର-ବିମଳାଗଡ ରେଳପଥ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ।

### ଠିକ୍ ରୂପେ ଖାଦ୍ୟ ନ ମିଳିବାରୁ ପ୍ରତିବାଦ

# ଛାତ୍ରୀ କଲେ ରାସ୍ତାରୋକୋ



ରାସ୍ତାରୋକୋ କରିଥିବା ଛାତ୍ରୀମାନେ।

**ମାଲକାନଗିରି, ୧୩ା୯ (ଡି.ଏନ.ଏ.)**

- ୭୦ ଛାତ୍ରୀ ସାମିଲ ହୋଇଥିଲେ
- ମାଲକାନଗିରି-ଜୟପୁର ମଧ୍ୟରେ ଗାଡି ଚଳାଚଳ ବନ୍ଦ
- ପ୍ରତିଶ୍ରୁତି ପରେ ପ୍ରତ୍ୟାହାର

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡ଼ା କସ୍ତୁରବା ଗାନ୍ଧି ବାଳିକା ଉଚ୍ଚ ବିଦ୍ୟାଳୟର ଅନ୍ତେବାସୀଙ୍କୁ ଠିକ୍ ରୂପେ ଖାଦ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଛାତ୍ରୀମାନେ ମାଲକାନଗିରି-ଜୟପୁର ୩୨୬ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିଛନ୍ତି। ଗତ ୨ରୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ମିଳୁ ନାହିଁ। ଫଳରେ ସେମାନଙ୍କୁ ଠିକ୍ ରୂପେ ଖାଇବାକୁ ମିଳୁ ନ ଥିବା ଅଭିଯୋଗ କରି ୭୦ ଜଣ ଛାତ୍ରୀ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡିମୋଟର ଯାତାୟାତ ଠପ୍ ହୋଇପଡିଥିଲା। ୨ଘଣ୍ଟା ଧରି ମାଲକାନଗିରି-ଜୟପୁର ମଧ୍ୟରେ ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଥିଲା। ଖବରପାଇ ବିଡିଓ ଆଶିଷ କୁମାର ଭୋଇ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ। ପରେ ଏହାର ସ୍ଥାୟୀ ପ୍ରତିକାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀମାନେ ରାସ୍ତାରୋକୋ ପ୍ରତ୍ୟାହାର କରିଥିଲେ।

# ପୁଅର ସମାଧି ଉପରେ ପୂଜାର୍ଚ୍ଚନା

**ପାଟଣାଗଡ଼, ୧୩ା୯ (ଡି.ଏନ.ଏ.)**

ବିଜ୍ଞାନର ଢେର ଅଗ୍ରଗତି ଘଟିଛି। ଅନ୍ଧବିଶ୍ୱାସ, କୁସଂସ୍କାର ଦୂର ହୋଇଛି ବୋଲି ପ୍ରଚାର ଚାଲିଛି। ହେଲେ ଆଜି ବି ଗୁଣିଗାରେଡି ପ୍ରତି ଲୋକଙ୍କ ବିଶ୍ୱାସ ରହିଛି। ବଲାଙ୍ଗୀର ଜିଲା ପାଟଣାଗଡ଼ ଲରମ୍ଭା ଥାନା ଅନ୍ତର୍ଗତ ଚିଟକାମାଲ ଗ୍ରାମରେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ଶିଶୁର ମୃତ୍ୟୁର ୨୩ଦିନ ପରେ ତାଙ୍କ ସମାଧି ଉପରେ କେହି ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି। ସମାଧିର ଗୋଟିଏ ଥାକ ଇଟା କାଢି କେହି ଧୂପ, ଦୀପ, ସିନ୍ଦୂର ଦେଇ ପୂଜାର୍ଚ୍ଚନା କରିଛନ୍ତି। ମୃତ ଶିଶୁଙ୍କ ବାପା ଏହା ଦେଖିବା ପରେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଭୟଭୀତ ହୋଇ ପଡିଛନ୍ତି। ଗୁଣିଗାରେଡି ପାଇଁ ଏପରି ପୂଜାର୍ଚ୍ଚନା କରାଯାଇଥିବା ସେ ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଖବର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗାଁର ନାରାୟଣ ବରିହାଙ୍କ ଦେଢବର୍ଷର ପୁଅ ଲକି ଗତ ଅଗଷ୍ଟ ୨୧ତାରିଖରେ ଜ୍ୱରରେ ପୀଡିତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣାଗଡ଼ ଡାକ୍ତରଖାନାକୁ ଅଣାଯାଉଥିବା ବେଳେ ବାଟରେ ଶିଶୁଟିର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ପରିବାର



ଇଟା କାଢ଼ି ମୃତଦେହ ପୋତା ଯାଇଥିବା ସ୍ଥଳରେ ପୂଜାର୍ଚ୍ଚନା କରାଯାଇଛି।

### ଗୁଣିଗାରେଡ଼ି ସନ୍ଦେହ କଲେ ବାପା

ଲୋକେ ମୃତଦେହକୁ ନିଜ ଜମିକୁ ନେଇ ମାଟି ଖୋଳି ପୋତି ଦେଇଥିଲେ। ପୋତାଯାଇଥିବା ସ୍ଥଳରେ ଇଟା ବାଡ ଦେଇ ଆବଦ୍ଧ କରିଥିଲେ। ମୃତ୍ୟୁର ୨୩ଦିନ ପରେ ଗୁରୁବାର ନାରାୟଣ ତାଙ୍କ ନିଜ ଜମିକୁ ଯାଇଥିଲା ବେଳେ ସାମାଧି ସ୍ଥଳର ଗୋଟିଏ ଥାକ ଇଟା କଢାଯାଇଥିବା ଦେଖିବାକୁ ପାଇଥିଲେ। ମାଟିତଳୁ ପୁଅର ମୃତଦେହ କାଢି କେହି ଗୁଣି ଗାରେଡି କରିବାକୁ ଚାହୁଁଥିବା ସେ ସନ୍ଦେହ କରିଛନ୍ତି।

# ୨ ବାଇକ୍ ଧକ୍କା, ଯୁବକ ମୃତ

**କଣିହାଁ, ୧୩ା୯ (ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ ଥାନା ଅଞ୍ଚଳରେ ଶୁକ୍ରବାର ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁ ଜଣଙ୍କ ମୃତ୍ୟୁ ଘଟିଛି। ଥାନା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ତ୍ରିନାଥ ବେହେରାଙ୍କ ସୂଚନାରୁ ଜଣାଯାଏ, ଛେଣ୍ଡିପଦା ଥାନା ଅଞ୍ଚଳର ନନ୍ଦା ଗୋଚ୍ଛାୟତ ରେଙ୍ଗାଳି ଗ୍ରାମସ୍ଥିତ ତାଙ୍କ ଭଉଣୀଙ୍କ ଘରକୁ ଯାଉଥିବାବେଳେ ଡ୍ୟାମ କଲୋନୀ ମାଗାଜିନ ଛକ ବୁଲାଣି ରାସ୍ତାରେ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ସେଠାରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ନନ୍ଦାଙ୍କୁ ରେଙ୍ଗାଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ନଂ.୧୦୧/୧୯ରେ ଏକ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

# ଶିକ୍ଷା ନରକୁ ନାରାୟଣରେ ପରିଣତ କରେ



ନବପ୍ରଭାତ କନ୍ୟା ଗୁରୁକୁଳର ଉଦଘାଟନୀ ସମାରୋହରେ ଅନ୍ତେବାସିନୀଙ୍କ ସହିତ ଡ. ମୋହନ ଭଗବତ।

**ବରଗଡ଼ ଅଫିସ୍/ପଦ୍ମପୁର, ୧୩ା୯**

ବୋଲି ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ନବପ୍ରଭାତ ଗୁରୁକୁଳର ନୂଆପାଲି ଅର୍ଜୁନନଗର ଚକାଖଲିଆଠାରେ ନବନିର୍ମିତ କନ୍ୟା ଗୁରୁକୁଳ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସରସଂଘ ଚାଳକ ଡଃ ମୋହନ ଭଗବତ ଏହାକୁ ଉଦ୍‌ଘାଟନ କରିଥିଲେ। ଉପଯୁକ୍ତ ଶିକ୍ଷା ସାଧାରଣ ମଣିଷକୁ ମହାମାନବରେ ପରିଣତ କରୁଥିବାବେଳେ ମଣିଷ ଦିବ୍ୟ ଭାବନାରେ ଉଦ୍‌ବୁଦ୍ଧ ହୋଇଥାଏ। ମନୁଷ୍ୟ ଶିକ୍ଷାବଳରେ ନରରୁ ନାରାୟଣରେ ପରିଣତ ହୋଇଥାଏ ବୋଲି ଡଃ ଭଗବତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂସ୍କୃତ ବୋର୍ଡ଼ ଏକାଡ଼େମୀ (ଉତ୍ତର ପ୍ରଦେଶ)ର ଅଧ୍ୟକ୍ଷ ଡଃ ବାଚସ୍ପତି ମିଶ୍ର, ଅଖିଳ ଭାରତୀୟ ଗ୍ରାମ ବିକାଶ ପ୍ରମୁଖ ଡଃ ଦିନେଶ ଜୀ, ପ୍ରଦୀପ ଯୋଶୀ, ଡଃ ଦିବ୍ୟଶଙ୍କର, ବିପିନ ବିହାରୀ ନନ୍ଦ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଅହଲ୍ୟା ନାଏକ, ସାଗରିକା ପଧାନ, ଡଃ ଚନ୍ଦ୍ରବୀର ଅଜୟ ଗୁପ୍ତା, ଅନୁଜ ଶର୍ମା, କିଶନ କର୍ମା, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ପଣ୍ଡିତ ଧୀରେନ୍ଦ୍ର ଶାସ୍ତ୍ରୀ, ପଣ୍ଡିତ ପୁରନ୍ଦର ଶାସ୍ତ୍ରୀ ଯୋଗଦାନ କରିଥିଲେ। ପ୍ରଫେସର ସୋମଦେବ ଶତାଂଶୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁରୁକୁଳ ନବପ୍ରଭାତ ଆଶ୍ରମର ଅଧ୍ୟକ୍ଷ ଭଗବାନ ଦେବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଶ୍ରମ ତରଫରୁ ଡଃ ଭଗବତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଚାର୍ଯ୍ୟ ବୃହସ୍ପତି ଧନ୍ୟବାଦ ଅର୍ପଣ କରିଥିଲେ।

### ହାଇକୋର୍ଟରେ ବାରବାଟୀ-କଟକ ବିଧାନସଭା ନିର୍ବାଚନ ମାମଲା

# ଜବାବ ଦାଖଲ ପାଇଁ ମହଲତ ନେଲେ ବିଧାୟକ

**କଟକ ଅଫିସ, ୧୩ା୯**

ବାରବାଟୀ-କଟକ ବିଧାନସଭା ନିର୍ବାଚନକୁ ନେଇ ହାଇକୋର୍ଟରେ ଚାଲିଥିବା ମାମଲାରେ ବିଧାୟକ ମହମ୍ମଦ ମୋକିମ ଶୁକ୍ରବାର ଜବାବ ଦାଖଲ ପାଇଁ ଅଦାଲତଙ୍କଠାରୁ ମହଲତ ନେଇଛନ୍ତି। ତେବେ ଆସନ୍ତା ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବାବେଳେ ଏହା ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ବିଚାରପତି ଜଷ୍ଟିସ ସଙ୍ଗମ ସାହୁଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୨୬ରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ହାଇକୋର୍ଟରେ ନିର୍ବାଚନକୁ ରଦ୍ଦ କରିବା ନେଇ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଶୁକ୍ରବାର ବିଧାୟକ ମୋକିମଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ଗତ ସାଧାରଣ ନିର୍ବାଚନରେ ବାରବାଟୀ-କଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମ ବିଜୟୀ ହୋଇଥିଲେ। ତେବେ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ସମୟରେ ବିଧାୟକ ମୋକିମ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠ ଏବଂ ନାମାଙ୍କନପତ୍ରରେ ଅନେକ ତଥ୍ୟ ଲୁଚାଇଥିବା ନେଇ ପୂର୍ବତନ ବିଧାୟକ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୋକିମ ସତ୍ୟପାଠରେ ତାଙ୍କ ବିରୁଦ୍ଧରେ ଥିବା ଆପରାଧୀକ ମାମଲା ଏବଂ ସମ୍ପତ୍ତି ସମ୍ପର୍କରେ ଅନେକ ତଥ୍ୟ ଲୁଚାଇଥିବା ସାମନ୍ତରାୟ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ନାମାଙ୍କନପତ୍ର ଦାଖଲ କରିବା ପରେ ମୋକିମ ସତ୍ୟପାଠ ଦାଖଲ କରିଥିବା ପୂର୍ବତନ ବିଧାୟକ ସାମନ୍ତରାୟ ଅଭିଯୋଗ କରିବା ସହ ଏହି ନିର୍ବାଚନକୁ ରଦ୍ଦ କରିବା ନେଇ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମିଲନ୍ କାନୁନ୍‌ଗୋ ଓ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ପୁରୀ ସହରରେ ବୟସ୍କ ଦମ୍ପତିଙ୍କ ସହିତ ରହି ଗୃହ କର୍ମରେ ସହଯୋଗ କରିବା ପାଇଁ ଜଞ୍ଜାଳ ନଥିବା କର୍ମନିପୁଣା
ମହିଳା ଆବଶ୍ୟକ।
ଯୋଗାଯୋଗ କରନ୍ତୁ
8763329788

ସରସ୍ୱତୀ ଶିଶୁମନ୍ଦିର
ଗୁରୁଜୀ ଗୁରୁମା ଆବଶ୍ୟକ। ସେବକ ସେବିକା
9937574132

NIJUKTI SUCHANALAYA
Qualification: 10th, +2, +3, ITI
- Delivery Boy
- Havels - Bhusan - Private Bank and finance sector.
- Security Guard
- Home Skipping
Age limit: 18 to 45 years.
Salary: 8000 to 25000
Ph. No. 7749823581, 7749823616

Stipend Agent In LIC
- Rs.5000/- Stipend Per Month + High Commission.
- Bike/Car Adv, Home loan, Own Office Mediclaim, Gratuity, Club Membership & many more.
Age-18-35 yrs, Qual. : 10th & Above
7064693160
-: TO JOIN CONTACT :-
(For Bhubaneswar & Near Areas)

Kerala Panchakarma Vaidyasala
Bhubaneswar requires
- Panchakarma Therapist - 10 nos. (M/F)
- Beautician - 5 Nos. (F)
- Front Office Manager - 2 Nos. (F)
- Ayurvedic Doctors - 2 Nos.
Experience candidates can Contact: Mob- 9937057118, 6370823466, 0674-2590053

OFFICE STAFF ଆବଶ୍ୟକ
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact : 9938414918

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

VACANCY
An accounting firm requires an experienced Data Entry Operator having experience in operation of Tally package and drafting of letters.
Apply with confidence to
Box No. 386, DHARITRI, B-15, Industrial Estate, Rasulgarh, Bhubaneswar-10.

REFCEM® Since 1983...
SITUATION VACANT
RRPL, Bhubaneswar invites application for the following Posts;

| | Post | Qualification | Experience |
|---|---|---|---|
| 1. | Accountant | B.com with Tally & above | Min 5 yrs |
| 2. | Welder, Cutter & Electrician | ITI & Diploma | Min 5 yrs |

Salary is based on industry and experience.
Mail your CV / Contact on:
rrpl2019@rediffmail.com
Contact: 7381095402 & 7381095422

Need an experienced (10yrs. or more)
DRIVER in BBSR
to drive personal cars.
- One should not have any bad habit.
- He should be highly disciplined and sober.
- Should be ready to help in household works.
- Should have a good character.
- Valid Driving License and Adhaar Card are needed.
Salary is negotiable.
Contact: 9437180218

PART TIME JOB
DETECTIVES / VERIFIERS / INVESTIGATORS
GRADUATES
Per Assignment Basis
Email : ceebak@gmail.com

ସଫେଇ କର୍ମଚାରୀ ଆବଶ୍ୟକ
ରାୟଗଡ ନଗର ନିଗମ (ଛତିଶଗଡ) ରେ ସହରର ସଫେଇ କାର୍ଯ୍ୟ ପାଇଁ ଏକ ସଂସ୍ଥାରେ ୨୦ ରୁ ୫୦ ସଫେଇ କର୍ମଚାରୀ ଆବଶ୍ୟକ। ରହିବା, ଖାଇବା ସହ ଦରମା ୧୦,୦୦୦/- ଦିଆଯିବ
ବର୍ଫାନୀ ସିକ୍ୟୁରିଟି ସର୍ଭିସ୍। ଯୋଗାଯୋଗ - ପ୍ରିୟରଞ୍ଜନ ଦାସ (Supervisor)
7735833199 (11AM - 2PM)

WANTED
ଭୁବନେଶ୍ୱରରେ ପ୍ରତିଷ୍ଠିତ କମ୍ପାନୀର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବିକ୍ରୟ କରିବା ପାଇଁ ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା (+2) ରହିବା ସୁବିଧା ଅଛି। ଦରମା ମାସିକ 15,000/- Contact :
7978049094, 9178362001

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 5 NOS
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

WALK IN INTERVIEW
HOTEL PURI BEACH RESORT PVT. LTD.
New Marine Drive Road, Near Light House, Puri
- Housekeeping Supervisor, - Room Boy, - Store Keeper & Restaurant Supervisor, - Laundry man, - Accountant, - Security Guard.
A walk in interview will be held at Hotel campus on dt.16.09.2019, 10.30AM for the above posts. Candidates should have experience of 2 years for all posts.
Contact: MD- 9437444444
S.K. Mishra- 9937231888

ସାଉଥ୍ ଆଫ୍ରିକାରେ ଚାକିରୀ
ଇନ୍‌ଫ୍ରାଷ୍ଟ୍ରକଚର କନ୍‌ଷ୍ଟ୍ରକସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time / Full Time)
Contact: 9938676412

PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, SUPERVISOR, TELE-CALLER
For Pre-Cast Manufacturing Unit
Two-Wheeler must; All Odisha
CONTACT :
9040019196 / 9778821577

CLASSIFIED DISPLAY
on Every
Tuesday and Friday

RECRUITMENT NOTICE
Kaapro invites online applications for Water Testing Laboratory at State, District and Sub-Divisional Laboratories under Rural Water Supply and Sanitation (RWSS), Panchayati Raj & Drinking Water Department, Government of Odisha, from candidates for deployment on outsource basis covering the following posts located at different places of Odisha :-

STATE LEVEL

| Positions | No. of Positions | Qualification | Experience Yrs | Salary Rs. p.m. |
|---|---|---|---|---|
| Project Manager | 1 | Bachelor in Arts/Science/Commerce/ Engineering and MBA | 5 | 40000 |
| Lab. Chemist/ Microbiologist | 1 | Graduation in Science with Biology & PGDCA | 3 | 20000 |
| Lab. Chemist | 3 | Graduation in Science with Chemistry & PGDCA | 3 | 20000 |
| Data Entry Operator | 2 | Graduation with PGDCA or equivalent certification with 1 years' experience | 3 | 8800 |
| Lab. Assistant | 2 | +2 Science with Chemistry & DCA | 3 | 10000 |

DISTRICT AND SUB DIVISIONAL LEVEL

| Positions | No. of Positions | Qualification | Experience Yrs | Salary Rs. p.m. |
|---|---|---|---|---|
| Lab. Chemist/ Microbiologist | 76 | Graduation in Science with Chemistry/Biology & PGDCA | 3 | 20000 |
| Lab. Assistant | 46 | +2 Science with Chemistry & DCA | 3 | 10000 |
| Lab.Attendant cum Sample Collector | 76 | 10th Pass | 2 | Salary 7300 + 1500 other Expenses |

For Details of Role Responsibilities, Qualification and other Eligibility criteria for each position and online application can be accessed at recruitment.kaapro.co.in The last date of receipt of application is 28.09.2019 (17.00 Hrs. IST).

URGENTLY REQUIRED FOR REAL ESTATE COMPANY
Related Jobs
1. ACCOUNTS MANAGER (Male), 2. JUNIOR ACCOUNTANT (Male), 3. FRONT OFFICE EXECUTIVE (Ladies), 4. SUPERVISOR (Male), 5. COOK (Male).
Experience needed 2 to 3 years
SHREEHARI CONSTRUCTIONS
Shreehari Bihar, Batamangala, Puri- 752002
Mail ID: shreeharipuri@gmail.com, Contact No. 9439537644 / 9861796270
Send CV with colour photograph to this above address or Email id.

APPOINTMENT
Need the following personnel for SALES.
SALES OFFICER :
Graduate having minimum 1-2 years experience in consumer durable/FFCG/Furniture industry/Lights division will be preferred. He must have the ability to develop & manage the dealer network with good knowledge of sales & marketing.
In case of experience candidate qualification no bar.
Please send your Biodata within 7 days to
PATRIOT
Rajpath Group SCR-14, Surya Nagar, 1st Floor Bhubaneswar-751003,
Email: hrd@rajpathgroup.in
Mob.: 9337724585

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



“ଚଳିତ ବର୍ଷ ଭାରତର ସ୍ମାର୍ଟଫୋନ ବଜାରରେ ୧୫% ଅଂଶ ହାସଲ କରିବାକୁ ରିୟଲମି ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହାଦ୍ୱାରା କମ୍ପାନୀ ଶୀର୍ଷ ୩ ସ୍ମାର୍ଟଫୋନ ବିକ୍ରେତା ଭାବେ ଗୌରବ ଅର୍ଜନ କରିବ।

– ମାଧବ ସେଠ୍, ରିୟଲମି ଇଣ୍ଡିଆ ସିଇଓ



“ଇଜ୍ ଅଫ୍ ଡୁଇଂ ବିଜନେସ୍ ର୍ୟାଙ୍କିଙ୍ଗ୍‌ରେ ଭାରତର ସ୍ଥାନରେ ଉନ୍ନତି ଆଣିବାକୁ ହେଲେ ରାଜ୍ୟଗୁଡ଼ିକୁ ଚିନି, ମଦ୍ୟପାନ ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା କଟକଣାକୁ କୋହଳ କରିବାକୁ ହେବ।

–ଅମିତାଭ କାନ୍ତ, ନୀତି ଆୟୋଗ ସିଇଓ

## ସଂକ୍ଷେପରେ

### ଏସ୍‌ବିଆଇ ଆକାଉଣ୍ଟଧାରୀଙ୍କୁ ରଖିବାକୁ ହେବ ସର୍ବନିମ୍ନ ୩ ହଜାର ଜମା

SBI

ନୂଆଦିଲ୍ଲୀ,୧୩-୯: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ପାଇଁ ଅକ୍ଟୋବର ପହିଲାରୁ କେତେକ ସର୍ଭିସ ଚାର୍ଜରେ ପରିବର୍ତ୍ତନ କରାଯିବ। ଜମାଖାତାରେ ମାସକୁ ସର୍ବନିମ୍ନ ଜମା ରାଶି ନ ରଖିଲେ ଜରିମାନାକୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯାଇଛି। ଏନ୍‌ଇଏଫ୍‌ଟି ଓ ଆର୍‌ଟିଜିଏସ୍ ମାଧମରେ ଅନ୍‌ଲାଇନରେ ନେଣଦେଣ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଟ୍ରାଞ୍ଜାକ୍‌ଶନକୁ ଶସ୍ତା କରାଯାଇଛି। ଏଣିକି ମେଟ୍ରୋ ସହର ଏବଂ ସହରାଞ୍ଚଳରେ ହାରାହାରି ମାସିକ ଜମା ଯଥାକ୍ରମେ ୫୦୦୦ ଟଙ୍କା ଏବଂ ୩ ହଜାର ଟଙ୍କା ବଦଳରେ ୩ ହଜାର ଟଙ୍କା ରଖାଯାଇଛି। ଏହାଠାରୁ କମ୍ ଅର୍ଥ ଜମା ରହିଲେ ପରିମାଣ ହିସାବରେ ଶୁଳ୍କ ଆଦାୟ କରାଯିବ। ସହରାଞ୍ଚଳରେ ଆକାଉଣ୍ଟଧାରୀଙ୍କୁ ୩ ହଜାର ଟଙ୍କା ବାଲାନ୍ସ ନ ରଖି ପାରିଲେ ତାଙ୍କ ବାଲାନ୍ସ ୭୫%ରୁ କମ୍ ହୋଇଥିଲେ ୧୫ ଟଙ୍କା ପେନାଲ୍ଟି ଏବଂ ଜିଏସ୍‌ଟି ଦେବାକୁ ହେବ। ବର୍ତ୍ତମାନ ୮୦ ଟଙ୍କା ଏବଂ ଜିଏସ୍‌ଟି ଆଦାୟ କରାଯାଉଛି। ସେହିଭଳି ୫୦ରୁ ୭୫% କମ୍ ବାଲାନ୍ସ ରହିବା କ୍ଷେତ୍ରରେ ୧୨ ଟଙ୍କା ଏବଂ ଜିଏସ୍‌ଟି ଆଦାୟ ହେବ ଯାହା କି ବର୍ତ୍ତମାନ ୬୦ ଟଙ୍କା ଏବଂ ଜିଏସ୍‌ଟି ରହିଛି। ୫୦%ରୁ କମ୍ ବାଲାନ୍ସ ରହିବା କ୍ଷେତ୍ରରେ ୧୦ ଟଙ୍କା ଏବଂ ଜିଏସ୍‌ଟି ଆଦାୟ କରାଯିବ। ବର୍ତ୍ତମାନ ସାଲାରି ଆକାଉଣ୍ଟ, ବେସିକ ସେଭିଙ୍ଗ୍‌ସ ବ୍ୟାଙ୍କ ଆକାଉଣ୍ଟ, ପିଏମ୍ ଜନଧନ ଯୋଜନା ଆକାଉଣ୍ଟର ହାରାହାରି ମାସିକ ବାଲାନ୍ସ ରଖିବାର ନିୟମ ନାହିଁ। ତେବେ ଅକ୍ଟୋବର ପହିଲାରୁ ନୋ ଫିଲ୍ ଆକାଉଣ୍ଟ, ପ୍ରଥମ ପଦକ୍ଷେପ ଓ ପ୍ରଥମ ଉଡ଼ାଣ ଆକାଉଣ୍ଟ, ୧୮ ବର୍ଷରୁ କମ୍ ନାବାଳକ, ପେନସନର, ସିନିୟର ସିଟିଜେନ ଏବଂ ୨୧ ବର୍ଷ ପର୍ଯ୍ୟନ୍ତ ଛାତ୍ରୀଙ୍କ ଆକାଉଣ୍ଟ ଉକ୍ତ ନିୟମରୁ ବାଦ୍ ପଡିବ। ଜୁଲାଇ ପହିଲାରୁ ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ମାଧମରେ ଟ୍ରାଞ୍ଜାକ୍‌ଶନ ମାଗଣା ହୋଇଛି। ତେବେ ଶାଖାରୁ ଏଭଳି ମାଧମରେ ଟଙ୍କା ନେଣଦେଣ ପାଇଁ ଶୁଳ୍କ ହ୍ରାସ କରାଯାଇଛି। ଶାଖାରୁ ୧୦ ହଜାର ପର୍ଯ୍ୟନ୍ତ ଏନ୍‌ଇଏଫ୍‌ଟି କରିବା ଲାଗି ୨ ଟଙ୍କା, ୧ରୁ ୨ ଲକ୍ଷ ଟଙ୍କା ପାଇଁ ୧୨ ଟଙ୍କା, ୨ ଲକ୍ଷରୁ ଅଧିକ ପାଇଁ ୨୦ ଟଙ୍କା ବ୍ୟତୀତ ଜିଏସ୍‌ଟି ଆଦାୟ କରାଯିବ। ସେହିଭଳି ୨ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍‌ଟିଜିଏସ୍ ପାଇଁ ୨୦ ଟଙ୍କା ଏବଂ ୫ ଲକ୍ଷରୁ ଅଧିକ ଟଙ୍କା ପାଇଁ ୪୦ ଟଙ୍କା ଦେବାକୁ ହେବ। ସମସ୍ତ କ୍ଷେତ୍ରରେ ଜିଏସ୍‌ଟି ଆଦାୟ ହେବ। ସେହିଭଳି ଏସ୍‌ବିଆଇ ଏଟିଏମ୍ ଚାର୍ଜରେ ପରିବର୍ତ୍ତନ କରିଛି। ଗ୍ରାହକ ୬ ମେଟ୍ରୋ ସହରରେ ନଗଦ ଉଠାଣ ପାଇଁ ୧୦ ଥର ମାଗଣାରେ ଟ୍ରାଞ୍ଜାକ୍‌ଶନ କରିପାରିବେ। ଅନ୍ୟ ସହର ପାଇଁ ଏହା ୧୨ ରଖାଯାଇଛି। ସମସ୍ତ ସହରରେ ସାଲାରି ଆକାଉଣ୍ଟରେ ଏସ୍‌ବିଆଇ ଏଟିଏମ୍‌ରେ ଅଧିକ ଟ୍ରାଞ୍ଜାକ୍‌ଶନ କରିହେବ। ସେହିଭଳି ସେଭିଙ୍ଗ୍‌ସ ଆକାଉଣ୍ଟଧାରୀଙ୍କୁ ଗୋଟିଏ ଆର୍ଥିକ ବର୍ଷରେ ପ୍ରଥମେ ୧୦ ଟିକିଆ ଚେକ୍ ବହି ଜାରି କରାଯିବ। ଏହାପରେ ୧୦ ଚେକ୍ ବିଶିଷ୍ଟ ବହି ପାଇଁ ୪୦ ଟଙ୍କା ଏବଂ ଜିଏସ୍‌ଟି ଦେବାକୁ ହେବ। ସେହିପରି ୨୫ ଚେକ୍ ଥିବା ବହି ପାଇଁ ୭୫ ଟଙ୍କା ଓ ଜିଏସ୍‌ଟି ଆଦାୟ ହେବ। ତେବେ ସିନିୟର ସିଟିଜେନ ଓ ସାଲାରି ଆକାଉଣ୍ଟଧାରୀଙ୍କୁ ମାଗଣାରେ ଚେକ୍ ବହି ଜାରି କରାଯିବ ବୋଲି ଏସ୍‌ବିଆଇ ପକ୍ଷରୁ କୁହାଯାଇଛି।

# ମ୍ୟୁଚୁଆଲ ଫଣ୍ଡ ଶିଳ୍ପକୁ ବଢ଼ୁଛି ଓଡ଼ିଶାର ଅବଦାନ

ଭୁବନେଶ୍ୱର, ୧୩-୯(ବ୍ୟୁରୋ)




ଦେଶର ମ୍ୟୁଚୁଆଲ ଫଣ୍ଡ ଶିଳ୍ପକୁ ଓଡିଶାର ଅବଦାନ ଦ୍ରୁତ ଗତିରେ ବଢୁଛି। ଗୋଟିଏ ବର୍ଷରେ ଏହା ୦.୫୭%ରୁ ବୃଦ୍ଧି ଘଟି ଚଳିତ ବର୍ଷ ଜୁଲାଇ ସୁଦ୍ଧା ୦.୮୫%ରେ ପହଞ୍ଚିଛି। ଏହି ସ୍ଥିତି କେବଳ ଓଡ଼ିଶାରେ ସୀମିତ ନ ରହି ସମଗ୍ର ପୂର୍ବାଞ୍ଚଳରେ ଉନ୍ନତ ରହିଛି। ଲୋକମାନେ ମ୍ୟୁଚୁଆଲ ଫଣ୍ଡରେ ସେମାନଙ୍କ ନିବେଶ ରାଶି ବଢାଉଥିବା ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି)ର ମୁଖ୍ୟ ମହାପ୍ରବନ୍ଧକ ବିରଞ୍ଚି ନାରାୟଣ ସାହୁ କହିଛନ୍ତି।

ଶିଳ୍ପସଂଘ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଚତୁର୍ଥ ରିଟେଲ ସେଭିଂ ଅପର୍‌ଚୁନିଟି କନକ୍ଲେଭ ଅବସରରେ ସେ କହିଛନ୍ତି, ଲୋକମାନେ ନିଜ ସଞ୍ଚୟ ରାଶିକୁ ବିଭିନ୍ନ ସ୍ଥାନରେ ଜମା ରଖିଥିବା ବେଳେ ତା'ର ମାତ୍ର ୬% ମ୍ୟୁଚୁଆଲ୍ ଫଣ୍ଡରେ ରହିଛି। ଆମେରିକା ଭଳି ଦେଶରେ ପ୍ରାୟ ଶତ ପ୍ରତିଶତ ରାଶି ମ୍ୟୁଚୁଆଲ ଫଣ୍ଡରେ ଜମା ହେଉଥିବା ବେଳେ ଭାରତ ଏ କ୍ଷେତ୍ରରେ ବହୁ ପଛରେ ରହିଛି। ମ୍ୟୁଚୁଆଲ ଫଣ୍ଡରେ ଘରୋଇ ସଞ୍ଚୟ ରାଶି ଲାଗି ପର୍ଯ୍ୟାପ୍ତ ସୁଯୋଗ ରହିଥିବା ସେ ଗୁରୁତ୍ୱାରୋପ କରିଛନ୍ତି।

- ଜୁଲାଇ ସୁଦ୍ଧା ୦.୮୫%ରେ ପହଞ୍ଚିଲା
- ପୂର୍ବାଞ୍ଚଳର ସ୍ଥିତି ମଧ ଭଲ
- ଘରୋଇ ସଞ୍ଚୟ ରାଶିର ମ୍ୟୁଚୁଆଲ ଫଣ୍ଡ ନିବେଶର ବିପୁଳ ସୁଯୋଗ

ସେ କହିଛନ୍ତି ଯେ, ଲୋକମାନଙ୍କ ଘରେ ପଡି ରହିଥିବା ସଞ୍ଚୟ ରାଶିକୁ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାର ବିପୁଳ ସୁଯୋଗ ରହିଛି। ଦେଶ ମଧ୍ୟରେ ମୋଟ ଫାଇନାନ୍ସ ଉଦ୍ଦେଶ୍ୟରେ ଘରେ ରଖାଯାଇଥିବା ସଞ୍ଚୟ ରାଶିର ୧୬% ବୀମାରେ, ବ୍ୟାଙ୍କରେ ୩୯%, ଇକ୍ୱିଟି ବଜାରରେ ୨୪%, ଭବିଷ୍ୟନିଧିରେ ୭% ଜମା ହୋଇଛି। ବଳକା ଟଙ୍କାକୁ ଲୋକମାନେ ନଗଦ ଭାବେ ପାଖରେ ରଖୁଛନ୍ତି। ଦେଶର ମୋଟ ଜିଡିପିକୁ ମ୍ୟୁଚୁଆଲ ଫଣ୍ଡ ଶିଳ୍ପର ଅବଦାନ ୧୧% ରହିଛି।

ଦେଶର ମ୍ୟୁଚୁଆଲ ଫଣ୍ଡ ସଂସ୍ଥାଗୁଡିକର ସେବା ଯୋଗାଣ ଉପରେ ସୂଚନା ଦେଇ ସାହୁ କହିଛନ୍ତି, ବର୍ତ୍ତମାନ ମୋଟ ୪୩ ସଂସ୍ଥା ୯୦୦ରୁ ଅଧିକ ପ୍ରକାରର ସ୍କିମ୍‌ରେ ସେବା ଯୋଗାଉଛନ୍ତି। ଇକ୍ୱିଟି, ଡେଟ୍, ବଣ୍ଡ, ଏବଂ ଇଟିଏଫ୍ ବର୍ଗରେ ଏହି ସ୍କିମ୍ ସବୁ ରହିଛି। ଗତ ୩ ବର୍ଷରେ ଏହି ଶିଳ୍ପର ପରିଚାଳନା ସମ୍ପତ୍ତି ଦୁଇ ଗୁଣ ବଢି ୨୫ ଲକ୍ଷ କୋଟି ଟଙ୍କା ଛୁଇଁଛି। ଦେଶରେ ୨ କୋଟିରୁ ଅଧିକ ନିବେଶକ ୮ କୋଟିରୁ ଅଧିକ ଫୋଲିଓରେ ନିବେଶ କରିଥିବା ସେ ସ୍ପଷ୍ଟ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଭୁବନେଶ୍ୱର ଚାପ୍ଟର ଅଧକ୍ଷ ଶକ୍ତିଧର ସିଂହ, ଆଇସିସି ଜାତୀୟ କମିଟି ସଦସ୍ୟ ସୁଧୀନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ରେନୋ ଭୁବନେଶ୍ୱର ନର୍ଥ ଶୋ'ରୁମ୍‌ରେ ନୂଆ ଟ୍ରାଇବରର ବଜାର ପ୍ରବେଶ




ଭୁବନେଶ୍ୱର, ୧୩-୯(ବ୍ୟୁରୋ)

**ବଜାର ଦର ୪.୯୫ ଲକ୍ଷ ଟଙ୍କାରୁ ଆରମ୍ଭ**

ରେନୋ ପକ୍ଷରୁ ନୂଆ ଯାନ ଟ୍ରାଇବରକୁ ସ୍ଥାନୀୟ ପାହାଳ ନିକଟସ୍ଥ ରେନୋ ଭୁବନେଶ୍ୱର ନର୍ଥ ଶୋ'ରୁମରେ ଶୁକ୍ରବାର ଉନ୍ମୋଚନ କରାଯାଇଛି। ସୁପର ସେଲ୍‌ସ ଅଟୋମୋବାଇଲ ଏମ୍‌ଡି ବିଶାଲ ଧାୱନ, ଭୁବନେଶ୍ୱର ଆର୍‌ଟିଓ-୧ର ଅଧିକାରୀ ପ୍ରଦୀପ କୁମାର ମହାନ୍ତି ଯାନଟିକୁ ଶୁଭାରମ୍ଭ କରିଛନ୍ତି। ୪.୯୫ ଲକ୍ଷ ଟଙ୍କା ଆରମ୍ଭ ମୂଲ୍ୟରେ ଯାନଟି ଉପଲବ୍ଧ ହେଉଛି। ମଡେଲଟିରେ ସୁପର ସ୍ପେସିୟସ ଏବଂ ଅଲ୍ଟ୍ରା ମଡ୍ୟୁଲାର ଏବଂ ମନଲୋଭା ଡିଜାଇନ ରହିଛି। ଏଥିରେ ପର୍ଯ୍ୟାପ୍ତ ରୁମ୍, ଲିଟର ପିଛା ୨୦.୦୫ କିମି ମାଇଲେଜ, ମଡ୍ୟୁଲାରଭିତ୍ତିକ ୪ ମିଟର ମଧ୍ୟରେ ୭ ଜଣ ବସିବାର ସୁବିଧା କରାଯାଇଛି। ୪ଟି ଟ୍ରିମ୍‌ରେ ଯାନଟି ଆସିଥିବା ବେଳେ ଏଥିରେ ୨୦ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ସେହିଭଳି ୧୦ରୁ ଅଧିକ ସିଟ କନଫିଗରେଶନ, ଇଜି ଫିକ୍ସ ସିଟ୍, ଏସ୍‌ୟୁଭି ସ୍କିଡ ପ୍ଲେଟ, ଏଲ୍‌ଇଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ୨ୟ ଏବଂ ତୃତୀୟ ଧାଡିରେ ଦ୍ୱୈତ ଏସି ଭେଣ୍ଟ, ୧୮୨ ଏମ୍‌ଏମ୍ ମିଟରର ଉଚ୍ଚ ଗ୍ରାଉଣ୍ଡ କ୍ଲିୟରାନ୍ସ, ୮ ଇଞ୍ଚର ଟଚ୍ ସ୍କ୍ରିନ ମିଡିଆ ଏନ୍‌ଏଭି ଇଭୋଲ୍ୟୁଶନ ସିଷ୍ଟମ ଗ୍ରାହକ ପାଇପାଇବେ। ଯାନଟି ୧ ଲିଟର ପେଟ୍ରୋଲ ଇଞ୍ଜିନ ସହ ଆସୁଛି। । ଅପରପକ୍ଷରେ ଗ୍ରାହକ ଏଥିରେ କମ୍ ମୂଲ୍ୟରେ ରକ୍ଷଣାବେକ୍ଷଣ ପ୍ୟାକେଜ ଏବଂ କ୍ଲାସ ଲିଡିଂ ସମ୍ପ୍ରସାରିତ ପ୍ୟାକେଜ ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# କୋଇଲା ଚାହିଦା ଏବେ କମିବନି: କୋଲ୍ ଇଣ୍ଡିଆ ମୁଖ୍ୟ

ଭୁବନେଶ୍ୱର, ୧୩-୯(ବ୍ୟୁରୋ)

ଦେଶରେ ବିକଳ୍ପ ଶକ୍ତି ଉତ୍ସଗୁଡିକର ଚାହିଦା ବର୍ତ୍ତମାନ ବଢୁଛି। ଏଭଳି ସ୍ଥିତିରେ ତାପଜ ବିଦ୍ୟୁତ ଶକ୍ତି ଚାହିଦା ଅନେକ ବର୍ଷ ଯାଏ କମିବନି। ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକ ଆଗାମୀ ଦିନରେ ମଧ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଅନ୍ତତଃ ପକ୍ଷେ ୨୦୩୦ ପର୍ଯ୍ୟନ୍ତ କୋଇଲା ଚାହିଦାରେ କୌଣସି ହ୍ରାସ ଦେଖାଯିବ ନାହିଁ। ଅପରପକ୍ଷରେ ଏହାର ଚାହିଦା ବଢିବ ବୋଲି କୋଲ୍ ଇଣ୍ଡିଆ ସିଏମ୍‌ଡି ଅନିଲ କୁମାର ଝା ଶୁକ୍ରବାର ସୂଚନା ଦେଇଛନ୍ତି।

ସ୍ଥାନୀୟ ଏକ ହୋଟେଲରେ କୋଇଲା ମନ୍ତ୍ରଣାଳୟ ଏବଂ ଶିଳ୍ପ ସଂଘ ଫିକି ପକ୍ଷରୁ ଆୟୋଜିତ କୋଇଲା କ୍ଷେତ୍ରର ସମସ୍ୟା ସମ୍ପର୍କିତ ଅଂଶୀଦାରଙ୍କ କାର୍ଯ୍ୟକ୍ରମରେ ଝା କହିଛନ୍ତି ଯେ, ଆଗାମୀ ଦିନରେ କୋଇଲା ବ୍ୟବହାର କମିଲେ ମଧ ଦେଶରେ ଉତ୍ପାଦିତ ମୋଟ ବିଦ୍ୟୁତ ଶକ୍ତି ମଧ୍ୟରୁ ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକର ଯୋଗଦାନ ୫୦% ରହିଥିବ। ଦେଶରେ କୋଇଲା ଚାହିଦା ତୁଳନାରେ ଉତ୍ପାଦନ କମ୍ ରହିଛି। ଏହାକୁ ନଜରରେ ରଖି ଉତ୍ପାଦନ ବଢାଇବା ଦିଗରେ କୋଲ ଇଣ୍ଡିଆ କାର୍ଯ୍ୟ କରୁଥିବା ସେ ମତ ଦେଇଛନ୍ତି। ଗତ ବର୍ଷ କୋଲ ଇଣ୍ଡିଆ ୬୦୭ ନିୟୁତ ଟନ୍ କୋଇଲା ଉତ୍ପାଦନ କରିଥିବା ବେଳେ ଦେଶରେ କୋଇଲା ବ୍ୟବହାର ପରିମାଣ ୯୬୫ ନିୟୁତ ଟନ୍ ରହିଛି। ଚାହିଦା ପୂରଣ ଲାଗି ୨୩୫ ନିୟୁତ ଟନ୍ କୋଇଲା ଆମଦାନୀ ହୋଇଛି। ରୁଷିଆ ଏବଂ ଅଷ୍ଟ୍ରେଲିଆରେ କମ୍ପାନୀ କୋଇଲା ଖଣି ସନ୍ଧାନରେ ରହିଥିବା ଝା ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି, ରାଜ୍ୟରେ କୋଇଲା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। କୋଇଲା ଉତ୍ପାଦନ କ୍ଷେତ୍ରରେ ସନ୍ତୁଳନ ଆଣିବାର ଆବଶ୍ୟକତା ରହିଛି। ଏହାବାଦ ପରିବେଶ ସମସ୍ୟାର ଦୂରୀକରଣ, କୋଇଲା ଖଣି ଆଖପାଖରେ ବସବାସ କରୁଥିବା ଲୋକଙ୍କ ଜୀବନକୁ ସହଜ କରିବା ସହ ସମ୍ବେଦନଶୀଳ ଢଙ୍ଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

# ନୀରବ ମୋଦିଙ୍କ ଭାଇ ବିରୋଧରେ ରେଡ୍‌କର୍ନର ନୋଟିସ

ନୂଆଦିଲ୍ଲୀ,୧୩-୯

ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାରେ ଜଡ଼ିତ ଥିବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦି ଏବେ ଲଣ୍ଡନ ଜେଲ୍‌ରେ ବନ୍ଦୀ ରହିଛନ୍ତି। ବର୍ତ୍ତମାନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅନୁରୋଧ କ୍ରମେ ଇଣ୍ଟରପୋଲ ନୀରବଙ୍କ ଭାଇ ନେହାଲ ମୋଦିଙ୍କ ବିରୋଧରେ ରେଡ୍‌କର୍ନର ନୋଟିସ ଜାରି କରିଛି। ୪୦ ବର୍ଷୀୟ ନେହାଲ ବର୍ତ୍ତମାନ ବେଲ୍‌ଜିୟମର ନାଗରିକତା ହାସଲ କରିଛନ୍ତି ଏବଂ ସେ ଆମେରିକାରେ ରହୁଛନ୍ତି। ତାଙ୍କ ବିରୋଧରେ ମନି ଲଣ୍ଡରିଂ ଅଭିଯୋଗ ରହିଛି। ପିଏନ୍‌ବି ମହାଦୁର୍ନୀତିରେ ଲିପ୍ତ ନୀରବଙ୍କୁ ନେହାଲ ଟଙ୍କା ନେଣଦେଣରେ ସହାୟତା କରିଥିଲେ ବୋଲି ଇଡି ଅଭିଯୋଗ ଆଣିଛି। ଏପରିକି ସେ ସମସ୍ତ ପ୍ରମାଣକୁ ନଷ୍ଟ କରିଦେଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଇଡି ପକ୍ଷରୁ କୁହାଯାଇଛି ଯେ, ମହାଦୁର୍ନୀତି ସମ୍ପର୍କରେ ଜଣାପଡିବା ପରେ ନେହାଲ ଦୁବାଇ ଓ ହଂକଂରେ ଥିବା ସେମାନଙ୍କର ସମସ୍ତ ଛଦ୍ମ କମ୍ପାନୀର ନିର୍ଦ୍ଦେଶକଙ୍କର ଫୋନ ନମ୍ବରକୁ ବନ୍ଦ କରିଦେଇଥିଲେ ଏବଂ ସେମାନଙ୍କୁ କାଏରୋ ପଠାଇ ଦେଇଥିଲେ। ଇତିମଧ୍ୟରେ ନୀରବଙ୍କ ୬୩୭ କୋଟି ଟଙ୍କାର ସମ୍ପତ୍ତି ଇଡି ଜବତ କରିସାରିଛି।

# ପାଣ୍ଟାଲୁନ୍ସ ଆଣିଲା ନୂଆ ଫେଷ୍ଟିଭ କଲେକ୍ସନ




ଭୁବନେଶ୍ୱର, ୧୩-୯(ବ୍ୟୁରୋ)

ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ ରିଟେଲ ଲିମିଟେଡର ପ୍ରମୁଖ ଫାଷ୍ଟ ଫ୍ୟାଶନ ବ୍ରାଣ୍ଡ ପାଣ୍ଟାଲୁନ୍ସ ପକ୍ଷରୁ ନୂଆ ଫେଷ୍ଟିଭ କଲେକ୍ସନ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ପବିତ୍ର ଦୁର୍ଗା ପୂଜା ଉପଲକ୍ଷେ ଷ୍ଟୋର ପକ୍ଷରୁ ଫେଷ୍ଟିଭ୍ ରେଞ୍ଜର ପୋଷାକ ଉପଲବ୍ଧ କରାଯାଉଛି। ପାଣ୍ଟାଲୁନ୍ସର ସଦ୍ୟତମ କଲେକ୍ସନ ମଧ୍ୟରେ କାଜୁଆଲ, ଏଥେନିକ ଡ୍ରେସ, ଘେରା ସ୍କଟ, ପ୍ରିଣ୍ଟେଡ ଟପ୍ସ, କୁର୍ତ୍ତା, ଗ୍ରାଫିକ୍ ଟିଜ୍, ଫ୍ୟାଶନେବଲ ଡେନିମ୍‌ସ, ସ୍ମାର୍ଟ ଚିନୋସ, ପ୍ରିଣ୍ଟେଡ ଶାର୍ଟ ଭଳି ଅନ୍ୟାନ୍ୟ ପ୍ରଡକ୍ଟ ସାମିଲ ରହିଛି। ପାର୍ବଣ ପାଇଁ ପାଣ୍ଟାଲୁନ୍ସ ଆଣିଛି ପାରମ୍ପରିକ ନାଲି, ଧଳା ଏବଂ ଗୋଲ୍ଡ କଲେକ୍ସନ। ଏଗୁଡିକ ଆକର୍ଷଣୀୟ ଫ୍ୟାବ୍ରିକ, ପ୍ରିଣ୍ଟ ଏବଂ କାରୁକାର୍ଯ୍ୟ ଖଚିତ ହୋଇଛି, ଯାହା ପାର୍ବଣକୁ ଧାନରେ ରଖି ପ୍ରସ୍ତୁତ କରାଯାଇଛି। ଭାରତୀୟ ଗ୍ରାହକଙ୍କ ଅତ୍ୟାଧୁନିକ ରିଟେଲ ଆବଶ୍ୟକତା ଆଧାରରେ ବିସ୍ତୃତ ବର୍ଗର ଆପାରେଲ ଏବଂ ଅଣଆପାରେଲ ପ୍ରଡକ୍ଟ ଉପରେ ଷ୍ଟୋର ପକ୍ଷରୁ ଧାନ ରଖାଯାଇଛି। ଏକ ଶକ୍ତିଶାଳୀ ବ୍ରାଣ୍ଡ ଭାବେ ପାଣ୍ଟାଲୁନ୍ସ ଗତ ୨ ଦଶନ୍ଧି ଧରି ଦେଶର ବିଭିନ୍ନ ପ୍ରାନ୍ତରେ ଫ୍ୟାଶନ ପ୍ରଡକ୍ଟ ଉପଲବ୍ଧ କରାଉଥିବା ସୂଚନା ଦେଇଛି। ପାର୍ବଣ ଉପଲକ୍ଷେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ୧୦ ହଜାର ଟଙ୍କାର କ୍ରୟ ଉପରେ ଗ୍ରାହକ ୧୦୦୦ ଟଙ୍କାର ତ୍ୱରିତ ରିହାତି ଏବଂ ୨ ହଜାର ଟଙ୍କାର ଗିଫ୍ଟ ଭାଉଚର ପାଇପାରିବେ। ପରବର୍ତ୍ତୀ କ୍ରୟ ସମୟରେ ଏହି ଭାଉଚରଗୁଡିକୁ ଗ୍ରାହକ ବ୍ୟବହାର କରିପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

# ହମ୍‌ସଫର ଏକ୍ସପ୍ରେସରୁ ଫ୍ଲେକ୍ସିଫେୟାର ଭଡ଼ା ହଟିଲା

ନୂଆଦିଲ୍ଲୀ,୧୩-୯




ଭାରତୀୟ ରେଲୱେ ଯାତ୍ରୀଙ୍କୁ ଆଶ୍ୱସ୍ତ କରି ପ୍ରିମିୟମ ହମ୍‌ସଫର ଏକ୍ସପ୍ରେସରୁ ଫ୍ଲେକ୍ସିଫେୟାର ଭଡ଼ା ଯୋଜନାକୁ ହଟାଇ ଦେଇଛି। ଏଥିସହିତ ଏହି ଗାଡ଼ିରେ ସ୍ଲିପର କୋଚ୍ ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଶୁକ୍ରବାର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଦେଶରେ ବର୍ତ୍ତମାନ ୩୫ ଯୋଡା ହମ୍‌ସଫର ଏକ୍ସପ୍ରେସ ଚାଲିଛି ଏବଂ ଏଥିରେ ବର୍ତ୍ତମାନଠାରୁ ଏସି-୩ ଟାୟାର କୋଚ୍ ଲଗାଯିବ। ଏହାଛଡ଼ା ହମ୍‌ସଫର ଗାଡ଼ିର ରେଳଯାତ୍ରୀଙ୍କ ପାଇଁ ତତ୍କାଳ ଟିକେଟ ଭଡାକୁ ମଧ ହ୍ରାସ କରାଯାଇଛି। ମୂଳ ଭଡାର ୧.୫% ବଦଳରେ ୧.୩% ହାରରେ ତତ୍କାଳ ଟିକେଟ ଦର ରହିବ ବୋଲି ସେ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ, ପ୍ରୟାଗରାଜରୁ ଆଲ୍ଲାହାବାଦ୍ ଜଙ୍କ୍‌ଶନ ଦେଇ ନୂଆଦିଲ୍ଲୀ ମଧ୍ୟରେ ଯାତାୟାତ କରୁଥିବା ଦୁରନ୍ତୋ ଏକ୍ସପ୍ରେସକୁ ବନ୍ଦ କରିଦିଆଯାଇଛି। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରେଳମନ୍ତ୍ରୀ ଥିବା ବେଳେ ଏହାକୁ ଆରମ୍ଭ କରାଯାଇଥିଲା। ରେଳ ମନ୍ତ୍ରଣାଳୟ ଦୁରନ୍ତୋ ଏକ୍ସପ୍ରେସ ସ୍ଥାନରେ ହମ୍‌ସଫର ଟ୍ରେନ ଚଳାଇବାକୁ ଯାଉଛନ୍ତି।


## OFFICE OF THE MUNICIPAL COUNCIL, BALANGIR

No.1069/BM **e-Procurement Notice** Dt.12.09.19

**BID IDENTIFICATION NUMBER-BLGR MPTY/01 (01-02)/2019-20**

Bid Documents consisting of work, Estimated Cost, Cost of Tender Paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in

| | | | |
|---|---|---|---|
| 1 | Name of the Work | : | Civil Construction work as mentioned in DTCN |
| 2 | No. of works | : | 02 (Two) Nos. |
| 3 | Estimated Cost. | : | Rs.39,15,000.00 (Each work) |
| 4 | Period of Completion | : | 45 (Forty Five) Days |
| 5 | Date and Time of online Bidding | : | from 11.00 A.M. of 14.09.2019 to 5.00 P.M. of 24.09.2019 |
| 6 | Online Bids shall be open on | : | 25.09.2019 on 11.30 A.M. |
| 7 | Name & Address of the Officer inviting Bid | : | Executive Officer, Balangir Municipality |

8 Further details can be seen from the website www.tendersorissa.gov.in

9 Further any addendum / corrigendum / clarification issued in connection with the tenders shall be uploaded in the above website and no news paper advertisement shall be given. Bidders are advised to visit the website regularly for obtaining all such detalis.

Sd./- Executive Officer
Balangir Municipality

## OFFICE OF THE MUNICIPAL COUNCIL , RAIRANGPUR

Phone No.-06794-222054
E-Mail ID:-rairangpurn.hud@ori.nic.in/rrpurnac@gmail.com

**“e” PROCUREMENT NOTICE**
**TENDER CALL NOTICE NO :- 17/13.09.2019**
**BID IDENTIFICATION NO :- T5RRP2019-20**

Bid documents consisting of Speciation, the schedule of quantities and the set of terms & conditions of contract and other necessary documents can be seen in the Govt. Website i.e. www.tendersorissa.gov.in

1. Nature of the works :- Sanitation Works 2 (two) Nos.
2. No. of Works :- Bid Identification No. T5RRP2019-20

| Procurement Officer | Bid Identification No. | Availability of Tender online for bidding | | End Date for Submission of Bid documents EMD Tender Paper Cost etc. as per DTCN dropping on the Office Tender Box otherwise tender will be rejected. | Date & Time of opening of tender Technical Bid & Financial Bid. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Officer, Rairangpur Municipality | T5RRP2019-20 | 13.09.2019 A+3.00 P.M. | 24.09.2019 Upto 5.00 P.M. | 25.09.2019 Up to 5.00 P.M. | 26.09.2019 At 11 A.M. |

7. If all the tender work will be not completed within fixed period mention in the tender schedule the work agreement and work order automatically cancelled.
8. The Authority reserves the right to reject any or all tender without assigning any reason thereof.
9. Further the details can be seen from the procurement portal: www.tendersorissa.gov.in.

Sd./- Executive Officer
Rairangpur Municipality

## Orissa Water Supply & Sewerage Board

Satyanagar, Bhubaneswar, Odisha, E-mail:msowssb@gmail.com, Phone:(0674) 2571185

**Bid Identification No. 02/OWSSB OF 2019-20**

Member Secretary, OWSSB, Bhubaneswar invites bids for construction of Septage Treatment Facilities at following places in Odisha.

| Package No. | Name of Work | Estimated Cost (In (Rs. Crores) Put to Tender | Eligible Class of Contractor |
|---|---|---|---|
| 1. | Construction of Septage Treatment Facilities in Balangir, Titlagarh and Kantabhanji towns in Balangir District, Khariar town in Nuapada District and Bhawanipatna and Kesinga towns in Kalahandi District. | 15.84 | Super Class |
| 2. | Construction of Septage Treatment Facilities in Barbil & Joda towns in Kendujhar District, Kamakshyanagar town in Dhenkanal District. | 7.96 | Super Class and Special Class |
| 3. | Construction of Septage Treatment Facilities in Hinjilcut, Asika, Sorada and Polasara towns in Ganjam District. | 10.13 | Super Class and Special Class |
| 4. | Construction of Septage Treatment Facilities in Jharsuguda, Belpahar, Brajrajnagar towns in Jharsuguda District and Sundargarh town in Sundargarh District. | 11.81 | Super Class and Special Class |

The notice can be viewed/downloaded from e-Procurement Portal of the State Govt i.e. https://tendersodisha.gov.in from 16.09.2019 (10.00 hrs IST) to 14.10.2019 (17.00 hrs IST).

Sd/-
Member Secretary

"ଆମ ଜାତୀୟ ମହାସଂଘ ଏସ୍ଆର୍ଏଫ୍ଆଇ ୨୦୧୮ ଏପ୍ରିଲରୁ ଜଣେ କୋଚ୍‌ଙ୍କୁ ନିଯୁକ୍ତି ଦେଇ ନ ପାରିବା ଦୁଃଖର ବିଷୟ ।
–ଦୀପିକା ପାଲିକଲ, ଭାରତର ଅଗ୍ରଣୀ ସ୍କ୍ୱାଶ ଖେଳାଳି



"କୋଚ୍ ଜର୍ମେନ ଜେନ୍‌କିନ୍ସଙ୍କଠାରୁ ମୁଁ ଯାହା ଶିଖିବା କଥା ଶିଖିଯାଇଛି, ବର୍ତ୍ତମାନ ଜଣେ ନୂଆ କୋଚ୍‌ଙ୍କ ସନ୍ଧାନରେ ଅଛି ।
–ନାଓମି ଓସାକା, ଜାପାନିଜ ଟେନିସ ସୁପରଷ୍ଟାର



## ସଂକ୍ଷେପରେ

### ନିରପେକ୍ଷ ଭେନ୍ୟୁ ପ୍ରସ୍ତାବକୁ ପିସିବିର ଅଗ୍ରାହ୍ୟ

ଲାହୋର,୧୩।୯: ଶ୍ରୀଲଙ୍କା ଦଳର ସୀମିତ ଓଭର କ୍ରିକେଟ ସିରିଜ୍ ପାଇଁ ପାକିସ୍ତାନ ଗସ୍ତ ନେଇ ଅନିଶ୍ଚିତତା ଜାରି ରହିଛି। ଏହି ସିରିଜ୍‌କୁ କୌଣସି ନିରପେକ୍ଷ ଭେନ୍ୟୁରେ ଆୟୋଜନ କରିବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଗ୍ରାହ୍ୟ କରିଦେଇଛି। ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କ ଅଫିସକୁ ଆତଙ୍କବାଦୀ ଆକ୍ରମଣ ଧମକ ଆସିବା ପରେ ଚଳିତ ମାସରେ ହେବାକୁ ଥିବା ପାକିସ୍ତାନ ଗସ୍ତ ଉପରେ ସଙ୍କଟର କଳାବାଦଲ ଦେଖାଦେଇଛି। ଏହାପରେ ପୁଣି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାକୁ କହିଛି ଶ୍ରୀଲଙ୍କା କ୍ରିକେଟ(ଏସ୍ଏଲ୍‌ସି)। ଅନ୍ୟପକ୍ଷରେ ଏକ ରିପୋର୍ଟ ଅନୁଯାୟୀ, ପିସିବି ଏହି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି। ଏହି ସିରିଜ୍ ନ୍ୟୁଟ୍ରାଲ ଭେନ୍ୟୁରେ ଆୟୋଜନ କରାଗଲେ ଅନ୍ତର୍ଜାତୀୟ କ୍ରିକେଟକୁ ଦେଶରେ ପୁଣି ଥରେ ଆରମ୍ଭ କରିବା ଲକ୍ଷ୍ୟରେ ପିସିବିକୁ ଶକ୍ତ ଧକ୍କା ଲାଗିବ। ଏହାର ପ୍ରଭାବ ପିଏସ୍ଏଲ୍‌ରେ ବିଦେଶୀ ଖେଳାଳିଙ୍କ ଉପରେ ପଡ଼ିବ। ଏଣୁ କୌଣସି ନ୍ୟୁଟ୍ରାଲ ଭେନ୍ୟୁରେ ସିରିଜ୍ ଖେଳାଯିବାର ପ୍ରଶ୍ନ ଉଠୁ ନାହିଁ। ଶ୍ରୀଲଙ୍କା ୩ ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ସିରିଜ୍ କରାଚୀ ଓ ଲାହୋରଠାରେ ଚଳିତ ମାସ ୨୭ରୁ ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବା କାର୍ଯ୍ୟକ୍ରମ ରହିଛି।

# ଭାରତୀୟ ମହିଳା ହକି ଦଳରେ ୩ ଓଡ଼ିଆ

**ନୂଆଦିଲ୍ଲୀ,୧୩।୯(ପିଟି)**

ଇଂଲଣ୍ଡରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ହକି ସିରିଜ୍ ପାଇଁ ଷ୍ଟାର ଫରୱାର୍ଡ ରାଣୀ ରାମ୍‌ପାଲଙ୍କ ନେତୃତ୍ୱରେ ୧୮ ଜଣିଆ ଭାରତୀୟ ମହିଳା ଦଳ ଘୋଷିତ ହୋଇଛି। ଏହି ସିରିଜ୍ ଚଳିତ ମାସ ୨୭ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗୋଲକିପର ସବିତା ଉପ–ଅଧିନାୟିକା ଭାର ସମ୍ଭାଳିବେ। ଦଳରେ ୩ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପ ଗ୍ରେସ ଏକ୍କା, ଲିଲିମା ମିଞ୍ଜ ଓ ନମିତା ଟପ୍ପୋ। ସବିତା ଓ ରଜନୀ ଇଟିମାର୍ପୁ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଡିଫେଣ୍ଡରଙ୍କ ମଧ୍ୟରେ ଦୀପ ଗ୍ରେସ୍ ଏକ୍କା, ଗୁରଜିତ କୌର, ରିନା ଖୋଖାର ଓ ସାଲିମା ଟେଟେ ସ୍ଥାନ ପାଇଛନ୍ତି। ଅଭିଜ୍ଞ ନମିତା ଟପ୍ପୋ ଦଳକୁ ଫେରିଛନ୍ତି। ୨୦୧୮ ଏସିଆନ୍ ଗେମ୍ସଠାରୁ ଆହତ ସମସ୍ୟା ଯୋଗୁ ସେ ଦଳରୁ ବାଦ୍ ପଡ଼ିଥିଲେ ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ମିଡ୍‌ଫିଲ୍ଡ ବିଭାଗରେ ସୁଶୀଳା ଚାନୁ ପୁଖରାମବାମ, ନିକ୍କି ପ୍ରଧାନ, ମୋନିକା, ନେହା ଗୋୟଲ ଓ ଲିଲିମା ମିଞ୍ଜଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି। ଫରୱାର୍ଡ ଲାଇନରେ ଅଧିନାୟିକା ରାଣୀ, ବନ୍ଦନା କାଟ୍‌ରିୟା, ନବନୀତ କୌର, ଲାଲରେମ୍‌ସିଆମି, ନବଜୋତ କୌର ଓ ଅଲିମ୍ପିକ୍ସ ଟେଷ୍ଟ ଇଭେଣ୍ଟରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଶର୍ମିଳା ଦେବୀଙ୍କୁ ସ୍ଥାନ ଦିଆଯାଇଛି। ଗତ ଟୁର୍ନାମେଣ୍ଟ ଭଳି ଚଳିତ ଥର ମଧ୍ୟ ମିଶ୍ରିତ ଖେଳାଳି ଆମ ଦଳରେ ରହିଛନ୍ତି। ଅଲିମ୍ପିକ୍ସ ୨୦୨୦ର ଯୋଗ୍ୟତା ଲକ୍ଷ୍ୟରେ ଥିବା ଦଳ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସିରିଜ୍। ଏସିଆନ୍ ଗେମ୍ସ ପରେ ନମିତା ପ୍ରଥମ ଥର ପାଇଁ ଦଳକୁ ଫେରିଛନ୍ତି। ଇଂଲଣ୍ଡ ଗସ୍ତ ପୂର୍ବରୁ ଆମ ନିକଟରେ ଟ୍ରେନିଂ ପାଇଁ ୧୦ ଦିନ ରହିଛି। ଆଗାମୀ ମ୍ୟାଚ୍‌ଗୁଡ଼ିକ ଏଫ୍ଆଇଏଚ୍ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ ଲାଗି ଭଲ ପ୍ରସ୍ତୁତି ସାବ୍ୟସ୍ତ ହେବ ବୋଲି କୋଚ୍ ଜୋର୍ଡ ମାରିଜନେ କହିଛନ୍ତି।



ଇଂଲଣ୍ଡ ଗସ୍ତ ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

**ଭାରତୀୟ ମହିଳା ହକି ଦଳ**

**ଗୋଲକିପର:** ସବିତା (ଉପ–ଅଧିନାୟିକା) ଓ ରଜନୀ ଇଟିମାର୍ପୁ।

**ଡିଫେଣ୍ଡର:** ଦୀପ୍ ଗ୍ରେସ୍ ଏକ୍କା, ଗୁରଜିତ କୌର, ରିନା ଖୋଖାର ଓ ସାଲିମା ଟେଟେ।

**ମିଡ୍‌ଫିଲ୍ଡର:** ସୁଶିଲା ଚାନୁ ପୋଖରାମବାମ, ନିକ୍କି ପ୍ରଧାନ, ମୋନିକା, ନେହା ଗୋୟଲ, ଲିଲିମା ମିଞ୍ଜ ଓ ନମିତା ଟପ୍ପୋ।

**ଫରୱାର୍ଡ:** ରାଣୀ (ଅଧିନାୟିକା), ବନ୍ଦନା କାଟ୍‌ରିଆ, ନବନୀତ କୌର, ଲାଲରେମ୍‌ସିଆମି, ନବଜୋତ କୌର ଓ ଶର୍ମିଳା ଦେବୀ।

### ୨୦୨୦ ଅଲିମ୍ପିକ୍ସ
## ହୃଦ୍‌ଘାତର ସମ୍ମୁଖୀନ ହୋଇପାରନ୍ତି ଆଥ୍‌ଲେଟ

ଟୋକିଓ,୧୩।୯(ଏଏଫ୍‌ପି)

ଟୋକିଓ ୨୦୨୦ ଅଲିମ୍ପିକ୍ସ ଗ୍ରୀଷ୍ମଋତୁରେ ଆୟୋଜନ ହେବାକୁ ଯାଉଛି। ବର୍ତ୍ତମାନ ଦେଶରେ ଅତ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଚାଲିଥିବାରୁ ସମାନ ପରିସ୍ଥିତି ଅଲିମ୍ପିକ୍ସରେ ମଧ୍ୟ ଦେଖାଦେବା ନେଇ ସମ୍ଭାବନା ରହିଛି। ଏହି କାର୍ଯ୍ୟସୂଚୀକୁ ଜାପାନର ଅନ୍ୟତମ ଟପ ଡାକ୍ତର ସମାଲୋଚନା କରିଛନ୍ତି। ଅଲିମ୍ପିକ୍ସବେଳେ ହୃଦ୍‌ଘାତର ବିଶେଷ ସମ୍ଭାବନା ଥିବା ସେ କହିଛନ୍ତି। ଜାପାନ ମେଡିକାଲ ଆସୋସିଏଶନର କାର୍ଯ୍ୟକାରୀ ସଦସ୍ୟ କିମିୟୁକି ନାଗାଶିମା ଏକ ସାକ୍ଷାତ୍‌କାରରେ କହିଛନ୍ତି, କେବଳ ଗ୍ରୀଷ୍ମ ପ୍ରବାହ ନୁହେଁ। ବହୁ ଦେଶର ପ୍ରଶଂସକମାନେ ଟୋକିଓଠାରେ ଏକାଠି ହେବାକୁ ଯାଉଛନ୍ତି। ଏଣୁ ବିଭିନ୍ନ ପ୍ରକାର ଡିଆଁରୋଗ ହେବାର ମଧ୍ୟ ସମ୍ଭାବନା ରହିଛି। ଦେଶର ଛୁଆଙ୍କ ଭଳି ସଭିଙ୍କୁ ଟିକା ଦିଆଯାଇ ନାହିଁ। ମୋ ମତରେ କ୍ରୀଡ଼ା ଇଭେଣ୍ଟ ଭଲ ପରିବେଶରେ ହେବା ଉଚିତ। ନିର୍ଦ୍ଧାରିତ ସମୟକୁ ଧ୍ୟାନରେ ରଖିଲେ ଜାପାନ ଅଲିମ୍ପିକ୍ସ ଆୟୋଜନ କରିବା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି।

# ଜାତୀୟ ଜୁନିୟର ଉଷୁରେ ଭାଗ ନେବ ଓଡ଼ିଶା

**ଭୁବନେଶ୍ୱର,୧୩।୯(ସ୍ପୋର୍ଟ୍ସ ବ୍ୟୁରୋ)**

ଚଣ୍ଡିଗଡର ପଞ୍ଜାବ ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ୧୫ରୁ ୨୦ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ୧୮ତମ ଜାତୀୟ ଜୁନିୟର ଉଷୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଏକ ୧୭ ଜଣିଆ ଓଡ଼ିଶା ଦଳ ଯାତ୍ରା କରିଛି। ୯ ବାଳକ ଓ ୮ ବାଳିକା ପ୍ରତିଯୋଗୀଙ୍କ ସହ ପ୍ରଶିକ୍ଷକ ଭାବେ ପଙ୍କଜ ମହନ୍ତ, ଅନୁରାଧା ଦୋରା ଏବଂ ପ୍ରବନ୍ଧକ (ଟିମ୍ ମ୍ୟାନେଜର) ଭାବେ ସୁଜନ ରଥ ଓ ପୁରନ୍ଦର ଗିରି ଦଳ ସହ ମଧ୍ୟ ଯାତ୍ରା କରିଛନ୍ତି। ଅଫିସିଆଲ ଭାବେ ନବୀନ ସିଂ, ପୃଥ୍ୱିରାଜ ହରିଚନ୍ଦନ, ଶରତ ଦାସ ଏହି ପ୍ରତିଯୋଗିତାରେ ଦାୟିତ୍ୱ ନିର୍ବାହ କରିବେ। ଭୁବନେଶ୍ୱରସ୍ଥିତ ପୁମାସା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ରାଜ୍ୟ ପ୍ରତିଯୋଗିତାରେ ପ୍ରଦର୍ଶନ ଆଧାରରେ ଖେଳାଳି ଚୟନ କରାଯାଇଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଖେଳାଳିମାନଙ୍କୁ ସଂଘ ତରଫରୁ ସେପ୍ଟେମ୍ବର ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରତିଯୋଗୀମାନଙ୍କୁ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ ଓ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଶୁଭକାମନା ଜଣାଇଛନ୍ତି।

**ବାଳକ ବିଭାଗ** (ସାନସୋଉ): ଶିବ ପ୍ରସାଦ ରାୟ, ଶୌଲେନ ଜିତ୍, ରାଜେଶ ମୁଣ୍ଡା, ବବ୍‌ଲୁ ମୁଣ୍ଡା, ସଞ୍ଜିବ ନାୟକ, କ୍ରିଷ୍ଣା ଖଣ୍ଡାୟତ, ନିତିଶ ବେହେରା ଓ ଆଦିତ୍ୟ ଷଡଙ୍ଗୀ।

**ବାଳିକା ବିଭାଗ** (ସାନସୋଉ): ଆରିତ ଗୋପ୍, ମୁକ୍ତା ମୁଣ୍ଡା, ମଞ୍ଜୁ ମୁଣ୍ଡା।

**ତୌଲୁ ବିଭାଗ** (ଉଭୟ ବାଳକ ଓ ବାଳିକା): ପଲ୍ଲବି ସାମଲ, ଅଂଶୁପ୍ରିୟା ସଂଗ୍ରାମ ସିଂ, ସୋନାଲି ବାରିକ, ଆକାଂକ୍ଷା ବାରିକ, ପ୍ରିୟମ୍ବଦା ପ୍ରଧାନ ଓ ସୌଭାଗ୍ୟ ସରନ।




ଜାତୀୟ ଜୁନିୟର ଉଷୁ ଚାମ୍ପିୟନଶିପ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

# ଆମେଚର ଅଲିମ୍ପିଆ ବଡିବିଲ୍ଡିଂରେ ଭାଗନେବେ ଜନ୍ମେଜୟ

**ଭୁବନେଶ୍ୱର, ୧୩।୯(କ୍ରୀଡ଼ା ପ୍ରତିନିଧି)**

ଆମେଚର ଅଲିମ୍ପିଆ ଇଣ୍ଡିଆ ବଡିବିଲ୍ଡିଂ ପ୍ରତିଯୋଗିତା ଆସନ୍ତା ନଭେମ୍ବର ୧୫ରୁ ୧୭ ପର୍ଯ୍ୟନ୍ତ ମୁମ୍ବାଇର ଏକ୍‌ଜିବିଶନ ସେଣ୍ଟରରେ ଅନୁଷ୍ଠିତ ହେବ। ବଡିବିଲ୍ଡିଂର ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେବେ ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ବଡିବିଲ୍ଡର ଜନ୍ମେଜୟ ମହାନ୍ତି। ଓଡ଼ିଶାର ପ୍ରଥମ ବଡିବିଲ୍ଡର ଭାବେ ଜନ୍ମେଜୟ ପ୍ରୋ କାର୍ଡ ପ୍ରତିଯୋଗିତାରେ ଭାଗନେବାକୁ ଯାଉଛନ୍ତି। ଏଥିରୁ ପ୍ରୋ କାର୍ଡ ପାଇଲେ ସେ ଇଣ୍ଟରନ୍ୟାଶନାଲ ପ୍ରୋ କାର୍ଡ ପାଇଁ ବା ମିଷ୍ଟର ଅଲିମ୍ପିଆ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହେବେ। ସର୍ବଭାରତୀୟ ସ୍ତରରେ ହେଉଥିବା ସେରୁକ୍ଲାସିକ୍‌ମାନଙ୍କ ଦ୍ୱାରା ଏହି ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ପ୍ରତିଯୋଗିତା ବିଭିନ୍ନ ଓଜନ ବର୍ଗରେ ଅନୁଷ୍ଠିତ ହେବ। ମୁଁ ୮୦ରୁ ୮୫କେଜି ବର୍ଗରେ ଭାଗନେବି। ପ୍ରତି ବର୍ଗର ପ୍ରଥମ ସ୍ଥାନ ହାସଲକାରୀ ପ୍ରତିଯୋଗୀଙ୍କୁ ପ୍ରୋ କାର୍ଡ ମିଳିଥାଏ। ଅନେକ ସମୟରେ ପ୍ରଥମ ୩ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ଏହା ମିଳିଥାଏ। ପ୍ରଦର୍ଶନ ଭିତ୍ତିରେ ଏହା ନିର୍ଣ୍ଣୟ ହୋଇଥାଏ। ବଡିବିଲ୍ଡିଂକୁ କ୍ୟାରିୟର କରୁଥିବା ପ୍ରତିଯୋଗୀଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ। କାରଣ କୌଣସି ଆସୋସିଏଶନ କିମ୍ବା ଅନୁଷ୍ଠାନ ଉଦ୍ୟମରେ ପ୍ରୋ କାର୍ଡ ମିଳିବା ସୁଯୋଗ ନାହିଁ। କେବଳ ଏହି ପ୍ରତିଯୋଗିତାରୁ ପ୍ରୋ କାର୍ଡ ପାଇଲେ ଯାଇ ଜଣେ ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରିପାରିବ ବୋଲି ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜନ୍ମେଜୟ ପ୍ରକାଶ କରିଛନ୍ତି।

ମିଷ୍ଟର ଅଲିମ୍ପିଆ ଟାଇଟଲ ପାଇସାରିଥିବା ବଡିବିଲ୍ଡରମାନେ ଏହି ପ୍ରତିଯୋଗିତାରେ ଜଜ୍ ଦାୟିତ୍ୱ ତୁଲାଇବେ। ଏହା କେବଳ ମୋ ପାଇଁ ନୁହେଁ, ବଡିବିଲ୍ଡିଂକୁ କ୍ୟାରିୟର କରୁଥିବା ପ୍ରତି ପ୍ରତିଯୋଗୀଙ୍କ ପାଇଁ ବଡ଼ ସୁଯୋଗ ଆଣିବ। କେବଳ ପ୍ରୋ କାର୍ଡ ପାଇଲେ ହିଁ ଜଣେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ। ଭାରତର ଅନେକ ରାଜ୍ୟରେ ସେରୁ କ୍ଲାସିକମାନଙ୍କ ଦ୍ୱାରା ପ୍ରୋ କାର୍ଡ ପାଇଁ ପ୍ରତିଯୋଗିତାମାନ ହେଉଛି। ଓଡ଼ିଶାରେ ଏପରି ପ୍ରତିଯୋଗିତା ହେଉ ନ ଥିବାରୁ ମୁଁ ମୁମ୍ବାଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛି। ପ୍ରତିଯୋଗିତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ମୁଁ ଅଭ୍ୟାସକୁ ଜୋରଦାର କରିଛି। ଭଲଭାବେ ପ୍ରସ୍ତୁତ ହୋଇଥିବାରୁ ମୋତେ ପ୍ରୋ କାର୍ଡ ମିଳିବା ନେଇ ଆଶାବାଦୀ ମଧ୍ୟ ଅଛି ବୋଲି କହିଛନ୍ତି ଜନ୍ମେଜୟ। ପ୍ରକାଶଯୋଗ୍ୟ ଯେ ଆମେଚର ଅଲିମ୍ପିଆ ପ୍ରତିଯୋଗିତା ପୂର୍ବରୁ ଜନ୍ମେଜୟ ଚଳିତମାସ ୨୬ରୁ ୨୯ ପର୍ଯ୍ୟନ୍ତ ୩୫ତମ ସର୍ବଭାରତୀୟ ପୋଷ୍ଟାଲ ପ୍ରତିଯୋଗିତାରେ ଭାଗନେବେ। ଏହା ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବ। ପୂର୍ବରୁ ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ ୪ ଥର ଡାକଶ୍ରୀ ଟାଇଟଲ ହାସଲ କରିସାରିଥିବା ଜନ୍ମେଜୟ ଏଥର ୫ମ ଥର ପାଇଁ ଏହି ଟାଇଟଲ ହାସଲ କରିବାକୁ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜନ୍ମେଜୟଙ୍କ ବ୍ୟତୀତ ଲଲାଟ କେଶରୀ ପଟ୍ଟନାୟକ, ଅରୁଣଜିତ ନାୟକ, ନିର୍ମଳ ମହାରଥୀ ଓ ଲିଟୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଆମେଚର ଅଲିମ୍ପିଆ ବଡିବିଲ୍ଡିଂ ଚାମ୍ପିୟନଶିପରେ ଭାଗନେବା ସମ୍ପର୍କରେ ସୂଚନା ଦେଉଛନ୍ତି ଜନ୍ମେଜୟ ମହାନ୍ତି (ବାମରୁ ଦ୍ୱିତୀୟ)।

# ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟିଟି ଉଦ୍‌ଘାଟିତ

**ଭୁବନେଶ୍ୱର, ୧୩।୯ (କ୍ରୀଡ଼ା ପ୍ରତିନିଧି)**

ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ସହିଦ ନଗରସ୍ଥିତ ଇନ୍‌ଡୋର ହଲ୍‌ରେ ୧୪ତମ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ଏଥିରେ ଖୋର୍ଦ୍ଧା ଆସୋସିଏଶନ, କଟକ, ରାଉରକେଲା, କୋରାପୁଟ, ଅନୁଗୋଳ, ପୁରୀ, ବଲାଙ୍ଗୀର, ଭଦ୍ରକ, ପାରାଦୀପ, ଗଞ୍ଜାମ, ଝାରସୁଗୁଡ଼ା, ରେଲୱେ, ଆରଏସପି, ଆଇଆଇଟି(ଭୁବନେଶ୍ୱର), ଏମ୍ସ, ଏମସିଏଲ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ, ଏଜି ଏବଂ ପିଏସୟୁରୁ ପାଖାପାଖି ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ରାଜ୍ୟ ପ୍ରତିଯୋଗିତା କ୍ୟାଡେଟ, ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ଉଭୟ ବାଳିକା ଓ ବାଳକ ବିଭାଗରେ ଅନୁଷ୍ଠିତ ହେଉଛି। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓ ଏ ସ ଟି ଟି ଏ) ଅନୁମୋଦନକ୍ରମେ ଏହା ହେଉଛି ପ୍ରଥମ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟ। ଏଥିରୁ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ କରି ଖେଳାଳିମାନେ ନିର୍ଦ୍ଦିଷ୍ଟ ବିଭାଗରେ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିପାରିବେ। ତେଣୁ ପ୍ରତି ଖେଳାଳିଙ୍କ ପାଇଁ ଏହି ପ୍ରତିଯୋଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ପାଇଁ ୨୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି।

ଓଏସଟିଟିଏ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କୋଷାଧ୍ୟକ୍ଷ ଚୌଧୁରୀ ନୀହାର ରଞ୍ଜନ ମିଶ୍ର, ଆୟୋଜକ କମିଟି ସମ୍ପାଦକ ଶଶାଙ୍କ ଶେଖର ମହାପାତ୍ର, ମୁଖ୍ୟ ରେଫରି ବିଜନ ଦାସ ମହାପାତ୍ର ଉପସ୍ଥିତ ଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ ଉତ୍ସବରେ ସଭାପତିତ୍ୱ କରିଥିଲେ। ବିଜନଙ୍କ ବ୍ୟତୀତ ଅନ୍ତର୍ଜାତୀୟ ରେଫରି ତପନ ଖା, ସୁଜିତ କୁମାର ରୟ, ଜୀବନ ବଲ୍ଲଭ ସାମଲ ମ୍ୟାଚଗୁଡ଼ିକ ପରିଚାଳନା କରୁଛନ୍ତି। ସେମାନଙ୍କୁ କେବିପି ରାମାରାଓ, ଶ୍ୱେତା ସାହୁ, ସୁରଭି ପରିଜା, କେ. ରାଜୁ, ହସ୍ରତୁନ ନିଶା ପ୍ରମୁଖ ସହଯୋଗ କରୁଛନ୍ତି।

ପ୍ରଥମ ଦିବସରେ ଅନୁଷ୍ଠିତ ସବ୍‌ଜୁନିୟର ବାଳକ ବିଭାଗରେ ଦ୍ୱାରିକା ଏନ. ସ୍ୱାଇଁ, ଅବିସ୍ମାର ଚୌଧୁରୀ, ସୌମେନଦୀପ ତ୍ରିପାଠୀ, ଦେବାଶିଷ କୁମାର ଦେ, ମହମ୍ମଦ ଜିସନ, ଆରୁଶ ତ୍ୟାଗି, ୟୁସୁଫ ଖାଁ, ନକୁଳ ଜାମୁଲା, ଆର୍ଯ୍ୟନ ଭାଗାରିଆ, ଅର୍ଚ୍ଚିତ କୁମାର ବେହେରା, ପ୍ରେୟାଂଶ ପଣ୍ଡା, ଅଙ୍କିତ ସାହୁ, ଆଦିତ୍ୟ କୁମ୍ଭାର, ଆବୁ ସୁଫିଆନ ତାଜି, ଫରଜ ରାଜା, ତ୍ରିଦେବ ତୀର୍ଥଙ୍କର, ଅବଦୁଲ ଆୟାନ, ଅନିନ୍ଦ୍ୟ ଦାସ, ଆୟନ ମୁସ୍ତାକ, ମେଦାଂଶ ଜଲନ ପ୍ରମୁଖ ପ୍ରଥମ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି। କ୍ୟାଡେଟ ବାଳକ ବିଭାଗରେ ଅନିନ୍ଦ୍ୟ ଦାସ, ଦୁର୍ଗା ରଥ, ଆର୍ଯ୍ୟନ ବାଗାରିଆ, ପ୍ରତ୍ୟୁଷ ମିଶ୍ର, ସୌମେନଦୀପ ତ୍ରିପାଠୀ, ଅଙ୍କିତ କିଣ୍ଡୋ, କିରନ ମୁଣ୍ଡାରୀ, ଶ୍ରେୟାନ ଧର, ଅର୍ଚ୍ଚିତ କୁମାର ବେହେରା, ରିଷବ ରୟ, ଜୟସ୍ତୁ ଦାସଗୁପ୍ତା, ସାଇ ଇଶାନ ମିତ୍ର, ଅବିସ୍ମାର ଚୌଧୁରୀ, ଓମ୍ ଗନ୍ତାୟତ, ରତିକାନ୍ତ ଗୌଡ଼ା, ଜିଜ୍ଞାସୁ ସାହୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୟାଡେଟ ବାଳିକାରେ ସାଦିକା ସୋଦାବର୍ମା, ଉର୍ଜା ବର୍ମା, ସାକ୍ଷୀ ଭଗତ, ଭୂମିକା ବଳ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।




ଉଦ୍‌ଘାଟନୀ ସମାରୋହରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ।

## ନୂଆ ଉପାୟରେ ଗ୍ରୀଷ୍ମ ପ୍ରବାହ ରୋକିବା ଯୋଜନା

**ଟୋକିଓ,୧୩।୯(ଏଏଫ୍‌ପି)**

ଟୋକିଓ ୨୦୨୦ ଅଲିମ୍ପିକ୍ସ ଆୟୋଜକମାନେ ଇଭେଣ୍ଟବେଳେ ଗ୍ରୀଷ୍ମ ପ୍ରବାହକୁ ରୋକିବା ପାଇଁ କୃତ୍ରିମ ବରଫ ବର୍ଷା କରାଇବା ପାଇଁ ଯୋଜନା କରିଛନ୍ତି। କନୋଇଂ ଟେଷ୍ଟ ଇଭେଣ୍ଟରେ ବରଫ ବର୍ଷା ପରୀକ୍ଷା କରାଯାଇଛି। ଗତ କିଛି ସପ୍ତାହ ହେଲା ଦେଶରେ ପ୍ରବଳ ଗରମ ସହ ହ୍ୟୁମିଡିଟି ମଧ୍ୟ ଅଧିକ ରହିଛି। ହେଲେ ଶୁକ୍ରବାର ଜାପାନ ରାଜଧାନୀରେ ତାପମାତ୍ରା ହ୍ରାସ ପାଇଛି। ଏହା ଟୋକିଓବାସୀଙ୍କ ସହ ଆଗାମୀ ରଗ୍‌ବୀ ବିଶ୍ୱକପ୍ ଲାଗି ପ୍ରସ୍ତୁତ ହେଉଥିବା ଖେଳାଳିଙ୍କୁ ଆଶ୍ୱସ୍ତି ଦେଇଛି। ଅତ୍ୟଧିକ ଗରମ ପ୍ରବାହକୁ ରୋକିବା ପାଇଁ ଆମେ ଯଥାସମ୍ଭବ ଉଦ୍ୟମ କରୁଛୁ ବୋଲି ୨୦୨୦ ଆୟୋଜକ କମିଟିର ଟାକା ଓକୁମୁରା କହିଛନ୍ତି। ତେବେ କୃତ୍ରିମ ବରଫ ବର୍ଷା ଦ୍ୱାରା ପୂରା ପରିବେଶକୁ ଥଣ୍ଡା କରିହେବ ନାହିଁ। କିନ୍ତୁ ଉପସ୍ଥିତ ଦର୍ଶକ ଓ ଆଥ୍‌ଲେଟ ରିଫ୍ରେସ ହୋଇପାରିବେ ବୋଲି ସେ କହିଛନ୍ତି। ଏଥିନେଇ ଗେମ୍‌ର ବଜେଟ ବୃଦ୍ଧି ପାଇବ। ଆୟୋଜକଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ଟୋକିଓ ଆୟୋଜକଙ୍କୁ ନିକଟରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ସଭାପତି ଥୋମାସ ବେକ ଭୂୟସି ପ୍ରଶଂସା କରି କହିଥିଲେ, ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଥିବାବେଳେ ଟୋକିଓ ଅଧିକ ପ୍ରସ୍ତୁତ ଅଛି। କିନ୍ତୁ ଅତ୍ୟଧିକ ଗରମ ଆୟୋଜକଙ୍କ ଚିନ୍ତାର କାରଣ ପାଲଟିଛି। ବର୍ତ୍ତମାନ ଯେଉଁଭଳି ଗ୍ରୀଷ୍ମ ପ୍ରବାହ ହେଉଛି, ଅଲିମ୍ପିକ୍ସ ଇଭେଣ୍ଟବେଳେ ହେଲେ ଆଥଲେଟ, ଦର୍ଶକ ଓ ଭଲୁଣ୍ଟିୟରଙ୍କ ସମସ୍ୟା ବଢ଼ିପାରେ।

# ସୁବ୍ରତ– ଶାହାବାଜ ଫାଇନାଲ




ସୁବ୍ରତ ଦାସ (ବାମ) ଓ ଶାହାବାଜ ଆଦିଲ ଖାଁ।

**ଇଷ୍ଟ ଜୋନ୍ ସ୍ନୁକର**

**ଭୁବନେଶ୍ୱର,୧୩।୯(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଫାଲ୍‌କନ ଚିଲିକା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍ ଶୁକ୍ରବାର ନବମ ଦିବସରେ ପହଞ୍ଚିଛି। ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଶନିବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଓଡ଼ିଶାର ସୁବ୍ରତ ଦାସ ଓ ପଶ୍ଚିମ ବଙ୍ଗର ଶାହାବାଜ ଆଦିଲ ଖାଁ ପରସ୍ପରକୁ ଭେଟିବେ। ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ସୁବ୍ରତ ଓଡ଼ିଶାର ଅନ୍ୟତମ ଖେଳାଳି ଆକାଶ ମହାପାତ୍ରଙ୍କୁ ୫–୧ (୫୯– ୫୭, ୫୯– ୩୨, ୬୩– ୬୭, ୬୦– ୩୫, ୬୧– ୧୭, ୪୦– ୧୪)ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏହାପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଶାହାବାଜ ନିଜ ରାଜ୍ୟର ମନୀଷ ଜୈନଙ୍କୁ ୫–୩ (୬୨– ୨୭, ୪୭– ୭୬, ୩୦– ୫୬, ୪୭– ୩୪, ୭୨–୦, ୪୨– ୭୨, ୧୨୦–୦, ୬୯– ୨୬)ରେ ହରାଇ ଫାଇନାଲକୁ ଉଠିଛନ୍ତି। ଶନିବାର ଅପରାହ୍ନ ୩ଟାରେ ଫାଇନାଲ ବେଷ୍ଟ ଅଫ୍ ୧୧ ଫ୍ରେମ୍‌ରେ ଖେଳାଯିବ।

ପୂର୍ବରୁ ସୁବ୍ରତ ଓ ଶାହାବାଜ ପରସ୍ପରକୁ ୨ଥର ଭେଟିଛନ୍ତି। ଉଭୟ ଗୋଟିଏ ଲେଖାଏ ମ୍ୟାଚରେ ବିଜୟୀ ହୋଇଛନ୍ତି। ନ୍ୟାଶନାଲ ୨୦୧୨ ମିଟ୍‌ରେ ସୁବ୍ରତ ଗ୍ରୁପ୍ ପର୍ଯ୍ୟାୟରେ ଶାହାବାଜଙ୍କୁ ୩–୧ରେ ହରାଇଥିଲେ। ଅନ୍ୟପଟେ ୨୦୧୯ ନ୍ୟାଶନାଲରେ ଶାହବାଜ ୫–୩ରେ ସୁବ୍ରତଙ୍କୁ ପରାସ୍ତ କରିଥିଲେ। ଶାହାବାଜ ଏବେ ମୁସଲିମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କୋଲକାତାରେ ଅଭ୍ୟାସ କରୁଛନ୍ତି। ସେହିପରି ସୁବ୍ରତ କଟକ କ୍ଲବରେ ଅଭ୍ୟାସ କରି ଆସୁଛନ୍ତି। ସେମିଫାଇନାଲରେ ସୁବ୍ରତ ଅତି ସହଜରେ ବିଜୟୀ ହୋଇଥିଲେ। ତେବେ ଶାହାବାଜଙ୍କୁ ସଂଘର୍ଷ କରିବାକୁ ପଡିଥିଲା।



ରିଷଭ ପନ୍ତଙ୍କ ଭଳି ପ୍ରତିଭା ଯଦି କ୍ରିକେଟରେ ଉନ୍ନତି କରିବାକୁ ଚାହାନ୍ତି ତେବେ ଅନ୍ୟ ଖେଳାଳିଙ୍କ ତ୍ରୁଟିରୁ ଶିଖିବାକୁ ଚେଷ୍ଟା କରନ୍ତୁ।
–ଲାନ୍ସ କ୍ଲୁଜନର, ପୂର୍ବତନ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର



ମୁଁ କେବଳ ଦିନିକିଆ ଓ ଟି୨୦ କ୍ରିକେଟର ହୋଇ ରହିବାକୁ ଚାହେଁ ନାହିଁ, ଟେଷ୍ଟ ଦଳରେ ସାମିଲ ହେବାକୁ ଆଗ୍ରହୀ।
–ଯଶପ୍ରୀତ ବୁମ୍ରା, ଭାରତୀୟ ବୋଲର

# ଚାମ୍ପିୟନଶିପ୍ ସିରିଜ ଟେନିସ: ଆହାନ ଚାମ୍ପିୟନ



ଭୁବନେଶ୍ୱର, ୧୩।୯(କ୍ରୀଡ଼ା ପ୍ରତିନିଧି)

ହରିୟାଣାର ଗୁରଗାଓଁଠାରେ ଅନୁଷ୍ଠିତ ଚାମ୍ପିୟନଶିପ୍ ସିରିଜ ଟେନିସର ୧୨ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଓଡ଼ିଶାର ଆହାନ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ହରିୟାଣାର ଧ୍ରୁବି ବାରାକଙ୍କୁ ୬-୦, ୪-୬, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌କୁ ସହଜରେ ଜିତିଥିଲେ ହେଁ ଆହାନ ଦ୍ୱିତୀୟ ସେଟ୍‌ରେ ଲଢ଼େଇ କରି ହାରିଥିଲେ। ତେବେ ତୃତୀୟ ସେଟ୍‌ରେ ସଫଳ ପ୍ରତ୍ୟାବର୍ତ୍ତନ କରି ସେ ବିଜୟ ମୁକୁଟ ପିନ୍ଧିଥିଲେ। ଆହାନ ଏସ ବେସ୍ ଟେନିସ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କ ନିକଟରୁ ପ୍ରଶିକ୍ଷଣପ୍ରାପ୍ତ। ସମ୍ପ୍ରତି ୯ ବର୍ଷରେ ପଦାର୍ପଣ କରିଥିବା ଏହି ଟେନିସ ପ୍ରତିଭା ୩ ବର୍ଷ ୬ ମାସର ହୋଇଥିବାବେଳେ ଅଜୟଙ୍କ ନିକଟରୁ କୋଚିଂ ନେଇ ଆସୁଛନ୍ତି। ଆହାନଙ୍କ ପାଇଁ ଏହା ହେଉଛି ପ୍ରଥମ ଏଆଇଟିଏ ଟାଇଟଲ।

# ତାଲିକାକୁ ନେଇ ସମୀକରଣ ଆରମ୍ଭ

## ଓସିଏ ନିର୍ବାଚନ

- ପ୍ରକାଶ ପାଇଲା ପ୍ରଥମ ପର୍ଯ୍ୟାୟ ଭୋଟର ତାଲିକା
- ୧୫ରେ ଘୋଷଣା ହେବ ଚୂଡ଼ାନ୍ତ ତାଲିକା
- ଏସ୍‌ବିଆଇ, ଓଜିପି, ଗଞ୍ଜାମ ଜିଲାରୁ ଅଭିଯୋଗ




କଟକ ଅଫିସ, ୧୩।୯

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର କର୍ମକର୍ତ୍ତା ନିର୍ବାଚନ ନେଇ ଭୋଟର ତାଲିକା ଶୁକ୍ରବାର ଘୋଷଣା କରାଯାଇଛି। ତେବେ ଏହା ଚୂଡ଼ାନ୍ତ ନୁହେଁ। ଆସନ୍ତା ୧୫ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ତଥାପି ପ୍ରାଥମିକ ଭୋଟର ତାଲିକାକୁ ନେଇ ସମୀକରଣ କରୁଛନ୍ତି ଆଶାୟୀ ପ୍ରାର୍ଥୀ। କେଉଁ ପ୍ରତିନିଧି କାହାକୁ ଭୋଟ ଦେବେ ସେ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। କିନ୍ତୁ ଭୋଟର ତାଲିକାରେ ତ୍ରୁଟି ଥିବା ବିଷୟ ଏସ୍‌ବିଆଇ, ଓଡ଼ିଶା ସରକାରୀ ମୁଦ୍ରଣାଳୟ(ଓଜିପି) ଓ ଗଞ୍ଜାମ ଜିଲା ପକ୍ଷରୁ ଅଭିଯୋଗ କରାଯାଇଛି। ସେମାନଙ୍କ ଅଭିଯୋଗକୁ ଗ୍ରହଣ ମଧ୍ୟ କରିଛି ଓସିଏ। ସୂଚନାଥାଉକି ଗୁରୁବାର ଅନୁବନ୍ଧିତ ୟୁନିଟଗୁଡ଼ିକ ପ୍ରତିନିଧିଙ୍କ ନାମ ପଠାଇବା ପରେ ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର ପ୍ରାଥମିକ ପର୍ଯ୍ୟାୟରେ ଏକ ଭୋଟର ତାଲିକା ଘୋଷଣା କରିଛନ୍ତି। ଶୁକ୍ରବାର ଓ ଶନିବାର ଯାଞ୍ଚ ସହ ଅଭିଯୋଗ ଗ୍ରହଣ କରାଯିବାପରେ ରବିବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ବୌଦ୍ଧ ଜିଲାରୁ ପଙ୍କଜ ଲୋଚନ ମହାନ୍ତି, କଟକ ଜିଲାରୁ ସଞ୍ଜୟ ବେହେରା, ସୋନପୁର ଜିଲାରୁ ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ, ନୟାଗଡ଼ ଜିଲାରୁ ସଂଗ୍ରାମ କେଶରୀ ଗୁମାନସିଂ, କଳାହାଣ୍ଡି ଜିଲାରୁ ଜଗମୋହନ ପଟ୍ଟନାୟକ, ଗଜପତି ଜିଲାରୁ ଦେବାଶିଷ ପାଢ଼ୀ, ଢେଙ୍କାନାଳ ଜିଲାରୁ ନଳିନୀ କୁମାର ଦାସ, ମାଲକାନଗିରି ଜିଲାରୁ ସତବୀର ସିଂ ରିଆର, ନବରଙ୍ଗପୁର ଜିଲାରୁ ପ୍ରହ୍ଲାଦ ତ୍ରିପାଠୀ, ଖୋର୍ଦ୍ଧା ଜିଲାରୁ ବିକାଶ ପ୍ରଧାନ, କୋରାପୁଟ ଜିଲାରୁ ଅନୁପ କୁମାର ପାତ୍ର, ବାଲେଶ୍ୱର ଜିଲାରୁ ଅଧୀପ ଦାସ, ଦେବଗଡ଼ ଜିଲାରୁ ସୁଜିତ କୁମାର ପ୍ରଧାନ, ବଲାଙ୍ଗୀର ଜିଲାରୁ ହରିନାରାୟଣ ପୂଜାରୀ, ଗଞ୍ଜାମ ଜିଲାରୁ ଅଶୋକ କୁମାର ସାହୁ, କନ୍ଧମାଳ ଜିଲାରୁ ଶିବପ୍ରସାଦ ତ୍ରିପାଠୀ, ମୟୂରଭଞ୍ଜ ଜିଲାର କିଶୋର କୁମାର ବିଶ୍ୱାଳ, ରାୟଗଡ଼ା ଜିଲାରୁ ଡ. ନିରଞ୍ଜନ ପ୍ରସାଦ ବକ୍ସିପାତ୍ର, କେନ୍ଦୁଝର ଜିଲାରୁ ଜନାର୍ଦ୍ଦନ ଦାସ, ସୁନ୍ଦରଗଡ଼ ଜିଲାରୁ ପ୍ରଭାତ କୁମାର ଭୋଳ, ସମ୍ବଲପୁର ଜିଲାରୁ ଦୁଲାଲ ଚନ୍ଦ୍ର ପ୍ରଧାନ, ନୂଆପଡ଼ା ଜିଲାରୁ ସରୋଜ କୁମାର ସାହୁ, ପୁରୀ ଜିଲାରୁ ରବି ଶଙ୍କର ପ୍ରତିହାରୀ, ଝାରସୁଗୁଡ଼ା ଜିଲାରୁ ମେହତାବ ଖାଁ, ଭଦ୍ରକ ଜିଲାରୁ ଧୀରେନ ପଲେଇ, କେନ୍ଦ୍ରାପଡ଼ା ଜିଲାରୁ ସୁଭାଶିଷ ସେନାପତି, ବରଗଡ଼ ଜିଲାରୁ ରବିନାରାୟଣ ପଣ୍ଡା, ଅନୁଗୋଳ ଜିଲାରୁ ଅକ୍ଷୟ କୁମାର ସାମନ୍ତ, ଜଗତ୍‌ସିଂହପୁର ଜିଲାରୁ ଅନିଲ କୁମାର ବିଶ୍ୱାଳ, ଯାଜପୁର ଜିଲାରୁ ଜ୍ଞାନଚନ୍ଦ୍ର ଦାସ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନରୁ ଡ. ଏସ୍.ଆର୍. ପରିଜା ପ୍ରତିନିଧି ଭାବେ ଭୋଟର ତାଲିକାରେ ଅଛନ୍ତି। ସେହିପରି ଏସ୍‌ବିଆଇ ସ୍ପୋର୍ଟ୍ସ କ୍ଲବରୁ ଉପେନ୍ଦ୍ର କୁମାର ଦାସ, ଓଜିପିରୁ ବୀରେନ୍ଦ୍ର କୁମାର ବେହେରା, ସହିଦ ସ୍ପୋର୍ଟିଂ କ୍ଲବରୁ ସନ୍ତୋଷ କୁମାର ଦାସ, ଜୟଦୁର୍ଗା କ୍ଲବରୁ ଅସିତ ପଟ୍ଟନାୟକ, ଏଲ୍‌ଆଇସି ସ୍ପୋର୍ଟ୍ସ କ୍ଲବରୁ ଅଶୋକ କୁମାର ଦାସ, ମଙ୍ଗଳା କ୍ଲବରୁ ନବ ରଞ୍ଜନ ପଟ୍ଟନାୟକ, ବାରବାଟୀ କଲଚରାଲ ୟୁନିୟନରୁ ପ୍ରତାପ ଶତପଥୀ, ବିଶ୍ୱଭାରତୀ କ୍ଲବରୁ ସୁଶାନ୍ତ କୁମାର ମହାନ୍ତି, କିଶୋର କ୍ଲବରୁ ନୃସିଂହ ଚରଣ ଚୌଧୁରୀ, ସନରାଇଜ କ୍ଲବରୁ ତଡିତ କୁମାର ରାଉତ, ଜଗତପୁର ଆଥ୍‌ଲେଟିକ ଆସୋସିଏଶନରୁ ଗଣେଶ ପ୍ରସାଦ ସିଂ, ରୟାଲ କ୍ଲବରୁ ବଙ୍କିମ ଚନ୍ଦ୍ର ଦାସ, ଟାଉନ କ୍ଲବରୁ କ୍ଷୀତିଶ ଚନ୍ଦ୍ର ସାମନ୍ତରାୟ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବରୁ ଆଶୀର୍ବାଦ ବେହେରା, ରାଇଜିଂ ଷ୍ଟାର୍‌ରୁ ବିଜୟ କୁମାର ଦାସ, ଜୁଭେନାଇଲରୁ ନିର୍ବାଣ ରାୟ, ସନସାଇନ କ୍ଲବରୁ ସଞ୍ଜୀବ ଦତ୍ତ, ରୋଭର୍ସ ଆଥ୍‌ଲେଟିକ କ୍ଲବରୁ ଶ୍ରଦ୍ଧାନନ୍ଦ ଦାସ, ଏସିସିରୁ ସୌଭାଗ୍ୟ କୁମାର ମହାପାତ୍ର ଓ ୟୁନିୟନ ସ୍ପୋର୍ଟିଂ କ୍ଲବରୁ ପ୍ରଦୀପ ଚୌହାନ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି। ୧୧ଟି ସ୍କୁଲ ଓ ୩ କଲେଜର ପ୍ରତିନିଧି ଭାବେ ଆସିଥିବା ନାମକୁ ମଧ୍ୟ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ଅଞ୍ଜନ କୁମାର ଖୁଣ୍ଟିଆ, କିଟ୍ ବିଶ୍ୱବିଦ୍ୟାଳୟରୁ ଡ. ଗଗନେନ୍ଦୁ ଦାଶଙ୍କ ନାମ ରହିଥିବା ବେଳେ ପୂର୍ବତଟ ରେଲୱେରୁ ବିଜୟ କୁମାର ମିଶ୍ର, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରୁ ଆର୍.ଏନ୍. ପାଢ଼ୀ, ପାରାଦୀପ ପୋର୍ଟରୁ ରବୀନ୍ଦ୍ର କୁମାର ଦାସ ରହିଛନ୍ତି। ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତି, ଶିବ ସୁନ୍ଦର ଦାସ ଓ ସଞ୍ଜୟ ରାଉଳଙ୍କ ନାମ ମଧ୍ୟ ଭୋଟର ତାଲିକାରେ ରହିଛି।

### ଆସିଲେ ଆଶୀର୍ବାଦ

ଓସିଏର ପଦବୀରେ ବସିବା ନିମନ୍ତେ ଲୋଧା କମିଟିର ମାନଦଣ୍ଡ ପୂରଣ କରିବା ପାଇଁ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଅସମର୍ଥ। ହେଲେ ସଦସ୍ୟ ଭାବେ ରହିବା ନିମନ୍ତେ ତାଙ୍କୁ ବାରଣ କରାଯାଇ ପାରିବ ନାହିଁ। ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ପକ୍ଷରୁ ଆଶୀର୍ବାଦ ପ୍ରତିନିଧି ଭାବେ ଭୋଟର ତାଲିକାରେ ରହିଛନ୍ତି। ଯାହା ଫଳରେ ପ୍ରତ୍ୟେକ୍ଷ ହେଉ କି ପରୋକ୍ଷ, ଆଶୀର୍ବାଦଙ୍କ ଉପସ୍ଥିତି ଏବେ ନିର୍ବାଚନ ସମୀକରଣରେ ପ୍ରଭାବ ପକାଇବ ବୋଲି କ୍ରୀଡ଼ା ମହଲରେ ଆଲୋଚନା ହେଉଛି।

# ଅଷ୍ଟ୍ରେଲିଆର ସଂଘର୍ଷ ଜାରି

## ଆଶେସ ପଞ୍ଚମ ଟେଷ୍ଟ

ଲଣ୍ଡନ, ୧୩।୯

ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଇନ୍‌ଫର୍ମ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ସଂଘର୍ଷ ଜାରି ରଖିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପ୍ରଥମ ଇନିଂସରେ ୮୭.୧ ଓଭରରେ ୨୯୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଆରମ୍ଭ କରି ଶୁକ୍ରବାର ଦ୍ୱିତୀୟ ଦିନରେ ରିପୋର୍ଟ ଲେଖା ହେବାବେଳକୁ ୫୪.୨ ଓଭରରେ ୭ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଛି। ସ୍ମିଥ୍ ୭୦ ଓ ପିଟର ସିଡଲ ୪ ରନ କରି ବ୍ୟାଟିଂ ଜାରି ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ ତରଫରୁ ମାର୍ନସ ଲାବୁସ୍କାନ ୪୮, ମିଚେଲ ମାର୍ଶ ୧୭, ମାଥ୍ୟୁ ୱେଡ୍ ୧୯ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଜୋଫ୍ରା ଆର୍ଚର ୪ ଓ ସାମ କୁରାନ ୩ ଉଇକେଟ ଅକ୍ତିଆର କରିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୭୧/୮ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଜୋସ ବଟଲର ୬୪ରୁ ଖେଳ ଆରମ୍ଭ କରି ୭୦ ରନ କରି ଆଉଟ ହୋଇଥିଲେ। ସେହିପରି ଜ୍ୟାକ ଲିଚ୍ ୧୦ରୁ ଖେଳ ଆରମ୍ଭ କରି ୨୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଇଂଲଣ୍ଡ ତରଫରୁ ବଟଲର ସର୍ବାଧିକ ୭୦, ଅଧିନାୟକ ଜୋ ରୁଟ୍ ୫୭, ଓପନର ରୋରି ବର୍ନ୍ସ ୪୭ ରନ ସଂଗ୍ରହ କରିଥିଲେ ଓ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ମାର୍ଶ ସର୍ବାଧିକ ୫, ପ୍ୟାଟ୍ କମିନ୍ସ ୩, ଜୋଶ ହାଜଲେଉଡ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:**
ଇଂଲଣ୍ଡ ପ୍ରଥମ ଇନିଂସ- ୮୭.୧ ଓଭରରେ ୨୯୪ ଅଲଆଉଟ୍।
ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୫୪.୨ ଓଭରରେ ୧୭୪/୭।

# ମଧ୍ୟପ୍ରଦେଶ, ଛତିଶଗଡ଼, କର୍ନାଟକ ନିର୍ଦ୍ଦେଶ ପାଳନ କରିବେ

## ବିସିସିଆଇ ନିର୍ବାଚନ

ନୂଆଦିଲ୍ଲୀ, ୧୩।୯ (ପି.ଟି.)

ଶେଷରେ ଛତିଶଗଡ଼, କର୍ନାଟକ ଏବଂ ମଧ୍ୟ ପ୍ରଦେଶ ରାଜ୍ୟ କ୍ରିକେଟ ଆସୋସିଏଶନ ପ୍ରଶାସକ କମିଟି (ସିଓଏ)ର ନିର୍ଦ୍ଦେଶ ଅନୁସାରେ ସେମାନଙ୍କ ସମ୍ବିଧାନ ସଂଶୋଧନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଫଳରେ କେବଳ ୪ଟି ରାଜ୍ୟ ବାକି ରହିଲେ, ଯେଉଁମାନେ ଏପର୍ଯ୍ୟନ୍ତ ଲୋଧା କମିଟିର ସୁପାରିସ ଅନୁସାରେ ସମ୍ବିଧାନ ସଂଶୋଧନ କରି ନାହାନ୍ତି। ଅକ୍ଟୋବର ୨୨ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚନ କରାଯିବା ଲାଗି ସ୍ଥିର ହୋଇଥିବାରୁ ଏହା ପୂର୍ବରୁ ନୂଆ ସମ୍ବିଧାନ ଅନୁସାରେ ରାଜ୍ୟ ଆସୋସିଏଶନଗୁଡ଼ିକର ନିର୍ବାଚନ ହେବା ଜରୁରି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି ଏଥିଲାଗି ସେପ୍ଟେମ୍ବର ୨୮ ସମୟସୀମା ଧାର୍ଯ୍ୟ କରିଛନ୍ତି। ଲୋଧା କମିଟି ସୁପାରିସ ଉପରେ ବହୁ ରାଜ୍ୟ ଆସୋସିଏଶନ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ ସେ ସବୁର ଜବାବ ଚାହିଁଥିଲେ।

# ସ୍କେଟିଂ ଏକାଡେମୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୩।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଗିନିଜ ବୁକ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଥିବା ବ୍ରହ୍ମପୁର ସ୍କେଟିଂ ଏକାଡେମୀର ୧୯ଜଣ କ୍ରୀଡ଼ାବିତ୍‌ଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କ ସ୍କେଟିଂ କଳା ପ୍ରତିଭାର ଉଚ୍ଚ ପ୍ରଶଂସା କରିବା ସହ ରୂପା ତାରକସୀର ଏକ ଉପହାର ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୮ ନଭେମ୍ବର ୧୦ରେ କର୍ନାଟକରେ ଅନୁଷ୍ଠିତ ରୋଲର ସ୍କେଟିଂ ଇଭେଣ୍ଟରେ ଶିବଗଙ୍ଗା ରୋଲର ସ୍କେଟିଂ କ୍ଲବ ପକ୍ଷରୁ ଏକ ସମୟରେ ୫୪୫ ଜଣ କ୍ରୀଡ଼ାବିତ୍ ନିରବଚ୍ଛିନ ଭାବେ ୪୮ ଘଣ୍ଟା ସ୍କେଟିଂ କରି ବିଶ୍ୱରେକର୍ଡ କରିଥିଲେ। ଇଭେଣ୍ଟରେ ବ୍ରହ୍ମପୁର ସ୍ପୋର୍ଟିଂ ଏକାଡେମୀର ୧୯ଜଣ କ୍ରୀଡ଼ାବିତ୍ ସଫଳତାର ସହ ଅଂଶଗ୍ରହଣ କରିଥିଲେ। ସମ୍ବର୍ଦ୍ଧନା ଦିଆଯିବା ଅବସରରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣନ ପ୍ରମୁଖ ଉପସ୍ଥିତ ଥିଲେ।

# ରୋହିତଙ୍କୁ ଦମ୍ ଦେଖାଇବାକୁ ହେବ

ଗୌତମ ଗମ୍ଭୀର

ବର୍ତ୍ତମାନ ପାଣିପାଗକୁ ବେଶ୍ ପସନ୍ଦ କରୁଛି। କ୍ରିକେଟକୁ ନେଇ ବାତାବରଣ ଉତ୍ସାହଜନକ ରହିଛି। ନୂଆ ସେସନ, ନୂଆ ଆଶା ଓ ନୂଆ ଲକ୍ଷ୍ୟର ଆରମ୍ଭ ହେବାକୁ ଯାଉଛି। ଯେତେବେଳେ ଦିଲ୍ଲୀ ପାଇଁ କ୍ରିକେଟ ଖେଳିବା ଆରମ୍ଭ କରିଥିଲି ସେତେବେଳେ ଏହି ସମୟରେ ନୂଆ ବ୍ୟାଟ୍ କିଣିବାକୁ ଆମେ ମିରଟ ଯାଉଥିଲୁ। ଏଥିସହିତ ନୂଆ ବ୍ରାଣ୍ଡର ଗ୍ଲୋଭ୍ସ ଓ ଲେଗ ଗାର୍ଡ ମଧ୍ୟ କ୍ରୟ କରୁଥିଲୁ। ୨୦-୨୧ ବର୍ଷ ବୟସରେ ନୂଆ କିଟ୍ ମିଳିବା ଅର୍ଥ ଦୁନିଆର ସବୁ କିଛି ମିଳିଗଲା ବୋଲି ମନେ ହେଉଥିଲା।

ଭାରତୀୟ ଦଳ ସବୁବେଳେ କାର୍ଯ୍ୟବ୍ୟସ୍ତ ରହୁଛି। ଆଇପିଏଲ୍ ପରେ ବିଶ୍ୱକପ୍ ଖେଳିଥିବା ଟିମ୍ ଇଣ୍ଡିଆ ୱେଷ୍ଟଇଣ୍ଡିଜ ଗସ୍ତ କରିଥିଲା। ଏବେ ଆରମ୍ଭ ହେବାକୁ ଯାଉଛି ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜ୍। ଆମ ସମୟରେ କ୍ରିକେଟରେ ଯେଉଁଭଳି ମଜା ନେଉଥିଲୁ ଏବେକାର କ୍ରିକେଟର ସେଥିରୁ ବଞ୍ଚିତ ହେଉଛନ୍ତି।




ଦକ୍ଷିଣ ଆଫ୍ରିକାର ଏହି ଭାରତ ଗସ୍ତ ବିଭିନ୍ନ ଦୃଷ୍ଟିକୋଣରୁ ମହତ୍ତ୍ୱ ରଖୁଛି। ବିଶ୍ୱକପ୍‌ରେ ମାମୁଲି ପ୍ରଦର୍ଶନ ପରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଏକ ପୂର୍ଣ୍ଣ ସିରିଜ ଖେଳିବାକୁ ଭାରତ ଗସ୍ତ କରୁଛି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍‌ଙ୍କୁ ପସନ୍ଦ କରେ। ସେ ଏବେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବାମହାତୀ ବ୍ୟାଟ୍ସମ୍ୟାନ ରୂପେ ପରିଗଣିତ ହେଉଛନ୍ତି। କୁମାର ସାଙ୍ଗକାରା ଓ ବ୍ରାଏନ ଲାରାଙ୍କ ସହିତ ତାଙ୍କୁ ତୁଳନା କରାଯାଇପାରେ। ଅଧିନାୟକ ହିସାବରେ ସେ ସଫଳ ହେବେ। ତେବେ ଭଲ ଅଧିନାୟକ ହେବାକୁ ଯାଇ ଯଦି ସେ ତାଙ୍କ ବ୍ୟାଟିଂରେ ଫେଲ୍ ମାରନ୍ତି ତାହାଲେ ତାହା ଗ୍ରହଣୀୟ ନୁହଁ।

୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ସମୁଦ୍ର ପତ୍ତନରୁ ବହୁ ଉଚ୍ଚରେ ଥିବା ଧର୍ମଶାଳାରେ ଖେଳାଯିବ। ଏଠାରେ ବାୟୁ ପତଳା ଥିବାରୁ ବଲ୍ ଗତି ଆହୁରି ଦ୍ରୁତ ହେବ। ଯଦି ପିଚ୍ ବ୍ୟାଟିଂ ଉପଯୋଗୀ ହେବ ତାହାଲେ ବହୁ ସଂଖ୍ୟାରେ ଛକା ଓ ଚୌକା ଦେଖିବାକୁ ମିଳିବ। ଦଳରେ ସ୍ଥାନ ପକ୍କା କରିବାକୁ ଭାରତୀୟ ଯୁବ ବ୍ୟାଟ୍ସମ୍ୟାନମାନେ ସୁଯୋଗ ପାଇବେ। ୨୯ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ମନୀଷ ପାଣ୍ଡେ ଆହୁରି ଯୁବକ ମନେହେଉଛନ୍ତି। ୱେଷ୍ଟଇଣ୍ଡିଜ୍ ଗସ୍ତରେ ସଫଳ ହୋଇଥିବା ଶ୍ରେୟାସ ଆୟାର ମଧ୍ୟ ପୁଣିଥରେ ଚମକ ଦେଖାଇବାକୁ ସୁଯୋଗ ପାଇବେ। ରିଷଭ ପନ୍ତ ସବୁବେଳେ ଧୂଆଁଧାର ବ୍ୟାଟିଂ କରିଥାନ୍ତି। ତେବେ ତାଙ୍କୁ ଏଥର ରନ୍ ସଂଗ୍ରହ କରିବାକୁ ହେବ। କାରଣ ଅନ୍ୟତମ ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଏବେ ତାଙ୍କ ପ୍ରତି ବିପଦ ସୃଷ୍ଟି କରିଛନ୍ତି। ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ଆୟୋଜନ ହେବାକୁ ଯାଉଥିବାରୁ ଏହି ସିରିଜ ଦଳ ଓ ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଏଥିସହ ଏହି ସିରିଜ ବେଶ୍ ମଜାଦାର ହେବ ବୋଲି ଆଶା କରାଯାଉଛି।

ଟେଷ୍ଟ ସିରିଜ ପାଇଁ ରୋହିତ ଶର୍ମାଙ୍କୁ ଓପନର ହିସାବରେ ସାମିଲ କରାଯିବା ନିଶ୍ଚିତ ଭାବେ ଏକ ସକାରାତ୍ମକ ପଦକ୍ଷେପ। ଏ ନେଇ ମୁଁ ବେଶ୍ ଖୁସି। ଆଇପିଏଲ୍‌ରେ ମୁମ୍ବାଇ ବିପକ୍ଷରେ ଦିଲ୍ଲୀର ନେତୃତ୍ୱ ନେବା ବେଳେ ରୋହିତଙ୍କ କାରଣରୁ ବହୁ ରାତ୍ରି ଅନିଦ୍ରାରେ କଟାଇଛି। ସୀମିତ ଓଭରରେ ସେ ସଫଳତାର ଶୀର୍ଷରେ ପହଞ୍ଚିଥିଲେ ମଧ୍ୟ ଟେଷ୍ଟ ଫର୍ମାଟରେ ତାଙ୍କୁ ଉନ୍ନତ ପ୍ରଦର୍ଶନ କରିବାକୁ ପଡିବ। ତାଙ୍କୁ ଆଉ ଏକ ସୁବର୍ଣ୍ଣ ସୁଯୋଗ ମିଳିଛି। ପ୍ରତିଭାକୁ ରୋହିତ ପ୍ରଦର୍ଶନରେ ରୂପାନ୍ତର କରିବାକୁ ହେବ। ନାଲି ବଲ୍‌ରେ ଓପନିଂ କରିବା ସେତେଟା ସହଜ ନୁହଁ। ଟେଷ୍ଟରେ ରୋହିତ ନୂଆ ଭୂମିକାରେ ସଫଳ ହେବେ ବୋଲି ଆଶା କରୁଛି।

(ଗେମ୍‌ପ୍ଲାନ୍)


# ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

ବାରାକ୍ ନଂ-୧୨ଏ, ୟୁନିଟ୍-୫, ଭୁବନେଶ୍ୱର

No. 15-PP.

## ରାଜ୍ୟ ହସ୍ତଶିଳ୍ପ ପୁରସ୍କାର -୨୦୧୮

ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରୀ କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର "**ରାଜ୍ୟ ହସ୍ତଶିଳ୍ପ ପୁରସ୍କାର**" ଓ "**ଜୀବନ ବ୍ୟାପି ହସ୍ତଶିଳ୍ପ କୃତି ପୁରସ୍କାର**" ପ୍ରଦାନ କରି ଆସୁଛନ୍ତି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୧୮ ବର୍ଷ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଯୋଗ୍ୟତା : ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ ଗୋଟି ହସ୍ତଶିଳ୍ପ ଅନ୍ତର୍ଗତ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ହସ୍ତଶିଳ୍ପ କାରିଗର ଆବେଦନ କରିପାରିବେ।

ଆବେଦନ ପ୍ରଣାଳୀ:

<u>ରାଜ୍ୟ ହସ୍ତଶିଳ୍ପ ପୁରସ୍କାର</u> ( State Handicraft Awards )

ଇଚ୍ଛୁକ ହସ୍ତଶିଳ୍ପୀମାନେ ଉକ୍ତ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସହ ନିଜର କଳାକୃତିର ନମୁନା, ତତ୍ ସମ୍ବନ୍ଧୀୟ ସମସ୍ତ ପ୍ରମାଣ ପତ୍ର ଓ ସ୍ୱହସ୍ତ ନିର୍ମିତ କଳାକୃତିର ଫଟୋ (8"x10") ର ଦୁଇକିତା ନକଲ ସମ୍ପୃକ୍ତ ଜିଲ୍ଲାଶିଳ୍ପ କେନ୍ଦ୍ରରେ ତା.୦୪.୧୧.୨୦୧୯ରିଖ ମଧ୍ୟରେ ଦାଖଲ କରିବା ଆବଶ୍ୟକ। ଅସମ୍ପୂର୍ଣ୍ଣ ଥିବା ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

ପୁରସ୍କାର ରାଶି : ଟ.୫୦,୦୦୦ ଙ୍କା ସହିତ ପ୍ରମାଣ ପତ୍ର।

<u>ଜୀବନ ବ୍ୟାପି ହସ୍ତଶିଳ୍ପ କୃତି ପୁରସ୍କାର</u> (Life Time Achievement Award)

ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ପ୍ରତି ବର୍ଷ ଏକ ଜଣଙ୍କୁ ତାଙ୍କର ହସ୍ତଶିଳ୍ପର ବିକାଶରେ ଅନବଦ୍ୟ ଅବଦାନ ପାଇଁ "ଜୀବନ ବ୍ୟାପି ହସ୍ତଶିଳ୍ପ କୃତି ପୁରସ୍କାର" ପ୍ରଦାନ କରାଯିବା ପାଇଁ ଯୋଗ୍ୟ ହସ୍ତଶିଳ୍ପୀ ପ୍ରାର୍ଥୀମାନଙ୍କ ଠାରୁ ୨୦୧୮ ମସିହାର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉ ଅଛି। ଏହି ପୁରସ୍କାର ପାଇଁ ଯୋଗ୍ୟ ହସ୍ତଶିଳ୍ପ କାରିଗରମାନେ ସେମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ସହ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର / ଜିଲ୍ଲା ଶିଳ୍ପ କେନ୍ଦ୍ର (RICs / DICs) ରେ ତା.୦୪.୧୧.୨୦୧୯ ରିଖ ମଧ୍ୟରେ ଆବେଦନ କରିପାରିବେ।

ପୁରସ୍କାର ରାଶି : ଟ.୧,୦୦,୦୦୦ ଙ୍କା ସହିତ ମାନପତ୍ର।

ବିଦ୍ର: ଉପରୋକ୍ତ ଉଭୟ ପୁରସ୍କାର ଯୋଜନାରେ ଅଂଶ ଗ୍ରହଣ ପାଇଁ ଦରଖାସ୍ତ କରିବାର ଆବଶ୍ୟକ ଆବେଦନ ଫର୍ମ ଓ ସବିଶେଷ ତଥ୍ୟ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର (RIC) ଓ ଜିଲ୍ଲାଶିଳ୍ପ କେନ୍ଦ୍ର (DIC) ରେ ମିଳିପାରିବ।

ନିର୍ଦ୍ଦେଶକ
ହସ୍ତ ଓ କୁଟୀର ଶିଳ୍ପ, ଓଡ଼ିଶା

43002/11/0006/1920

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ସେପ୍ଟେମ୍ବର ୧୪/୨୦୧୯ Balasore, Saturday, September 14/2019

# ୨୨ ମାସ ପରେ ଘରକୁ ଫେରିଲେ ଗୌରୀ

- କେନ୍ଦ୍ର ସରକାରଙ୍କୁ ଦାବି ଜଣାଇବାକୁ ଯାଇ ନିଖୋଜ ଥିଲେ
- ସୋସିଆଲ ମିଡିଆରୁ ଫଟୋ ଦେଖି ଘର ଲୋକେ ଚିହ୍ନି ଉଦ୍ଧାର କଲେ
- ଗୌରୀଙ୍କୁ ପାଇ କାନ୍ଦ ଓ ଲୁହରେ ଫାଟି ପଡୁଛି ସାରା ଗାଁ

କେନ୍ଦୁଝର,୧୩।୯ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝରର ଏକ ନିପଟ ଗାଁର ଜଣେ ମହିଳା ଦିଲ୍ଲୀ ଯାଇ ସେଠାରୁ ବାଟବଣା ହୋଇ ନିଖୋଜ ହୋଇଯିବାର ଦୀର୍ଘ ୨୨ ମାସ ପରେ ଘରକୁ ଫେରିଛନ୍ତି। ସେ ନିଜ ଗାଁ ସ୍କୁଲରେ ଜଣେ ପାଚିକା ଭାବେ କାର୍ଯ୍ୟ କରୁଥିଲେ। ପାଚିକା ସଙ୍ଗଠନର ଦାବି ରାଜ୍ୟ ସରକାର ନ ଶୁଣିବାରୁ ସଂଗଠନର ଅନ୍ୟ ସଦସ୍ୟାଙ୍କ ସହ ମିଶି ସେ ଦିଲ୍ଲୀର କେନ୍ଦ୍ର ସରକାରଙ୍କୁ ଦାବି ଜଣାଇବାକୁ ଯାଇଥିଲେ। ସେଠାରେ ବାଟବଣା ହୋଇ ନିଖୋଜ ହୋଇଯିବାରୁ ଅସହାୟ ଅବସ୍ଥାରେ ଏଣେତେଣେ ଘୂରି ବୁଲୁଥିଲେ। ଓଡ଼ିଆ ଭାଷା ଛଡା ଅନ୍ୟ ଭାଷା ଜାଣି ନ ଥିବାରୁ ତାଙ୍କ କଥା କେହି ବୁଝି ପାରି ନ ଥିଲେ। ଏଭଳି ସ୍ଥିତିରେ ଦିଲ୍ଲୀର 'ଦି ଆର୍ଥ ସେଭର୍ସ ଫାଉଣ୍ଡେଶନ' ନାମକ ଏକ ସଂସ୍ଥା ତାଙ୍କୁ ଉଦ୍ଧାର କରି ଆଶ୍ରୟ ଦେଇଥିଲା। ସମ୍ପ୍ରତି ସୋସିଆଲ ମିଡିଆରେ ତାଙ୍କ ନିଖୋଜ ଖବର ସହ ଫଟୋ ଛଡାଯିବାରୁ ପରିବାର ଲୋକେ ଏହା ଦେଖି ଦିଲ୍ଲୀ ଯାଇ ସେଠାରୁ ତାଙ୍କୁ ଉଦ୍ଧାର କରିଛନ୍ତି। ଗୌରୀ ମହାନ୍ତ (୪୫) ନାମ୍ନୀ ଏହି ମହିଳା ଶୁକ୍ରବାର ଆସି ଘରେ ପହଞ୍ଚିବା ପରେ ସାରା ଗାଁରେ ଭାବପ୍ରବଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିବାର ଲୋକେ ଓ ପଡୋଶୀଙ୍କ ଆଖିରୁ ଝରି ପଡିଥିଲା ଆନନ୍ଦାଶ୍ରୁ।

ଗୌରୀଙ୍କ ଘର କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମଇଦାଲକେ ଗାଁରେ। ଗତ ୨୦୧୭ ନଭେମ୍ବର ୭ ତାରିଖରେ ଶତାଧିକ ପାଚିକାଙ୍କ ଗହଣରେ ସେ ଦିଲ୍ଲୀ ଯାଇଥିଲେ। ତାଙ୍କ ସହ ଥିଲେ ଭଉଣୀ କୁନ୍ତଳା ମହାନ୍ତ। ସେଠାରେ ଆନ୍ଦୋଳନ ପରେ ସମସ୍ତେ ଘରକୁ ଫେରିବା ଲାଗି ବାହାରିବା ସମୟରେ ଗୌରୀଙ୍କର କିଛି ସନ୍ଧାନ ମିଳି ନ ଥିଲା। ଅନେକ ଖୋଜାଖୋଜି କରି ତାଙ୍କ ଭଉଣୀ ସମେତ ଅନ୍ୟ ପାଚିକାମାନେ ନିରାଶ ହୋଇ ଓଡ଼ିଶା ଫେରି ଆସିଥିଲେ। ପାଚିକା ସଙ୍ଗଠନ ପକ୍ଷରୁ ଏ ନେଇ ତାଙ୍କ ଘରକୁ ଖବର ଦିଆଯିବା ପରେ ସେହି ମାସ ୧୨ ତାରିଖରେ ତାଙ୍କ ପୁତୁରା ଦିଲ୍ଲୀ ଯାଇ ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ପାଇ ସେ ଶେଷରେ ଦିଲ୍ଲୀର କାଲ୍‌କାଜୀ ପୋଲିସ ଷ୍ଟେଶନରେ ଏତଲା ଦେଇ ଘରକୁ ଫେରି ଆସିଥିଲେ। ଏହା ମଧ୍ୟରେ ପ୍ରାୟ ଦୁଇବର୍ଷ ବିତିବାକୁ ବସିଥିବା ବେଳେ ପୋଲିସ କିମ୍ବା ପରିବାର ଲୋକେ ତାଙ୍କର କୌଣସି ପତ୍ତା ପାଇ ନ ଥିଲେ। କିଛିଦିନ ତଳେ କଟକ ଅଞ୍ଚଳର ଜଣେ ମହିଳା ଦିଲ୍ଲୀର ଦି ଆର୍ଥ ସେଭର୍ସ ଫାଉଣ୍ଡେଶନ ସଂସ୍ଥାରେ ଚାକିରି କରିବା ପରେ ସେଠାରେ ଗୌରୀଙ୍କ ସହ ୩ ଜଣ ଓଡିଆ ଥିବା ଜାଣିଥିଲେ। ଏହାପରେ ସେ ଗୌରୀଙ୍କ ନିଖୋଜ ଖବର ଜାଣି ସୋସିଆଲ ମିଡିଆରେ ତାଙ୍କ ଫଟୋ ଛାଡିଥିଲେ। ଏହି ଫଟୋ ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିବା ତାଙ୍କ ଭାଇ ଉମ୍ବରୁଧର ମହାନ୍ତ କହିଛନ୍ତି। ଗୌରୀଙ୍କୁ ଦିଲ୍ଲୀରୁ ଟ୍ରେନ ଯୋଗେ କେନ୍ଦୁଝର ଅଣାଯାଇ ପ୍ରାୟ ୨୨ କି.ମି. ଦୂର ମଇଦାଲକେ ଗାଁକୁ ନିଆଯିବା ପରେ ତାଙ୍କୁ ଦେଖିବା ସକାଶେ ସାରା ଗାଁ ଲୋକାରଣ୍ୟ ହୋଇପଡିଥିଲା।


ପାଚିକା ଗୌରୀ


ଭଣ୍ଡାରିପୋଖରୀ ପୁରିପଡ଼ା ନିକଟ ରାସ୍ତାରେ ଜଳୁଥିବା କାର୍।

## ଜାତୀୟ ରାଜପଥରେ ଜଳିଗଲା କାର୍

ଭଣ୍ଡାରିପୋଖରୀ, ୧୩।୯ (ଡି.ଏନ.ଏ.)

ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ପୁରିପଡ଼ା ସ୍କୁଲଠାରୁ ଅନତି ଦୂରରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଏକ ଚଳନ୍ତା କାର୍ ନିଆଁ ଲାଗି ଜଳିଯାଇଛି। କାର୍‌ଟି ଯାଜପୁର ଜିଲା ଷଠିପୁର ଅଞ୍ଚଳରୁ ଭଦ୍ରକ ଅଭିମୁଖେ ଆସୁଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଗାଡ଼ି ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କୌଶଳ କ୍ରମେ ସେ ସୁରକ୍ଷିତ ଭାବେ ଗାଡ଼ିରୁ ବାହାରି ଆସିଥିଲେ। ଖବର ପାଇ ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ। ସ୍ଥାନୀୟ ପୋଲିସ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଚଳାଇଥିଲା। ତେବେ କେଉଁ କାରଣରୁ ଗାଡ଼ିରେ ନିଆଁ ଲାଗିଲା ତାହା ଜଣାପଡ଼ି ନ ଥିବା ପୋଲିସ କହିଛି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ବାଙ୍ଗିରିପୋଷି,୧୩।୯(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଜଣେ ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଶୁକ୍ରବାର ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ଦିଘି ପଞ୍ଚାୟତ ଅଞ୍ଚଳର ଅନିରୁଦ୍ଧ ବିଜୁଳି (୨୪)। ପୋଲିସ ସୂଚନା ଅନୁଯାୟୀ, କିଛି ଦିନ ହେବ ଘରେ ବିଦ୍ୟୁତ୍ ସରାବରାହ ବନ୍ଦ ପଡିଥିବାରୁ ସଜାଡିବା ଉଦ୍ଦେଶ୍ୟରେ ସେ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଥିଲେ। ତେବେ ବିଦ୍ୟୁତ୍ ଆଘାତ ପାଇ ସେ ତାରରେ ଝୁଲି ରହିଥିଲେ। ଦମକଳ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଗୁରୁତର ଅବସ୍ଥାରେ ବୃଦ୍ଧ ଉଦ୍ଧାର

ରାଇରଙ୍ଗପୁର,୧୩।୯(ଡି.ଏନ.ଏ): ମୟୂରଭଞ୍ଜ ଜିଲା ଟାଉନ ଥାନା ଅଧୀନ ଭଞ୍ଜସରା ଗ୍ରାମ ନିକଟସ୍ଥ ରାଇରଙ୍ଗପୁର-ଯାମଦା ରାସ୍ତା ପାର୍ଶ୍ୱରେ ଥିବା ଏକ ଦୋକାନ ବାରଣ୍ଡାରୁ ଜଣେ ବୃଦ୍ଧଙ୍କୁ ରକ୍ତାକ୍ତ ଅବସ୍ଥାରେ ଶୁକ୍ରବାର ଉଦ୍ଧାର କରାଯାଇଛି। ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ବୃଦ୍ଧ ଜଣକ ହେଲେ ଲକ୍ଷ୍ମଣ ଟୁଡୁ। ତାଙ୍କ ଘର ବିଶୋଇ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ ବୋଲି ଜଣାପଡିଛି। କେହି ଦୁର୍ବୃତ୍ତ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଦୋକାନ ବାରଣ୍ଡାରେ ଫିଙ୍ଗି ଦେଇ ଚାଲି ଯାଇଥିବା ସନ୍ଦେହ କରାଯାଉଛି। ଏଥିନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ବୃଦ୍ଧଙ୍କୁ ଆକ୍ରମଣ ପଛର କାରଣ ସ୍ପଷ୍ଟ ହୋଇନାହିଁ।

### ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନିକାଣ୍ଡ

ବାସୁଦେବପୁର, ୧୩।୯ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ମଧ୍ୟାହ୍ନରେ ଶର୍ଟ୍‌ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ସୂଚନା ଅନୁସାରେ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବିଦ୍ୟୁତ୍ ତାର ଓ କେତେକ ବୋର୍ଡ ସୁଇସ୍ ପଏଣ୍ଟ ହଠାତ୍ ଜଳି ଉଠିଥିଲା। ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟ ଭୟଭୀତ ହୋଇ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ତେବେ ଏଥିରେ କାହାରି କିଛି କ୍ଷୟକ୍ଷତି ହୋଇନାହିଁ। ଦୀର୍ଘଦିନ ଧରି ବିଦ୍ୟୁତ୍ କନେକ୍ସନ ମରାମତି ହୋଇ ନ ଥିବାରୁ ଶର୍ଟ୍‌ସର୍କିଟ୍ ହୋଇଥିବା ଅନୁମାନ କରାଯାଉଛି।

## ମେଡିକାଲ କଲେଜ ଦାବିରେ ଦସ୍ତଖତ ଅଭିଯାନ

ଭଦ୍ରକ ଅଫିସ, ୧୩।୯

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଦିନକୁ ଦିନ ଜୋର ଧରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଜିଲା ଯାଦବ ମହାସଭା ଓ ଅଖିଳ ଯୁବ ଯାଦବ ମହାସଭା ଆନୁକୂଲ୍ୟରେ ଶୁକ୍ରବାର ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ବନ୍ତ ଛକ ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତାରେ ଯାଉଥିବା ଲୋକେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇ ଦାବିକୁ ସମର୍ଥନ ଜଣାଇଥିଲେ। ପ୍ରଥମ ଦିନରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଦସ୍ତଖତ କରିଥିବା ଜଣାପଡ଼ିଛି। ଜିଲା ଯାଦବ ମହାସଭାର ସଭାପତି ସୁଭାଷ ବାରିକ, ମୁଖ୍ୟ ଉପଦେଷ୍ଟା ଅମର କୁମାର ବାରିକ, ଅଖିଳ ରାଜ୍ୟ ଯାଦବ ମହାସଭାର ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ବାରିକ, ଭଦ୍ରକ ଜିଲା ଅଖିଳ ଯୁବ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ପ୍ରକାଶଜ୍ୟୋତି ମହାକୁଡ ଓ ଅମିୟାଂଶୁ ସାହାଣୀଙ୍କ ସହ ବହୁ ଯୁବକ ଅଭିଯାନର ନେତୃତ୍ୱ ନେଇଛନ୍ତି। ଆସନ୍ତା ୧୫ ତାରିଖରେ ରାଜଘାଟ ଛକ, ୧୮ରେ ଚରମ୍ପା ରେଲୱେ ଷ୍ଟେଶନ ଏବଂ ୨୧ ତାରିଖରେ ଆରଡ଼ି ଛକଠାରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଛି।

**ପ୍ରଥମ ଦିନରେ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମର୍ଥନ**



ଜଣେ ସମର୍ଥକ ଦସ୍ତଖତ କରୁଛନ୍ତି।

## କାର୍ ଧକ୍କାରେ ଗୁରୁତରଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ, ୧୩।୯ (ଡି.ଏନ.ଏ.): ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ତହସିଲ ଛକ ନିକଟରେ ଗତ ମଙ୍ଗଳବାର ଅପରାହ୍ନରେ କାର୍ ଧକ୍କାରେ ଗୁରୁତର ହୋଇଥିବା ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମଚନ୍ଦ୍ରପୁର ପଞ୍ଚାୟତ ନାରାୟଣପୁର ଗ୍ରାମର ଭୀମ ଜେନା(୬୫)। କଟକ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଛି। ଭୀମ ତାଙ୍କ ଝିଅ ଘର ଫତେପୁରକୁ ଯାଇ ମଙ୍ଗଳବାର ଅପରାହ୍ନରେ ଘରକୁ ଫେରୁଥିଲେ। ତହସିଲ ଛକଠାରେ ସାଇକେଲରେ ଯାଉଥିବା ବେଳେ କାର୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଭଦ୍ରକ ଓ କଟକ ସ୍ଥାନାନ୍ତର କରାଯାଇଥିଲା। ସ୍ଥାନୀୟ ପୋଲିସ କାର୍‌କୁ ଜବତ କରି ଥାନାରେ ରଖିଛି। ମୃତ ଭୀମଙ୍କ ପୁଅ କୀର୍ତ୍ତନଙ୍କ ଅଭିଯୋଗ କ୍ରମେ ଶୁକ୍ରବାର ପୋଲିସ ମାମଲା(ନଂ. ୧୪୫/୧୯) ରୁଜୁ କରିଛି।



ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟମାନେ।

- ନୂଆ ମୋଟର ଯାନ ନିୟମ

## 'ପ୍ରଥମେ ନିଜେ ସଚେତନ ହୁଅ'

ଭଦ୍ରକ ଅଫିସ,୧୩।୯

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଶୁକ୍ରବାର ନୂଆ ମୋଟର ଯାନ ନିୟମ ଓ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇଛନ୍ତି ଜିଲାପାଳ ଜ୍ଞାନରଞ୍ଜନ ଦାସ। ଏହି ପରିପ୍ରେକ୍ଷୀରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ଆଇନ ସମ୍ପର୍କରେ ସଚେତନ କରାଯାଇଥିଲା। ପ୍ରଥମେ ନିଜେ ସଚେତନ ହେଲେ ହିଁ ଅନ୍ୟକୁ ସଚେତନ କରାଇପାରିବ ବୋଲି ଜିଲାପାଳ ସେମାନଙ୍କୁ କହିଥିଲେ। ନିଜେ ହେଲ୍‌ମେଟ୍, ସିଟ୍‌ବେଲ୍ଟ ଓ ଏହି ଆଇନ ଅନ୍ତର୍ଭୁକ୍ତ ସମସ୍ତ ନୀତିନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ଚିକିତ୍ସାଧିକାରୀ ପ୍ରଦୀପ ଖୁଣ୍ଟିଆ, ଆର୍‌ଟିଓ ବିରଞ୍ଚି ନାରାୟଣ ଅଧିକାରୀ ଓ ପିଡି ମଧୁସୂଦନ ଦାସ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ଘଟଣା: ୪ ଗିରଫ

ପଦ୍ମପୁର, ୧୩।୯ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଗୋପବନ୍ଧୁନଗରରେ ଜଣେ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ଅଭିଯୋଗରେ ପୋଲିସ ଶୁକ୍ରବାର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନନ୍ଦପାଟଣା ଗ୍ରାମର ବଚ୍ଚୁ ମାଇତି ଓରଫ ଯୋଗେଶ୍ୱର, ସତ୍ୟଶ୍ୱର ମାଇତି, ଶମ୍ଭୁନାଥ ମାଇତି ଓ ସୁନୀଲ ଜେନା।

ନାୟକାଣିଡିହୀ ଥାନା ପୋଲିସ ସୂଚନା ଅନୁଯାୟୀ ଅଭିଯୋଗକାରୀ ଗୋପବନ୍ଧୁନଗରର ଉକ୍ତ ଯୁବକ ଥାନାରେ ଅଭିଯୋଗ କରିଛନ୍ତି ଯେ, ସୋମବାର ବିଳମ୍ବିତ ରାତିରେ ସେ ବାଲିମୁଣ୍ଡା ପଞ୍ଚାୟତ ନନ୍ଦପାଟଣା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଔଷଧ ଆଣିବାକୁ ଯାଇଥିଲେ। ଗ୍ରାମର କେତେକ ବ୍ୟକ୍ତି ଏହା ଦେଖି ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ତାଙ୍କୁ ଘରୁ ଟାଣି ନେଇ କ୍ଲବ ଘର ସାମ୍ନାରେ ଥିବା ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ପରେ ଗ୍ରାମର ୨୦ରୁ ୩୦ ବ୍ୟକ୍ତି ଏକାଠି ହୋଇ ଜଣେ ବିବାହିତା ମହିଳାଙ୍କ ସହ ତାଙ୍କର ଅନୈତିକ ସମ୍ପର୍କ ଥିବା ଅଭିଯୋଗ କରି ୨ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ବଳାତ୍କାର ଅଭିଯୋଗ ଆଣି ତାଙ୍କୁ ଜେଲ ପଠାଇ ଦେବେ ବୋଲି ଧମକ ଦେଇଥିଲେ। ତାଙ୍କଠାରୁ ଦୁଇଲକ୍ଷ ଟଙ୍କା ଦାବି କରି ସାଦା କାଗଜରେ ଜୋର ଜବରଦସ୍ତ ଦସ୍ତଖତ କରାଇ ନେଇଥିଲେ। ପରେ ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଗୁରୁବାର ଯୁବକଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ନନ୍ଦପାଟଣା ଗ୍ରାମର ବଚ୍ଚୁ, ସତ୍ୟଶ୍ୱର, ଶମ୍ଭୁନାଥ, ସୁନୀଲ, ବଙ୍କେଶ ଜେନା ଓ ସମ୍ବିତ ଜେନାଙ୍କ ନାମରେ ମାମଲା(ନଂ.୧୪୪/୧୯) ରୁଜୁ କରାଯାଇଛି। ଶୁକ୍ରବାର ୪ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଭଦ୍ରକ ଜେଲ୍‌କୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଥାନା ଏସ୍‌ଆଇ ନିରୋଦ କୁମାର ମଲ୍ଲିକ କହିଛନ୍ତି।

## ନଦୀରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ତିହିଡ଼ି, ୧୩।୯ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ସାହାପୁର ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମରେ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହ ଶୁକ୍ରବାର ନଦୀରୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଦୟାନିଧି ମହାନ୍ତି(୬୭)। ପରିବାର ଲୋକଙ୍କ କହିବା ଅନୁଯାୟୀ, ଦୟାନିଧି ବୁଧବାର ମଧ୍ୟାହ୍ନରୁ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ ସେମାନେ ତାଙ୍କୁ ପାଇ ନ ଥିଲେ। ଶୁକ୍ରବାର ସକାଳେ ଗ୍ରାମ ନିକଟସ୍ଥ ମନ୍ତେଇ ନଦୀ କୂଳରେ ତାଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ସେମାନେ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏହି ଘଟଣାରେ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୩/୧୯) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

**ଶ୍ରୀରାମ ରକ୍ଷା କବଚ**
ଜୀବନର ଯେ କୌଣସି ସମସ୍ୟାର ସମାଧାନ ପାଇଁ ବହୁ ପରୀକ୍ଷିତ ଶ୍ରୀରାମ ରକ୍ଷା କବଚ ନୀତି ନିୟମରେ ଧାରଣ କରନ୍ତୁ। ପ୍ରାପ୍ତି ପାଇଁ ଯୋଗାଯୋଗ କରନ୍ତୁ:
ଶ୍ରୀ ରବି ମିଶ୍ର, ଜ୍ୟୋତିର୍ବିଦ୍
ତାରିଣୀ ବିହାର, କୁମ୍ଭାରସାହି, ବିଡ଼ାନାସୀ, କଟକ – ୧୪
ମୋ: ୯୪୩୯୧୪୯୯୭୫
ପ୍ରତ୍ୟେକ ବୁଧବାର ମାଗଣା ଜାତକ ବିଚାର କରାଯାଏ।




## ଘର ଭାଙ୍ଗିଲେ ହାତୀ

ଠାକୁରମୁଣ୍ଡା,୧୩।୯(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡରେ ଦୀର୍ଘ ଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ ବିଭିନ୍ନ ଗ୍ରାମରେ ପଶି ଘର ଭାଙ୍ଗି ଦେବା ସହ ଫସଲ ନଷ୍ଟ କରୁଛନ୍ତି। ଗୁରୁବାର ରାତିରେ ଏହି ହାତୀପଲ କରଞ୍ଜିଆ ନିକଟ କଦମବେଡା ଗ୍ରାମ ମୁର୍ଗାସାହିରେ ପଶି ଘର ଭାଙ୍ଗିବା ସହିତ ଚାଷୀମାନଙ୍କ ଫସଲ ଦୁଧିଆଣି ରେଞ୍ଜ ଅନ୍ତର୍ଗତ ରସମତୋଳା ଗ୍ରାମପଞ୍ଚାୟତର କଦମବେଡା ଗ୍ରାମ ମୁର୍ଗାସାହି ଗ୍ରାମରେ ପ୍ରାୟ ୨୨ଟି ଛୋଟ ବଡ ହାତୀ ପଶି ଉପଦ୍ରବ ଚଳାଇଛନ୍ତି। ସାହିର ମାଳତୀ ମାଝୀ, ଶୁକ୍ରା ଲୋହାର, ହେମଲତା ଲୋହାରଙ୍କ ଘର ଭାଙ୍ଗି ଦେଇଛନ୍ତି। ଘଟଣାସ୍ଥଳକୁ ବନବିଭାଗର କର୍ମଚାରୀମାନେ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ତୁରନ୍ତ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ହାତୀପଲ ଭାଙ୍ଗି ଦେଇଥିବା ଘର।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

■ ଟ୍ରକ ସଂଘ ବିବାଦରେ ପ୍ରଶାସନର ହସ୍ତକ୍ଷେପ

# ‘୭ ଦିନ ମଧ୍ୟରେ ବୁଝାମଣା କର’

କେନ୍ଦୁଝର ୧୩।୯ (ସ୍ୱ.ପ୍ର.)

ଶୁଆକାଠି ସ୍ଥିତ ଗନ୍ଧମାର୍ଦ୍ଦନ ଖଣିରେ ଲୋଡିଂ ସମସ୍ୟାକୁ ନେଇ କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘ ଓ ଶୁଆକାଠି ସଂଘ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ଉପଜିଲାପାଳଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆପୋଷ ଆଲୋଚନା କରି ୭ ଦିନ ମଧ୍ୟରେ ସମସ୍ୟା ସମାଧନ କରି ନିଷ୍ପତ୍ତି ଜଣାଇବାକୁ ବୈଠକରେ କୁହାଯାଇଥିଲା। ଏହାବାଦ ଅନ୍ୟ କୌଣସି ସମସ୍ୟା ଥିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ କହିଥିଲେ। ଉଲ୍ଲେଖନୀୟ ଯେ, ଖଣିରେ ଲୋଡିଂ ଅନଲୋଡିଂ ବିବାଦ, ପରିବହନ, ଟୋକନ ଆବଣ୍ଟନ ଓ ସିକ୍ୟୁରିଟି ଆଦି ବ୍ୟବସ୍ଥାକୁ ଦୁଇ ସଂଘ ମଧରେ ବିବାଦ ଦେଖାଦେଇଥିଲା। ଓଏମସି ପକ୍ଷରୁ ଆବାୟକ ସୁବିଧା ଓ ସହଯୋଗ ମିଳୁ ନ ଥିବା ଏବଂ ସ୍ଥାନୀୟ ଅଞ୍ଚଳର ବିକାଶ କରାଯାଉ ନ ଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇ ଥିଲା। ଏସବୁ ସମସ୍ୟାର ସମାଧାନ କରି ସୁସ୍ଥ ବାତାବରଣରେ କାର୍ଯ୍ୟ କରିବା ଲାଗି ଉପଜିଲାପାଳଙ୍କ ପକ୍ଷରୁ ଏହି ବୈଠକ ଡକାଯାଇଥିଲା । ଉଭୟ ସଂଘର କର୍ମକର୍ତ୍ତା, ଓଏମସିର ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

ଜିଲା ବିଦ୍ୟାଳୟ ସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

# ଶାଳପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ

କେନ୍ଦୁଝର ୧୩।୯ (ସ୍ୱ.ପ୍ର.)

ସ୍ଥାନୀୟ ମୋଚିବନ୍ଧ ହାଇସ୍କୁଲ ପରିସରରେ ଜିଲା ବିଦ୍ୟାଳୟ ସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ । ଜିଲା ବିଜ୍ଞାନ ଶିକ୍ଷା ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ବଶ୍ରେଷ୍ଠ ଲୋକନୃତ୍ୟ ଦଳ ଭାବରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶାଳପଡା ୧ମ, ରେବଣା ପଳାଶପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ୨ୟ ଓ ନରସିଂହ ସ୍ୱାଇଁ ଉଚ୍ଚ ବିଦ୍ୟାଳୟ ୩ୟ ସ୍ଥାନ ଗ୍ରହଣ କରି ଯଥାକ୍ରମେ ୧୫୦୦, ୧୦୦୦ ଓ ୭୫୦ ଟଙ୍କା ପୁରସ୍କାର ପାଇଛନ୍ତି। ଡିଆଇଇଟିର ଅଧକ୍ଷ ଡ. ବୃନ୍ଦାବନ ନାୟକ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ, ମହାଦେଇଯୋଡାର ପ୍ରଧାନଶିକ୍ଷକ ତ୍ରିଲୋଚନ ମହାନ୍ତ ଓ ବିଦ୍ୟାଧର ରାୟ ପ୍ରମୁଖ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ । ମୋଚିବନ୍ଧ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶୀଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ବିଜୟୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଯୋଡ଼ାରେ ଅବାଧ ସଟ୍ଟାଖେଳ

ଯୋଡ଼ା, ୧୩।୯ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରରେ ନୂଆ କୌଶଳ ଅବଲମ୍ବନ କରି ଜୁଆଡିମାନେ ସଟ୍ଟାଖେଳ ଆରମ୍ଭ କରିଛନ୍ତି। ଅଂରାଷ୍ଟ୍ରୀୟ କ୍ରିକେଟ ଖେଳ, ହକି, ଫୁଟବଲ, କବାଡି, ଲୁଡୁ ଖେଳ ସହିତ ଇଣ୍ଡିଆ ଓ ପାକିସ୍ତାନର ବର୍ତ୍ତମାନ ସ୍ଥିତିକୁ ନେଇ ଏହା ଭବିଷ୍ୟତରେ ମିଭଳି ରୂପ ନେବ ଏନେଇ ସଟ୍ଟାବାଜମାନେ ଜୁଆ ଖେଳାଉଛନ୍ତି। ଯୋଡା ସହର ଭଳି ଏକ ସହରରେ ଲକ୍ଷାଧିକ ଟଙ୍କାର ସଟ୍ଟା ଖେଳ ହେଉଥିବା ସୂଚନା ମିଳିଛି। ମୋବାଇଲରେ ଗୁଗଲ ଆପ୍ ଓ ପ୍ଲେ ଷ୍ଟୋର ଜରିଆରେ ମଧ ସଟ୍ଟା ବାଜି ଲଗାଯାଉଛି। ଏହି ଆପ୍‌ରେ ଅଗ୍ରିମ ୫ହଜାର ଟଙ୍କା ଜମା କରାଯିବା ପରେ ସଂପୃକ୍ତ ଜୁଆଡିଙ୍କୁ ମେଲ୍ ଆଇଡି ଏବଂ ପାସୱାର୍ଡ ମିଳୁଛି। ପରବର୍ତ୍ତୀ ସମୟରେ ଏହା ଜରିଆରେ ଜୁଆ ଓ ସଟ୍ଟା ଖେଳ ପରିଚାଳନା କରାଯାଉଛି। ଯୋଡା ସହରର ବସଷ୍ଟାଣ୍ଡ, କାଳୀ ମଣ୍ଡପ ପଛପଟ ଅଞ୍ଚଳ ସମେତ କେତେକ ପାନ ଦୋକାନ, ହୋଟେଲ, ଚା’ ଦୋକାନ, ପରିବା ମାର୍କେଟ, ସିନେମା ହଲ ଛକ, ବାଂଶପାଣି, ଗାଡିଗ୍ୟାରେଜ୍ ପ୍ରଭୃତି ସ୍ଥାନ ସମେତ ବସ୍ତି ଅଞ୍ଚଳରେ ସଟ୍ଟା ଖେଳ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଜୁଆ ଖେଳି ଅନେକ ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ପରିକି ସଟ୍ଟା ଖେଳି ଲକ୍ଷାଧିକ ଟଙ୍କା ହାରିବା କାରଣରୁ ଜଣେ ବ୍ୟବସାୟୀ ସମ୍ପ୍ରତି ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପୋଲିସ ପ୍ରଶାସନ ଜୁଆ ଏବଂ ସଟ୍ଟା ଖେଳ ରୋକିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା



ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ୱାର୍ଡମେମ୍ବର।

କେନ୍ଦୁଝର ୧୩।୯ (ସ୍ୱ.ପ୍ର.)

ସଦର ବ୍ଲକ ଜନାର୍ଦ୍ଦନପୁର ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ସ୍ଥାନୀୟ ୱାର୍ଡମେମ୍ବରମାନେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଏନେଇ ସେମାନେ ଶୁକ୍ରବାର ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ଉନ୍ନୟନ କାର୍ଯ୍ୟରେ ୱାର୍ଡମେମ୍ବରଙ୍କୁ ଉପେକ୍ଷା କରାଯାଇ କାର୍ଯ୍ୟ କରାଯାଉଥିବାରୁ ଏଡାର ପ୍ରତିବାଦରେ ପଞ୍ଚାୟତ ଅଧୀନ ୧୧ ଜଣଙ୍କ ମଧ୍ୟରୁ ୧୦ ଜଣ ୱାର୍ଡମେମ୍ବର ବୈଠକ କରି ନିଷ୍ପତ୍ତି ନେବା ପରେ ଏଭଳି ଅନସ୍ଥା ପ୍ରସ୍ତାବ ଆଣିଥିବା କହିଛନ୍ତି। ଓଡିଶା ଗ୍ରାମ ପଞ୍ଚାୟତ ଆଇନ ଅନୁଯାୟୀ ଦିନଧାର୍ଯ୍ୟ କରି ଅନସ୍ଥା ପ୍ରସ୍ତାବ ଉପରେ ଭୋଟ ଲାଗି ବୈଠକ ଡକାଇବାକୁ ଦାବି କରିଛନ୍ତି। ଏନେଇ ଉପଜିଲାପାଳ କିସ୍କୁ କହିଛନ୍ତି, ଯେ ଅଭିଯୋଗ ପତ୍ର ମିଳିଛି। ଆଇନଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ । ପ୍ରସନ୍ନ କୁମାର ହେମ୍ବରମ, ନବୀନ ହେମ୍ବରମ, ଗଣେଶ୍ୱର, ଧରଣୀ ପାତ୍ର, ସଜନୀ ନାଏକ, ଜାମ୍ବି ମୁଣ୍ଡା ଦୃପତି ମୁଣ୍ଡା, ଶରତ ଚନ୍ଦ୍ର ଦାସ ସମେତ ୧୦ ଜଣ ଓାର୍ଡ ମେମ୍ବର ଅନାସ୍ଥା ଆଣିଥିବା ଜଣାପଡିଛି ।

# ବ୍ଲକ କାର୍ଯ୍ୟାଳୟ କୋଠାରେ ଉଇ ହୁଙ୍କା



କାର୍ଯ୍ୟାଳୟ କାନ୍ଥକୁ ମାଡିଗଲାଣି ଉଇ ହୁଙ୍କା।

ପାଟଣା,୧୩।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀ ସାହାରପଡା ବ୍ଲକ କାର୍ଯ୍ୟାଳୟରେ ଚାଲିଥିବା ଭାରତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର କୋଠା ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡିଛି। ସେଠାରେ ଏବେ କାନ୍ଥକୁ ଉଇ ହୁଙ୍କା ମାଡିଗଲାଣି। ବ୍ଲକ ପ୍ରଶାସନ କିମ୍ବା ଲୋକ ପ୍ରତିନିଧିଙ୍କର ଏଥିପ୍ରତି ନିଘା ନାହିଁ । ଅଞ୍ଚଳବାସୀଙ୍କ ଉନ୍ନୟନ କାର୍ଯ୍ୟ ତୁଲାଉଥିବା ବ୍ଲକ କାର୍ଯ୍ୟାଳୟରେ ଭିତ୍ତିଭୂମି ସମସ୍ୟା ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକଟ କରି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଡିଆଇପିଆରଓ ଦାନ କଲେ ଏକ ଲକ୍ଷ

ବରଗଡ଼ ଅଫିସ୍,୧୩।୯

ରାଜ୍ୟ ସରକାରଙ୍କ ମୋ ସ୍କୁଲ ଯୋଜନାରେ ପିଲାଦିନେ ପଢୁଥିବା କେନ୍ଦୁଝର ଜିଲା ଆନନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଏକ ଲକ୍ଷ ଟଙ୍କା ଦାନ କରିଛନ୍ତି ବରଗଡ଼ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ । ଉକ୍ତ ସ୍କୁଲର ୧୯୮୩ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀ ଦାଶ ନିଜ ମା’ ଯମୁନା ଦାଶ(୮୯) ଓ ବାପା ଦୈତାରୀ ଦାଶ(୯୨)ଙ୍କ ପ୍ରେରଣାରେ ଛାତ୍ରୀମାନଙ୍କ ପାଇଁ କମନ ରୁମ୍ ନିର୍ମାଣ ସକାଶେ ଉକ୍ତ ଟଙ୍କା ଦାନ କରିଥିବା କହିଛନ୍ତି । ତାଙ୍କର ଏଭଳି ବଦାନ୍ୟତା ଯୋଗୁ ଆନନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃପାସିନ୍ଧୁ ଜେନା ଦାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବରଗଡ଼ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦାଶଙ୍କ ମା’ ଜଣେ ସୁଲେଖିକା ଏବଂ ତାଙ୍କର ଜଗନ୍ନାଥ ଜଣାଣ ଭଜନ ପୁସ୍ତକ ବେଶ୍ ଲୋକପ୍ରିୟ ହୋଇପାରିଛି । ସେହିପରି ବାପା ଜଣେ କର୍ମଠ ଚାଷୀ ଓ ସହୃଦୟ ବ୍ୟକ୍ତି । ନିଜ ସ୍କୁଲ ପ୍ରତି ଝିଅର ସେଭଳି ମନୋଭାବକୁ ନେଇ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦାଶଙ୍କ ମା’ ବାପା ଯେଭଳି ଖୁସି ଅନୁଭବ କରିଛନ୍ତି, ଅନୁରୂପଭାବେ ଜନସାଧାରଣ ତାଙ୍କ ସେଭଳି ଭୂମିକାକୁ ପ୍ରଶଂସା କରିଛନ୍ତି ।

# ପଞ୍ଚାୟତରେ ତାଲାପକା ଘଟଣା : ମାମଲା ରୁଜୁ କରି ପୋଲିସ ନୀରବ

କେନ୍ଦୁଝର ୧୩।୯ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତ ଅଫିସରେ ତାଲା ପଡିବା ଘଟଣାକୁ ପ୍ରାୟ ୧୫ ଦିନ ବିତିବାକୁ ବସିଥିଲେ ମଧ ପୋଲିସ କେବଳ ମାମଲା ରୁଜୁ କରି ବସି ରହିଛି। ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଅସନ୍ତୋଷ କୁହୁଳିବାରେ ଲାଗିଛି। ଗତ ୩୦ ତାରିଖରେ ପଞ୍ଚାୟତ ଅଫିସରେ କେତେଜଣ ଲୋକ ତାଲା ପକାଇଦେବା ପରେ ସରପଞ୍ଚ ୩୧ ତାରିଖରେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ । ୩ ଦିନ ପରେ ବିଡିଓ ଓ ପୋଲିସ ପହଞ୍ଚି ତାଲା ଖୋଲିଥିଲେ। ପଞ୍ଚାୟତ ଅଫିସରେ ତାଲା ପଡିବା କାରଣରୁ ରୁରାଲ ହାଉସିଂ ସ୍କିମରେ ଘର ପାଇବାରୁ ହିତାଧିକାରୀ ବଞ୍ଚିତ ହୋଇଥିଲେ। ପାଟଣା ବିଡିଓଙ୍କ ଜରିଆରେ ତୁରୁମୁଙ୍ଗା ଥାନାରେ ଏ ନେଇ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୨୨୦/୨୦୧୯) ରୁଜୁ କରି ତଦନ୍ତ କରୁଥିବା କହିଛି। ଏହି ପରିପ୍ରେକ୍ଷୀରେ ସରପଞ୍ଚ ଚକ୍ରଧର ନାଏକ ଓ ଅନ୍ୟ ଗ୍ରାମବାସୀ ଏଥିରେ ଏସପି ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଦାବି କରିଛନ୍ତି।

# ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ

ହାଟଡିହୀ,୧୩। ୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଞ୍ଚଳରେ ପ୍ରଥମ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛି। ତାଙ୍କ ଘର ଶାଳଣିଆ ପଞ୍ଚାୟତ ଅଞ୍ଚଳରେ । ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଯୁବକ ବାହାର ରାଜ୍ୟରେ ରହି କାର୍ଯ୍ୟ କରୁଥିଲେ। କିଛିଦିନ ତଳେ ସେ ଘରକୁ ଆସିଥିଲେ। ତାଙ୍କ ଦେହ ଅସୁସ୍ଥ ହେବାରୁ ଗତ ଗୁରୁବାର ଭଦ୍ରକରେ ରକ୍ତପରୀକ୍ଷା କରାଯିବା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିଛି। ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ପ୍ରାୟ ୧ କିମି ଦୂରତାରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଯାଏ କୌଣସି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଆଦିବାସୀ ଅଧୁଷିତ ଏହି ବ୍ଲକରେ ୨୧୭ଟି ଗ୍ରାମ ରହିଛି। ଏସବୁ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ଲୋକଙ୍କ ଚିନ୍ତା ବଢାଇଛି ବୋଲି ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଓ ସର୍ଭ ଫର ପିପୁଲ ଗ୍ରୁପର ପ୍ରତିଷ୍ଠାତା ଇଂ ଚନ୍ଦ୍ରମୌଳୀ ମହାନ୍ତି ପ୍ରକାଶ କରି ପ୍ରତିକାର ଦାବି କରିଛନ୍ତି।

ବିଦ୍ୟାଳୟ ସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତା

# ରାଜ୍ୟସ୍ତରକୁ ୩ ଦଳ ମନୋନୀତ

କେନ୍ଦୁଝର ୧୩।୯ (ସ୍ୱ.ପ୍ର.)

ସ୍ଥାନୀୟ ନରସିଂହ ସ୍ୱାଇଁ ହାଇସ୍କୁଲ ପରିସରରେ ଗୁରୁବାର ଜିଲା ବିଦ୍ୟାଳୟ ସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ଶିକ୍ଷା ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ବଶ୍ରେଷ୍ଠ କ୍ଷୁଦ୍ରନାଟକ ଦଳ ଭାବରେ ଶାଳପଡା ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ ହୋଇଥିଲା। ସରସିଂହ ସ୍ୱାଇଁ ହାଇସ୍କୁଲ ଦଳ ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି । ବିଚାରକ ଭାବରେ ଡିଆଇଇଟିର ଅଧକ୍ଷ ଡ. ବୃନ୍ଦାବନ ନାୟକ, ଲକ୍ଷ୍ମୀନାରାୟଣ ହାଇସ୍କୁଲ, ମହାଦେଇଯୋଡାର ପ୍ରଧାନଶିକ୍ଷକ ତ୍ରିଲୋଚନ ମହାନ୍ତ, ଭଗବାନ ନନ୍ଦ ପ୍ରମୁଖ ଉପସ୍ଥିତ ରହି ମୂଲ୍ୟାୟନ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ରଥ, ବିଜୟ କୁମାର ବେହେରା, ମମତାରାଣୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର

ବାସୁଦେବପୁର, ୧୩।୯ (ଡି.ଏନ.ଏ.)

ବାସୁଦେବପୁର ଥାନା ଅଧୀନ ବେଲସାଉଁଳିଆ–କିଆପଡା ରାସ୍ତାରୁ ଗୁରୁବାର ରାତିରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ବେଲସାଉଁଳିଆ ଗ୍ରାମର ପ୍ରଦ୍ୟୁମ୍ନ ମିଶ୍ର ବୋଲି ଜଣାପଡ଼ିଛି। ବାସୁଦେବପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଶୁକ୍ରବାର ଭଦ୍ରକ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୩/୧୯) ରୁଜୁ କରିଛି। ତେବେ ଯୁବକଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ।

KHALLIKOTE UNIVERSITY
At-GMax Building, Konishi, Berhampur-761008, Odisha

Ref: KUB/PGCO/2019/333 Dated. 13.09.2019

QUOTATION CALL NOTICE FOR HIRING OF BUS

Sealed tender (Two bid system) are invited from the eligible for Hiring of 50+ Seater Bus for Khallikote University Berhampur. The last date for submission of Tender will be 1500Hrs on or before 27 /09/2019. For further details please log on to our website www.khallikoteuniversity.ac.in or www.kub.ac.in.The undersigned reserves the right to cancel any portion or the entire tender without assigning any reason thereof. The interested bidder should download the tender document from the Website www.khallikoteuniversity.ac.in or www.kub.ac.in. The bidder can also obtain the tender document by sending email request to the Chairman, PG Council Khallikote University through email ID “pgco.ku@gmail.com” before the last date of submission.

Chairman, PG Council

भा.कृ.अनु.प-केन्द्रिय मीठाजल जीवपालन अनुसंधान संस्थान
ICAR-CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर-751002 (ओड़ीसा)/Kausalyaganga, Bhubaneswar -751002
Tel. Nos. 91-674-2465421/2465446/2465402, FAX: 91-674-2465407
E.mail, cifa@ori.nic.in, Website:http://www.cifa.nic.in

Advertisement No. 11/2019-20

वॉक-इंन-इंटरव्यू

भा.कृ.अनु.प- केंद्रीय मीठा जल जीव पालन अनुसंधान संस्थान (सीफा), कौशल्यागंग, भुवनेश्वर, ओडिशा में अनुबंधन आधार पर डीबीटी-बीआइआरएसि परियोजन प्रस्ताव “भारत में जीवाणुरोधी प्रतिरोध से निपटने के लिए एक स्वास्थ्य ट्रांस-प्रजातति और सामुदायिक निगरानी (BT/AMR0317/05/18)” के तहत काम करने के लिए 02(दो) यंग प्रोफेशनल - I पद की भर्ती के लिए दिनांक 01.10.2019 पू.10.30 बजे चल-साक्षात्कार आयोजित किया जायेगा। अधिक जानकारी के लिए कृपया भा.कृ.अनु.प- सीफा वेबसाइट http://www.cifa.nic.in पर जाएं।

सह प्रशासनिक अधिकारी

WALK-IN INTERVIEW

A Walk-in-Interview will be held on **01.10.2019** at 10.30 A.M. for engagement of 02 (Two) nos. of **Young Professional-I** purely on contractual basis to work under DBT-BIRAC project proposal *“Harmonized one health trans-species and community surveillance for tackling antibacterial resistance in India” (BT/AMR0317/05/18)”* at the ICAR-Central Institute of Freshwater Aquaculture(CIFA),Kausalyaganga, Bhubaneswar, Odisha. For further details please visit to ICAR-CIFA website: http://www.cifa.nic.in.

Asst. Administrative Officer

GANGADHAR MEHER UNIVERSITY
AMRUTA VIHAR, SAMBALPUR

WALK-IN-INTERVIEW FOR INTEGRATED GUEST FACULTY IN INTEGRATED B.ED PROGRAM

A walk-in-interview will be conducted for engagement of Guest faculties in the Integrated B.Ed. program of the University as per the following details. Interested eligible candidates are invited to attend the same with original documents and one set of photocopy of all documents with two colour passport size photographs.

The date of Walk-in-interview is dt. **18.9.2019** at **11.00 AM** in the Education Department.

| Sl. No. | Pedagogy Subject | Qualification | No. of Posts |
|---|---|---|---|
| 1 | Physical Science | M.Sc. in Physics and Chemistry with 55% mark & NET | 01 |
| 2 | Biological Science | P.G. in Botany with 55% mark, B.Ed. 55% marks & NET | 01 |
| 3 | Language English-1 | P.G. in Language (English) with 55% marks, B.Ed. with 55% marks & NET | 01 |

Desirable qualification:
I. M.Ed. or M.Ed. with specialization in Elementary Education
II. Ph.D. in Education

Sd./- REGISTRAR

OFFICE OF THE DISTRICT JUDGE, DHENKANAL
ADVERTISEMENT
Dated, Dhenkanal the 14th September, 2019

Applications in the prescribed format are invited from intending candidates for filling up of the following posts of Junior Clerk-cum-Copyist, Junior typist, Stenographer Grade-III, with usual D.A. and other allowances as admissible from time to time by the Government of Odisha. Applicability of Odisha Group-C & Group-D posts (Contractual Appointment) Rules, 2013 to these appointments and regular scale of pay prescribed against each post shall be subject to the result of **W.P. (C) No.1273 of 2014** pending before the Hon'ble High Court of Orissa, Cuttack.

CATEGORY - WISE VACANCY POSITION

| Sl. No. | Categories of Post | Scale of pay | UR | SC | ST | SEBC | Total | Physically Handicapped / Ex- Serviceman / Sports Person |
|---|---|---|---|---|---|---|---|---|
| GROUP-C | | | | | | | | |
| 1 | Jr. Clerk-Cum-Copyist | Level-4, Cell-1 (Rs.19,900/- to 63,200/-) | - | 03 (W-02) | 04 (W-03) | - | 07 | (The vacancy reserved for Women P.W.D. / Ex- Serviceman / Sports Person is inclusive of vacancy of respective category to which they belong) |
| 2 | Jr. Typist | Level-4, Cell-1 (Rs.19,900/- to 63,200/-) | - | - | 01 | - | 01 | |
| 3 | Stenographer Grade-III | Level-7, Cell-1 (Rs.25,500/- to 81,100/-) | - | 01 | 02 (W-01) | 01 | 04 | |

‘W’ in the above table stands for Women.

1. One post of Jr. Clerk-Cum-Copyist, one post of Stenographer Grade-III and one post of Jr. Typist, in S.T. Category, are backlog vacancies., 2. The above vacancy for the post of Jr. Clerk-Cum-Copyist includes one anticipated vacancy in S.C. Category & One anticipated vacancy in S.T. Category which are likely to accrue by virtue of promotion. Appointment shall be made if actual vacancy arises. Note :-The vacancy reserved for P.H. / Ex-Serviceman / Sports Person / Women are inclusive of respective categories to which they belong and shall be as per the respective Rules framed by the Government from time to time. Note :- The vacancies may Increase or decrease. The decision of the District Judge as to the result of examination shall be final and in no case shall be liable to be challenged. The authority reserves the right to cancel the recruitment process at any time without prior notice. Applications along with required documents and self attested copies of certificates must reach in the address of District Judge, Dhenkanal, At/ PO/ Dist- Dhenkanal-759001 by 5.00 P.M. of 14.10.2019 positively. Applications received after the due date shall be summarily rejected. In case of receipt of large number of applications, the authority reserves the right to shortlist the candidates- in accordance with the Rules contained in the Orissa District & Sub-ordinates Courts Non- Judicial Staff Services (Method of Recruitment and Conditions of Service) Rules 2008 and amendment rule 2010 made therein from time to time. Details of Advertisement, Application Form, eligibility criteria, scheme of Examination alongwith detail syllabus etc. are available in the District Court Website: http://ecourts.gov.in/Odisha/Dhenkanaldc.

Sd./-District Judge, -cum- Chairman
District Recruitment Committee, Dhenkanal

ZILLA SWASTHYA SAMITI, NAYAGARH

No.1982 NOTICE Date: 13.09.19

The cader wise provisional gradation list in respect of Laboratory Technicians, Staff Nurses, Pharmacists, -Radiographers, MPHW(M) & MPHW(F)s working under different. schemes/ societies in Nayagarh district is prepared and available in the district web portal www.nayagarh.nic.in. Candidates are requested to verify their details and send their Objections if any to the CDM&PHO, Nayagarh with relevant/ requisite documents through registered post/ speed post/ courier on or before dt.24.09.2019 upto 5.00 P.M. with superscribing on the envelope “objections on the gradation list”.No personal query will be entertained.

Sd./-
Chief District Medical & Public Health Officer, Nayagarh

ଓଡ଼ିଶା ରାଜ୍ୟ ଅର୍ଥ ନିଗମ
ଓ.ଏମ.ପି. ଛକ, କଟକ-୭୫୩୦୦୩
Email-osfcho@osfcindia.com

ବିଜ୍ଞାପନ

ଓଡ଼ିଶାର ଶିକ୍ଷିତ ବେକାର ଯୁବକ/ଯୁବତୀମାନଙ୍କ ପାଇଁ ଉଦ୍ୟୋଗ ବିକାଶ ତାଲିମ(EDP)

ଓଡିଶା ରାଜ୍ୟ ଅର୍ଥ ନିଗମ, ଓଡିଶା ସରକାରଙ୍କ ଶିଳ୍ପ ନିର୍ଦ୍ଦେଶାଳୟ, କଟକଙ୍କ ଦ୍ୱାରା ପ୍ରାୟୋଜିତ ଜିଲ୍ଲାସ୍ତରୀୟ ଶିଳ୍ପୋଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ବାର ଦିନ ବ୍ୟାପି ଉଦ୍ୟୋଗ ବିକାଶ ତାଲିମ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଓଡିଶାର ଇଚ୍ଛୁକ ଶିକ୍ଷିତ ବେକାର ଯୁବକ ଓ ଯୁବତୀମାନଙ୍କ ଠାରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଶିଳ୍ପ ନିର୍ଦ୍ଦେଶାଳୟ, କଟକ ମିଳିତ ସହଯୋଗରେ ରାଜ୍ୟ ଅର୍ଥ ନିଗମ ଏହି ତାଲିମ କାର୍ଯ୍ୟ ପର୍ଯ୍ୟାୟକ୍ରମେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୪.୧୦.୨୦୧୯ ରୁ ୨୫.୧୦.୨୦୧୯ ଓ ଦ୍ୱିତୀୟ ପର୍ଯ୍ୟାୟରେ ୦୨.୧୨.୨୦୧୯ ରୁ ୧୩.୧୨.୨୦୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ତାଲିମ କାର୍ଯ୍ୟକ୍ରମ ବିବରଣୀ

| ପର୍ଯ୍ୟାୟ | ତାଲିମପ୍ରଦାନ ସ୍ଥାନ | ଶାଖାର ନାମ | ଶାଖାର ଯୋଗାଯୋଗ ନଂ | ମୋବାଇଲ ନଂ |
|---|---|---|---|---|
| ୧ମ | କଟକ | କଟକ | ୦୬୭୧-୨୩୪୨୦୩୫ | ୯୮୬୧୩୨୪୭୭୦ |
| | ଭୁବନେଶ୍ୱର | ଭୁବନେଶ୍ୱର | ୦୬୭୪-୨୩୬୦୮୫୨ | ୮୩୨୭୭୮୦୮୬୬ |
| | ସମ୍ବଲପୁର | ସମ୍ବଲପୁର | ୦୬୬୩-୨୫୪୦୪୮୫ | ୮୩୨୭୭୮୦୮୬୬ |
| | ବ୍ରହ୍ମପୁର | ଭୁବନେଶ୍ୱର | ୦୬୭୪-୨୩୬୦୮୫୨ | ୮୩୨୭୭୮୦୮୬୬ |
| | ଜୟପୁର | ଭୁବନେଶ୍ୱର | ୦୬୭୪-୨୩୬୦୮୫୨ | ୮୩୨୭୭୮୦୮୬୬ |
| ୨ୟ | ଭଦ୍ରକ | କଟକ | ୦୬୭୧-୨୩୪୨୦୩୫ | ୯୮୬୧୩୨୪୭୭୦ |
| | ଢେଙ୍କାନାଳ | କଟକ | ୦୬୭୧-୨୩୪୨୦୩୫ | ୯୮୬୧୩୨୪୭୭୦ |
| | ଜଗତସିଂପୁର | ପାରାଦୀପ (କଟକ) | ୦୬୭୧-୨୩୪୪୧୦୭ | ୯୮୬୧୩୨୪୭୭୦ |
| | ରାଉରକେଲା | ସମ୍ବଲପୁର | ୦୬୬୩-୨୫୪୦୪୮୫ | ୮୩୨୭୭୮୦୮୬୬ |

ଯୋଗ୍ୟତା ସର୍ତ୍ତାବଳୀ-
(କ) ପ୍ରାର୍ଥୀ/ପ୍ରାର୍ଥିନୀ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ଓ ବୟସ ୧୮ ବର୍ଷରୁ ଅଧିକ ହୋଇଥିବ ।
(ଖ) ପ୍ରାର୍ଥୀ/ପ୍ରାର୍ଥିନୀ ଅନ୍ୟୁନ୍ୟ ଅଷ୍ଟମ ଶ୍ରେଣୀ ଶିକ୍ଷାଲାଭ କରିଥିବେ । ଅଧିକ ଶିକ୍ଷିତ ଆଗ୍ରହୀ ଓ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ ।
(ଗ) ପ୍ରାର୍ଥୀ/ପ୍ରାର୍ଥିନୀ ଆଗରୁ କେବେ ଏହିପରି ଉଦ୍ୟୋଗବିକାଶ ତାଲିମରେ (EDP) ଅନୁବନ୍ଧିତ ବା ଭାଗ ନେଇ ନଥିବେ ।

ଆବେଦନ କରିବାର ପ୍ରଣାଳୀ-
(କ) ଆବେଦନ କରିବାର ଶେଷ ତାରିଖ ୧ମ ପର୍ଯ୍ୟାୟ ପାଇଁ ତାରିଖ ୧୦.୧୦.୨୦୧୯ ଓ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୨୯.୧୧.୨୦୧୯ ।
(ଖ) ଆବେଦନକାରୀ ସାଧା କାଗଜରେ ନିଜର ନାମ, ବୟସ, ଠିକଣା, ଶିକ୍ଷାଗତ ଯୋଗ୍ୟତା, ଫଟୋ, ଆଧାର କାର୍ଡ, ଫୋନ ନଂ, କେଉଁ ପ୍ରକଳ୍ପ କରିଛନ୍ତି ବା କରିବାକୁ ଚାହୁଁଛନ୍ତି ତାହାର ବିବରଣୀ ସହିତ ଓଡିଶା ରାଜ୍ୟ ଅର୍ଥ ନିଗମର ସ୍ଥାନୀୟ ଶାଖା ପରିଚାଳକଙ୍କୁ ଉପରୋକ୍ତ ତାରିଖ ସୁଦ୍ଧା ଦରଖାସ୍ତ କରିପାରିବେ । ଆବଶ୍ୟକ ସ୍ଥଳେ ବିଶେଷ ସୂଚନା ପାଇଁ ନିମ୍ନଲିଖିତ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।

ପ୍ରସନ୍ନ କୁମାର ଜେନା (ଭା.ପ୍ର.ସେ)
ପରିଚାଳନା ନିର୍ଦ୍ଦେଶକ

ଫୋନ-୯୪୩୭୨୭୦୬୯୨, ୯୪୩୭୨୦୭୯୦୦

See Career Appointment on every Wednesday & Saturday

## ସଂକ୍ଷେପରେ



### ବାସୁଦେବପୁରରେ ଦନ୍ତାହାତୀ ଉପଦ୍ରବ

**ଯୋଡ଼ା, ୧୩।୯ (ଡି.ଏନ.ଏ.)**- କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାସୁଦେବପୁର ଗ୍ରାମରେ ଗୁରୁବାର ରାତିରେ ଏକ ଦନ୍ତାହାତୀ ପଶି ୨ଟି ଘର ଭାଙ୍ଗିବା ସହିତ ଧାନ, ଚାଉଳ ଖାଇଯାଇଛି । ଏହି ଦନ୍ତା ହାତୀ ଧୋବା କୁଟୁଡା ଗ୍ରାମରୁ ଆସି ବାସୁଦେବପୁର ଗ୍ରାମରେ ପଶିଥିଲା । ଗ୍ରାମର ମନମୋହନ ମୁଣ୍ଡା ଓ ରଙ୍ଗ ଧିବର ନାମ୍ନୀ ମହିଳାଙ୍କ ଘର ଭାଙ୍ଗି ଦେଇ ଆତଙ୍କ ଖେଳାଇଥିଲା । ପରେ ହାତୀଟି ନିକଟବର୍ତ୍ତୀ ରାମଚନ୍ଦ୍ରପୁର ଜଙ୍ଗଲକୁ ପଳାଇଥିବା ଜଣାପଡିଛି।ଏହି ଜଙ୍ଗଲରେ ଏହି ଦନ୍ତାହାତୀ ସହିତ ଆହୁରି ୧୨ ଟି ହାତୀ ଥିବା ସୂଚନା ମିଳିଛି । ହାତୀପଲକୁ ଘଉଡାଇବା ଲାଗି ବନବିଭାଗଠାରେ ଗ୍ରାମବାସୀଦାବି କରିଛନ୍ତି।

### ସ୍କୁଲ ବ୍ୟାଗ୍ ଓଜନ ଯାଞ୍ଚ ପାଇଁ ସ୍କ୍ୱାଡ ଗଠନ

**କେନ୍ଦୁଝର, ୧୩।୯(ସ୍ୱ.ପ୍ର.)**- ଛୋଟ ପିଲାଙ୍କ ବସ୍ତାନି ବୋଝ ହାଲୁକା କରିବା ପାଇଁ ନ୍ୟାୟାଳୟ ଜାରି କରିଥିବା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଲାଗୁ କରିବା ସକାଶେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନେବା ଆରମ୍ଭ ହୋଇଛି। କେନ୍ଦୁଝର ଜିଲାରେ ସରକାରୀ ଏବଂ ବେସରକାରୀ ସ୍କୁଲରେ ପିଲାଙ୍କ ବ୍ୟାଗ ଓଜନ ପରଖିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୨ଟି ସ୍କ୍ୱାଡ ଗଠନ କରାଯାଇଛି। ଗୋଟିଏ ସ୍କ୍ୱାଡରେ ଜିଲା ଶିକ୍ଷା ଅଧିକାରୀ, ଡିସିପିଓ, ବିଇଓ ରହିଥିବାବେଳେ ଅନ୍ୟ ଏକସ୍କ୍ୱାର୍ଡରେ ଡିପିସି, ଜିଲା ମଙ୍ଗଳ ଅଧିକାରୀ, ବିଇଓ ରହିଛନ୍ତି। ଏହି ସ୍କ୍ୱାଡ ଘରୋଇ ସ୍କୁଲ ସମେତ ସରକାରୀ ସ୍କୁଲକୁ ଯାଇ ବ୍ୟାଗ ଯାଞ୍ଚ କରିବେ। କୌଣସି ଛାତ୍ରୀଛାତ୍ରଙ୍କ ବ୍ୟାଗ ନିର୍ଦ୍ଧାରିତ ଓଜନଠାରୁ ଅଧିକ ଥିଲେ ସମ୍ପୃକ୍ତ ବିଦ୍ୟାଳୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଇଓ କପିଳେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

### ୨ ଚୋରା ମଦ ବେପାରୀ ଗିରଫ

**ପାଟଣା,୧୩।୯(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ପାଟଣା ଅବକାରୀ ବିଭାଗ ଶୁକ୍ରବାର ପାଟଣା ଓ ଘଟଗାଁ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ଜଣ ଚୋରା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଟଣା ଥାନା ମଙ୍ଗଳପୁର ଗ୍ରାମର ଦୁର୍ଗାଚରଣ ମହାନ୍ତ ଓ ଘଟଗାଁ ଥାନା ରୁଢ଼ିଆ ପଡା ଗ୍ରାମର ଜ୍ୟୋତ୍ସ୍ନାରାଣୀ ଦାସ । ସେମାନଙ୍କଠାରୁ ମୋଟ ୨୪ ଲିଟର ମହୁଲି ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଅଧିକାରୀ ଦିଲୀପ କୁମାର ତଣ୍ଡିଙ୍କ ସହ ଏଏସଆଇ ପୁଷ୍ପଲତା ଗୋସ୍ୱାମୀ, ଯତୀନ୍ଦ୍ର କୁମାର ମହାନ୍ତ ଓ ରଞ୍ଜନ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଲଘୁଚାପଜନିତ ବର୍ଷାରେ କ୍ଷୟକ୍ଷତି



**ଝୁମ୍ପୁରା, ୧୩।୯ (ଡି.ଏନ.ଏ.)**- ଲଘୁଚାପ ଜନିତ ବର୍ଷାରେ ଝୁମ୍ପୁରା ତହସିଲ ଅନ୍ତର୍ଗତ ୬ଟି ରାଜସ୍ୱ ସର୍କଲ ଅଞ୍ଚଳରେ ମାଟିଘର ଧସିଯିବା, ଗଛ ପଡି ଘର ଭାଙ୍ଗିଯିବା ଭଳି ବିଭିନ୍ନ କ୍ଷୟକ୍ଷତି ଘଟିଥିବା ଜଣାପଡିଛି। ଏଭଳି ଅଭିଯୋଗ ରାଜସ୍ୱ ସର୍କଲ କାର୍ଯ୍ୟାଳୟ ଗୁଡିକରେ ପହଞ୍ଚିଥିବା ଜଣାପଡିଛି। ବର୍ଷାରେ ଖରିଫ ଚାଷ ସେଭଳି କ୍ଷତି ହୋଇ ନ ଥିଲେ ମଧ ବର୍ଷା ପବନ ଯୋଗୁ ଗାଁଗଣ୍ଡାରେ ମାଟି କାନ୍ଥ ଧସି ପଡିବା, ରାସ୍ତା ଧୋଇଯିବା ଭଳି ସମସ୍ୟା ଯୋଗୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କ୍ଷୟକ୍ଷତି ସମ୍ପର୍କରେ ସମ୍ପୂର୍ଣ୍ଣ ରିପୋର୍ଟ ଝୁମ୍ପୁରା ତହସିଲରେ ପହଞ୍ଚି ନ ଥିବା ତହସିଲଦାର ଜନକ ନାୟକ କହିଛନ୍ତି। ତେବେ ଘର କାନ୍ଥ ଧସି ପଡିବା ସହ ଛପର ଉଡିଯାଇଥିବା ବିପନ୍ନଙ୍କୁ ପଲିଥିନ ତାରପୋଲି ଯୋଗାଇ ଦିଆଯାଇଥିବା ସେ କହିଛନ୍ତି।

# ହେଲ୍‌ମେଟ ନାହିଁ ତ ଚା’ ନାହିଁ




**କେନ୍ଦୁଝର, ୧୩।୯(ଡି.ଏନ.ଏ.)**

କେନ୍ଦୁଝର ସଦର ବ୍ଲକ ପଳାଶପଙ୍ଗା ନିକଟସ୍ଥ ସ୍ୱଞ୍ଜି ଛକଠାରେ ଥିବା ଏକ ଚା’ ଦୋକାନ ଆଗରେ ଝୁଲୁଛି ଏକ ବ୍ୟାନର। କୌଣସି ବାଇକ ଆରୋହୀ ହେଲ୍‌ମେଟ ପିନ୍ଧି ନ ଥିଲେ ତାଙ୍କୁ ଚା’ ଦିଆଯିବ ନାହିଁ ବୋଲି ଏଥିରେ ଉଲ୍ଲେଖ ରହିଛି। ହେଲମେଟ ସଚେତନତା ଲାଗି ଜଣେ ଚା’ ଦୋକାନୀଙ୍କ ଏଭଳି ପ୍ରୟାସ ଅଞ୍ଚଳରେ ଚର୍ଚ୍ଚାକୁ ଆସିଛି।

ବ୍ୟାନର ଝୁଲୁଥିବା ଚା’ଦୋକାନ ସ୍ୱଞ୍ଜି ଛକରେ ଦୁଇ ବର୍ଷ ହେଲା ଆରମ୍ଭ ହୋଇଛି। ସରାସକୋଲା ଗ୍ରାମର ଅନାଦି ଚରଣ ପ୍ରଧାନ ଏହି ଦୋକାନ ଚଳାଛନ୍ତି। ତାଙ୍କ ପସ୍ତୁତ ଚା’ର ସ୍ୱାଦ ନିଆରା ହୋଇ ଥିବାରୁ ରାସ୍ତାରେ ଯାଉଥିବା ଅଧିକାଂଶ ଦୁଇଚକିଆ ଯାନ ଆରୋହୀ ଅଟକି ଚା’ ପିଇଥାନ୍ତି। ସଡକ ସୁରକ୍ଷା ସଚେତନତା ସୃଷ୍ଟି କରାଯାଉଥିବା ପରିପ୍ରେକ୍ଷୀରେ ସେ ନିଜକୁ ଅଭିନବ ଉପାୟରେ ଏଥିରେ ସାମିଲ କରିଛନ୍ତି । କେହି ହେଲମେଟ୍ ପିନ୍ଧି ନ ଥିଲେ ଅନାଦି ତାଙ୍କୁ ଚା’ ଦେବାକୁ ରୋକଠୋକ୍ ମନା କରି ଦେଉଛନ୍ତି। ଅନାଦି କହିଛନ୍ତି, ଆଜିର ଯୁବପିଢି ସମାଜସେବା ଭଳି କାର୍ଯ୍ୟରୁ ଦୂରେଇ ଯାଉଛନ୍ତି। ସେ ମଧ ଏ ଦିଗରେ ସଚେତନତା ସୃଷ୍ଟି କରି ଆସୁଛନ୍ତି। ନିଜକୁ ସମାଜସେବାରେ ନିୟୋଜିତ କରି ଅସହାୟ ଲୋକଙ୍କୁ ସେବା ଯୋଗାଇଥାନ୍ତି। ୪୯ବର୍ଷୀୟ ଅନାଦି ଅବିବାହିତ। ନମ୍ର ସ୍ୱଭାବ ଓ ଆଚରଣ ତାଙ୍କୁ ଅଞ୍ଚଳରେ ଲୋକପ୍ରିୟ କରିଛି। ସ୍ଥାନୀୟ ଇଲାକାରେ ବିଭିନ୍ନ ସମାଜସେବା କାର୍ଯ୍ୟରେ ସେ ନିୟମିତ ଭାଗ ନେଉଛନ୍ତି । ସେ ଦିନକୁ ରେଡକ୍ରସ ବାବଦରେ ୨୦ ଟଙ୍କା ଲେଖାଏଁ ଜମା ରଖି ୪ମାସରେ ଥରେ ପ୍ରଶାସନ ନିକଟରେ ଜମା କରି ଆସୁଥାନ୍ତି। ଏହାବାଦ୍ ଗରିବ ଓ ଭିକାରି ତାଙ୍କ ଚା’ ଦୋକାନକୁ ଆସିଲେ ସେ ମାଗଣାରେ ଚା’ ଓ ବିସ୍କୁଟ ଦେଇଥାନ୍ତି ବୋଲି କହିଛନ୍ତି। ସେହିପରି ଦରକାର ହେଲେ ସେ ରୋଗୀଙ୍କୁ ଗରମ ପାଣି ଯୋଗାଇବା ସହ ଆବଶ୍ୟକ ସାହାଯ୍ୟ କରିଥାନ୍ତି। ନିଜ ଅଞ୍ଚଳରେ ରାସ୍ତା ଦୁର୍ଘଟଣା ଘଟିଲେ ସେ ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ପଠାଇ ନିଜର ଏକ ପରିଚୟ ସୃଷ୍ଟି କରି ପାରିଛନ୍ତି। ଏହାଛଡା ସେ ରକ୍ତଦାନ ଶିବିର ଆୟୋଜନ କରି ରୋଗୀଙ୍କୁ ରକ୍ତ ଯୋଗାଇଥାନ୍ତି। ଏଥିଲାଗି ରେଡକ୍ରସ ସୋସାଇଟିରେ ସେ ଆଜୀବନ ସଦସ୍ୟ ହୋଇ ପାରିଛନ୍ତି। ଏଭଳି ସମାଜସେବା କାର୍ଯ୍ୟ ଲାଗି ଚଳିତବର୍ଷ ଜାନୁୟାରୀ ୨୬ ତାରିଖ ସଧାରଣତନ୍ତ୍ର ଦିବସରେ ସେ ତତ୍କାଳୀନ ଏସ୍‌ପି ଜେ.ଏନ୍. ପଙ୍କଜଙ୍କ ନିକଟରୁ ପୁରସ୍କୃତ ହୋଇଛନ୍ତି।



ଚା’ ଦୋକାନରେ ଅନାଦି।

# ଚମ୍ପୁଆ ବଜାରରେ ପାର୍କିଂ ସ୍ଥାନ ଚିହ୍ନଟ

**ଚମ୍ପୁଆ,୧୩।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଦିନକୁ ଦିନ ବଢୁଥିବା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଏନଏସି ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏ ନେଇ ଶୁକ୍ରବାର ଚମ୍ପୁଆ ପୋଲିସ ସହାୟତାରେ ସ୍ଥାନୀୟ ବଜାର ମଧ୍ୟରେ ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଥିଲା। ବଜାର ମଧ୍ୟଦେଇ ଜାତୀୟ ରାଜପଥ ଯାଇଥିବାରୁ ଦୈନିକ ଶହ ଶହ ଖଣିଜ ପଦାର୍ଥ ପରିବହନ କରୁଥିବା ଗାଡି ଯାତାୟାତ କରୁଛି। ଅନ୍ୟପକ୍ଷେ ଝାଡ଼ଖଣ୍ଡ ରାଜ୍ୟର ଉପାନ୍ତ ଅଞ୍ଚଳ ସମେତ ପଡୋଶୀ ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ଚମ୍ପୁଆ ସଦର ମହକୁମା ଉପରେ ବିଭିନ୍ନ ସେବାପାଇଁ ନିର୍ଭର କରିଥାନ୍ତି। ରାସ୍ତାରେ ଦୁଇ ଓ ଚାରି ଚକିଆ ଯାନ ଚଳାଚଳ ବୃଦ୍ଧି ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟିବା ସହିତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବଜାରରେ ପାର୍କିଂ ସୁବିଧା ନ ଥିବାରୁ ଅନେକ ଯାନବାହନ ବେଆଇନ ଭାବେ ରାସ୍ତା ଉପରେ ଠିଆ ହୋଇ ରହୁଥିଲେ। ଫଳରେ ଟ୍ରାଫିକ ଜାମ ସମସ୍ୟା ଚିନ୍ତା ବଢାଇଥିଲା। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏନଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁ ଓ ଚମ୍ପୁଆ ଥାନା ଆଇଆଇସି ମନୋରଞ୍ଜନ ପ୍ରଧାନ ମିଳିତ ଭାବେ ଦୁଇ ଚକିଆ, ତିନି ଚକିଆ ଓ ଚାରି ଚକିଆ ଯାନ ରଖିବା ପାଇଁ ସ୍ଥାନ ନିରୂପଣ କରିଥିଲେ। ଚମ୍ପୁଆ ମହାବୀର ଛକଠାରୁ ଯୋଡା ରାସ୍ତାର ଡାକ୍ତରଖାନା ପାଚେରି କଡରେ ଦୁଇ ଚକିଆ ଓ ୩ଚକିଆ ଅଟୋ ପାର୍କିଂ କରିବେ। ସେହିପରି ମହାବୀର ଛକଠାରୁ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଦୁଇ ଚକିଆ ଯାନ ଓ ରାମ ମନ୍ଦିର ଛକଠାରୁ ଜେଲ ଛକ ପର୍ଯ୍ୟନ୍ତ ଚାରି ଚକିଆ ଯାନ ପାର୍କିଂ କରିବେ ବୋଲି କୁହାଯାଇଛି। ଏଭଳି ପାର୍କିଂ ବ୍ୟବସ୍ଥା ହେଲେ ଦୁର୍ଘଟଣା ଓ ଟ୍ରାଫିକ ସମସ୍ୟାକୁ ଏଡାଯାଇ ପାରିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

# ସୁରକ୍ଷା ପ୍ରଶ୍ନ ନେଇ ହୋହଲ୍ଲା



କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ମେଳି କରିଥିବା ଅଭିଭାବକ।

**ଆନନ୍ଦପୁର,୧୩।୯(ସ୍ୱ.ପ୍ର.)**

**କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷଙ୍କୁ ମାଡ଼ ଘଟଣା**
- ଅଭିଯୁକ୍ତ ଗିରଫ
- ଅଭିଭାବକଙ୍କ ଦାବି ପରେ ପୋଲିସ ମୁତୟନ

କେନ୍ଦୁଝର ଜିଲା ଆନନ୍ଦପୁରରେ ନୂତନ କରି ଆରମ୍ଭ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷଙ୍କୁ ଗୁରୁବାର ଆକ୍ରମଣ କରାଯିବା ଘଟଣା ପରେ ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ଦିଆ ନ ଯିବା ନେଇ ଶୁକ୍ରବାର ପୁଣି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ମେଳି କରି ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଅଭିଭାବକଙ୍କ ଦାବି କ୍ରମେ ବିଦ୍ୟାଳୟରେ ପୋଲିସ ବ୍ୟବସ୍ଥା କରାଯାଇଥିଲା।

ଉଲ୍ଲେଖନୀୟ ଯେ, ଏହି କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ଲାଗି ଛାତ୍ରୀଛାତ୍ରଙ୍କ ଆବେଦନ ଫର୍ମ ଚୟନ ଏବଂ ସିଲେକଶନ୍‌କୁ ନେଇ ଅନିୟମିତତା ହେଉଥିବା ଅଭିଯୋଗ କରାଯିବାରୁ ଏହି ଘଟଣା ଚର୍ଚ୍ଚାକୁ ଆସିଥିଲା। ଅଧକ୍ଷ ସୁଶାନ୍ତ କୁମାର ସେଠୀ କୌଣସି ଅନିୟମିତତା ହୋଇ ନ ଥିବା ସ୍ପଷ୍ଟୀକରଣ ଦେଇଥିଲେ। ଏହାସତ୍ତ୍ୱେ ଗୁରୁବାର ଆନନ୍ଦପୁର ଅଞ୍ଚଳର ଜଣେ ଅଭିଭାବକ ତାଙ୍କ ଝିଅଙ୍କ ନାମଲେଖା ହୋଇପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଭୟଭୀତ ହୋଇ ଅଧକ୍ଷ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଇ ପରେ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ପୋଲିସ ଦଫା ୩୪୧, ୧୮୬, ୨୯୪, ୩୩୨, ୩୫୩, ୩୦୭, ୫୦୬ ରେ ଏକ ମାମଲା(ନଂ ୧୬୯/୧୯) ରୁଜୁ କରି ଅଭିଯୁକ୍ତ ବିଜୟ ମିଶ୍ରଙ୍କୁ ଗିରଫ କରି ଗୁରୁବାର ରାତିରେ କୋର୍ଟ ଚାଲାଣ କରିଥିଲା। ଏହି ଘଟଣା ପରିପ୍ରେକ୍ଷୀରେ ଶୁକ୍ରବାର କର୍ତ୍ତୃପକ୍ଷ ବିଦ୍ୟାଳୟରେ ବିଳମ୍ବରେ ପହଞ୍ଚିଥିଲେ। ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ପୋଲିସ ସୁରକ୍ଷା ବ୍ୟବସ୍ଥା ହୋଇ ନ ଥିବା ଦେଖି ପ୍ରତିବାଦ କରିଥିଲେ। ଅଭିଭାବକଙ୍କୁ ବୁଝାଶୁଝା କରାଯିବାରୁ ପରିସ୍ଥିତି ସ୍ୱାଭାବିକ ହୋଇ ପାଠପଢା ଆରମ୍ଭ ହୋଇଥିଲା।

## ଶିଳ୍ପ ସଚେତନତା କର୍ମଶାଳା

**କେନ୍ଦୁଝର ୧୩।୯ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସମ୍ବନ୍ଧୀୟ ଏକ କର୍ମଶାଳା ବଡହଲ ଆଇଟିଆଇଠାରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ପରିଚାଳକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି, ଆଇଟିଆଇର ପ୍ରତିଷ୍ଠାତା ଇଂ ବସନ୍ତ କୁମାର ଦାନୀ, ଜିଲା ମତ୍ସ୍ୟ ଅଧିକାରୀ ମନୋରମା ମହାପାତ୍ର, ଖଦି ଓ ଗ୍ରାମ୍ୟ ଉଦ୍ୟୋଗ ବୋର୍ଡର ଜିଲା ସଂଯୋଜକ ନୁନାରାମ ହେମ୍ବ୍ରମ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ସଫଳ ଶିଳ୍ପୋଦ୍ୟୋଗୀ ରାଧାମଣି ଜୋରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ମତ୍ସ୍ୟ ଚାଷ ଲାଗି ଉଦ୍ଦିଷ୍ଟ ଯୋଜନା ଦ୍ୱାରା ଶିଳ୍ପୋଦ୍ୟୋଗୀ କିଭଳି ଉପକୃତ ହୋଇପାରିବେ ସେ ବିଷୟରେ ଅତିଥିମାନେ କହିଥିଲେ । ଡିଆଇସିର ଶିଳ୍ପ ବିକାଶ ଅଧିକାରୀ ସୁରେଶ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜ୍ଞାନେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଇଟିଆଇ ଛାତ୍ରୀଛାତ୍ର ତଥା ଶିକ୍ଷକମାନେ ଉପସ୍ଥିତ ରହିଥିଲେ ।

# ହଟିପାରୁନି ଜବରଦଖଲ, ରାସ୍ତା ନିର୍ମାଣ ଅସମ୍ପୂର୍ଣ୍ଣ

**ହାଟଡିହୀ, ୧୩।୯(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅକରୁଆ ପଞ୍ଚାୟତର ଭାତକରୁଆ ଗ୍ରାମରେ ସରକାରୀ ଜାଗା ଜବରଦଖଲ ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଜବରଦଖଲ ହଟାଇବା ନିମନ୍ତେ ଗତ ୩୦ ତାରିଖରେ ସ୍ଥାନୀୟ ସରପଞ୍ଚ କୌଶଲ୍ୟା ସେଠୀଙ୍କ ସମେତ ବହୁ ଗ୍ରାମବାସୀ ହାଟଡିହୀ ତହସିଲଦାର, ଆନନ୍ଦପୁର ଉପଜିଲାପାଳ ଓ କେନ୍ଦୁଝର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ଗ୍ରାମର ମୁଖ୍ୟ ରାସ୍ତା ଓ ଏହାର ସଂଯୋଗକାରୀ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମିକୁ କେତେକ ବ୍ୟକ୍ତି ଦଖଲ କରି ରଖିଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହୋଇପଡିଛି। ଏଥିଲାଗି ରାସ୍ତାରେ ଯାନବାହନ ଚଳାଚଳ କରିପାରୁ ନାହିଁ । ହାଟଡିହୀ ତହସିଲଦାର ଏ ଦିଗରେ ପଦକ୍ଷେପ ନେବା ପାଇଁ ବଞ୍ଚୋ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିବା କୁହାଯାଥିଲେ ହେଁ ଏଯାଏ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇପାରିନି। ଆସନ୍ତା ୧୫ ତାରିଖ ପରେ ଚିହ୍ନଟ କରାଯିବ ବୋଲି କର୍ତ୍ତୃପକ୍ଷ କହୁଛନ୍ତି। ଉଲ୍ଲେଖନୀୟ ଯେ, ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ଯୋଜନାରେ ବଞ୍ଚୋ ଛକରୁ ଗୋପାଳପୁର ପର୍ଯ୍ୟନ୍ତ ପ୍ରାୟ ୨୮୦୦ ମିଟର କଂକ୍ରିଟ ଓ ପିଚୁ ରାସ୍ତା ହେବା ପାଇଁ ବ୍ୟୟ ଅଟକଳ ହୋଇଛି। ଜବରଦଖଲ ସମସ୍ୟା ଯୋଗୁ ଏହି ରାସ୍ତାର ମଝିଅଂଶ ନିର୍ମାଣ କାର୍ଯ୍ୟ ହୋଇପାରୁନି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଦାଶରଥି ସେଠୀଙ୍କୁ ପଚାରିବାରୁ ଜବରଦଖଲ ହଟିବା ପରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।

# ‘ସାରସ୍ୱତ ଆବେଦନର ପ୍ରଭାବ ସୁଦୂରପ୍ରସାରି’

**ଆନନ୍ଦପୁର,୧୩। ୯(ସ୍ୱ.ପ୍ର.)**

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସାଇଁକୁଳ ପତିତପାବନ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟରେ ଆଦିବାସୀ ଉପନ୍ୟାସ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀର ଆବାହକ ତଥା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିଜୟାନନ୍ଦ ସିଂହ ସଭା ପରିଚାଳନା କରିଥିଲେ। ଏକାଡେମୀ ଆଞ୍ଚଳିକ କାର୍ଯ୍ୟକ୍ରମ ଅଧିକାରୀ ମିହିର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଶିଷ୍ଟ ସମାଜସେବୀ ତୁଳସୀ ମୁଣ୍ଡା ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଓଡ଼ିଆ ପ୍ରଫେସର କୃଷ୍ଣ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ସାହିତ୍ୟରେ ଆଦିବାସୀ ଉପନ୍ୟାସର ଗୁରୁତ୍ୱ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଆଦିବାସୀ କଳା, ସଂସ୍କୃତି ଓ ଜୀବନଧାରା ଓଡ଼ିଆ ସାହିତ୍ୟକୁ ପରିବଷ୍ଟେ କରିଛି। ସାହିତ୍ୟରେ ଏଭଳି ସାରସ୍ୱତ ଆବେଦନର ପ୍ରଭାବ ସୁଦୂର ପ୍ରସାରୀ ବୋଲି ବକ୍ତାମାନେ କହିଥିଲେ। ଅଧ୍ୟାପିକା ପୁଷ୍ପଲତା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ଅଧିବେଶନରେ ଗଜେନ୍ଦ୍ର କୁମାର ସେନାପତିଙ୍କ ସଭାପତିତ୍ୱରେ ଆଲୋକ ବରାଳ ଏବଂ ସଞ୍ଜୟ କୁମାର ହାତୀଙ୍କ ଦ୍ୱାରା ପ୍ରବନ୍ଧ ପାଠ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ରମେଶ ଚନ୍ଦ୍ର ମଲ୍ଲିକ, ନଗେନ କୁମାର ଦାସ, ଶିଶିର ବେହେରା ପ୍ରବନ୍ଧ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ପ୍ରବୀଣ କୁମାର କବି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ମା’ ତାରିଣୀଙ୍କ ଫଟୋଚିତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

# ସଦର ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

**କେନ୍ଦୁଝର, ୧୩।୯(ଡି.ଏନ୍.ଏ.)**

କେନ୍ଦୁଝର ସଦର ବ୍ଲକ ରାଇକଳା ପଞ୍ଚାୟତରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀଙ୍କୁ ଜଣେ ମହିଳା ମାଡ଼ ମାରିବା ଘଟଣାର ପ୍ରତିବାଦରେ ସଦର ବ୍ଲକର କର୍ମଚାରୀମାନେ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମଛାଡ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ବ୍ଲକ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ବିଭିନ୍ନ କାର୍ଯ୍ୟରେ ଆସିଥିବା ଲୋକେ ଏଥିଲାଗି ହଇରାଣ ହୋଇ ଫେରିଛନ୍ତି। ଗତ ୧୧ ତାରିଖ ଦିନ ରାଇକଳା ଗ୍ରାମ ପଞ୍ଚାୟତରେ ଗ୍ରାମସଭା ଚାଲିଥିବା ସମୟରେ ଘଟିଥିବା ଏଭଳି ଅପ୍ରୀତିକର ଘଟଣା ସମ୍ପର୍କରେ ପଳାଶପଙ୍ଗା ଫାଣ୍ଡିରେ ସରପଞ୍ଚ ଅନୀତା ନାଏକ ଓ ନିର୍ବାହୀ ଅଧିକାରୀ ରଣଜିତ କୁମାର ମହାନ୍ତ ଲିଖିତ ଏତଲା ଦେଇଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ । ଏହାର ପ୍ରତିବାଦରେ ସଦର ବ୍ଲକ କାର୍ଯ୍ୟାଳୟର କର୍ମଚାରୀ କଲମଛାଡ ଆନ୍ଦୋଳନରେ ସାମିଲ ହୋଇଥିବା କହିଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ ମହିଳା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ପଳାଶପଙ୍ଗା ଫାଣ୍ଡିରେ ପାଲଟା ଅଭିଯୋଗ କରିଥିବାରୁ ଘଟଣା ବିବାଦୀୟ ହୋଇ ପଡିଛି, ଯାହାକି ପୋଲିସ ଓ ପ୍ରଶାସନ ଲାଗି ଚିନ୍ତାର କାରଣ ହୋଇଛି।

# ରାସ୍ତା ସମସ୍ୟା ନେଇ ଘଣ୍ଟିକିଆ ଅବରୋଧ

**ଆନନ୍ଦପୁର, ୧୩।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଦେଇ ଯାଇଥିବା ୨୦ ନଂ. ଜାତୀୟ ରାଜପଥର ଶାଳପଡାଠାରୁ ଖପରାଖାଇ ପର୍ଯ୍ୟନ୍ତ ସର୍ଭିସ୍ ରୋଡର ଅବସ୍ଥା ଶୋଚନୀୟ ହୋଇପଡିଛି। ଅନ୍ୟପକ୍ଷେ ଅସମ୍ପୂର୍ଣ୍ଣ ଥିବା ଜାତୀୟ ରାଜପଥ କାମ ତୁରନ୍ତ ଶେଷ କରିବା ଦାବି କରି ଭାଜପା ପକ୍ଷରୁ ନିକଟସ୍ଥ ସୁଡୁସୁଡିଆ ବାଇପାସ୍ ଛକଠାରେ ଶୁକ୍ରବାର ଘଣ୍ଟିକିଆ ରାସ୍ତାରୋକୋ କରାଯାଇଥିଲା। ଏ ନେଇ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଭାଜପା ହରିଜନ ମୋର୍ଚ୍ଚା ଜିଲା ସଭାପତି ହେମନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁମତୀ ଜେନା, ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ସାହୁ, ହରିଜନ ମୋର୍ଚ୍ଚା ସମ୍ପାଦକ ସନ୍ନ୍ୟାସୀ ପାତ୍ର ପ୍ରମୁଖ ବହୁ କର୍ମୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ କାର୍ଯ୍ୟନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସର୍ଭିସ୍ ରୋଡ ତୁରନ୍ତ ମରାମତି କରା ନ ଗଲେ ଆଗାମୀ ଦିନରେ ଭାଜପା ପକ୍ଷରୁ ୬ ଓ ୧୨ ଘଣ୍ଟିଆ ଆନ୍ଦୋଳନ କରାଯିବ ବୋଲି ଭାଜପା ନେତାମାନେ କହିଥିଲେ।



ଭାଜପା କର୍ମୀ ରାସ୍ତାରୋକୋ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ‘ମାନସିକତାରେ ପରିବର୍ତ୍ତନ ଲୋଡ଼ା’

**କେନ୍ଦୁଝର, ୧୩।୯ (ସ୍ୱ.ପ୍ର.)**

ମୋଟର ଯାନ ଆଇନ ତଥା ସଡ଼କ ସୁରକ୍ଷା ନିୟମକୁ ଏବେ କଡ଼ାକଡ଼ କରାଯିବା ପରେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡିର କାଗଜପତ୍ର, ସିଟ୍ ବେଲ୍ଟ ଓ ହେଲମେଟ ଚେକିଂ କରି ଜରିମାନା ଆଦାୟ କରାଯାଉଛି । ସରକାରୀ କର୍ମଚାରୀଙ୍କ ସମେତ ପୋଲିସ କର୍ମଚାରୀ ଏଭଳି ନିୟମ ପାଳନ କ୍ଷେତ୍ରରେ ଅବହେଳା କରିବା ଘଟଣା ସହରରେ ଚର୍ଚ୍ଚାର କାରଣ ହେଉଛି। ମୋଟର ଯାନ ଆଇନ ଲାଗୁହେବା ବହୁ ପୂର୍ବରୁ କେନ୍ଦୁଝର ଜିଲା ମୁଖ୍ୟାଳୟରେ ଜିଲାପାଳ, ଏସପି, ଡିଏଫଓଙ୍କ କାର୍ଯ୍ୟାଳୟରେ ହେଲମେଟ ପିନ୍ଧିବା ଉପରେ ସଚେତନତାମୂଳକ ପଦକ୍ଷେପ ନିଆଯାଇଥିଲା। ହେଲମେଟ ପିନ୍ଧି ନ ଥିଲେ ଜିଲାପାଳ ଅଫିସ, ଏସପି ଅଫିସ ତଥା ଡିଏଫଓ ଅଫିସ କାର୍ଯ୍ୟାଳୟକୁ କର୍ମଚାରଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। ଫଳରେ ସରକାରୀ କର୍ମଚାରୀଙ୍କ ସମେତ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ହେଲମେଟ ପିନ୍ଧି ଅଫିସ ଯିବାଆସିବା କରୁଥିଲେ। ଏହାକୁ ବିଭିନ୍ନ ସ୍ତରରେ ସ୍ୱାଗତ କରାଯାଇଥିଲା । ମାତ୍ର କିଛି ଦିନ ପରେ ଏହି କଟକଣା ଆପେ କୋହଳ ହୋଇ ଯାଇଥିଲା। ଫଳରେ ବିନା ହେଲମେଟରେ ଏସବୁ ଅଫିସକୁ ଅଧିକାରୀ, କର୍ମଚାରୀ ତଥା ସାଧାରଣ ଲୋକେ ଅବାଧରେ ଯାତାୟାତ କରୁଥିଲେ। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଅଣା ନ ଯିବାରୁ ନୋ ହେଲମେଟ, ନୋ ଫୁଏଲ, ନୋ ହେଲମେଟ, ନୋ ଟି ଭଳି ବ୍ୟାନର, ପୋଷ୍ଟର ମଧ କିଛି କାମ ଦେଲା ନାହିଁ। ପ୍ରଶାସନ ଏବଂ ବ୍ୟବସାୟୀ ନିଜର ପ୍ରଚାର ପ୍ରସାର ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରି ପରେ ନୀରବ ରହିବାରୁ ଏହା କେବଳ ଲୋକ ଦେଖାଣିଆ ହୋଇ ରହିଗଲା ବୋଲି ସାମାଜିକ କର୍ମୀ ଅଲେଖ ଚନ୍ଦ୍ର ପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେହିପରି ହେଲମେଟ ଚେକିଂ, ଦ୍ରୁତ ଗତିରେ ଗାଡି ଚାଳନା ଓ ବିକଟାଳ ହର୍ନ ବଜାଇ ଗାଡି ଚଳାଇବା ବନ୍ଦ ଲାଗି ପୂର୍ବରୁ ହୋଇଥିବା ଯାଞ୍ଚ ଅଭିଯାନ ପ୍ରହସନରେ ପରିଣତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ଜରୁରୀ ହୋଇପଡିଛି। ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ପୋଲିସ ନିଜେ ନିୟମ ପାଳନ କଲେ ସାଧାରଣ ଲୋକଙ୍କ ଉପରେ ଏହାର ପ୍ରଭାବ ପଡିବ ବୋଲି ବରିଷ୍ଠ ନାଗରିକ ଅକ୍ଷୟ କୁମାର ପଟ୍ଟନାୟକ କହିଛନ୍ତି।